

ଟି-ଟ୍ୱେଣ୍ଟି ଦିନିକିଆ ସିରିଜ୍
ହର୍ମନପ୍ରୀତଙ୍କ ଶତକ
ପୃଷ୍ଠା ୭



# ସଂଚାର
THE SANCHAR

Website: sanchar.live mail Id: sancharodisha@gmail.com
RNI NO :ODIODI/2001/04811 Postal Regd No : BN/249/15-17

Vol. 33 | ISSUE 123 | ଭାଗ ୩୩ | ସଂଖ୍ୟା ୧୨୩ | Bhubaneswar | Thursday 24 July 2025 | Page 8 Rs. 4.00 | ● ଭୁବନେଶ୍ୱର ଗୁରୁବାର ୨୪ ଜୁଲାଇ ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୪ ଟଙ୍କା


## ଉପରାଷ୍ଟ୍ରପତି ନିର୍ବାଚନ ପାଇଁ ଇସିଆଇର ପ୍ରକ୍ରିୟା ଆରମ୍ଭ




**ଅଗଷ୍ଟରେ ଘୋଷଣା ହୋଇପାରେ ତାରିଖ**

**ଦୌଡ଼ରେ ନୀତୀଶ, ରାଜନାଥ**

**ନୂଆଦିଲ୍ଲୀ,୨୩।୭(ସଂଚାର ବ୍ୟୁରୋ):** ଗତ ସୋମବାର ଉପରାଷ୍ଟ୍ରପତି ଜଗଦୀପ ଧନକଡ଼ ତାଙ୍କ ପଦରୁ ଇସ୍ତଫା ଦେବା ପରେ ଏହି ପଦ ପାଇଁ ନିର୍ବାଚନ ସକାଶେ ଖୁବଶୀଘ୍ର ବିଜ୍ଞପ୍ତି ଜାରି ହେବ। ଏନେଇ ଆବଶ୍ୟକ ପ୍ରକ୍ରିୟା ନିର୍ବାଚନ କମିସନରଙ୍କ ପକ୍ଷରୁ ଆରମ୍ଭ ହୋଇଛି। ବିଜ୍ଞପ୍ତି ଜରିଆରେ ଖୁବ୍‌ଶୀଘ୍ର ଭାରତୀୟ ନିର୍ବାଚନ ଆୟୋଗ (ଇସିଆଇ) ତାରିଖ ଘୋଷଣା କରିବାର ସମ୍ଭାବନା ରହିଛି। ଗତ ୨୧ ତାରିଖରେ ସ୍ୱାସ୍ଥ୍ୟଗତ ସମସ୍ୟା କାରଣରୁ ଉପରାଷ୍ଟ୍ରପତି ଶ୍ରୀ ଧନକଡ଼ ତାଙ୍କ ପଦରୁ ଇସ୍ତଫା ଦେଇଛନ୍ତି। ଏହାପରେ କିଏ ହେବେ ଉପରାଷ୍ଟ୍ରପତି, ସେନେଇ ଚର୍ଚ୍ଚା ଆରମ୍ଭ ହୋଇଯାଇଛି। ଉପରାଷ୍ଟ୍ରପତି ପଦବୀଟି ବେଶୀଦିନ ଖାଲି ରହିପାରିବ ନାହିଁ। ତେଣୁ ଆସନ୍ତା ମାସରେ ନିର୍ବାଚନ ହେବ।

ଅନ୍ୟପକ୍ଷରେ ଏହି ପଦବୀ ସକାଶେ କେତେକ ବିଶିଷ୍ଟ ବ୍ୟକ୍ତିବିଶେଷଙ୍କ ନାମ ଉପରେ ଚର୍ଚ୍ଚା ହେଉଛି। ଏଥି ମଧ୍ୟରେ ଦିଲ୍ଲୀର ପୂର୍ବତନ ଲେଫ୍ଟନାଣ୍ଟ୍ ଗଭର୍ଣ୍ଣର୍ ଭିକେ ସକ୍‌ସେନା, ଜମ୍ମୁ-କଶ୍ମୀରର ଲେଫ୍ଟନାଣ୍ଟ୍ ଗଭର୍ଣ୍ଣର୍ ମନୋଜ ସିହ୍ନା ପ୍ରମୁଖ। ଗୋଟିଏ ପଟେ ଶ୍ରୀ ସକ୍‌ସେନା ଦିଲ୍ଲୀରେ ପ୍ରଶାସନିକ କାର୍ଯ୍ୟରେ ଆପ୍ ସରକାରଙ୍କ ଦଖଲକୁ ନିୟନ୍ତ୍ରଣ କରିବାରେ ତାଙ୍କ ଦୃଢ଼ ପଦକ୍ଷେପର ପରିଚୟ ଦେଇଥିଲେ। ସେହିପରି ଶ୍ରୀ ସିହ୍ନା ଆସନ୍ତା ଅଗଷ୍ଟ ୬ ତାରିଖରେ ତାଙ୍କର ପାଞ୍ଚ ବର୍ଷର କାର୍ଯ୍ୟକାଳ ପୂରଣ କରିବେ। ସମ୍ବିଧାନରୁ ୩୭୦ ଧାରା ହଟାଇବା ଦିଗରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏହାଛଡ଼ା ଗତ ୨୦୨୦ରୁ ରାଜ୍ୟସଭାରେ ଉପାଧ୍ୟକ୍ଷ ଭାବେ କାର୍ଯ୍ୟ କରିଆସୁଥିବା ଜନତା ଦଳ (ୟୁ) ସାଂସଦ ହରିବଂଶ ନାରାୟଣ ସିଂହ ମଧ୍ୟ ଉପରାଷ୍ଟ୍ରପତି ପଦ ପାଇଁ ଆଉ ଜଣେ ଯୋଗ୍ୟ ପ୍ରାର୍ଥୀ। ଆହୁରି ବିହାର ମୁଖ୍ୟମନ୍ତ୍ରୀ ନୀତୀଶ କୁମାର, କେନ୍ଦ୍ର ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଓ ସ୍ୱାସ୍ଥ୍ୟ ମନ୍ତ୍ରୀ ଜେପି ନଡ୍ଡାଙ୍କ ନାମ ମଧ୍ୟ ଉପରାଷ୍ଟ୍ରପତି ପଦ ପାଇଁ ଚର୍ଚ୍ଚା ପରିସରକୁ ଆସୁଛି। ଏହାଛଡ଼ା କଂଗ୍ରେସ ସାଂସଦ ଶଶୀ ଥରୁର ମଧ୍ୟ ଏହି ପଦ ପାଇଁ ଆଗ୍ରହୀ ଥିବା ଜଣାପଡ଼ିଛି। କିନ୍ତୁ ଏଥିପାଇଁ ତାଙ୍କୁ ତାଙ୍କ ସାଂସଦ ପଦ ତ୍ୟାଗ କରିବାକୁ ପଡ଼ିବ।

### ମହାନଦୀ ଜଳ ବିବାଦରେ ମୁଖ୍ୟମନ୍ତ୍ରୀଙ୍କ ମାନସ ମନ୍ଥନ

## ଆପୋଷ ଆଲୋଚନା ମାଧ୍ୟମରେ ତୁଟିବ ଅଡୁଆ

- ମାର୍ଚ୍ଚରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀଙ୍କ ସହ ହୋଇଥିଲା ପ୍ରାରମ୍ଭିକ ଆଲୋଚନା
- ଅଫିସର ସ୍ତରରେ ଆରମ୍ଭ ହୋଇଛି ତଥ୍ୟ ଆଦାନପ୍ରଦାନ
- ବିଜେଡି ଆରମ୍ଭ କରିଥିବା ଆଇନଗତ ଲଢ଼େଇ ବିଳମ୍ବିତ ପ୍ରକ୍ରିୟା



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଦୀର୍ଘ ୧୦ ବର୍ଷ ହେଲା ବିଜେଡି ସରକାର ଅମଳରେ ମହାନଦୀ ଜଳ ବିବାଦର ସମାଧାନ ନେଇ ଅନୁକୂଳ ବାତାବରଣ ସୃଷ୍ଟି ହୋଇପାରୁନଥିଲା। ହେଲେ ଡବଲ ଇଞ୍ଜିନ ସରକାରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ୟମରେ ବିବାଦର ଖୁବଶୀଘ୍ର ସମାଧାନ ହେବ ବୋଲି ସବୁଜ ସଙ୍କେତ ମିଳୁଛି। ଓଡ଼ିଶା ଓ ଛତିଶଗଡ଼ ଦୁଇ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା ମାଧ୍ୟମରେ ଏହାର ସମାଧାନ କରିବାକୁ ଅଣ୍ଟା ଭିଡ଼ିଛନ୍ତି ମୁଖ୍ୟମନ୍ତ୍ରୀ। ଏନେଇ ଆଜି ଲୋକସେବା ଭବନରେ ବରିଷ୍ଠ ଅଧିକାରୀଙ୍କ ସହ ଆଲୋଚନା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ।

ହୀରାକୁଦର ଉପର ମୁଣ୍ଡରେ ଏକାଧିକ ଡ୍ୟାମ ଓ ଆନିକଟ ପ୍ରକଳ୍ପ ଗଠନ କରିବା ପୂର୍ବରୁ ମଧ୍ୟ ଛତିଶଗଡ଼ ସରକାର ତତ୍କାଳୀନ ବିଜେଡି ସରକାରଙ୍କୁ ସଙ୍କେତ ଦେଇ ଜଳ ବିଭାଜନ ନେଇ ଆଲୋଚନାର ପ୍ରସ୍ତାବ ଦେଇଥିଲେ। ହେଲେ ସେ ସମୟରେ ବିଜେଡି ସରକାର ଏହାକୁ ଏଡ଼ାଇଯାଇଥିଲେ। ନେଡ଼ିଗୁଡ଼ କହୁଣୀକୁ ବୋହିଯିବା ପରେ ଆରମ୍ଭ ହୋଇଥିଲା ରାଜନୀତି। ଏହି ମାମଲା ପରବର୍ତ୍ତୀ ସମୟରେ ସୁପ୍ରିମକୋର୍ଟ ପର୍ଯ୍ୟନ୍ତ ପହଞ୍ଚିଛି। କିନ୍ତୁ ଅଦ୍ୟାବଧି ସମାଧାନର ବାଟ ବାହାରିପାରିନାହିଁ। ଯାହାର ଫଳସ୍ୱରୂପ ଖରାଦିନେ ଓଡ଼ିଶାରେ ମହାନଦୀ ଅବବାହିକାରେ ଚାଷ ଓ ପାନୀୟ ଜଳ ଉପରେ ନିର୍ଭର କରୁଥିବା ଜିଲ୍ଲାରେ ଉତ୍କଟ ଜଳ ସଙ୍କଟ ଦେଖାଦେଉଥିବା ବେଳେ ବର୍ଷା ହେଲେ ଓଡ଼ିଶାର ତଳମୁଣ୍ଡରେ ପ୍ରବଳ ବନ୍ୟା ଭୟ ସୃଷ୍ଟି ହେଉଛି। ଏଭଳି ସ୍ଥିତିର ସମାଧାନ ପାଇଁ ଏବେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ରକ୍ରିୟା ଆରମ୍ଭ କରିଛନ୍ତି। ଆଜି ଅନୁଷ୍ଠିତ ବୈଠକରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ କେନ୍ଦ୍ରୀୟ ଜଳ କମିଶନରେ ସମସ୍ୟା ସମାଧାନ ପାଇଁ ହେଉଥିବା ଉଦ୍ୟମ ମନ୍ଥର ଗତିରେ ଚାଲିଥିବାରୁ କେନ୍ଦ୍ର ସରକାରଙ୍କ ସହଯୋଗରେ ଉଭୟ ରାଜ୍ୟ ମଧ୍ୟରେ ଆପୋଷ ଆଲୋଚନା କରାଯାଇ ଏହି ➪ପୃଷ୍ଠା-୬

## ବୁଲିବାକୁ ଆସି ଫସିଲେ ୧୭ ପର୍ଯ୍ୟଟକ




**ପଦ୍ମପୁର,୨୩।୭(ସଂଚାର ବ୍ୟୁରୋ):** ବରଗଡ଼ ଜିଲ୍ଲାର ପଦ୍ମପୁର ନିକଟସ୍ଥ କପିଳଧାରା ଜଳପ୍ରପାତ ନିକଟରେ ପାହାଡ଼ ଉପରେ ଛତିଶଗଡ଼ରୁ ଆସିଥିବା ୧୭ ଜଣ ପର୍ଯ୍ୟଟକ ଫସିରହିଛନ୍ତି। ପ୍ରବଳ ବର୍ଷା ଯୋଗୁଁ ବାଟ ଭୁଲି ଏହି ପର୍ଯ୍ୟଟକମାନେ ନୃସିଂହନାଥଠାରୁ ପାଖାପାଖି ୫ କିମି ଦୂରରେ ଥିବା ଏହି ଜଳପ୍ରପାତ ନିକଟରେ ପହଞ୍ଚିଥିଲେ ହେଁ ଆଉ ଆଗକୁ ଯାଇପାରିନାହାନ୍ତି। ଏନେଇ ସୂଚନା ପାଇବା ମାତ୍ରେ ସ୍ଥାନୀୟ ଜିଲ୍ଲା ପ୍ରଶାସନ ଉକ୍ତ ପର୍ଯ୍ୟଟକମାନଙ୍କୁ ଉଦ୍ଧାର କରିବା ସକାଶେ ପ୍ରୟାସ ଆରମ୍ଭ କରିଛି। ଡିଜାଷ୍ଟର ମ୍ୟାନେଜମେଣ୍ଟ ଫୋର୍ସ (ଡିଭିଏଫ୍), ➪ପୃଷ୍ଠା-୬

### ଯୋଗାଣ ମନ୍ତ୍ରୀଙ୍କ ୟୁ-ଟର୍ଣ୍ଣ

## ଆଳୁ ପାଇଁ ମମତାଙ୍କ ସହ କଥା ହେବେ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଆଳୁ ପାଇଁ କିଛି ମାସ ତଳେ ପଶ୍ଚିମବଙ୍ଗ ସରକାରଙ୍କ ସହ ଯୁଦ୍ଧ ଡାକରା ଦେଇଥିବା ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଆଜି ହଠାତ ୟୁ-ଟର୍ଣ୍ଣ ମାରିଛନ୍ତି। ରାଜ୍ୟରେ ଏବେ ପୁଣି ଆଳୁର ଅଭାବ ଦେଖାଦେଇଥିବାରୁ ଏହାର ସମାଧାନ ପାଇଁ ସେ ଖୁବଶୀଘ୍ର କଲିକତା ଯାଇ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସହ କଥା ହେବେ ବୋଲି କହିଛନ୍ତି।

ଯୋଗାଣ ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି, ଆମେ ତାଙ୍କ ସହ ଆଲୋଚନା କରିବୁ ରାଜ୍ୟକୁ କିଭଳି ଭାବରେ ଠିକ ସମୟରେ ଆଳୁ ଆସିବ ଏବଂ ଲୋକମାନେ ପାଇବେ। ଏହା ଯୋଗାଣ ବିଭାଗର କାମ, ତାଙ୍କ ସହିତ ବସିଲେ ଅସୁବିଧା କ'ଣ। ରାଜ୍ୟରେ ୫ ଲକ୍ଷ ମେଟ୍ରିକ ଟନ ଆଳୁ ଉତ୍ପାଦନ ହେଉଛି। କିନ୍ତୁ ଆବଶ୍ୟକ ହେଉଛି ୧୪ ଲକ୍ଷ ମେଟ୍ରିକ ଟନ। ଆମେ ପଶ୍ଚିମବଙ୍ଗ କିମ୍ବା ଉତ୍ତର ପ୍ରଦେଶରୁ ଆଳୁ ଆଣିବୁ। ରାଜନୀତିରେ ରାଗରୋଷ କିଛି ନାହିଁ। ମମତା ଏନଡିଏରେ ଥିବା ସମୟରେ ଆମେ ତାଙ୍କ ସହିତ ଦୀର୍ଘ ଦିନ ଧରି କାମ କରିଛୁ। ପୁଣି ଏବେ ବସିବାରେ କୌଣସି ଅସୁବିଧା ନାହିଁ। ଦିଦି ଆମ ଉପରେ ରାଗିବେନି। ଠିକ ସମୟରେ ଠିକ ଦରରେ ଦେଲେ ଆଣିବୁ, ନଚେତ ଉତ୍ତରପ୍ରଦେଶରୁ ଆଳୁ ଆଣିବୁ ବୋଲି ମନ୍ତ୍ରୀ ଶ୍ରୀ ପାତ୍ର କହିଛନ୍ତି।

୬ ମାସ ତଳେ ପଶ୍ଚିମବଙ୍ଗରେ ଆଳୁ ଉତ୍ପାଦନ ହୋଇନଥିବାରୁ ସେଠାକାର ଗୋଦାମ ଆଳୁ ଓଡ଼ିଶାକୁ ରପ୍ତାନୀ ଉପରେ ସରକାର ବ୍ୟାନ ଲଗାଇଥିଲେ। ସେ ସମୟରେ ଯୋଗାଣ ମନ୍ତ୍ରୀ ପଶ୍ଚିମବଙ୍ଗ ସରକାରଙ୍କ ସହ ଆଲୋଚନା କରିବା ପରିବର୍ତ୍ତେ କହିଲେ ପଞ୍ଜାବରୁ ଓ ଉତ୍ତରପ୍ରଦେଶରୁ ଆଳୁ ଆଣିବୁ। ଆବଶ୍ୟକ ହେଲେ ଟ୍ରେନରେ ଆଳୁ ଆସିବ। କିନ୍ତୁ ପଞ୍ଜାବରୁ ➪ପୃଷ୍ଠା-୬

### ଆଇସିସି ରିପୋର୍ଟ ନେଇ କଡ଼ା ଆଭିମୁଖ୍ୟ

## ୨୧୦ଟି ମହାବିଦ୍ୟାଳୟର ଦରମା ବନ୍ଦ




**କଟକ,୨୩।୭(ସଂଚାର ବ୍ୟୁରୋ):** ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ସାମ୍ନାକୁ ଆସିବା ପରେ କଲେଜର ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସମ୍ପର୍କିତ ରିପୋର୍ଟ ଉପରେ ରାଜ୍ୟ ସରକାର ବିଶେଷ ଭାବେ ଗୁରୁତ୍ୱ ଦେଉଛନ୍ତି। ଏ ସଂକ୍ରାନ୍ତ ଏକାଧିକ ନିର୍ଦ୍ଦେଶନାମା ସରକାର ଜାରି କରିସାରିଛନ୍ତି। ଏହି କ୍ରମରେ ସଦ୍ୟ ପଦକ୍ଷେପ ଅନୁସାରେ, ଆଇସିସି ସମ୍ପର୍କିତ ରିପୋର୍ଟ ପ୍ରଦାନ ନ କଲେ ଦରମା ବନ୍ଦ କରିବାକୁ ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ଶିନ୍ଦେ ନିର୍ଦ୍ଦେଶ ଦେଇଛନ୍ତି। କଟକ ଜିଲ୍ଲାର ଅଧାରୁ ଅଧିକ ଅର୍ଥାତ୍ ୨୧୦ଟି ମହାବିଦ୍ୟାଳୟକୁ ପ୍ରଶାସନ ପକ୍ଷରୁ ତାଗିଦ କରାଯାଇଥିଲା। ସେମାନଙ୍କୁ ଆଇସିସି ରିପୋର୍ଟ ମଗାଯାଇଥିଲା। ଏଥିସହ ଅଭିଯୋଗକାରିଣୀଙ୍କ ଯୋଗାଯୋଗ ଠିକଣା ସହ ମୁଖ୍ୟଙ୍କ ହସ୍ତାକ୍ଷର ମଗାଯାଇଥିଲା। କିନ୍ତୁ କଟକ ଜିଲ୍ଲାର ୨୧୦ଟି ମହାବିଦ୍ୟାଳୟକୁ ନୋଟିସ ଜାରି କରିବା ➪ପୃଷ୍ଠା-୬

### ବଳଙ୍ଗା ନାବାଳିକାଙ୍କୁ ଜାଳିଦେବା ଘଟଣା

## ୩ ଜଣଙ୍କୁ ଉଠାଇନେଲା ପୁଲିସ

- ପୀଡ଼ିତାଙ୍କ ସ୍କିନ୍ ଟ୍ରାନ୍ସପ୍ଲାଣ୍ଟ୍ ସମ୍ପନ୍ନ
- ଆଜି ବୟାନ ରେକର୍ଡ କରିବ କ୍ରାଇମ୍‌ବ୍ରାଞ୍ଚ

**ପୁରୀ,୨୩।୭(ସଂଚାର ବ୍ୟୁରୋ):** ଗତ ସପ୍ତାହରେ ପୁରୀ ଜିଲ୍ଲାର ବଳଙ୍ଗାଠାରେ ଜନୈକା ୧୫ ବର୍ଷୀୟା ନାବାଳିକାକୁ ୩ ଜଣ ଦୁର୍ବୃତ୍ତ କିରୋସିନ୍ ଢାଳି ଜାଳିଦେବା ସକାଶେ ଉଦ୍ୟମ କରିଥିବା ବେଳେ ସମ୍ପ୍ରତି ଉକ୍ତ ନାବାଳିକା ଦିଲ୍ଲୀ ଏମ୍ସରେ ଗୁରୁତର ଅବସ୍ଥାରେ ଚିକିତ୍ସାଧୀନ ଅଛନ୍ତି। ଏପଟେ ସ୍ଥାନୀୟ ପୁଲିସ୍ ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତମାନଙ୍କୁ ଗିରଫ କରିବା ସକାଶେ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ତେବେ ଏହି ମାମଲାରେ ଆଜି ପୁଲିସ୍ ୩ ଜଣ ସନ୍ଦିଗ୍ଧଙ୍କୁ ଉଠାଇ ନେଇଥିବା ଜଣାପଡ଼ିଛି। ସେମାନଙ୍କୁ ପୁଲିସ୍ କୌଣସି ଏକ ଅଜ୍ଞାତ ସ୍ଥାନରେ ରଖି ପଚରାଉଚରା କରୁଛି। ସେମାନଙ୍କୁ ପୃଥକ୍ ➪ପୃଷ୍ଠା-୬

### ସ୍ୱାସ୍ଥ୍ୟାବସ୍ଥା ବୁଝିଲେ ଉପମୁଖ୍ୟମନ୍ତ୍ରୀ

ଆଜି ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ନୂଆଦିଲ୍ଲୀସ୍ଥିତ ଏମ୍ସରେ ପହଞ୍ଚି ବଳଙ୍ଗା ପୀଡ଼ିତାଙ୍କୁ ଭେଟିଛନ୍ତି। ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସମ୍ପର୍କରେ ମଧ୍ୟ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡ଼ା ସମ୍ପୃକ୍ତ ଡାକ୍ତରୀ ଟିମ୍ ଓ ବିଶେଷଜ୍ଞମାନଙ୍କ ସହ ଆଲୋଚନା କରିଛନ୍ତି। ଏନେଇ ସେ ସୋସିଆଲ୍ ମିଡିଆ ମାଧ୍ୟମରେ ସୂଚନା ଦେଇଛନ୍ତି। ବଳଙ୍ଗା ପୀଡ଼ିତା ତୁରନ୍ତ ସୁସ୍ଥ ହୋଇ ଘରକୁ ଫେରନ୍ତୁ, ଏହା ସେ ମହାପ୍ରଭୁ ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ବୋଲି ଉପମୁଖ୍ୟମନ୍ତ୍ରୀ ➪ପୃଷ୍ଠା-୬



## ବଜ୍ରପାତରେ ଗଲା ୫ ଜୀବନ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ରାଜ୍ୟର ବିଭିନ୍ନ ସ୍ଥାନରେ ଭୀଷଣ ବର୍ଷା ସହ ବଜ୍ରପାତ ହେବା ଫଳରେ ଏଥିରେ ୫ ଜଣଙ୍କ ଜୀବନ ହାନି ଘଟିଛି। ଏଥିସହ ବଜ୍ରାଘାତରେ ୩ ଜଣ ମଧ୍ୟ ଆହତ ହୋଇଥିବା ବେଳେ ଢେଙ୍କାନାଳ, ପୁରୀ, କେନ୍ଦୁଝର ଓ କଟକ ଆଦି ଜିଲ୍ଲାରେ ଏହି ଅଘଟଣ ଘଟିଛି। ମିଳିଥିବା ସୂଚନାନୁସାରେ, ଢେଙ୍କାନାଳ ସଦର ଥାନା ଅନ୍ତର୍ଗତ ମହୁଲପଡ଼ା ନିକଟସ୍ଥ ବଳଦିଆ ବନ୍ଧ ପଲେଇସାହି ପଥର ଖଣିରେ କାମ କରୁଥିବା ୪ ଜଣ ଶ୍ରମିକ ହଠାତ୍ ➪ପୃଷ୍ଠା-୬

## ଏକତରଫା ପ୍ରେମରୁ ଯୁବତୀଙ୍କ ଆତ୍ମହତ୍ୟା ଉଦ୍ୟମ



**ଫଟୋ ଭାଇରାଲ୍ ହେବାରୁ ବିଷପିଇଲେ ନର୍ସିଂ ଛାତ୍ରୀ**

**ଅଭିଯୁକ୍ତକୁ ତୁରନ୍ତ ଗିରଫ କରିବାକୁ ଦାବି**

**ନବରଙ୍ଗପୁର/ରାଇଘର,୨୩।୭ (ସଂଚାର ବ୍ୟୁରୋ) :** ଗତ ୧୩ ତାରିଖରେ ଏକତରଫା ପ୍ରେମର ଶିକାର ହୋଇ ଗୁରୁତର ଥିବା ଯୁବତୀଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଆଜି ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ସମ୍ପୃକ୍ତ ଯୁବତୀ ଜଣଙ୍କ ମାନସିକ ଓ ଶାରୀରିକ ନିର୍ଯାତନା ସହି ନ ପାରି ବିଷଖାଇ ଆତ୍ମହତ୍ୟା ପାଇଁ ଉଦ୍ୟମ କରିଥିଲେ। ତେବେ ଆଜି ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ରରୁ ଅଧିକ ଚିକିତ୍ସା ପାଇଁ ନବରଙ୍ଗପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସମ୍ପୃକ୍ତ ଯୁବତୀ ଜଣଙ୍କ ସ୍ଥାନାନ୍ତର ହୋଇଥିଲେ। ସେଠାରେ ତାଙ୍କୁ ଆଇସିୟୁରେ ମଧ ଭର୍ତ୍ତି କରାଯାଇଥିଲା। କିନ୍ତୁ ତାଙ୍କୁ ଉତ୍ତମ ଚିକିତ୍ସା ଯୋଗାଇଦେବା ଦାବି ନେଇ କଂଗ୍ରେସର ଏକ ପ୍ରତିନିଧି ଦଳ ଆଇସିୟୁ ସମ୍ମୁଖରେ ଧାରଣାରେ ବସିଥିଲେ। ଫଳରେ ଶେଷରେ ସମ୍ପୃକ୍ତା ଯୁବତୀଙ୍କୁ ଏମ୍ସକୁ ସ୍ଥାନ୍ତର କରାଯାଇଛି। ତେବେ ବିଷ ପ୍ରଭାବରେ ତାଙ୍କର ଉଭୟ କିଡ଼ନୀ ଖରାପ ହୋଇଯାଇଥିବା ଜଣାପଡ଼ିଛି। ଏହି ମାମଲାରେ ସମ୍ପୃକ୍ତ ଅଭିଯୁକ୍ତଙ୍କୁ ଧରିବା ପାଇଁ ପୁଲିସ୍ ପକ୍ଷରୁ ସ୍ୱତନ୍ତ୍ର ଟିମ ଗଠନ କରାଯାଇଥିବା ଏଏସ୍‌ପି ଆଦିତ୍ୟ ସେନ ସୂଚନା ଦେଇଛନ୍ତି। ମିଳିଥିବା ସୂଚନାନୁସାରେ, ରାଇଘର ଅଞ୍ଚଳର ଉକ୍ତ ପୀଡ଼ିତା ➪ପୃଷ୍ଠା-୬



### କାନ ଡେରିଥା

ବିଦ୍ୟାଳୟ ହେଲା ପୁରା
ଦଣ୍ଡମୁକ୍ତ
ମାଡ଼ ଆଉ ବାଜୁ ନାହିଁ
ପିଲାଟିଏ ଏବେ ଦୁଷ୍ଟାମୀ
କରିଲେ
ବାପାଟି ଆସଇ ଧାଇଁ
ତାଗିଦ ଫାଗିଦ ନାହିଁ...
ସେଇ ପିଲା କାଳେ ମଣିଷ
ହୋଇବ
ମା' ସ୍ୱପ୍ନ ଦେଖୁଥାଇ ।

■ ଦେବାଶିଷ

## ନବୀନଙ୍କ ନାଡ଼ି ଚିପିଲେ ଭକ୍ତ



### ଅନାସ୍ଥା ପାଇଁ ସାହସ ଜୁଟାଇପାରୁନି ବିଜେଡି



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ନାରୀ ନିର୍ଯାତନା ପ୍ରସଙ୍ଗରେ ବିଜେଡି ଆରମ୍ଭ କରିଥିବା ଅଭିଯାନ ପ୍ରକୃତରେ ବିଜେପି ବିରୋଧରେ ଏକ ରାଜନୈତିକ ଲଢ଼େଇ ନା ସଲାକୁସ୍ତି? ସାଧାରଣରେ ଏନେଇ ଥିବା ପ୍ରଶ୍ନକୁ ଆଧାର କରି ଆଜି ପିସିସି ସଭାପତି ଭକ୍ତ ଦାସ ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକଙ୍କ ନାଡ଼ି ଚିପିଥିଲେ। ରାଜ୍ୟ ସରକାରଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବାକୁ ସିଧାସଳଖ ଭାବେ ବିଜେଡିକୁ ଆହ୍ୱାନ ଦେଇଥିଲେ । ସେ ସ୍ପଷ୍ଟ ଭାବେ କହିଥିଲେ ବିଜେଡି ଅନାସ୍ଥା ଆଣିଲେ କଂଗ୍ରେସ ସମର୍ଥନ କରିବ। ଅନ୍ୟଥା କଂଗ୍ରେସ ଅନାସ୍ଥା ଆଣିଲେ ବିଜେଡି ସମର୍ଥନ ଦେବ କି ବୋଲି ମଧ୍ୟ ସେ ପ୍ରଶ୍ନ କରିଥିଲେ।

ଭକ୍ତଙ୍କ ଏଭଳି ପ୍ରଶ୍ନ ବିଜେଡି ସୁପ୍ରିମୋ ଓ ନେତାଙ୍କୁ ଅଡୁଆରେ ପକାଇଦେଇଛି। କର୍ମୀଙ୍କୁ ରାସ୍ତାକୁ ଓହ୍ଲାଇ ନବୀନ ଖେଳୁଥିବା ଚାଲ ଫସର ଫାଟିଯିବା ଭୟରେ ନା ବିଜେଡି ଏଭଳି ଆହ୍ୱାନକୁ ଗ୍ରହଣ କରିପାରିଛି ନା ପ୍ରତ୍ୟାଖାନ କରିପାରିଛି। କହିବାକୁ ଗଲେ ବିଜେଡି ନେତାଙ୍କର ପାଟି ଏକ ପ୍ରକାର ଖନି ବାଜିଯାଉଛି। ଦଳ ତରଫରୁ ବରିଷ୍ଠ ଉପସଭାପତି ଦେବୀ ମିଶ୍ର ସାମ୍ବାଦିକ ସମ୍ମିଳନୀ କରି ବିଜେଡି ଆଭିମୁଖ୍ୟ ସ୍ପଷ୍ଟ କରିବାକୁ ଚେଷ୍ଟା କରିଥିଲେ। ହେଲେ ଦେବୀ ମିଶ୍ରଙ୍କ ଭଳି ପୋଖତ ନେତା ବି ଏହି ପ୍ରଶ୍ନର ଉତ୍ତର ହଁ କି ନାଁରେ ରଖିପାରିନାହାଁନ୍ତି।

ଦେବୀ ମିଶ୍ର ସେଇ ପୁରୁଣା କ୍ୟାସେଟ ବଜେଇ କହିଛନ୍ତ ଯେ, ନାରୀ ନିର୍ଯାତନା ବିରୋଧରେ ବିଜେଡି ଆରମ୍ଭରୁ ଲଢ଼େଇ କରୁଛି ଓ କରିବ। ଦୈନିକ ଏତେ ଏତେ ଘଟଣା ଘଟୁଛି ଏବଂ ସରକାର ଏହାକୁ ରୋକିବାରେ ବିଫଳ ହୋଇଛନ୍ତି, ତେଣୁ ଦଳ ଅନାସ୍ଥା ଆଣିବ କି ବୋଲି ପ୍ରଶ୍ନର ଉତ୍ତର ଦେବାକୁ ଯାଇ କହିଛନ୍ତି, ଏନେଇ ବିଧାୟକ ଦଳ ନିଷ୍ପତ୍ତି ନେବ। ଯଦି ବିଧାୟକ ଦଳ ନିଷ୍ପତ୍ତି ନେବ ତେବେ ବିଧାୟକ ଦଳ ନେତା ଭାବେ ନବୀନ ସ୍ପଷ୍ଟୀକରଣ ଦେବାର ଥିଲା, ଦେବୀ ମିଶ୍ର କାହିଁକି ଆଗକୁ ଆସିଥିଲେ ବୋଲି କଂଗ୍ରେସ ପାଲଟା ପ୍ରଶ୍ନ କରିଛି। କଂଗ୍ରେସ ନେତାମାନେ ଅଭିଯୋଗ କରିଛନ୍ତି ଯେ, ଏହା ହିଁ ପ୍ରମାଣିତ କରୁଛି ରାଜ୍ୟ ସରକାରଙ୍କ ବିରୋଧରେ ବିଜେଡିର ଯେଉଁସବୁ ଆନ୍ଦୋଳନ କରୁଛି ତାହା କଂଗ୍ରେସକୁ ଦୁର୍ବଳ କରିବାକୁ ଏକ ପ୍ରକାର ସଲାକୁସ୍ତି।

ମୁଖ୍ୟ ବିରୋଧୀ ଦଳ ହୋଇ ମଧ୍ୟ ବିଜେଡି ଓଡ଼ିଶା ବନ୍ଦ ଡାକରା ଦେଲାନି। କଂଗ୍ରେସର ବନ୍ଦ ଡାକରାର ସଫଳତା ଦେଖି ବିଜେଡି ନେତାମାନେ ଆତଙ୍କିତ ହୋଇପଡିଛନ୍ତି। କେବଳ ସେତିକି ନୁହେଁ, ବାଲେଶ୍ୱର ଛାତ୍ରୀଙ୍କ ପାଇଁ ୨୧ ତାରିଖରେ କଂଗ୍ରେସ ଏକ ସାମ୍ବାଦିକ ସମ୍ମିଳନୀରେ ୨୪ ତାରିଖରେ ଶ୍ରଦ୍ଧାଞ୍ଜଳୀ ସମାରୋହ କରିବାକୁ ଘୋଷଣା କଲା। ପିସିସି ସଭାପତିଙ୍କ ଏହି ଘୋଷଣାର କେଇ ଘଣ୍ଟା ଭିତରେ ବିଜେଡି ➪ପୃଷ୍ଠା-୬

## ସଶକ୍ତ ହେବ ଓଆଇଏସ୍ଏଫ୍



- ଯୋଡ଼ିହେବ ତୃତୀୟ ଓ ଚତୁର୍ଥ ବାଟାଲିୟନ୍
- ସୃଷ୍ଟି ହେବ ୧୯୪୪ ନୂଆ ପଦବୀ

**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଓଡ଼ିଶା ଶିଳ୍ପ ନିରାପତ୍ତା ବଳ (ଓଆଇଏସ୍ଏଫ୍)କୁ ଅଧିକ ଶକ୍ତିଶାଳୀ କରାଯିବ। ଏଥିସକାଶେ ଆଜି ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ଘୋଷଣା ଅନୁସାରେ, ଓଆଇଏସ୍ଏଫ୍‌ରେ ଆଉ ୨ଟି ନୂଆ ବାଟାଲିୟନ୍ ଯୋଡ଼ିହେବ। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅନୁମୋଦନ ପରେ ଗୃହ ବିଭାଗ ପକ୍ଷରୁ ଏ ସଂକ୍ରାନ୍ତରେ ବିଜ୍ଞପ୍ତି ପ୍ରକାଶ ପାଇଛି। ତୃତୀୟ ଓ ଚତୁର୍ଥ ବାଟାଲିୟନ ନାମରେ ଏହା ନାମିତ ହେବାକୁ ଥିବା ବେଳେ ଏହି ଦୁଇଟି ନୂତନ ବାଟାଲିଅନ ପାଇଁ ସମୁଦାୟ ୨୦୮୦ଟି ପଦବୀ ସୃଷ୍ଟି କରାଯାଇଛି। ଏଥିରୁ ୧୯୪୪ଟି ନିୟମିତ ପଦବୀ ଥିବା ବେଳେ ୧୩୬ଟି ପଦବୀ ➪ପୃଷ୍ଠା-୬



## କାର୍ଯ୍ୟରେ ଯୋଗଦେଲେ ନୂତନ ଜିଲ୍ଲାପାଳ ରଘୁରାମ ଆର ଆୟାର

**କେନ୍ଦ୍ରାପଡ଼ା, ୨୩।୭ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ାରେ ନୂତନ ଜିଲ୍ଲାପାଳ ଭାବେ ରଘୁରାମ ଆର ଆୟାର(ଭା.ପ୍ର.ସେ) ବୁଧବାର ଅପରାହ୍ନରେ ଯୋଗ ଦେଇଛନ୍ତି । ନୂତନ ଭାବେ ଯୋଗଦାନ କରିଥିବା ଜିଲ୍ଲାପାଳ ପୂର୍ବରୁ ଉଚ୍ଚ ମାଧମିକ ଶିକ୍ଷା ବିଭାଗରେ ନିର୍ଦ୍ଦେଶକ ଭାବେ କାର୍ଯ୍ୟ କରୁଥିଲେ ସେ କେନ୍ଦ୍ରାପଡ଼ାରେ ୫୨ତମ ଜିଲ୍ଲାପାଳ ଭାବେ ଯୋଗ ଦେଇଛନ୍ତି । ପୂର୍ବତନ ଜିଲ୍ଲାପାଳ ସ୍ମୃତି ରଞ୍ଜନ ପ୍ରଧାନ ଙ୍କୁ ଜଙ୍ଗଲ ଓ ପରିବେଶ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି ହୋଇଛି । ଜିଲ୍ଲାପାଳ ଯୋଗଦେବା ସମୟରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଅଜାମ୍ବର ମହାନ୍ତି, ଅତିରିକ୍ତ ଜିଲ୍ଲାପାଳ(ସାଧାରଣ ) ନବକ୍ରିଷ୍ଣ ଜେନା, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ରବୀନ୍ଦ୍ର କୁମାର ମଲ୍ଲିକ, ଉପଜିଲ୍ଲାପାଳ ଅରୁଣ କୁମାର ନାୟକ ସମେତ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ରହି ଜିଲ୍ଲାପାଳଙ୍କୁ ସ୍ୱାଗତ କରିଥିଲେ । ଜିଲ୍ଲାପାଳ ପ୍ରଥମେ କାର୍ଯ୍ୟରେ ଯୋଗଦେବା ପୂର୍ବରୁ ଶ୍ରୀ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କୁ ଦର୍ଶନ କରିଥିଲେ ।

## ଶ୍ରୀ ବଳଦେବଜୀଉଙ୍କୁ ଦର୍ଶନ କଲେ




**କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ର ନୂତନ ଜିଲ୍ଲପାଳ ଶ୍ରୀ ରଘୁରାମ ଆର ଆୟାର ବୁଧବାର କେନ୍ଦ୍ରାପଡା ରେ ପହଁଚି ଦାୟିତ୍ୱ ଗ୍ରହଣ କରିବା ପୂର୍ବରୁ ଆରାଧ ଦେବ ଶ୍ରୀ ସିଦ୍ଧ ବଳଦେବଜୀଉଙ୍କ ଦର୍ଶନ କରିଥିଲେ । ଶ୍ରୀ ଆୟାର ପ୍ରଥମେ ଇଛାପୁର ସ୍ଥିତ ମନ୍ଦିରକୁ ଯାଇ ଦିଅଁ ମାନଙ୍କୁ ଦର୍ଶନ କରିବା ସହ ଶ୍ରୀ ମହାଲକ୍ଷ୍ମୀ ମନ୍ଦିର, କନକଦୁର୍ଗା ମନ୍ଦିର ଓ ନବଗ୍ରହ ମନ୍ଦିର ପ୍ରମୁଖ ବେଢା ମଧରେ ଥିବା ବିଭିନ୍ନ ଅନ୍ୟ ମନ୍ଦିର ଗୁଡିକୁ ପରିଦର୍ଶନ କରି ଭକ୍ତି ନୈବେଦ୍ୟ ଅର୍ପଣ କରିବା ସହ ଦିଅଁ ମାନଙ୍କ ଆଶିଷ ଭିକ୍ଷା କରିଥିଲେ । ମନ୍ଦିର ପ୍ରଶାସନ ପକ୍ଷରୁ ଶ୍ରୀ ଆୟାରଙ୍କୁ ଜୀଉମାନଙ୍କ ଅଙ୍ଗବସ୍ତ୍ର ଓ ଉତରୀୟ ପ୍ରଦାନ ପୂର୍ବକ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରା ଯାଇଥିଲା । ମନ୍ଦିର ପରିଚାଳନା କମିଟି ସଦସ୍ୟ ତଥା ଅତିରିକ୍ତ ଜିଲ୍ଲପାଳ ନବକୃଷ୍ଣ ଜେନା, ଡେପୁଟି କଲେକ୍ଟର ରମେଶ ପଣ୍ଡା, ମନ୍ଦିର କାର୍ଯ୍ୟ ନିର୍ବାହୀ ଅଧିକାରୀ ଭଳଭଦ୍ର ପତ୍ରୀ, ସୁପର ଭାଇଜର ନୃସିଂହ ପତ୍ରୀଙ୍କ ସମେତ ଅନ୍ୟାନ୍ୟ ସେବାୟତ ମାନେ ଜିଲ୍ଲାପାଳଙ୍କୁ ସ୍ୱାଗତ ଜଣାଇଥିଲେ ।

## ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର



**କେନ୍ଦ୍ରାପଡା, ୨୩।୭(ସଂଚାର ବ୍ୟୁରୋ):** ରାଜ୍ୟ ସାମାଜିକ ସୁରକ୍ଷା ବିଭାଗ ସହଯୋଗିତାରେ କେନ୍ଦ୍ରାପଡ଼ା ସହର ମାଧପୁରସ୍ଥିତ ପୁନର୍ବାସଠାରେ ଥେରାପି ଗ୍ରହଣ କରୁଥିବା ଭିନ୍ନକ୍ଷମ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଡ଼ିପିଏମୟୁ ବିଭାଗର ଡାକ୍ତର ଶେଖ୍ ଆସିଫ୍ ହୋସେନ୍, ଫାର୍ମାସିଷ୍ଟ ଶୀତୋଷ୍ଣା ପ୍ରିୟଦର୍ଶିନୀ ପରିଡା ଏବଂ ସହାୟକ ଟିମ୍ ଏହି ସ୍ୱତନ୍ତ୍ର ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ଏହି ଶିବିରରେ ମସ୍ତିଷ୍କ ପକ୍ଷାଘାତ, ଅଟିଜିମ୍ ଓ ବିକାଶ ବାଧିତ ସମୁଦାୟ କୋଡିଏ ଜଣ ହିତାଧିକାରୀ ଭିନ୍ନକ୍ଷମ ଶିଶୁଙ୍କ ପ୍ରାରମ୍ଭିକ ଭାବେ ମାସିକ ସ୍ୱାସ୍ଥ୍ୟସ୍ଥିତିର ଡାକ୍ତରୀ ସ୍କ୍ରିନିଂ କରାଯାଇଥିଲା। ଗୋଟିଏ ସ୍ଥାନରେ ଡାକ୍ତରୀ ଟିମ୍ ଦ୍ୱାରା ସେମାନଙ୍କ ସ୍ୱତନ୍ତ୍ର ଶିଶୁର ସ୍ୱାସ୍ଥ୍ୟ ଯାଞ୍ଚର ସୁବିଧା ପାଇଥିବାରୁ ଭିନ୍ନକ୍ଷମ ଶିଶୁଙ୍କ ଅଭିଭାବକମାନେ ସନ୍ତୋଷ ବ୍ୟକ୍ତ କରିଥିଲେ । ଏହି ଶିବିରକୁ ପୁନର୍ବାସ ପକ୍ଷରୁ ପ୍ରୋଜେକ୍ଟ ସୁପରଭାଇଜର ସଂଜୀବ କୁମାର ଜେନା, ଫିଜିଓଟେରାପିଷ୍ଟ ରଚିତା ଜେନା, ଅକ୍ୟୁପେସେନାଲ୍ ଥେରାପିଷ୍ଟ ଗୁଞ୍ଜନସ୍ମିତା ବେହେରା, ରଞ୍ଜନ କୁମାର ସ୍ୱାଇଁ ପ୍ରମୁଖ ପରିଚାଳନାରେ ସହାୟତା କରିଥିଲେ। ସାଧାରଣ ବ୍ୟକ୍ତିବିଶେଷଙ୍କ ପରି ମୁଖ୍ୟସ୍ରୋତ ସ୍ୱାସ୍ଥ୍ୟସେବାଠାରୁ ବଂଚିତ ରହୁଥିବା ଏହି ସ୍ୱତନ୍ତ୍ର ଶିଶୁମାନଙ୍କ ଡାକ୍ତରୀ ଟିମ୍ ଦ୍ୱାରା ମାସିକ ସ୍ୱାସ୍ଥ୍ୟଯାଞ୍ଚର ପରିସରଭୁକ୍ତ କରିଥିବାରୁ ପୁନର୍ବାସର ମୁଖ୍ୟ ଉପଦେଷ୍ଟା ବିରଜା ରାଉତରାୟ ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ମନୋରଞ୍ଜନ ରାଉତ, ପ୍ରଶାସନିକ ଅଧିକାରୀ ଦିଲ୍ଲୀପ ନାୟକ ଓ ଆରଏସବିୱାଇ ସହ ପ୍ରବନ୍ଧିକା ଜୋସ୍ନା ନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି ।

# ଅବ୍ୟବସ୍ଥା ଘେରରେ କଇଥା ପ୍ରାଣୀଧନ ଚିକିତ୍ସା କେନ୍ଦ୍ର



**ମାହାଙ୍ଗା, ୨୩।୭ (ସଂଚାର ବ୍ୟୁରୋ):** ଅବିଭକ୍ତ କଟକ ଜିଲ୍ଲା ମାହାଙ୍ଗା ନିର୍ବାଚନ ମଣ୍ଡଳୀର ସୀମାନ୍ତ ଗ୍ରାମ ହେଉଛି କଇଥା। ବିଜୁ ବାବୁଙ୍କ ସରକାର ଅମଳରେ ନୂଆ ଜିଲ୍ଲା ଗଠନ ହେବା ପୂର୍ବରୁ ପଶୁ ସ୍ୱାସ୍ଥ୍ୟର ବିକାଶ ପାଇଁ କଇଥା-ସମସରପୁର ୨ଟି ପଂଚାୟତକୁ ନେଇ ଗଠିତ ପ୍ରାଣୀଧନ ଚିକିତ୍ସା କେନ୍ଦ୍ର ଏବେବି ଯାଜପୁର ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣରେ ରହିଥିବାରୁ ସାଧାରଣ ଗୋ-ଚାଷୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଅଭିଯୋଗ ହେଉଛି।

କଇଥା ପଞ୍ଚାୟତରେ ନିର୍ମିତ ଏହି ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟଟି କଟକ ଜିଲାରେ ଅବସ୍ଥିତ ହୋଇଥିବା ସତ୍ତ୍ୱେ, ସଂପ୍ରତି ଯାଜପୁର ମୁଖ୍ୟ ପ୍ରାଣୀ ସମ୍ପଦ ବିଭାଗ ଅଧିନ ଛତିଆ ପ୍ରାଣୀଧନ ହସ୍ପିଟାଲ ଦ୍ୱାରା ପରିଚାଳିତ। କଇଥା ଏବଂ ସମସରପୁର ଉଭୟ ପଞ୍ଚାୟତର ଅଧିକାଂଶ ଗ୍ରାମକୁ ଯାଜପୁର ପ୍ରାଣୀ ସମ୍ପଦ ବିଭାଗର କର୍ମଚାରୀମାନେ ପହଂଚି ପାରନ୍ତି ନାହିଁ। କଟକ ଜିଲ୍ଲାରେ ଏହି କଇଥା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ ନାମକୁ ମାତ୍ର କାର୍ଯ୍ୟ କରୁଥିବା ବେଳେ, ଜିଲ୍ଲା ପ୍ରାଣୀ ସମ୍ପଦ ବିଭାଗ ଏହି ୨ଟି ପଞ୍ଚାୟତର ମାଟି ମାଡି ନଥାଏ । ସେପଟେ ନାମକୁ ଯାଜପୁର ଜିଲ୍ଲା ପ୍ରଶାସନର ନିୟନ୍ତ୍ରଣରେ ଏହି ଚିକିତ୍ସା କେନ୍ଦ୍ରଟି ଥାଇ ନଥିବା ପରି ଚର୍ଚ୍ଚା ହୁଏ। କଇଥା ପ୍ରାଣୀଧନ ନିରୀକ୍ଷକ କାର୍ଯ୍ୟାଳୟ କୋଠପଦା ପଶୁଡାକ୍ତରଖାନା ନିୟନ୍ତ୍ରଣରେ ରହି ପାରିଲେ ଏବଂ କଟକ ଜିଲ୍ଲା ପ୍ରଶାସନ ଏହାକୁ ନିଜ ନିୟନ୍ତ୍ରଣକୁ ନେଇପାରିଲେ, ହଜାର ହଜାର ଗୃହ ପାଳିତ ପଶୁ ପକ୍ଷୀଙ୍କ ସ୍ୱାସ୍ଥ୍ୟ ସେବାର ଉପଯୁକ୍ତ ଯତ୍ନ ନିଆଯାଇପାରନ୍ତା ।

ଅତୀତରେ କୌଣସି ଜନ ପ୍ରତିନିଧି ଏହି ସମସ୍ୟାର ସ୍ଥାୟୀ ସମାଧାନ ଦିଗରେ ତତ୍ପରତା ଦେଖାଇ ନାହାନ୍ତି। କଇଥା ଏବଂ ସମସରପୁର ଉଭୟ ପଞ୍ଚାୟତର ଗୋ-ଚାଷୀ ଉପରୋକ୍ତ ଅବ୍ୟବସ୍ଥା ଏବଂ ଅସଂଗତି ସମ୍ପର୍କରେ ମାହାଙ୍ଗାର ବିଧାୟକ ସାରଦା ପ୍ରସାଦ ପ୍ରଧାନଙ୍କୁ ଅବଗତ କରାଇଥିବା ସୂଚନା ମିଳିଛି । ସ୍ଥାନୀୟ ଜନପ୍ରତିନିଧି ଏହି ସମସ୍ୟା ଉପରେ ଗୁରୁତ୍ୱ ଦେବାକୁ ସାଧାରରେ ଦାବୀ ହୋଇଛି ।




## ଯୌନ ଉତ୍ପୀଡନ ସୁରକ୍ଷା ସଂପର୍କରେ ଆଇନ ସଚେତନତା ଶିବିର

**କେନ୍ଦ୍ରାପଡ଼ା, ୨୩।୭(ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଜିଲ୍ଲା ଆଇନସେବା ପ୍ରାଧିକରଣ ଆନୁକୂଲ୍ୟରେ ଯୌନ ଉତ୍ପୀଡନ ସୁରକ୍ଷା ଓ ଏସ.ସି ଓ ଏସ.ଟି ଆଟ୍ରୋସିଟ ଆଇନ ଉପରେ ଏକ ସଚେତନତା ଶିବିର ହନୁମାନଜୀଉ ଉଚ୍ଚ ମାଧମିକ ଡିଗ୍ରୀ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ସନ୍ତୋଷ କୁମାର ମହାପାତ୍ରଙ୍କ ଅଧକ୍ଷତା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବିଭିନ୍ନ କର୍ମକ୍ଷେତ୍ରରେ ମହିଳା କର୍ମଚାରୀଙ୍କ କର୍ମସ୍ଥଳୀରେ କିପରି ଯୌନ ଶୋଷଣର ଶିକାର ହେଉଛନ୍ତି ଓ ଏହାକୁ କିପରି ରୋକା ଯାଇପାରିବ ସେ ସଂପର୍କରେ ସଚିବ ଶ୍ରୀ ମହାପାତ୍ର ବିସ୍ତୃତ ଭାବେ ଆଲୋକପାତ କରିଥିଲେ । ଏଥି ସହିତ ଏହି ନିୟମ ଅଧିନରେ ଆଇନର ବ୍ୟବସ୍ଥା ଗୁଡିକ ବିଷୟରେ ବିସ୍ତୃତ ଭାବରେ ବୁଝାଇ ଥିଲେ । ଉକ୍ତ କଲେଜର ଛାତ୍ରଛାତ୍ରୀ ମାନଙ୍କ ଉଦ୍ଦେଶ୍ୟରେ ଆଟ୍ରୋସିଟ ଆଇନ ଉପରେ ସଚେତନ କରାଇଥିଲେ । ଆୟୋଜିତ ଏହି କାର୍ଯ୍ୟକ୍ରମ ରେ ଆଇଜୀବି ରମଣୀ ରଂଜନ ରାଉତରାୟ, ଡିଫେନ୍ସ କାଉନସିଲ, ଦେବାଶିଷ ସାହୁ, ଅଧାପକ ବିକ୍ରମ ଚରଣ ପରିଡା, କେଦାରଗୌର ଜେନା, ଭକ୍ତବନ୍ଧୁ ଓଝା, ଅଧକ୍ଷ ଜଳଧର ଦାସ, ଅଧାପିକା ପ୍ରତିପ୍ରଜ୍ଞା ସାମଲ ପ୍ରମୁଖ ନିଜ ନିଜର ବକ୍ତବ୍ୟ ପ୍ରଦାନ କରିଥିଲେ ।

## ଭଙ୍ଗା ବାଉଁଶ ପୋଲରେ ବିପଦପୂର୍ଣ୍ଣ ଯାତ୍ରା

**୫୦୦ ମିଟର ବଦଳରେ ଯିବାକୁ ପଡୁଛି ୫ କିଲୋମିଟର**

**ମରାମତି ପାଇଁ ଦାବି**



**ମହାକାଳପଡ଼ା, ୨୩।୭(ସଂଚାର ବ୍ୟୁରୋ):** ଗୋବରୀ ନଦୀ ଉପରେ ଭଙ୍ଗା ବାଉଁଶ ପୋଲ ଦେଇ ଛାତ୍ରଛାତ୍ରୀଙ୍କ ସମେତ ଅଞ୍ଚଳବାସୀ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି। କେତେବେଳେ ଯେ କେଉଁ ଅଘଟଣ ଘଟିବ ତାହା କିଏ କହିବ? ଦିନ ଥିଲା ଲୋକମାନଙ୍କ ଯାତାୟତ ପାଇଁ ଏହି ବାଉଁଶ ପୋଲ ମୁଖ୍ୟ ମାଧମ ଥିଲା। ହେଲେ ଏବେ ଏହା ଭାଙ୍ଗିଯିବାରୁ ବାଧ ହୋଇ ବିପଦପୂର୍ଣ୍ଣ ଭାବେ ଯାତାୟାତ କରୁଛନ୍ତି ଅଞ୍ଚଳବାସୀ।

ଏମିତି ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି ମହାକାଳପଡ଼ା ବ୍ଲକ କଂସାର ବଡ଼ ଦାଣ୍ଡଦୁଆ ପଞ୍ଚାୟତର ତରପଦା ଠାରେ। କଂସାର ବଡ଼ ଦାଣ୍ଡଦୁଆ ଓ ସୁନିତି ପଞ୍ଚାୟତ ମଧ ଦେଇ ଗୋବରୀ ନଦୀ ବହିଯାଇଛି। କଂସାରବଡଦାଣ୍ଡୁଆର ଲୋକେ ନଦୀ ଆରପଟେ ଥିବା ଜଗରଜୋର ହାଟ, ମିନିବ୍ୟାଙ୍କକୁ ଯାତାୟତ ଓ ସୁନିତି ପଞ୍ଚାୟତର ସୁଗଲ, ଖରିଅଣ୍ଟା ଓ ଦତ୍ତପୁର ଅଞ୍ଚଳର ପାଖାପାଖି ୫୦ ଛାତ୍ର ଛାତ୍ରୀ ତରପଦା ହାଇ ସ୍କୁଲକୁ ପାଠ ପଢ଼ିବାକୁ ଆସନ୍ତି। କେବଳ ସ୍କୁଲ ପିଲା କାହିଁକି ସ୍ୱାସ୍ଥ୍ୟ କେନ୍ଦ୍ରକୁ ଚିକିତ୍ସା ପାଇଁ ଲୋକେ ଆସନ୍ତି। ମିଳନମୋଡ ସେତୁ ଦେଇ ଯାତାୟତ କରିବା ଦ୍ୱାରା ୫ କିଲୋମିଟର ରାସ୍ତା ଅତିକ୍ରମ କରିବାକୁ ହୁଏ। ଯେଉଁଥିପାଇଁ ଗ୍ରାମବାସୀଙ୍କ ଉଦ୍ୟମରେ ଦୀର୍ଘ ୨୦ ବର୍ଷ ହେବ ଗୋବରୀ ନଦୀ ଉପରେ ଏକ ଅସ୍ଥାୟୀ ବାଉଁଶ ପୋଲ ନିର୍ମାଣ କରାଯାଇଥିଲା। ଏହି ପୋଲ ଦ୍ୱାରା ଅଞ୍ଚଳବାସୀ ୫୦୦ ମିଟର ଦୂରତାରେ ସେମାନଙ୍କର ନିତିଦିନିଆ କାର୍ଯ୍ୟ କରିବା ସହିତ ପିଲାମାନେ ସହଜରେ ବିଦ୍ୟାଳୟକୁ ଯାଇ ପାରୁଥିଲେ।

ହେଲେ ତିନିମାସ ହେବ ବାଉଁଶ ପୋଲ ଭାଙ୍ଗିଯିବାରୁ ଲୋକମାନେ ଯାତାୟତରେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବିଦ୍ୟାଳୟକୁ ଛାତ୍ରଛାତ୍ରୀମାନେ ଏଇ ଭଙ୍ଗା ବାଉଁଶ ପୋଲ ଦେଇ ଯାତାୟତ କରୁଥିବା ଦେଖିବାକୁ ମିଳିଛି। ଭାଙ୍ଗି ଯାଇଥିବା ବାଉଁଶ ପୋଲର ମରାମତି ସହିତ ପୂର୍ବ ସରକାର ସମୟରେ ଶୁଭ ଦିଆଯାଇଥିବା ସ୍ଥାୟୀ ପୋଲକୁ କାର୍ଯ୍ୟକାରୀ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି।

## କଂକ୍ରିଟ ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ



**ବିଡିଓଙ୍କ ନିକଟରେ ଗ୍ରାମବାସୀଙ୍କ ଅଭିଯୋଗ, ଥାନାରେ ମାମଲା**

**ଗରଦପୁର, ୨୩।୭ (ସଂଚାର ବ୍ୟୁରୋ):** ଗରଦପୁର ବ୍ଲକ ଚଅଁପୁର ଗ୍ରାମରେ ସରକାରଙ୍କ ଗ୍ରାଣ୍ଡିଏଡେ ଯୋଜନାରେ ହେଉଥିବା କଂକ୍ରିଟ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ନେଇଥିବା ନେଇ ଗ୍ରାମବାସୀମାନେ ବିଡ଼ିଓଙ୍କ ନିକଟରେ ଲିଖିତ ଅଭିଯୋଗ ହେବା ସହ ବି ଥାନାରେ ମାମଲା ରୁଜୁ ହୋଇଛି । ସରକାରୀ ନିୟମ ମୁତାବକ ଏହି କାର୍ଯ୍ୟାଦେଶ କନିଷ୍ଠ ଯନ୍ତ୍ରୀ ପ୍ରଦୀପ୍ତ କୁମାର ସାମନ୍ତରାୟଙ୍କ ନାମରେ ଥିବାରୁ ସେ ମନମୁଖୀ ଭାବେ ଏଜେନ୍ସୀ ଲଗାଇ ନିମ୍ନମାନର ସିମେଣ୍ଟ, ଗୋଡି, ବାଲିରେ ମାତ୍ର ଏକରୁ ଦୁଇ ଇଂଚ ଢଳେଇ କାମକରି କେମିତି ମିଥ୍ୟା ବିଲ୍ କରିବେ ସେନେଇ ଯୋଜନାବଦ୍ଧ ଭାବେ ମସୁଧା ଚଳାଇଥିବା ନେଇ ବି ଗ୍ରାମବାସୀମାନେ ଅଭିଯୋଗ ହୋଇଛି ।

ତେବେ ଅଭିଯୋଗ ଅନୁଯାୟୀ ଉକ୍ତ ଯୋଜନାରେ ସରକାର ୩ ଲକ୍ଷ ଟଙ୍କା ବ୍ୟୟ ବରାଦ କରିଛନ୍ତି । ଏହି କଂକ୍ରିଟ ରାସ୍ତା ପାଇଁ ସରକାର ଡିଏସପି ସିମେଣ୍ଟ ରେ କାର୍ଯ୍ୟ ହେବା ପାଇଁ ଅନୁବନ୍ଧିତ ସହ ଲିଖିତ ନିର୍ଦ୍ଦେଶ କରିଛନ୍ତି। ହେଲେ କନିଷ୍ଠ ଯନ୍ତ୍ରୀ ସବୁ ନୀତି ନିୟମକୁ ଫୁ କରି ଡିଏସପି ପରିବର୍ତ୍ତେ ଡୁରାଗାଡ୍ ସିମେଣ୍ଟରେ ରାସ୍ତା ନିର୍ମାଣ କାର୍ଯ୍ୟ କରୁଛନ୍ତି ବୋଲି ଖୋଦ୍ ସହକାରୀ ଯନ୍ତ୍ରୀ ଶୁଭଶ୍ରୀ ପଣ୍ଡା ନିର୍ମାଣଧୀନ ପ୍ରକଳ୍ପ ପାଖକୁ ଯାଇ ଢଳେଇ ରାସ୍ତା ନିମ୍ନମାନର କାର୍ଯ୍ୟ ଦେଖି କନିଷ୍ଠ ଯନ୍ତ୍ରୀଙ୍କୁ ତାଗିଦ୍ କରିବା ସହ ଏହି କାମକୁ ତୁରନ୍ତ ବନ୍ଦ କରିବା ନିମନ୍ତେ ନିର୍ଦ୍ଦେଶ ଦେଇଛନ୍ତି। ହେଲେ କନିଷ୍ଠ ଯନ୍ତ୍ରୀ ଏହି ନିର୍ଦ୍ଦେଶକୁ ବି ଅବମାନନା କରି ନିଜର ଏଜେନ୍ସୀ ଲଗାଇ କାର୍ଯ୍ୟ କରୁଛନ୍ତି। ତେବେ ଏହି ବିଷୟରେ ଗ୍ରାମବାସୀମାନେ ଅଭିଯୋଗ କରିବାରୁ କାର୍ଯ୍ୟ କରୁଥିବା ଏଜେନ୍ସୀ ଅଭିଯୋଗକାରୀଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହ କୋଦାଳ ଉଠାଇ ଜୀବନରେ ମାରିଦେବା ପାଇଁ ଧମକ ଦେବା ନେଇ ଏଜେନ୍ସୀଙ୍କ ବିରୋଧରେ ଉକ୍ତ ଗ୍ରାମର ଗ୍ରାମବାସୀ ଜିତେନ୍ଦ୍ର ବେହେରା କୁଦାନଗରୀ ଥାନାରେ ଅଭିଯୋଗ କରିଛନ୍ତି।

ଏହି ଅଭିଯୋଗ ପାଇବା ପରେ ଥାନା ଅଧିକାରିଣୀ ସସ୍ମିତା ସାହୁ ଘଟଣା ସ୍ଥଳକୁ ଆସି ତଦନ୍ତ କରି ମୀମାଂସା ନହେବା ପର୍ଯ୍ୟନ୍ତ ନିର୍ମାଣ କାର୍ଯ୍ୟ ବନ୍ଦ କରିବା ପାଇଁ କହି ଅଧିକ ତଦନ୍ତ ଚଳାଇଛନ୍ତି ବୋଲି କହିଛନ୍ତି। ସେପଟେ ଉକ୍ତ ଗ୍ରାମର ଭଗବାନ ମାହାଳୀ, ବଳରାମ ମାହାଳୀ, ଭକ୍ତି ପ୍ରସାଦ ବେହେରା, ଗୁରୁଚରଣ ବେହେରା, ସତେତ ଅନେକ ଗ୍ରାମବାସୀ କନିଷ୍ଠ ଯନ୍ତ୍ରୀ ଙ୍କ ଏପରି ଅକ୍ଷମଣୀୟ କାର୍ଯ୍ୟ କୁ ବିରୋଧରେ ବିଡ଼ିଓ ଙ୍କ ନିକଟରେ ଅଭିଯୋଗ ସହ ନିର୍ମାଣ କାର୍ଯ୍ୟ ଅନମୀୟତା ନେଇ ବି ଅଭିଯୋଗ କରିଛନ୍ତି ।

## ୧୦ ଛାତ୍ରୀ ଅଂଶୁଘାତର ଶିକାର, ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି



**ରାଜନଗର, ୨୩।୭(ସଂଚାର ବ୍ୟୁରୋ):** ପ୍ରବଳ ଗରମ ଓ ଗୁଳୁଗୁଳି ବିଦ୍ୟାଳୟ ଶ୍ରେଣୀ ଗୃହରେ ଛାତ୍ରୀ ମାନେ ଅଂଶୁଘାତର ଶିକାର ହୋଇଛନ୍ତି। ଜଣକ ପରେ ଜଣେ ଛାତ୍ରୀ ମୁଣ୍ଡ ବୁଲାଇ ନିସ୍ତେଜ ହୋଇ ଅସୁସ୍ଥ ହୋଇ ପଡିଥିଲେ। ରାଜନଗର ବ୍ଲକର ଦୁଇଟି ବିଦ୍ୟାଳୟର ୧୦ ଜଣ ଛାତ୍ରୀ ଅଂଶୁଘାତର ଶିକାର ହୋଇ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି ହୋଇଛନ୍ତି।

ଆଜି ରାଜନଗର ଉଚ୍ଚ ବିଦ୍ୟାଳୟରେ ପ୍ରବଳ ଗରମ ଓ ଗୁଳୁଗୁଳି ଯୋଗୁଁ ୮ ଜଣ ନବମ ଶ୍ରେଣୀ ଛାତ୍ରୀ , ଜଣେ ଦଶମ ଶ୍ରେଣୀ ଛାତ୍ରୀ ଓ ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ଅଂଶୁଘାତର ଶିକାର ହୋଇଛନ୍ତି। ଶ୍ରେଣୀ ଗୃହରେ ପାଠପଢା ଚାଲିଥିବା ବେଳେ ଜଣକ ପରେ ଜଣେ ଛାତ୍ରୀଙ୍କର ଗରମରେ ମୁଣ୍ଡ ବୁଲାଇବା ସହିତ ଦେହ ନିସ୍ତେଜ ଲାଗିଥିଲା। ଶ୍ରେଣୀ ଗୃହରେ ପାଠ ପଢା ବେଳେ ଛାତ୍ରୀମାନେ ମୁଣ୍ଡ ବୁଲାଇ ପଡିଥିଲେ। ରାଜନଗର ଉଚ୍ଚ ବିଦ୍ୟାଳୟର ୧୦ମ ଶ୍ରେଣୀ ଛାତ୍ରୀ ପ୍ରିୟାଙ୍କା ବିଶ୍ୱାଳ , ୯ମ ଶ୍ରେଣୀ ଛାତ୍ରୀ ସୁଚିସ୍ମିତା ସେଠୀ, ତନୁଶ୍ରୀ ଦାସ , ଦୀପା ମଲ୍ଲିକ , ପୂର୍ଣ୍ଣିମା ପ୍ରଧାନ, ମାମୁନି ଦାସ , ପମଶ୍ରୀ ପ୍ରଧାନ ପ୍ରମୁଖ ଶ୍ରେଣୀ ଗୃହରେ ଅଂଶୁଘାତର ଶିକାର ହୋଇ ପଡିଯିବା ପରେ ସଙ୍ଗେ ସଙ୍ଗେ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅନ୍ୟ ଦୁଇ ଜଣ ଛାତ୍ରୀ ବିଦ୍ୟାଳୟରେ ପ୍ରାଥମିକ ଚିକିତ୍ସା ପରେ ସୁସ୍ଥ ହୋଇ ଘରକୁ ଫେରିଯାଇଛନ୍ତି।

ଚାନ୍ଦିବାଉଁଶମୂଳସ୍ଥିତ ଶ୍ରୀଜଗନ୍ନାଥ ଉଚ୍ଚ ବିଦ୍ୟାଳୟର ଜଣେ ଦଶମ ଶ୍ରେଣୀ ଛାତ୍ରୀ ସୁଚିତ୍ରା ରାଉଳ ଗରମ ଯୋଗୁ ଶ୍ରେଣୀ ଗୃହରେ ଅସୁସ୍ଥ ଅନୁଭବ କରିଥିଲେ। ତାଙ୍କୁ ମଧ ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରଯାଇଛି। ଚିକିତ୍ସା ପରେ ସମସ୍ତ ଛାତ୍ର ଛାତ୍ରୀ ସୁସ୍ଥ ଥିବା ଜଣାପଡିଛି। ଖବର ପାଇ ବ୍ଲକ ଶିକ୍ଷାଧିକାରୀ ମନୋରଞ୍ଜନ ସେଠୀ, ଅତିରିକ୍ତ ବ୍ଲକ ଶିକ୍ଷାଧିକାରୀ ଚିତ୍ତ ରଞ୍ଜନ ସ୍ୱାଇଁ ଓ ଦୁଇଟି ବିଦ୍ୟାଳୟର ପ୍ରଧାନଶିକ୍ଷକ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ।



## ଯୁବକଙ୍କ ପତ୍ତା ମିଳୁନାହିଁ, ଥାନାରେ ଏତଲା

**ପଟ୍ଟାମୁଣ୍ଡାଇ, ୨୩।୭ (ସଂଚାର ବ୍ୟୁରୋ):** ପଟ୍ଟାମୁଣ୍ଡାଇ ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ବଳଭଦ୍ରପୁର ପଂଚାୟତ ବାଲିପାଟଣା ଗ୍ରାମର ମନୋଜ କୁମାର ଦାଶ ରାଜନଗର ବଜାରରେ କାମ କରନ୍ତି । କିନ୍ତୁ ଗତ ୧୭ ତାରିଖ ଠାରୁ ତାଙ୍କର କୌଣସି ପତ୍ତା ମିଳୁନାହିଁ । ବହୁ ଖୋଜା ଖୋଜି ପରେ କୌଣସି ସନ୍ଧାନ ନମିଳିବାରୁ ପରିବାର ଲୋକ ଓ ପଂଚାୟତ ବାସୀ ବ୍ୟତିବ୍ୟସ୍ତ ହୋଇ ପଡିଛନ୍ତି । ଏ ସମ୍ପର୍କରେ ରାଜନଗର ଥାନାରେ ଲିଖିତ ଏତଲା ଦିଆଯାଇଛି । କେହି ଅପହରଣ କରିଥିବା ସନ୍ଦେହ କରାଯାଉଛି । ପୋଲିସ ଅଭିଯୋଗ ପାଇବା ପରେ ତଦନ୍ତ ଆରମ୍ଭ କରିଛି । ବଳଭଦ୍ରପୁର ସରପଞ୍ଚ ପ୍ରିୟବ୍ରତ ଓଝା ପୋଲିସ ଉପଯୁକ୍ତ ତଦନ୍ତ କରି ନିଖୋଜ ମନୋଜକୁ ଠାବ କରିବା ପାଇଁ ଅନୁରୋଧ କରିଛନ୍ତି । ଯଦି କେହି ମନୋଜଙ୍କ ସନ୍ଧାନ ପାଆନ୍ତି ବଳଭଦ୍ରପୁର ସରପଞ୍ଚଙ୍କ ଟେଲିଫୋନ ନମ୍ବର ୯୪୩୭୬୩୫୯୬୫ରେ ଯୋଗାଯୋଗ କରିବାକୁ ଅନୁରୋଧ କରିଛନ୍ତି ।

## ବିପୁଳ ପରିମାଣର ଦେଶୀ ମଦ ଜବତ, ଜଣେ ଗିରଫ

**କାକଟପୁର/ଅସ୍ତରଙ୍ଗ, ୨୩।୭(ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ପୁଲିସ ବୁଧବାର କଣମଣ ଛକ ନିକଟରେ ପାଟ୍ରୋଲିଂ କରୁଥିବା ସମୟରେ ଅଚାନକ ଚଢ଼ାଉ କରି ୪୨ଲିଟର ଦେଶୀ ମଦ ଜବତ କରିବା ସହ ଏହି ଘଟଣା ରେ ବିଜୟ ରଞ୍ଜନ ନାୟକ ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

ସୂଚନା ମୁତାବକ ବୁଧବାର ସକାଳ ୧୦ଘ ୩୦ମିନିଟ ସମୟରେ ଅସ୍ତରଙ୍ଗ ଥାନା ଏ ଏସ ଆଇ ପ୍ରଶାନ୍ତ କୁମାର ସାମନ୍ତରାୟ, ଥାନା କର୍ମଚାରୀ ବନବିହାରୀ ଦାସ, ଏସ କେ ରାଉତ ପାଟ୍ରୋଲିଂ କରୁଥିବା ସମୟରେ ବିଶେଷ ସୂତ୍ରରୁ ଖବର ପାଇଁ ଅଚାନକ ଚଢ଼ାଉ କରିଥିଲେ। କିନ୍ତୁ ବେଆଇନି ମଦ ବିକ୍ରୟ କିମ୍ବା ପରିବହନ ପାଇଁ କୌଣସି ବୈଧ ଲାଇସେନ୍ସ କିମ୍ବା ଆଇନିଗତ ଅଧିକାର ପ୍ରଦାନ କରି ପାରିନଥିଲେ ଚୋରା ମଦ ବ୍ୟବସାୟୀ। ଯାହା ଫଳରେ ଅସ୍ତରଙ୍ଗ ଥାନା ଗିରଫ କରିବା ସହ ତାଙ୍କ ନିକଟରୁ କଣମଣ ଘର ସାମ୍ନାରୁ ୯ଟି କାଗଜ କାଟୁନ ଆସ୍କା ୪୦ମଦ, ପ୍ରତ୍ୟେକ କାଟୁନ ୮ଟି କାଟୁନ ରେ ୨୫ଟି ବୋତଲ ଏବଂ ଗୋଟିଏ କାଟୁନୁ ୧୦ଟି ଆସ୍କା ୪୦ବୋତଲ ଜବତ କରିଥିଲେ। ଖୋଜାଖୋଜି କରିବା ସମୟରେ ୨୧୦ଟି ଦେଶୀ ମଦ ବୋତଲ (୨ଶହ ମିଲି ପ୍ରତ୍ୟେକ )ପାଇଥିଲେ ଯାହା ବୋତଲ ରେ ଆସ୍କା ୪୦ପେପେର ଷ୍ଟିକର ଲାଗିଥିଲା। ମୋଟ ୪୨ଲିଟର ଜବତ କରାଯାଇଥିଲା। ଅସ୍ତରଙ୍ଗ ଥାନା କେଶ ନମ୍ବର ୧୪୯/୨୫ରେ ମାମଲା ରୁଜୁ କରିବା ଶହ ଓଡିଶା ଅବକାରୀ ବିଭାଗ ଆକ୍ଟ ୨୦୦୮ ଅନୁଯାୟୀ ୫୨(ଏ )ରେ ଚୋରା ମଦ ବ୍ୟବସାୟୀ ବିଜୟ ରଞ୍ଜନ ନାୟକ ଙ୍କୁ ଗିରଫ କରିବା ଶହ ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ବୋଲି ଅସ୍ତରଙ୍ଗ ଥାନା ଅଧିକାରୀ ରାଜେଶ ବଳିୟାର ସିଂ ସୂଚନା ଦେଇଛନ୍ତି।



ପୋଲିସ ଅଭିଯୁକ୍ତ ବିଜୟ ରଞ୍ଜନ ନାୟକ (୬୨)

## ବନ୍ଧୁ ସାଜିଲା ପିଶାଚ: ନାବାଳିକା ଗର୍ଭବତୀ



**କାକଟପୁର/ଅସ୍ତରଙ୍ଗ, ୨୩।୭(ସଂଚାର ବ୍ୟୁରୋ):** ବନ୍ଧୁ ସାଜିଲା ବଇରୀ। ଘରକୁ ଯିବା ଆସିବା କରି ପରିବାର ସହିତ ସୁସମ୍ପର୍କ ରଖି ଯୁବକ ବିଶ୍ୱାସ ଘାତକ କଲା। ଶେଷ ରେ ବାପା ସହିତ ବନ୍ଧୁ ହୋଇ ୧୭ବର୍ଷୀୟ ନାବାଳିକା ଝିଅ ସହ ସମ୍ପର୍କ ରଖି ଗର୍ଭବତୀ କରିବା ପରେ, ଡକ୍ଟର ଠାରୁ ସୂଚନା ମିଳିବା ପରେ ବାପା ର ଅସ୍ତରଙ୍ଗ ଥାନାରେ ଅଭିଯୋଗ।

ଖବର ମୁତାବକ ପୁରୀ ଜିଲ୍ଲା ଅସ୍ତରଙ୍ଗ ଥାନା ଅଂଚଳରେ ଜଣେ ଗାଡି ଚାଳକଙ୍କ ଘରେ ଗାଡି ଚାଳକଙ୍କ ସହିତ ଭାଣପୁର ଅଞ୍ଚଳ ବେଲେଶ୍ୱର ଗ୍ରାମର ବନମାଳୀ ନାୟକ (୩୩) ଗାଡିରେ ହେଲ୍ପର ଭାବେ କାମ କରିବା ପରେ ଗାଡି ଚାଳକଙ୍କ ସହିତ ସୁସମ୍ପର୍କ ହୋଇଥିଲା। କିନ୍ତୁ ବନ୍ଧୁ ହୋଇ ବଇରୀ ସାଜିଲା। ଅସ୍ତରଙ୍ଗ ଥାନା ଅଞ୍ଚଳ ୧୭ବର୍ଷୀୟ ନାବାଳିକା ସୋମବାର ସନ୍ଧ୍ୟା ସମୟରେ ପେଟ ଯନ୍ତ୍ରଣା ହେବାରୁ ପରିବାର ଲୋକେ ନିକଟସ୍ତ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇଥିଲେ। କିନ୍ତୁ ଚିକିତ୍ସାଧୀନ ଡକ୍ଟର ନାବାଳିକା ଗର୍ଭବତୀ ଅଛି ବୋଲି ଜାଣିବା ପରେ ନାବାଳିକା ବାପାଙ୍କୁ ଜଣାଇଥିଲେ। ଯାହା ଫଳରେ ନାବାଳିକା ବାପା ଅସ୍ତରଙ୍ଗ ଥାନାରେ ମଙ୍ଗଳବାର ଅଭିଯୋଗ ଦେବା ସହ ଦର୍ଶାଇଛନ୍ତି ବନମାଳି ନାୟକ ଦୀର୍ଘ ଦିନ ହେବ ବନ୍ଧୁ ହେବା ସହ ଗାଡି ଚଳାଚଳ କାମ କରିଥାନ୍ତି। କିନ୍ତୁ ବନ୍ଧୁତ୍ୱ ପୂର୍ଣ୍ଣ ସମ୍ପର୍କ ଭିତରେ ବନମାଳି ନାୟକ ଘରକୁ ସଦା ସର୍ବଦା ଯିବା ଆସିବା କରେ। ଯାହା ଫଳରେ ନାବାଳିକା ଗର୍ଭବତୀଙ୍କ ବାପା ବନମାଳି ନାୟକଙ୍କୁ ସନ୍ଦେହ ହେଉଅଛି ବୋଲି ଲିଖିତ ଅଭିଯୋଗ ଦେବା ପରେ ଅସ୍ତରଙ୍ଗ ପୋଲିସ ଘଟଣାକୁ ତତ୍ପରତା ସହ ନେଇ ବନମାଳି ନାୟକ ଙ୍କୁ ଅସ୍ତରଙ୍ଗ ଥାନାରେ ଅଟକ ରଖିବା ସହ ଥାନା କେଶ ନମ୍ବର ୧୪୭/୨୫ରେ ମାମଲା ରୁଜୁ କରିବା ସହ ବୁଧବାର ଅପରାହ୍ନ ସମୟରେ ଉଭୟ ନାବାଳିକା ଓ ବନମାଳିଙ୍କୁ ବୟାନ ରେକର୍ଡ ପାଇଁ ପୁରୀ ସିଡବ୍ଲୁସିକୁ ନିଆଯାଇଛି। ଅସ୍ତରଙ୍ଗ ପୋଲିସ ଘଟଣା କୁ ଗୁରୁତ୍ୱର ସହ ନେଇ ତଦନ୍ତ ଜାରୀ ରଖିଛି।

ଜୀବନ ଅମୃତ ଅନୁଚିନ୍ତା

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିକ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

sanchar.live

ସମ୍ପାଦକୀୟ

SANCHAR
ସଂଚାର

୪
ଗୁରୁବାର ୨୪ ଜୁଲାଇ ୨୦୨୫, ଭୁବନେଶ୍ୱର
Thursday 24 July 2025,
Bhubaneswar

# ଡିଜିଟାଲ ଟ୍ରାଞ୍ଜାକସନ

ରାଜ୍ୟରେ ଧର୍ତ୍ତବ୍ୟ ଅପରାଧ ବୃଦ୍ଧି ପାଇଛି। କିନ୍ତୁ ପୂର୍ବରୁ ଯେପରି ଚୋରୀ, ଡକାୟତି, ସିନ୍ଧି ଚୋରୀ ହେଉଥିଲା ତାହା କମିଛି। ଏହା ପରିବର୍ତ୍ତେ ଅପରାଧର ନୂଆ ତାରିକାକୁ ଅପରାଧୀମାନେ ଆପଣାଇଛନ୍ତି। ତାହା ହେଲା ସାଇବର ଅପରାଧ। ଭାରତରେ ଡିଜିଟାଲ କାରବାର ବା ଡିଜିଟାଲ ଅର୍ଥନୀତି ଯେତିକି ଅଗ୍ରସର ହୋଇଛି, ତଦନୁଯାୟୀ ସାଇବର ଅପରାଧ ସେତିକି ବଢ଼ିଛି। ଲୋକଙ୍କ ସରଳତାର ସୁଯୋଗ ନେଇ ଅନେକ ସେମାନଙ୍କୁ ଲୁଟ କରୁଛନ୍ତି। ଆଖି ପିଛୁଳାକେ ବ୍ୟାଙ୍କରୁ ଜମା ରାଶି ଖାଲି ହୋଇଯାଉଛି। ଲୋକଙ୍କ ମଧ୍ୟରେ ସତର୍କତା ଏବଂ ସଚେତନତା ଅଭାବରୁ ଏହା ବୃଦ୍ଧି ପାଉଛି। ସାଇବାର ଅପରାଧ ରୋକିବାକୁ ସରକାର ପର୍ଯ୍ୟାୟକ୍ରମେ ଅନେକ ପଦକ୍ଷେପ ନେଇଛନ୍ତି, ବ୍ୟାଙ୍କମାନେ ମଧ ଅନେକ ପଦକ୍ଷେପ ନେଇଛନ୍ତି। କିନ୍ତୁ ଏହା ସତ୍ତ୍ୱେ ପ୍ରତିଦିନ କେଉଁଠି ନା କେଉଁଠି ସାଧାରଣ ଲୋକଟିଏ ସାଇବର ଅପରାଧର ଶିକାର ହେଉଛନ୍ତି। ଏହାର ମୁକାବିଲା ନିମନ୍ତେ ସରକାର ସ୍ୱତନ୍ତ୍ର ସାଇବର ଥାନା ଖୋଲିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଅପରାଧ ରୋକିବା ଏବଂ ଅପରାଧୀଙ୍କୁ ଧରିବା ଶତ ପ୍ରତିଶତ ସଫଳ ହେଉନାହିଁ। ନିକଟରେ ରାଜ୍ୟ ସରକାର ଆଉ ୨୦ଟି ସାଇବର ଥାନା ଖୋଲିବାକୁ ନିଷ୍ପତ୍ତି ନେଇଛନ୍ତି। କିନ୍ତୁ କେବଳ ସାଇବର ଥାନା ଖୋଲି ଦେଲେ ହେବ ନାହିଁ। ଏ କ୍ଷେତ୍ରରେ ସ୍ୱତନ୍ତ୍ର ବୈଷୟିକ ଟିମର ଆବଶ୍ୟକତା ରହିଛି ଯେଉଁମାନେ ସାଇବର ଅପରାଧୀଙ୍କୁ ସହଜରେ ଠାବ କରିପାରିବେ ଏବଂ ଲୁଟ ଅର୍ଥ ଉଦ୍ଧାର କରିପାରିବେ। ନିକଟରେ ବିଧାନସଭାରେ ଆଗତ ଶ୍ୱେତପତ୍ରରେ ଏହା ଉଲ୍ଲେଖ ରହିଛି। ରାଜ୍ୟରେ ସାଇବର ଅପରାଧ ବହୁ ମାତ୍ରାରେ ବଢ଼ିଯାଇଛି। ସାଇବର କ୍ରାଇମ ଏବେ କେବଳ ଓଡ଼ିଶା ବା ଭାରତ ନୁହେଁ, ସାରା ବିଶ୍ୱରେ ଆତଙ୍କର କାରଣ ହୋଇଛି। ଅନେକ ଏଥିରେ ସର୍ବସ୍ୱାନ୍ତ ହୋଇଛନ୍ତି। ସାମାନ୍ୟ ଅସାବଧାନତାରୁ ମୁହୂର୍ତ୍ତକ ଭିତରେ ଜୀବନବ୍ୟାପୀ ସଂଚିତ ଅର୍ଥ ଲୁଟ ହୋଇଯାଉଛି। ଚିଟଫଣ୍ଡ ମାଧ୍ୟମରେ ଲୋକେ ଯେତିକି ଠକେଇର ଶିକାର ହୋଇଛନ୍ତି ସାଇବର ଅପରାଧରେ ତା'ଠାରୁ ଢେର ଅଧିକ ଶିକାର ହୋଇଛନ୍ତି। ଲୋକଙ୍କ ନିକଟକୁ ମୋବାଇଲ ମାଧ୍ୟମରେ ଅନେକ ମେସେଜ ଆସୁଛି। ଏଥିରେ ୮୦ ପ୍ରତିଶତ ଲୋକ ପ୍ରଭାବିତ ହେଉ ନାହାଁନ୍ତି। କାରଣ ସେମାନେ ସତର୍କ ହୋଇଯାଇଛନ୍ତି। କିନ୍ତୁ ୨୦ ପ୍ରତିଶତ କେବେ ନା କେବେ କେଉଁଠି ନା କେଉଁଠି ସାଇବର ଅପରାଧିଙ୍କ ଜାଲରେ ପଡ଼ି ନିଜ କଷ୍ଟୋପାର୍ଜିତ ଧନ ହରାଉଛନ୍ତି। ଆଖି ପିଛୁଳାକେ ଆକାଉଣ୍ଟରୁ ଲକ୍ଷ ଲକ୍ଷ ଟଙ୍କା ଗାଏବ ହୋଇଯାଉଛି। ବାରମ୍ବାର ବ୍ୟାଙ୍କ କର୍ତ୍ତୃପକ୍ଷ ଏବଂ ସରକାର ତଥା ପୋଲିସ କହୁଛି ଅଜଣା ଫୋନ କଲରେ କେହି ଆକାଉଣ୍ଟ ନମ୍ବର ବା ଓଟିପି ନମ୍ବର ମାଗିଲେ ତାହାକୁ ଅଣଦେଖା କରନ୍ତୁ ଏବଂ ପୋଲିସରେ ସୂଚନା ଦିଅନ୍ତୁ। କୌଣସି ବ୍ୟାଙ୍କ କେବେ ଗ୍ରାହକଙ୍କୁ ତାଙ୍କ ବ୍ୟକ୍ତିଗତ ସୂଚନା ମୋବାଇଲ ମାଧ୍ୟମରେ ମାଗନ୍ତି ନାହିଁ। କିନ୍ତୁ ସାଧାରଣ ଲୋକେ ଏଥିପ୍ରତି ସତର୍କ ହେଉ ନାହାଁନ୍ତି। ଅନେକ ସମୟରେ କିଛି ବ୍ୟକ୍ତି ସହଜରେ ମୋଟା ଅଙ୍କର ଲୋନ ନେବାର ଲୋଭ ଦେଖାଇ ଠକୁଛନ୍ତି। ଆଉ କିଛି ଫୋନ କଲ ଆସୁଛି ଆପଣଙ୍କ ଏଟିଏମ କାର୍ଡର ଅବଧି ସରିଯାଇଛି। ଏହା ଅଚଳ ହୋଇଯିବ। ଆପଣ ଶୀଘ୍ର ନମ୍ବର ଦିଅନ୍ତୁ, ଏହାକୁ ପୁନର୍ବାର ସଚଳ କରିଦିଆଯିବ। ସେଥିରେ ମଧ ଅନେକ ଠକେଇର ଶିକାର ହେଉଛନ୍ତି। ଏହା ବ୍ୟତିତ ଅଳ୍ପ ଦିନରେ ଭଲ ରିଟର୍ଣ୍ଣ



ପାଇବାର ଲୋକ ଦେଖାଇ କେତେକ ଗ୍ରାହକଙ୍କୁ ଲୁଟ କରୁଛନ୍ତି। କେବଳ ସ୍ୱଳ୍ପ ଶିକ୍ଷିତ ବ୍ୟକ୍ତି ନୁହଁନ୍ତି, ଅନେକ ସଚେତନ ଏବଂ ଉଚ୍ଚ ଶିକ୍ଷିତ ବ୍ୟକ୍ତି ମଧ ଏହାର ଶିକାର ହେଉଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ, ଲୋକେ ଅନ ଲାଇନ କାରବାର ବା ଡିଜିଟାଲ କାରବାର କରିବାକୁ ଭୟ କରୁଛନ୍ତି। ବରଂ ପୁରୁଣା ଅଫଲାଇନ କାରବାର ଅଧିକ ଭଲ ଏବଂ ସୁରକ୍ଷିତ ବୋଲି ସେମାନେ ମତ ବ୍ୟକ୍ତ କରୁଛନ୍ତି। ଗତ ମାର୍ଚ୍ଚ ମାସରେ ଭୁବନେଶ୍ୱରରୁ ୨ କୋଟି ୨୦ ଲକ୍ଷ ଟଙ୍କାର ଅନଲାଇନ ଠକେଇ ହୋଇଥିବା ଜଣାପଡ଼ିଛି। ଅଧିକ ରିଟର୍ଣ୍ଣ ପାଇବାର ଲୋଭ ଦେଖାଇ ସାଇବର ଅପରାଧିମାନେ ଲୋକଙ୍କଠାରୁ ଏହା ଲୁଟିଛନ୍ତି। ରାଜଧାନୀର ସଚେତନ ନାଗରିକ ମଧ ସାଇବର ଅପରାଧିଙ୍କ ଜାଲରେ ପଡ଼ିଯାଉଛନ୍ତି ତାହା ବିସ୍ମୟର କଥା। ଏହା ପୋଲିସ ପାଇଁ ଏକ ଚାଲେଞ୍ଜ ହୋଇଛି। ଏହାକୁ ଶତ ପ୍ରତିଶତ ରୋକିବା ସମ୍ଭବ ନୁହେଁ। କିନ୍ତୁ ଏହାକୁ ଅନେକାଂଶରେ ରୋକାଯାଇପାରିବ ବା ସାଇବର ଅପରାଧିକୁ ଧରିବା ସମ୍ଭବ ହେବ ଯଦି ଏ କ୍ଷେତ୍ରରେ ଅତ୍ୟାଧୁନୀକ ଟେକ୍ନୋଲୋଜି ବ୍ୟବହାର ହେବ ଏବଂ ଲୋକଙ୍କୁ ଅଧିକ ସଚେତନ କରାଯିବ। ସାଇବର ଅପରାଧୀଙ୍କ ପ୍ରତି କଠୋର ଦଣ୍ଡବିଧାନ ସହ ପ୍ରଚଳିତ ବ୍ୟବସ୍ଥାରେ ପରିବର୍ତ୍ତନ ଆଣିବାକୁ ପଡ଼ିବ। ଓଟିପି ମାଧ୍ୟମରେ ଜଣେ କିପରି ବ୍ୟାଙ୍କ ଆକାଉଣ୍ଟ ଖାଲି କରି ଦେଉଛନ୍ତି ତାହା ବଡ଼ ଆଶ୍ଚର୍ଯ୍ୟର ବିଷୟ। ଯଦି ପୋଲିସ ବା ବ୍ୟାଙ୍କ କର୍ତ୍ତୃପକ୍ଷ ଏହାର ନିରାକରଣ କରିପାରୁନାହାଁନ୍ତି ତେବେ ଅନଲାଇନ କାରବାର ବନ୍ଦ କରାଯିବା ଉଚିତ ଏବଂ ଲୋକଙ୍କୁ ଡିଜିଟାଲ କାରବାରରୁ ନିରୁତ୍ସାହିତ କରାଯିବା ଉଚିତ। ଦେଶରେ ଡିଜିଟାଲ କାରବାର ବଢ଼ୁଛି, ଡିଜିଟାଲ ଇଣ୍ଡିଆ ନେଇ ଆମେ ଗର୍ବ କରିବାର କିଛି କାରଣ ନାହିଁ, ଯଦି ଡିଜିଟାଲ କାରବାରକୁ ଆମେ ଯଥେଷ୍ଟ ସୁରକ୍ଷା ପ୍ରଦାନ କରିପାରିବ ନାହିଁ। ବିମୁଦ୍ରିକରଣ ପରେ ସରକାର କ୍ୟାସଲେସ କାରବାରକୁ ସର୍ବାଧିକ ଗୁରୁତ୍ୱ ପ୍ରଦାନ କରିଆସୁଛନ୍ତି। ଗତ ୫ ବର୍ଷ ଭିତରେ ଭାରତରେ ଡିଜିଟାଲ ପେମେଣ୍ଟ ବହୁ ପରିମାଣରେ ବଢ଼ିଛି। ଅତି ସାଧାରଣ ଲୋକେ ମଧ ୧୦ ଟଙ୍କାର ପେମେଣ୍ଟ ୟୁପିଆଇ ମାଧ୍ୟମରେ କରି ଦେଉଛନ୍ତି। ଏହା ଭଲ କଥା। ନଗଦ କାରବାର କମିଲେ ଅନେକ ସମସ୍ୟାର ସମାଧାନ ହୋଇପାରିବ। କିନ୍ତୁ ଯଦି ଲୋକଙ୍କ ସଂଚିତ ଅର୍ଥର ସୁରକ୍ଷା ସମ୍ଭବ ନୁହେଁ, ତେବେ ଡିଜିଟାଲ ଅର୍ଥନୀତି ମୂଲ୍ୟହୀନ। ଏଥିଲାଗି ଲୋକଙ୍କୁ ସଚେତନ କରାଇବା ଲାଗି ସ୍ୱତନ୍ତ୍ର ଅଭିଯାନ ଆବଶ୍ୟକ। ଏହା ସହିତ ବ୍ୟାଙ୍କ ଗୁଡ଼ିକ କିଛି ନୂଆ ପଦ୍ଧତି ଆପଣାଇବା ଉଚିତ। ଜଣେ ବ୍ୟକ୍ତିଙ୍କ ଆକାଉଣ୍ଟରୁ ମୋଟା ଅଙ୍କର ଟଙ୍କା ଟ୍ରାନ୍ସଫର ପୂର୍ବରୁ ସମ୍ପୃକ୍ତ ଆକାଉଣ୍ଟଧାରୀଙ୍କ ନିକଟକୁ ମେସେଜ ଯିବା କଥା। ଗ୍ରାହକଙ୍କୁ ଏଥିପାଇଁ ଘଣ୍ଟାଏ ସମୟ ଦିଆଯିବା ଉଚିତ। ଘଣ୍ଟାଏ ଭିତରେ ଯଦି ସେ ସ୍ୱୀକୃତି ପ୍ରଦାନ କରନ୍ତି ତେବେ ଯାଇ ଆକାଉଣ୍ଟରୁ ଟଙ୍କା ଟ୍ରାନ୍ସଫର ହେବା କଥା। ନଚେତ ଟ୍ରାଞ୍ଜାକସନ ବାତିଲ ହେବା ଉଚିତ।

# 'ବିସ୍ମୟ ସୌରମଣ୍ଡଳ ଓ ତାହାର ଜାଗତିକ ଦୃଶ୍ୟ'





ଡଃ. ଅମୂଲ୍ୟ କୁମାର ପଣ୍ଡା

ସୂର୍ଯ୍ୟ ଏବଂ ଏହା ଅନ୍ତର୍ଗତ ୯ଟି ଗ୍ରହ, ନକ୍ଷତ୍ର, ଗ୍ରହାଣୁପୁଞ୍ଜ ଇତ୍ୟାଦିଙ୍କୁ ନେଇ ସୌରଜଗତ ଗଠିତ। ୯ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ, ମଙ୍ଗଳ, ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍ ଓ ପ୍ଲୁଟୋ ସୂର୍ଯ୍ୟଙ୍କୁ ଅଣ୍ଡାକାର ପଥରେ ପରିକ୍ରମା କରନ୍ତି। ଆଗରୁ ଗ୍ରହ କୁହାଯାଉଥିବା ପ୍ଲୁଟୋକୁ ଏବେ ଗ୍ରହ ମାନ୍ୟତାରୁ ବାହାର କରି ବାମନ ଗ୍ରହ କୁହାଯାଉଛି। ସୂର୍ଯ୍ୟଙ୍କ ନିକଟତମ ୪ଟି ଗ୍ରହ ଯଥା ବୁଧ, ଶୁକ୍ର, ପୃଥିବୀ ଓ ମଙ୍ଗଳ ମୁଖ୍ୟତଃ କଠିନ ହୋଇଥିବା ସ୍ଥଳେ ଦୂରବର୍ତ୍ତୀ ୫ଟି ଗ୍ରହ ଯଥା ବୃହସ୍ପତି, ଶ୍ନି ଗାସୀୟ ପିଣ୍ଡ ଏବଂ ୟୁରେନସ୍, ନେପଚୁନ୍ ଓ ପ୍ଲୁଟୋ ବରଫ ଗ୍ରହ ଭାବରେ ପରିଚିତ।

ମାନବ ଇତିହାସର ଅଧିକାଂଶ ସମୟ ପୃଥିବୀକୁ ବ୍ରହ୍ମାଣ୍ଡର କେନ୍ଦ୍ର ଭାବେ ବିବେଚିତ କରାଯାଇଛି। ପୁରାତନ ସମୟରେ ସାଧାରଣ ମଣିଷମାନେ ସୂର୍ଯ୍ୟ, ଚନ୍ଦ୍ର ଓ ତାରାମାନଙ୍କୁ ପୃଥିବୀ ଚାରିପାଖେ ଘୂରୁଥିବାର ଦେଖି ଏପରି ଅନୁମାନ କରିବା କିଛି ବିଚିତ୍ର ନଥିଲା। ମଧ୍ୟଯୁଗରେ ପ୍ରମାଣିତ ହେଲା ଯେ ପୃଥିବୀ ବ୍ରହ୍ମାଣ୍ଡର କେନ୍ଦ୍ରରେ ନାହିଁ। ଏହା ଅନ୍ୟ ୮ଟି ଗ୍ରହ ସେତେବେଳେ ପ୍ଲୁଟୋ ଏକ ଗ୍ରହ ଧରାଯାଉଥିଲା ପରି ସୂର୍ଯ୍ୟଙ୍କୁ ପରିକ୍ରମା କରୁଛି। ଏଥିପାଇଁ ନିକୋଲାସ୍ କୋପରନିକସ୍, ଗାଲିଲିଓ ଗାଲେଲି, ୟୋହାନସ୍ କେପ୍ଲର୍, ଆଇଜାକ୍ ନ୍ୟୁଟନ୍ ଆଦି ବୈଜ୍ଞାନିକମାନଙ୍କ ଅବଦାନ ସ୍ମରଣୀୟ। ସୌରମଣ୍ଡଳକୁ ମୁଖ୍ୟତଃ ଦୁଇ ଭାଗରେ ବିଭକ୍ତ କରାଯାଇପାରେ - ଆଭ୍ୟନ୍ତରୀଣ ମଣ୍ଡଳ ଓ ବାହ୍ୟ ସ୍ଔରମଣ୍ଡଳ। ଆଭ୍ୟନ୍ତରୀଣ ସ୍ଔରମଣ୍ଡଳର ଗ୍ରହ ଗୁଡ଼ିକ ସାଧାରଣତଃ କଠିନ, ଅଧିକାଂଶ ଧାତବ ଓ ବାୟୁମଣ୍ଡଳ ଧାରଣ କରନ୍ତି। ବାୟୁମଣ୍ଡଳର ଉପସ୍ଥିତି ଯୋଗୁ ପାଣିପାଗ ସୃଷ୍ଟି ହେବା ସ୍ୱାଭାବିକ।

କଠିନ ଭୂତ୍ୱକ୍ ଯୋଗୁ ଭୂତ୍ୱକ୍ ଚଳନ ଓ ଆଗ୍ନେୟ ଉଦ୍ଗୀରଣ ଏହି ଗ୍ରହମାନଙ୍କରେ ଦେଖାଯାଏ। ଆଭ୍ୟନ୍ତରୀଣ ଗ୍ରହମାନଙ୍କର ବଳୟ ନାହିଁ।

ଆସନ୍ତୁ ଜାଣିବା ସୌରମଣ୍ଡଳର ସମସ୍ତ ଗ୍ରହ ବିଷୟରେ। ପ୍ରଥମ ବୁଧ ସୂର୍ଯ୍ୟଙ୍କ ନିକଟତମ ଓ ସୌରମଣ୍ଡଳର କ୍ଷୁଦ୍ରତମ ଗ୍ରହ ଅଟେ। ବୁଧର କୌଣସି ପ୍ରାକୃତିକ ଉପଗ୍ରହ ନାହିଁ। ଏହାର ବାୟୁମଣ୍ଡଳ ଅତି ପତଳା।

ବୁଧର ବସ୍ତୁତ୍ୱ ପୃଥିବୀର ୦.୦୫୫ ଭାଗ। ଏହା ସୂର୍ଯ୍ୟ ପାଖରୁ ଦ୍ୱିତୀୟ ଗ୍ରହ। ଏହାପରେ ଶୁକ୍ରର ବସ୍ତୁତ୍ୱ ପୃଥିବୀର ୦.୮୧୫ ଭାଗ ଓ ବାୟୁମଣ୍ଡଳ ପୃଥିବୀର ୯୦ଗୁଣା ଅଟେ। ଏହାର କୌଣସି ପ୍ରାକୃତିକ ଉପଗ୍ରହ ନାହିଁ। ଶୁକ୍ର ସୌରମଣ୍ଡଳର ସବୁଠାରୁ ଉତ୍ତପ୍ତ ଗ୍ରହ, ଯାହାର ପୃଷ୍ଠ ତାପମାତ୍ରା ପ୍ରାୟ ୪୦୦° ସେଲସିୟସ୍ ଅଟେ। ଶୁକ୍ରର ଆଗ୍ନେୟ ଉଦ୍ଗୀରଣରୁ ବାହାରୁଥିବା ସବୁଜ କୋଠରୀ ଗ୍ୟାସମାନଙ୍କ ଯୋଗୁ ଶୁକ୍ରର ଏପରି ସ୍ଥିତି ହୋଇଥିବା ଜଣାଯାଏ। କିଛି ବୈଜ୍ଞାନିକ ଶୁକ୍ରର ସ୍ଥିତି ଦେଖି ପୃଥିବୀର ସବୁଜ କୋଠରୀ ଗ୍ୟାସକୁ ନିୟନ୍ତ୍ରଣରେ ରଖିବା ସପକ୍ଷରେ ମତ ଦିଅନ୍ତି। ଏହାପରେ ଆମ ପୃଥିବୀ ଯାହା ସବୁଠାରୁ ବଡ଼ ଏବଂ ସାନ୍ଦ୍ର କଠିନ ଗ୍ରହ ଅଟେ। ଆଜି ପର୍ଯ୍ୟନ୍ତ ଜଣା ଯାଇଥିବା ତଥ୍ୟ ଅନୁସାରେ କେବଳ ପୃଥିବୀରେ ଜୀବନର ଉପସ୍ଥିତି ଅଛି। ଏହାର ଜଳମଣ୍ଡଳ ସୌରଜଗତରେ ଅନନ୍ୟ ଏବଂ ଜୀବନ ଧାରଣର ସର୍ବୋତ୍କୃଷ୍ଟ ସ୍ଥାନ ବୋଲି ବିବେଚନା କରାଯାଏ।

ପୃଥିବୀର ଏକମାତ୍ର ପ୍ରାକୃତିକ ଉପଗ୍ରହ, ଚନ୍ଦ୍ର ଓ ସହସ୍ରାଧିକ କୃତ୍ରିମ ଉପଗ୍ରହ ଅଛି। ଗ୍ରହ ଓ ଉପଗ୍ରହ ବସ୍ତୁତ୍ୱ ତୁଳନା କଲେ ଚନ୍ଦ୍ର ସୌରଜଗତରେ ବୃହତ୍ତମ ବୋଲି ଜଣାଯାଏ। ମଙ୍ଗଳ ଅନ୍ୟ ସୌରଜଗତର ଗ୍ରହମାନଙ୍କ ଅପେକ୍ଷା ଅନେକାଂଶ ପୃଥିବୀ ପରି, ଯଦିଓ ଏହାର ବସ୍ତୁତ୍ୱ ପୃଥିବୀର ୦.୧୦୭ ଭାଗ ଓ ଏହାର ବାୟୁମଣ୍ଡଳ ପୃଥିବୀର ୦.୬% ଅଟେ। ମଙ୍ଗଳ ପୃଷ୍ଠରେ ଥିବା ଲୌହ ଅକ୍ସାଇଡ୍ ଯୋଗୁ ଏହା ଲାଲ୍ ଦେଖାଯାଏ। ମଙ୍ଗଳର ଦୁଇଟି ଛୋଟ ପ୍ରାକୃତିକ ଉପଗ୍ରହ ଅଛି।

ସୂର୍ଯ୍ୟଠାରୁ ଦୂରରେ ଥିବା ୪ଟି ଗ୍ରହ ବୃହସ୍ପତି, ଶନି, ୟୁରେନସ୍ ଓ ନେପଚୁନ୍‌କୁ ଦାନବ ଗ୍ରହ ମଧ କୁହାଯାଏ। ବୃହସ୍ପତି ଓ ଶନି ମୁଖ୍ୟତଃ ଗ୍ୟାସୀୟ ହୋଇଥିବା ବେଳେ ୟୁରେନସ୍ ଓ ନେପଚୁନ୍ ଅତି ମାତ୍ରାରେ ଥଣ୍ଡା ଓ ବରଫାବୃତ ଅଟନ୍ତି। ଏ ସମସ୍ତ ଗ୍ରହର ବଳୟ ଅଛି, ଯଦିଓ ଶନିର ବଳୟ ସୁଦୃଶ୍ୟ ଅଟେ। ସୂର୍ଯଙ୍କୁ ପରିକ୍ରମା କରୁଥିବା ସମସ୍ତ ବସ୍ତୁତ୍ୱର ୯୯% ଏହି ଚାରିଟି ଗ୍ରହ ଧାରଣ କରନ୍ତି। ଏହି ଗ୍ୟାସୀୟ ପିଣ୍ଡଟି ମୁଖ୍ୟତଃ ଉଦଜାନ ଓ ହିଲିୟମରେ ଗଠିତ। ଏହା ସୌରଜଗତର ସବୁଠାରୁ ବଡ଼ ଗ୍ରହ ଯାହା ପୃଥିବୀର ୩୧୮ଗୁଣା ଅଟେ। ବୃହସ୍ପତିର ୬୭ଟି ଜଣାଥିବା ପ୍ରାକୃତିକ ଉପଗ୍ରହ ଅଛି। ଗ୍ରହ ପୃଷ୍ଠରେ ଅନେକ ଝଡ଼ ଚାଲୁଥିବାର ଦେଖିବାକୁ ମିଳେ। ବୃହସ୍ପତିର ବିଶାଳ ଲୋହିତ ଝଡ଼ ପୃଥିବୀ ଆକାରର ପ୍ରାୟ ୩ ଗୁଣା ବଡ଼ ଅଟେ। ଶନି ନିଜର ବୃହତ ବଳୟ ଯୋଗୁ ପରିଚିତ। ଶନିର ୮୨ଟି ବରଫାବୃତ ପ୍ରାକୃତିକ ଉପଗ୍ରହ ଥିବାର ଜଣାଯାଏ। ତା' ଛଡ଼ା ଶନି ବଳୟ ଗଠନ କରୁଥିବା ବରଫ ଓ ପଥର ଖଣ୍ଡଗୁଡ଼ିକୁ ଶନିର ଅତି କ୍ଷୁଦ୍ର ଉପଗ୍ରହ ବୋଲି କୁହାଯାଇପାରେ। ଏହାପରେ ୟୁରାନସ୍ ଯାହା ବାହ୍ୟ ଗ୍ରହମାନଙ୍କ ମଧ୍ୟରେ ସବୁଠୁ ଛୋଟ ଓ ଏହାର ବସ୍ତୁତ୍ୱ ପୃଥିବୀର ୧୪ ଗୁଣା ଅଟେ। ଗ୍ରହ ପୃଷ୍ଠତଳ ମୁଖ୍ୟତଃ ବରଫାବୃତ। ୟୁରେନସର ୨୭ଟି ଜଣାଥିବା ଉପଗ୍ରହ ଅଛି। ଏହାପରେ ନେପଚୁନ ଯାହା ପୃଥିବୀ ବସ୍ତୁତ୍ୱର ୧୭ ଗୁଣା ଅଟେ। ନେପଚୁନର ୧୪ଟି ଜଣାଥିବା ଉପଗ୍ରହ ଅଛି।ଏହାପରେ ସୌରଜଗତ ରେ ଆଉ ଏକ ଉପାଦାନ ଅଛି ଧୂମକେତୁ। ସୌରଜଗତର ଏହି ସଦଶ୍ୟମାନେ ଛୋଟ ଓ ବରଫାବୃତ ଅଟନ୍ତି। ଏମାନଙ୍କ ପରିକ୍ରମଣ ପଥ ବେଶୀ ଚେପଟା ଯେମିତି ସର୍ବାଧିକ ଦୂରତା ପ୍ଲୁଟୋ ବାହାରେ ଓ ସର୍ବନିମ୍ନ ଦୂରତା ଆଭ୍ୟନ୍ତରୀଣ ସୌରମଣ୍ଡଳରେ ଥାଏ। ଆଭ୍ୟନ୍ତରୀଣ ସୌରମଣ୍ଡଳରେ ପ୍ରବେଶ କଲେ ସୌର ଉତ୍ତାପ ଯୋଗୁ ଘନୀଭୂତ ବରଫ ବାଷ୍ପରେ ପରିଣତ ହୋଇ ସୁଦୃଶ୍ୟ ଲାଞ୍ଜ ତିଆରି କରେ। ସେଥିପାଇଁ ଏମାନଙ୍କୁ ଲଞ୍ଜାତାରା କୁହାଯାଏ।

ଅରଙ୍ଗାବାଦ ବରୀ ଯାଜପୁର
ମୋବାଇଲ - ୯୯୩୮୯୦୬୦୭୦

# ଟିଆରଏଫଙ୍କୁ ଟ୍ରମ୍ପଙ୍କ ଶକ୍ତ ପ୍ରହାର



ସୌଭାଗ୍ୟ ରଞ୍ଜନ ମହାନ୍ତି(ରାଜା)

ଗଲା ଏପ୍ରିଲ ମାସ ୨୨ତାରିଖ ଦିନ ପହଲଗାଁଓ ଆତଙ୍କବାଦୀ ଆକ୍ରମଣ ପାଇଁ ନିଜକୁ ଦାୟୀ କରିଥିବା 'ଦି ରେଜିଷ୍ଟାନ୍ସ ଫ୍ରଂଟ'(ଟିଆରଏଫ) ସଂଗଠନକୁ ଏକ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ) ଏବଂ ସ୍ପେଶାଲ ଡେଜିଗ୍ନେଟଡ୍ ଗ୍ଲୋବାଲ ଟେରରିଷ୍ଟ (ଏସଡିଜିଟ୍) ଭାବେ ଆମେରିକାର ଘୋଷଣା କେବଳ ଆତଙ୍କବାଦ ବିରୁଦ୍ଧରେ ଆନ୍ତର୍ଜାତିକ ଲଢେଇକୁ ତ୍ୱରାନ୍ୱିତ କରିବ ନାହିଁ, ସୀମା ପାର ଆତଙ୍କବାଦ ବିରୁଦ୍ଧରେ ଶୂନ ସହନଶୀଳତା ନେଇ ଭାରତର ଅଭିଯାନ ପ୍ରତି ଆନ୍ତର୍ଜାତିକ ସମର୍ଥନ ହାସଲ କରିବାରେ ସହାୟତା କରିବ। ଆମେରିକାର ଏହି ନିଷ୍ପତିକୁ ସ୍ୱାଗତ କରିବା

ସହ ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଏହାକୁ ଏକ ସମୟୋପଯୋଗୀ ଏବଂ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ବୋଲି ଅଭିହିତ କରିଛି। ପ୍ରଥମତଃ ଆମେରିକାର ବୈଦେଶିକ ବିଭାଗ ପହଲଗାଁଓ ଆକ୍ରମଣ କେତେ ଗୁରୁତର ଏହା ବୁଝିପାରିଛି।

ସେହିପରି ଆତଙ୍କବାଦୀ ସଂଗଠନ ଲସ୍କର-ଇ-ତୋଇବା(ଏଲଇଟି)ର ଏକ ସମ୍ମୁଖ ଓ ଛାୟର ସଂଗଠନ ଭାବେ ଟିଆରଏଫକୁ ନାମିତ କରିଛି। ଯାହାକୁ ପାକିସ୍ଥାନ ଏକ ବିଲୁପ୍ତ ସଂଗଠନ ବୋଲି ଦାବି କରିଆସିଛି। ଏପରିକି ୨୦୦୧ ମସିହାରୁ ଆମେରିକା ଏଲଇଟି ଏବଂ ଜୈସ-ଇ ମହମ୍ମଦ(ଜେଇମଏ)କୁ ବିଦେଶୀ ଆତଙ୍କବାଦୀ ସଂଗଠନ (ଏଫଟିଓ) ଘୋଷଣା କରିଥିବା ସତ୍ୱେ ଏହି ଦୁଇ ଗୋଷ୍ଠୀ ସେହି ବର୍ଷ ଠାରୁ ଭାରତରେ ଆତଙ୍କବାଦୀ ଆକ୍ରମଣର ମାଷ୍ଟରମାଇଣ୍ଡ ଭାବେ ରହିଛନ୍ତି।

କିନ୍ତୁ ଚିନ୍ତାର ବିଷୟ ପାକିସ୍ଥାନର ଅନୁରୋଧରେ ଆମେରିକା ଏବଂ ପଞ୍ଚ ସ୍ଥାୟୀ ସଦସ୍ୟଙ୍କ ସହମତିରେ ଜାତିସଂଘ ନିରାପତା ପରିଷଦ (ୟୁଏନଏସସି) ପହଲଗାଁଓ ଆକ୍ରମଣ ଘଟଣାରେ ଟିଆରଏଫ ନାମକୁ ନିନ୍ଦା ପ୍ରସ୍ତାବରୁ ବାଦ ଦେଇଛି। କିନ୍ତୁ ଆମେରିକାର ଘୋଷଣା ଟିଆରଏଫକୁ ବିଦେଶୀ ଆତଙ୍କବାଦୀ ସଂଗଠନ ଭାବେ ଆଖ୍ୟା ଦେବାପାଇଁ ଜାତିସଂଘ ନିରାପତା ପରିଷଦ (ୟୁଏନଏସସି)କୁ ସହାୟତା କରିବ ବୋଲି ଭାରତ ଆଶାବାଦୀ ରହିଛି। ତେବେ ଆମେରିକାର ଘୋଷଣା ପାକିସ୍ଥାନ ପ୍ରତି ଏକ



ଶକ୍ତ ଧକ୍କା ସଦୃଶ ହୋଇଛି। ଏହା ନିସନ୍ଦେହ ଯେ, ପହଲଗାଁଓ ଆକ୍ରମଣ ପରିପ୍ରେକ୍ଷୀରେ ଆତଙ୍କବାଦ ବିରୁଦ୍ଧରେ ଟ୍ରମ୍ପ ପ୍ରଶାସନର ଏହା ଏକ ସକରାତ୍ମକ ପଦକ୍ଷେପ।

ଭାରତର 'ଅପରେସନ ସିନ୍ଦୂର'କୁ ଆମେରିକା ବହୁ କ୍ଷେତ୍ରରେ ବିରୋଧ ମଧ କରିଥିଲା। ଏପରିକି ଭାରତ -ପାକିସ୍ଥାନ ମଧ୍ୟରେ ଯୁଦ୍ଧ ବିରତି ହୋଇଥିବା ନେଇ ରାଷ୍ଟ୍ରପତି ଟ୍ରମ୍ପ ଓ ବୈଦେଶିକ ମନ୍ତ୍ରୀ ମାର୍କୋ ରୁବିଓ ବାରମ୍ବାର ଦାବି କରି ଆସୁଛନ୍ତି।

ଏପରିକି ଦୁଇ ଦେଶ ମଧ୍ୟରେ ଆଣବିକ ଯୁଦ୍ଧ ଏଡାଇବାରେ ଟ୍ରମ୍ପ ସମର୍ଥ ହୋଇଥିବା ଦାବି କରିଛନ୍ତି। ଉଲ୍ଲେଖଯୋଗ୍ୟ ଯେ, ୨୦୦୮ ମସିହା ମୁମ୍ବାଇ ଆତଙ୍କବାଦୀ ଆକ୍ରମଣ ଘଟଣାରେ ମୋଷ୍ଟ ୱାଟେଂଡ୍ ଆତଙ୍କବାଦୀ ତାହାଉର ହୁସେନ୍ ରଣାକୁ ଗଲା ଏପ୍ରିଲ ମାସରେ ଭାରତକୁ ପ୍ରତ୍ୟର୍ପଣ ଆମେରିକାର ଆତଙ୍କବାଦୀଙ୍କ ପ୍ରତି କଠୋର ଆଭିମୁଖ୍ୟର ସଂକେତ ପ୍ରଦାନ କରିଥିଲା।

ଏବେ ଟିଆରଏଫକୁ ବିଦେଶୀ ବା ଆନ୍ତର୍ଜାତିକ ଆତଙ୍କବାଦୀ ସଂଗଠନ ତାଲିକା ଭୁକ୍ତ କରିବା ଆତଙ୍କବାଦ ବିରୋଧି ଆଭିମୁଖ୍ୟ ପ୍ରତି ଆମେରିକାର ପୁନଃ ସଂକଳ୍ପବଦ୍ଧତା

ପ୍ରତିପାଦନ କରୁଛି। କିନ୍ତୁ ଆତଙ୍କବାଦୀକୁ ପାକିସ୍ଥାନର ଆର୍ଥୀକ ସହାୟତା, ପ୍ରୋତ୍ସାହନ ଓ ତାଲିମ ପ୍ରଦାନ ବନ୍ଦ ଲାଗି ଆମେରିକା ଚାପ ପ୍ରୟୋଗ କରିବା ବର୍ତମାନ ସମୟର ସବୁଠାରୁ ବଡ ଆବଶ୍ୟକତା।

କିନ୍ତୁ ଅପରେସନ ସିନ୍ଦୂର ପରେ ପାକିସ୍ଥାନର ସେନାମୁଖ୍ୟ ଅସୀମ୍ ମୁନୀରଙ୍କୁ ଟ୍ରମ୍ପ ହ୍ୱାଇଟ୍ ହାଉସରେ ମଧାହ୍ନ ଭୋଜନରେ ଅପାୟିତ କରିବା ସହ ଯେଉଁଭଳି ପ୍ରଶଂସା କଲେ, ତାହା ତାଙ୍କର ପାକିସ୍ଥାନ ପ୍ରିତୀକୁ ପଦାରେ ପକାଇଛି। ତେଣୁ ତାଙ୍କୁ ବିଶ୍ୱାସ କରାଯାଇନପାରେ। ଭାରତ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ ହସ୍ତରେ ଦମନ କରିବା

ସହ ଆତଙ୍କବାଦର ମୂଳୋତ୍ପାଟନ ପାଇଁ କୁଟନୈତିକ ସ୍ତରରେ ଉଦ୍ୟମକୁ ବଳବତର ରଖିବା ଜରୁରୀ।

ପ୍ଲଟ ନଂ-୫୮/୩୫୮୧, ଗାଙ୍ଗୋତ୍ରୀ ନଗର,
ରୋଡ ନଂ-୩, ଶିଶୁପାଳଗଡ଼, -୭୫୧୦୦୨
ମୋବାଇଲ ନଂ-୭୯୭୮୬୬୬୪୦୩

# ଚିତାଲାଗି ଅମାବାସ୍ୟା

## ଶ୍ରୀ ବିଗ୍ରହ ମାନଙ୍କ ମସ୍ତକରେ ହୁଏ ଚିତା ଲାଗି ଆଉ ଘରେ ଘରେ ହୁଏ ଗେଣ୍ଡା ପୂଜା

ସନ୍ତୋଷ କୁମାର ଦାଶ

ଆମ ଓଡ଼ିଆ ସଂସ୍କୃତି ରେ ରହିଛି ବାର ମାସରେ ତେର ପର୍ବ ପର୍ବାଣୀ। ଶ୍ରାବଣ ମାସ ର ଅମାବାସ୍ୟା ପର୍ବ ସେଥିମଧ୍ୟରୁ ଅନ୍ୟତମ। ଏହି ଅମା ବାସ୍ୟା କୁ ଚିତାଲାଗି ଅମାବାସ୍ୟା ଓ ଚିତଉ ଅମାବାସ୍ୟା ମଧ୍ଯ କୁହାଯାଇ ଥାଏ। ଓଡ଼ିଶା ଏକ କୃଷି ପ୍ରଧାନ ରାଜ୍ୟ ହୋଇଥିବାରୁ ସମସ୍ତ କୃଷକ ପରିବାର ରେ ଏହି ପର୍ବ ଖୁବ୍ ଧୁମ୍ ଧାମରେ ପାଳିତ ହୋଇଆସୁଛି।ଏହି





ସମୟ କୁ ଚାଷୀ ମାନେ ନିଜ ନିଜ ବିଲ ରେ ଚାଷ କାର୍ଯ୍ୟ ଜୋର ସୋର ରେ ଆରମ୍ଭ କରିଥାନ୍ତି। ଏହି ସମୟରେ ଧାନ ବିଲ ମାନଙ୍କ ରେ ବର୍ଷା ଜଳ ଜମା ହୋଇଥାଏ। ସେହି ଜଳ ରେ ଗେଣ୍ଡା ମାନଙ୍କର ଆତଯାତ ହେଉଥିବାରୁ ଚାଷୀ ମାନଙ୍କ ଗୋଡ଼ ଗେଣ୍ଡା ମାନଙ୍କ ଉପରେ ପଡ଼ିଥାଏ ଆଉ ଗେଣ୍ଡା ମାନେ ଚାଷୀ ମାନଙ୍କ ଗୋଡ଼ କୁ କାମୁଡି ଖଣ୍ଡିଆ କରି ଦେଇ ଥାନ୍ତି। ଫଳରେ ଚାଷୀ ମାନେ ଆହାତ ହୋଇ ଆଉ ଚାଷ କାର୍ଯ୍ୟ କରି ପାରିନଥାନ୍ତି। ଏଣୁ ପ୍ରତି ଚାଷୀ ପରିବାର ରେ ଚିତଉ ପିଠା ତିଆରି କରାଯାଇ ଗେଣ୍ଡା ମାନଙ୍କୁ ଏହି ଦିନ ପୂଜା କରାଯିବା ସହିତ ଚିତଉ ପିଠା ଖାଇବାକୁ ଦେଇ କୁହାଯାଏ ଯେ, ହେ ଗେଣ୍ଡେଇଶୁଣି, ତୁମେ ପିଠା ଭୋଗ ଖାଇ ସନ୍ତୁଷ୍ଟ ହୁଅ ଆଉ ଚାଷୀ ମାନଙ୍କ ଗୋଡ଼ କୁ କାମୁଡ଼ ନାହିଁ। ବିଶ୍‌ବାସ ରହିଛି ବିଲ, ପୋଖରୀ ରେ ଗେଣ୍ଡା ମାନଙ୍କୁ ଚିତଉ ପିଠା ଭୋଗ ଅର୍ପଣ କଲେ ଗେଣ୍ଡା ମାନେ ଆଉ ଚାଷୀ ମାନଙ୍କର କୌଣସି ଅନିଷ୍ଟ କରିନଥାନ୍ତି। ଚାଷୀ ମାନେ ନିର୍ଭୟ ରେ ନିଜ ବିଲ ରେ ଚାଷ କାର୍ଯ୍ୟ କୁ ଆଗେଇ ନେଇଥାନ୍ତି। ଏଣୁ ଏହି ପର୍ବ ସାରା ରାଜ୍ୟରେ ଚାଷୀ ମାନଙ୍କ ପର୍ବ ଭାବେ ପାଳିତ ହୋଇ ଆସୁଛି। ଅପର ପକ୍ଷରେ ଯାତ୍ରା ଭାଗବତ ସ୍ମୃତି ଗ୍ରନ୍ଥ ରେ ବର୍ଣ୍ଣିତ ହୋଇଛି ଯେ, ପୁରୀ ଶ୍ରୀ ମନ୍ଦିର ରେ ଚିତା ଲାଗି ଅମାବାସ୍ୟା ଏକ ପର୍ବ ଭାବେ ପାଳିତ ହୋଇ ଥାଏ। ସ୍ନାନ ପୂର୍ଣ୍ଣିମା ଦିନ ଶ୍ରୀବିଗ୍ରହ ଙ୍କ ଲଲାଟ ରୁ ରତ୍ନ ଖଚିତ ଚିତା ସବୁ ଉଲାଗି କରାଯାଇ ସୋଲ ର ଚିତା ଲାଗି ହୋଇଥାଏ। ସେହି ରତ୍ନ ଖଚିତ ଚିତା ସବୁ ଏହି ଶ୍ରାବଣ ମାସ ଅମାବାସ୍ୟା ଦିନ ଶ୍ରୀ ବିଗ୍ରହ ମାନଙ୍କୁ ରତ୍ନ ସିଂହାସନ ଉପରେ ଲାଗି କରା ଯାଉଥିବାରୁ ଏହି ଦିନ ଟିକୁ ଚିତା ଲାଗି ଅମାବାସ୍ୟା ବୋଲି କୁହାଯାଇ ଥାଏ।ଦଇତାପତି ସେବକ ମାନେ ଶ୍ରୀ ବିଗ୍ରହ ମାନଙ୍କୁ ରତ୍ନ ଖଚିତ ଚିତା ସବୁ ଲାଗି କରିଥାନ୍ତି। ମହାପ୍ରଭୁ ଶ୍ରୀ ଜଗନ୍ନାଥ ଙ୍କ ଚିତା ରେ ଧଳା ରଙ୍ଗର ବ୍ରହ୍ମଜ୍ୟୋତି ହୀରା ଖଚିତ ହୋଇ ଥିବା ବେଳେ ବଡ଼ ଠାକୁର ଶ୍ରୀ ବଳଭଦ୍ର ଙ୍କ ଚିତା ରେ ନୀଳ ରଙ୍ଗର ନୀଳା ଓ ଦେବୀ ସୁଭଦ୍ରା ଙ୍କ ଚିତା ରେ ଲାଲ ରଙ୍ଗର ମାଣିକ୍ୟ ଖଚିତ ହୋଇଥାଏ। ରତ୍ନ ଖଚିତ ଚିତା ସବୁ ଲାଗି ହେବା ପରେ ଶ୍ରୀ ବିଗ୍ରହ ମାନଙ୍କୁ ଚିତଉ ପିଠା ଭୋଗ ଲାଗି କରାଯାଇଥାଏ। ଏହି ସବୁ ନୀତି ଅନୁଷ୍ଠିତ ହେବାକୁ ପ୍ରାୟ ୪/୫ ଘଣ୍ଟା ସମୟ ଲାଗୁଥିବାରୁ ସେ ସମୟ ତକ ଶ୍ରୀ ମନ୍ଦିର ବନ୍ଦ ରଖା ଯାଇଥାଏ।ଶ୍ରୀ ଜୀଉ ମାନଙ୍କୁ ବନ୍ଦାପନା କରା ଯିବା ପରେ ମନ୍ଦିର ଦ୍‌ବାର ଫିଟିଥାଏ। ଶ୍ରାବଣ ମାସ ର ଅମାବାସ୍ୟା କୁ ଚିତଉ ଅମାବାସ୍ୟା ଓ ଚିତା ଲାଗି ଅମାବାସ୍ୟା ଭାବେ ପାଳନ କରାଯାଇ ଆସୁଛି କାହିଁ କେତେ କାଳରୁ।

ଜୟ ଜଗନ୍ନାଥ ସ୍ୱାମୀ।।

ତୁଳସୀପୁର। ପୁରୀ।
୯୪୩୯୩୬୧୮୮।

## ୫ ବର୍ଷ ପରେ ଚୀନ୍ ନାଗରିକଙ୍କୁ ଭିସା ଦେବେ ଭାରତ ସରକାର



ନୂଆଦିଲ୍ଲୀ/ବେଜିଂ,୨୩।୭: ଭାରତ ସରକାର ଦୀର୍ଘ ପାଞ୍ଚ ବର୍ଷ ପରେ ଚୀନ ନାଗରିକଙ୍କୁ ପର୍ଯ୍ୟଟନ ଭିସା ପ୍ରଦାନ କରିବାକୁ ଘୋଷଣା କରିଛନ୍ତି। ଏହି ପ୍ରକ୍ରିୟା ୨୪ ଜୁଲାଇ, ୨୦୨୫ ରୁ ପୁନଃ ଆରମ୍ଭ ହେବ। ବେଜିଂରେ ଥିବା ଭାରତୀୟ ଦୂତାବାସ ବୁଧବାର ଏହି ନିଷ୍ପତ୍ତି ବିଷୟରେ ସୂଚନା ଦେଇଛି। ଉଲ୍ଲେଖନୀୟ ଯେ ୨୦୨୦ ମାର୍ଚ୍ଚରେ ଭାରତ କୋଭିଡ-୧୯ ମହାମାରୀ ସମୟରେ ସଂକ୍ରମଣକୁ ରୋକିବା ପାଇଁ ସମସ୍ତ ପର୍ଯ୍ୟଟନ ଭିସାକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖିଥିଲା। ସେବେଠାରୁ ଚୀନ ନାଗରିକଙ୍କ ପାଇଁ ଭିସା ସେବା ବନ୍ଦ କରିଦିଆଯାଇଥିଲା। ଦୂତାବାସ ସ୍ପଷ୍ଟ କରିଛି ଯେ ବେଜିଂରେ ଥିବା ଭାରତୀୟ ଭିସା କେନ୍ଦ୍ରରେ ପାସପୋର୍ଟ ଫେରସ୍ତ ପାଇଁ ଆବେଦନ କରିବା ସମୟରେ ଏକ ବିଧିବଦ୍ଧ 'ପାସପୋର୍ଟ ପ୍ରତ୍ୟାହାର ପତ୍ର' ବାଧ୍ୟତାମୂଳକ ହେବ। ୨୦୨୦ ଜୁନରେ କୋଭିଡ-୧୯ ମହାମାରୀ ଏବଂ ଗାଲୱାନ ଉପତ୍ୟକାରେ ଭାରତ ଏବଂ ଚୀନ ମଧ୍ୟରେ ହିଂସାତ୍ମକ ସଂଘର୍ଷ ପରେ ଦୁଇ ଦେଶ ମଧ୍ୟରେ ଯାତ୍ରା ଏବଂ ପାରସ୍ପରିକ ଯୋଗାଯୋଗ ପ୍ରାୟ ସ୍ଥଗିତ ହୋଇଯାଇଥିଲା। ବିଗତ ବର୍ଷଗୁଡ଼ିକରେ, ଚୀନ ଭାରତୀୟ ଛାତ୍ର ଏବଂ ବ୍ୟବସାୟୀଙ୍କୁ ଭିସା ଦେବା ଆରମ୍ଭ କରିଥିଲା, କିନ୍ତୁ ସାଧାରଣ ଯାତ୍ରା ଉପରେ କଟକଣା ଜାରି ରହିଥିଲା। ଗଲୱାନ ଉପତ୍ୟକା ଘଟଣା ପରେ, ୧୯୬୨ ଯୁଦ୍ଧ ପରଠାରୁ ଦୁଇ ଦେଶ ମଧ୍ୟରେ ସମ୍ପର୍କ ସବୁଠାରୁ ଖରାପ ସ୍ଥିତିରେ ପହଞ୍ଚିଥିଲା। ତଥାପି, ପରେ ଅନେକ ପର୍ଯ୍ୟାୟ କୂଟନୈତିକ ଏବଂ ସାମରିକ ଆଲୋଚନା ମାଧ୍ୟମରେ, ପାଙ୍ଗୋଙ୍ଗ ହ୍ରଦ, ଗଲୱାନ ଏବଂ ହଟ ସ୍ପ୍ରିଙ୍ଗସ ଭଳି ଅନେକ ଉତ୍ତେଜନାପୂର୍ଣ୍ଣ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର କରାଯାଇଥିଲା। ଅକ୍ଟୋବର ୨୦୨୪ରେ, ଡେପସାଙ୍ଗ ଏବଂ ଡେମଚୋକ ଅଞ୍ଚଳରୁ ସୈନ୍ୟ ପ୍ରତ୍ୟାହାର ପାଇଁ ମଧ୍ୟ ଏକ ଚୁକ୍ତି ହୋଇଥିଲା। ଏହାର କିଛି ଦିନ ପରେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ଚୀନ ରାଷ୍ଟ୍ରପତି ସି ଜିନପିଙ୍ଗ ଋଷିଆର କାଜାନରେ ସାକ୍ଷାତ କରିଥିଲେ, ଯେଉଁଥିରେ ଦ୍ୱିପାକ୍ଷିକ ସମ୍ପର୍କକୁ ପୁଣିଥରେ ଟ୍ରାକକୁ ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଥିଲା।

# ତିନି ଦିନରେ ଅପଚୟ ହେଲାଣି ୨୩ କୋଟି




ନୂଆଦିଲ୍ଲୀ,୨୩।୭: ସଂସଦର ମୌସୁମୀ ଅଧିବେଶନ ଆରମ୍ଭରୁ ହିଁ ବିବାଦୀୟ ହୋଇଛି। ମାତ୍ର ତିନି ଦିନରେ ବାଧାପ୍ରାପ୍ତି ଯୋଗୁଁ ଟିକସ ଦାତାଙ୍କ ପାଖରୁ ୨୩ କୋଟି ଟଙ୍କାରୁ ଅଧିକ ଖର୍ଚ୍ଚ ହୋଇଛି। ପୂର୍ବତନ ସାଂସଦୀୟ ବ୍ୟାପାର ମନ୍ତ୍ରୀ ପାୱାନ ବଂଶଲଙ୍କ ୨୦୧୨ର ହିସାବ ଅନୁଯାୟୀ, ସଂସଦ ଚାଲୁଥିବା ସମୟରେ ପ୍ରତି ମିନିଟରେ ୨.୫ ଲକ୍ଷ ଟଙ୍କା ଖର୍ଚ୍ଚ ହୁଏ, ଯାହା ଲୋକସଭା ଓ ରାଜ୍ୟସଭା ପାଇଁ ପ୍ରତ୍ୟେକ ମିନିଟରେ ୧.୨୫ ଲକ୍ଷ ଟଙ୍କା ହିସାବରେ ବିଭକ୍ତ। ଏହି ଆକଳନ ଏକ ଦଶନ୍ଧି ପୂର୍ବର, କିନ୍ତୁ ନୂଆ ତଥ୍ୟର ଅଭାବରୁ ଏହା ଆଧାରରେ ହିସାବ କରାଯାଇଛି।

ମୌସୁମୀ ଅଧିବେଶନ ସୋମବାରଠାରୁ ଆରମ୍ଭ ହୋଇଛି। ବିହାରରେ ନିର୍ବାଚନୀ ତାଲିକାର ସ୍ୱତନ୍ତ୍ର ନିବିଡ଼ ସଂଶୋଧନ (ଏସଆଇଆର) ଏବଂ ଜମ୍ମୁ-କାଶ୍ମୀରର ପାହାଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ ଭାରତର ଅପରେସନ ସିନ୍ଦୁର ଉପରେ ଆଲୋଚନା ଦାବି ଦୁଇଟି ପ୍ରମୁଖ ପ୍ରସଙ୍ଗ ଯାହା ଉଭୟ ଗୃହରେ, ବିଶେଷକରେ ଲୋକସଭାରେ, ବାଧା ସୃଷ୍ଟି କରିଛି। ବିପକ୍ଷ ଦଳମାନେ ବିହାର ଏସଆଇଆରକୁ ଶାସକ ଗଠଜୋଟର ସ୍ୱାର୍ଥରେ ଏକ ଷଡ଼ଯନ୍ତ୍ର ବୋଲି ଅଭିଯୋଗ କରିଛନ୍ତି।

ପ୍ରତି ଗୃହ ଦୈନିକ ୬ ଘଣ୍ଟା (ମଧ୍ୟାହ୍ନ ଭୋଜନ ପାଇଁ ୧ ଘଣ୍ଟା ବାଦ ଦେଇ) କାର୍ଯ୍ୟ କରିବା ଆବଶ୍ୟକ। ତିନି ଦିନରେ ଉଭୟ ଗୃହ ମୋଟ ୧୮ ଘଣ୍ଟା କାର୍ଯ୍ୟ କରିବା କଥା। କିନ୍ତୁ, ପିଆରଏସ ଲେଜିସଲେଟିଭ ରିସର୍ଚ୍ଚର ତଥ୍ୟ ଅନୁଯାୟୀ, ରାଜ୍ୟସଭା ମାତ୍ର ୪.୪ ଘଣ୍ଟା ଓ ଲୋକସଭା ମାତ୍ର ୦.୯ ଘଣ୍ଟା (୫୪ ମିନିଟ) କାର୍ଯ୍ୟ କରିଛି। ଏହା ଅର୍ଥ, ରାଜ୍ୟସଭାରେ ୮୧୬ ମିନିଟର କ୍ଷତି (୧.୨୫ ଲକ୍ଷ ଟଙ୍କା ପ୍ରତି ମିନିଟ ହିସାବରେ) ୧୦.୨ କୋଟି ଟଙ୍କା ଏବଂ ଲୋକସଭାରେ ୧୦୨୬ ମିନିଟର କ୍ଷତି ୧୨.୮୩ କୋଟି ଟଙ୍କା ଖର୍ଚ୍ଚ ହୋଇଛି। ମୋଟାମୋଟି ଭାବେ, ତିନି ଦିନର ବାଧାପ୍ରାପ୍ତି ଯୋଗୁଁ ଟିକସ ଦାତାଙ୍କ ପାଖରୁ ୨୩ କୋଟି ଟଙ୍କା ନଷ୍ଟ ହୋଇଛି।

ମଙ୍ଗଳବାର ସାଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିପକ୍ଷଙ୍କୁ ଟିକସ ଦାତାଙ୍କ ଅର୍ଥ ନଷ୍ଟ କରିବା ଅଭିଯୋଗରେ ସମାଲୋଚନା କରିଥିଲେ। ସେ କହିଥିଲେ, "ବିଜିନେସ ଆଡଭାଇଜରୀ ମିଟିଂରେ ଅପରେସନ ସିନ୍ଦୁର ଉପରେ ଆଲୋଚନା ପାଇଁ ସମୟ ନିର୍ଦ୍ଧାରଣ କରାଯାଇଥିଲା। ସମସ୍ତ ପ୍ରସଙ୍ଗ ଏକାସାଙ୍ଗରେ ଆଲୋଚନା ହୋଇପାରିବ ନାହିଁ। ତଥାପି, ବିପକ୍ଷ ସହଯୋଗ କରିବା ବଦଳରେ ପ୍ଲାକାର୍ଡ ଧରି ଗୃହରେ ବାଧା ସୃଷ୍ଟି କଲେ।" ସେ ଆହୁରି କହିଥିଲେ, "ସେମାନେ ବାଲିଶ ଧରି ବିକ୍ଷୋଭ କରୁଛନ୍ତି, ପ୍ଲାକାର୍ଡ ଦେଖାଉଛନ୍ତି, ଯାହା ଅଗ୍ରହଣୀୟ। ଯଦି ସେମାନେ ଆଲୋଚନା ଚାହୁଁଛନ୍ତି ଓ ଆମେ ପ୍ରସ୍ତୁତ, ତେବେ ଗୃହରେ ବାଧା କାହିଁକି?"

ଅନ୍ୟପକ୍ଷରେ, କଂଗ୍ରେସ ସାଂସଦ ରଣଦୀପ ସୁରଜେୱାଲା ସରକାରଙ୍କୁ ସଂସଦ ଚଳାଇବାକୁ ନ ଦେବା ଓ ଆଲୋଚନାକୁ ବାଧା ଦେବାରେ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, "ବିହାରର ୫୨ ଲକ୍ଷ ଭୋଟରଙ୍କ ନାମ କଟାଯାଉଛି। ଏହା କ'ଣ ଗଣତନ୍ତ୍ରକୁ ସମାପ୍ତ କରିବାର ଷଡ଼ଯନ୍ତ୍ର ନୁହେଁ? ଏହା ଦେଶରେ ଗଣତନ୍ତ୍ରକୁ ଶେଷ କରିବାର ସରକାରୀ ଉଦ୍ଦେଶ୍ୟକୁ ପ୍ରମାଣ କରୁଛି। ଆମେ କେବଳ ଏହା ଉପରେ ଆଲୋଚନା ଚାହୁଁଛୁ।"

ବିହାର ଏସଆଇଆର ଓ ଅପରେସନ ସିନ୍ଦୁର ପ୍ରସଙ୍ଗବିପକ୍ଷ ଦଳମାନେ ବିହାରରେ ନିର୍ବାଚନୀ ତାଲିକାର ଏସଆଇଆରକୁ ରାଜନୈତିକ ଉଦ୍ଦେଶ୍ୟପ୍ରଣୋଦିତ ବୋଲି ଅଭିଯୋଗ କରିଛନ୍ତି। କଂଗ୍ରେସ ସାଂସଦ ମାନିକମ ଟାଗୋର ଏହାକୁ "ଗଣତାନ୍ତ୍ରିକ ଅଧିକାର ପାଇଁ ବିପଦ" ବୋଲି ଅଭିହିତ କରି ତୁରନ୍ତ ଆଲୋଚନା ପାଇଁ ଅଧିବେଶନ ସ୍ଥଗିତ ପ୍ରସ୍ତାବ ଦାଖଲ କରିଛନ୍ତି। ସେ ଏହାକୁ ଔପନିବେଶିକ ଯୁଗର ସମୟ ସହ ତୁଳନା କରିଛନ୍ତି, ଯେତେବେଳେ କେବଳ ଧନୀମାନେ ଭୋଟ ଦେବାର ଅଧିକାର ପାଇଥିଲେ।

ଅପରେସନ ସିନ୍ଦୁର ଉପରେ ସରକାର ୧୬ ଘଣ୍ଟିଆ ଆଲୋଚନା ପାଇଁ ରାଜି ହୋଇଥିବା ବେଳେ, ବିହାର ଏସଆଇଆର ଉପରେ ଆଲୋଚନା ପାଇଁ କୌଣସି ନିଷ୍ପତ୍ତି ନେଇ ନାହାନ୍ତି। ନିର୍ବାଚନ ଆୟୋଗ ଏହି ସଂଶୋଧନକୁ ସାମ୍ବିଧାନିକ କର୍ତ୍ତବ୍ୟ ବୋଲି ଦାବି କରିଛନ୍ତି ଏବଂ ତାଲିକା ସଂଶୋଧନ ପାଇଁ ସମୟ ରହିଛି ବୋଲି କହିଛନ୍ତି। ତେବେ, ବିପକ୍ଷ ଏହାକୁ ଭୋଟରଙ୍କୁ ବାଛିବାର ଏକ ଚାଲ ବୋଲି ଅଭିଯୋଗ କରିଛନ୍ତି।

ଜଗଦୀପ ଧନଖଡ଼ଙ୍କ ଇସ୍ତଫା ପ୍ରସଙ୍ଗଏହା ମଧ୍ୟରେ, ଉପରାଷ୍ଟ୍ରପତି ତଥା ରାଜ୍ୟସଭା ଅଧ୍ୟକ୍ଷ ଜଗଦୀପ ଧନଖଡ଼ଙ୍କ ଅଚାନକ ଇସ୍ତଫା ମଧ୍ୟ ସଂସଦରେ ଚର୍ଚ୍ଚାର ବିଷୟ ହୋଇଛି। ସେ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ସୋମବାର ଇସ୍ତଫା ଦେଇଥିଲେ, କିନ୍ତୁ ବିପକ୍ଷ ଦାବି କରିଛନ୍ତି ଯେ ଏହା ପଛରେ ରାଜନୈତିକ ଚାପ ରହିଛି। ଏହି ଘଟଣା ସଂସଦୀୟ ବାଧାପ୍ରାପ୍ତିକୁ ଆହୁରି ଜଟିଳ କରିଛି।

ମୌସୁମୀ ଅଧିବେଶନ ଜୁଲାଇ ୨୧ରୁ ଅଗଷ୍ଟ ୨୧ ପର୍ଯ୍ୟନ୍ତ ୩୨ ଦିନରେ ୨୧ଟି ବୈଠକ ସହିତ ଚାଲିବ। ତେବେ, ବର୍ତ୍ତମାନର ବାଧାପ୍ରାପ୍ତି ଜାରି ରହିଲେ ଆଗାମୀ ଦିନରେ ଆହୁରି ଅଧିକ ଆର୍ଥିକ କ୍ଷତି ହେବାର ଆଶଙ୍କା ରହିଛି।

## ଗାଜିଆବାଦରେ ନକଲି ଦୂତାବାସ ଠାବ

### ମାଲିକ ଗିରଫ,ଦାମୀ କାର୍ ଓ ଟଙ୍କା ଜବତ



ନୂଆଦିଲ୍ଲୀ, ୨୩।୭: ନକଲି ଦୂତାବାସ କରି ଲୋକଙ୍କୁ ଠକୁଥିବା କଥା ହୁଏତ ଆପଣ ଜାଣିନଥିବେ। ଗାଜିଆବାଦରେ ଚାଲିଥିବା ଏକ ବେଆଇନ ଦୂତାବାସକୁ ୟୁପି ଏସଟିଏଫର ନୋଏଡା ୟୁନିଟ୍ ଦ୍ୱାରା ଠାବ କରାଯାଇଛି। ଦୂତାବାସ କରିଥିବା ମାଲିକ ହର୍ଷବର୍ଦ୍ଧନ ଜୈନଙ୍କୁ ଗିରଫ କରାଯାଇଛି ।

ଖବର ମୁତାବକ, ୟୁପି ଏସ୍‌ଟିଏଫ୍ ଗାଜିଆବାଦରେ ଚାଲିଥିବା ଏକ ବେଆଇନ ଦୂତାବାସର ପର୍ଦ୍ଦାଫାଶ କରିଛି । ଗାଜିଆବାଦର କବିନଗରରେ ଏକ ଭଡା ଘର ନେଇ ନିଜକୁ ପଶ୍ଚିମ ଆର୍କଟିକା, ସାବୋର୍ଗା, ପୋଲଭିଆ, ଲୋଡୋନିଆ ଭଳି ଦେଶର କନସଲ/ରାଜଦୂତ କହି ଏକ ବେଆଇନ ପଶ୍ଚିମ ଆର୍କଟିକ ଦୂତାବାସ ଚଳାଉଥିବା ବ୍ୟକ୍ତିଙ୍କୁ ଗିରଫ କରିଛି। ଏହାସହିତ କୁଟନୈତିକ ନମ୍ବର ପ୍ଲେଟ୍ ଥିବା ଯାନରେ ଲାଗିଥିବା ଅନେକ କାର ମଧ୍ୟ ଜବତ ହୋଇଛି ।

ତାଙ୍କ ପାଖରେ ବିଭିନ୍ନ ଦେଶର ୧୨ଟି କୂଟନୈତିକ ପାସପୋର୍ଟ ରହିଛି। ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟର ମୋହର ଥିବା ଜାଲ୍ ଡକ୍ୟୁମେଣ୍ଟ ମଧ୍ୟ ତାଙ୍କ ଅଫିସରୁ ଜବତ ହୋଇଛି । ତାଙ୍କ ନିକଟରୁ ଦୁଇଟି ନକଲି ପାନକାର୍ଡ, ବିଭିନ୍ନ ଦେଶ ଏବଂ କମ୍ପାନୀର ୩୪ଟି ସିଲ୍ ରହିଛି । ଦୁଇଟି ନକଲି ପ୍ରେସ୍ କାର୍ଡ ସହିତ ନଗଦ ୪୪,୭୦,୦୦୦ ଟଙ୍କା ରହିଛି । ଅନେକ ଦେଶର ବିଦେଶୀ ମୁଦ୍ରା । ଅନେକ କମ୍ପାନୀର ଡକ୍ୟୁମେଣ୍ଟ ଉଦ୍ଧାର କରାଯାଇଛି, ଉତ୍ତର ପ୍ରଦେଶର ଏଡିଜି ସୂଚନା ଦେଇଛନ୍ତି ।

ସବୁଠାରୁ ଆଶ୍ଚର୍ଯ୍ୟକର କଥା ହେଉଛି, ବ୍ୟକ୍ତି ଜଣକ ଯେଉଁ ଦେଶ ନାମ କହୁଛନ୍ତି, ସେମିତି କିଛି ଦେଶ ବିଶ୍ୱରେ ହିଁ ନାହିଁ । ବ୍ୟକ୍ତି ଜଣକ ଲୋକମାନଙ୍କୁ ପ୍ରଭାବିତ କରିବା ପାଇଁ ପ୍ରଧାନମନ୍ତ୍ରୀ, ରାଷ୍ଟ୍ରପତି ଏବଂ ଅନ୍ୟ କେତେକ ଜଣାଶୁଣା ରାଜନୈତିକ ଲୋକଙ୍କ ସହିତ ଫଟୋ ମର୍ଫ କରି ଲଗାଛନ୍ତି । ଅନେକ ଥର ଲୋକମାନେ ତାଙ୍କୁ ଦୂତାବାସର ଅଧିକାରୀ ବୋଲି ଭାବନ୍ତି ମଧ୍ୟ ।

ସୂଚନାଯୋଗ୍ୟ, ୨୦୧୧ରେ ହର୍ଷବର୍ଦ୍ଧନ ଅବୈଧ ସାଟେଲାଇଟ ଫୋନ ମଧ୍ୟ ଜବତ କରାଯାଇଥିଲା । ଏହା ବିରୋଧରେ ଥାନାରେ ମାମଲା ରୁଜୁ ହୋଇଛି ।

## ଭରଣପୋଷଣ ଦାବି କରୁଥିବା ଶିକ୍ଷିତା ମହିଳାଙ୍କୁ ସୁପ୍ରିକୋର୍ଟଙ୍କ ଭର୍ତ୍ସନା



ନୂଆଦିଲ୍ଲୀ, ୨୩।୭: ସୁପ୍ରିମକୋର୍ଟ ସୋମବାର ଏକ ମାମଲାର ଶୁଣାଣି କରି କହିଛନ୍ତି, ଯୋଗ୍ୟ ମହିଳାମାନେ ସେମାନଙ୍କ ଜୀବିକା ନିର୍ବାହ ପାଇଁ ରୋଜଗାର କରିବା ଉଚିତ। ଛାଡ଼ପତ୍ର ପରେ ଉଚ୍ଚ ଶିକ୍ଷିତା ମହିଳାମାନେ ସ୍ୱାମୀଙ୍କଠାରୁ ଭରଣପୋଷଣ ଦାବି କରିବା ଉଚିତ ନୁହେଁ। ପ୍ରଧାନ ବିଚାରପତି ବି.ଆର୍. ଗବଇ ଭରଣପୋଷଣ ସମ୍ବନ୍ଧୀୟ ଏକ ମାମଲାର ଶୁଣାଣି କରି ଜଣେ ମହିଳାଙ୍କୁ ଭର୍ତ୍ସନା କରି କହିଛନ୍ତି, ଆପଣ ଏତେ ଉଚ୍ଚଶିକ୍ଷିତା। ଏମ୍‌ବିଏ କରିଛନ୍ତି। ଭରଣପୋଷଣ ଦାବି କରିବା ଅପେକ୍ଷା ନିଜେ ରୋଜଗାର କାହିଁକି କରୁନାହାନ୍ତି। ହାଇଦ୍ରାବାଦ, ବେଙ୍ଗାଲୁରୁ ପରି ସହରରେ ଥିବା ଆଇଟି କ୍ଷେତ୍ରରେ ଆପଣଙ୍କ ପରି ଉଚ୍ଚଶିକ୍ଷିତା ମହିଳାଙ୍କ ଚାହିଦା ଅଧିକ। ଆପଣଙ୍କର ବିବାହ ମାତ୍ର ୧୮ ମାସ ତିଷ୍ଠିଛି। ଏହାସତ୍ତ୍ୱେ ବି ଆପଣଙ୍କୁ ବିଏମ୍‌ଡବ୍ଲ୍ୟୁ କାର୍ ଦରକାର ବୋଲି କହି ପ୍ରଧାନ ବିଚାରପତି ଜଷ୍ଟିସ୍ ଗବଇ ମହିଳାଙ୍କ ଉପରେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଉକ୍ତ ମାମଲାରେ ମହିଳା ଜଣଙ୍କ ୧୮ ମାସ ମଧ୍ୟରେ ନିଜ ସ୍ୱାମୀଙ୍କଠାରୁ ଅଲଗା ହୋଇଥିଲେ। ସେ ନିଜର ଭରଣପୋଷଣ ପାଇଁ ସ୍ୱାମୀଙ୍କଠାରୁ ୧୨ କୋଟି ଟଙ୍କା, ମୁମ୍ବାଇରେ ଏକ ଫ୍ଲାଟ୍ ଏବଂ ଏକ ବିଏମ୍‌ଡବ୍ଲ୍ୟୁ କାର୍ ଦାବି କରିଥିଲେ।

## ଶତ୍ରୁତା ପରେ ବି ବାଂଲାଦେଶକୁ ସାହାଯ୍ୟ କରିବ ଭାରତ



ଢାକା/ନୂଆଦିଲ୍ଲୀ,୨୩।୭: ଭାରତ ମଧ୍ୟ ବିପଦ ସମୟରେ ତାର ଶତ୍ରୁକୁ ସମର୍ଥନ କରିଛି। ଭାରତ ବାଂଲାଦେଶ ସହିତ ସମାନ କିଛି କରିବାକୁ ଯାଉଛି। ପ୍ରକୃତରେ, ଭାରତ ସରକାର ସୋମବାର (ଜୁଲାଇ ୨୧, ୨୦୨୫) ବାଂଲାଦେଶର ରାଜଧାନୀ ଢାକାରେ ଘଟିଥିବା ବିମାନ ଦୁର୍ଘଟଣାର ଆହତମାନଙ୍କୁ ଚିକିତ୍ସା କରିବା ପାଇଁ ଡାକ୍ତର ଏବଂ ନର୍ସମାନଙ୍କର ଏକ ଟିମ୍ ପଠାଉଛି। ଯାହା ଆହତମାନଙ୍କୁ ଉପଯୁକ୍ତ ଚିକିତ୍ସା ଯୋଗାଇପାରିବ, ଯାହା ଦ୍ୱାରା ସେମାନେ ଯଥାଶୀଘ୍ର ସୁସ୍ଥ ହୋଇପାରିବେ। ସୂଚନାଯୋଗ୍ୟ, ସୋମବାର ବାଂଲାଦେଶୀ ବାୟୁସେନାର ଏକ ତାଲିମଦାତା ଯୁଦ୍ଧ ବିମାନ ଢାକାର ଏକ ସ୍କୁଲ କୋଠାରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଦୁର୍ଘଟଣାରେ ଅନେକ ଲୋକ ମୃତ୍ୟୁବରଣ କରିଥିବା ବେଳେ ଡଜନ ଡଜନ ଲୋକ ଆହତ ହୋଇଛନ୍ତି। ମୃତ୍ୟୁବରଣ କରିଥିବା ଏବଂ ଆହତ ହୋଇଥିବା ଲୋକଙ୍କ ମଧ୍ୟରେ ବହୁ ସଂଖ୍ୟାରେ ପିଲା ଅଛନ୍ତି। କାରଣ ଯୁଦ୍ଧ ବିମାନଟି ସ୍କୁଲ କୋଠା ଉପରେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଏହି ଅସୁବିଧା ସମୟରେ, ଭାରତ ବାଂଲାଦେଶକୁ ସାହାଯ୍ୟର ହାତ ବଢାଇଛି। ଭାରତର ବୈଦେଶିକ ମନ୍ତ୍ରଣାଳୟ ମଙ୍ଗଳବାର ଏହି ସୂଚନା ଦେଇଛି। ବୈଦେଶିକ ମନ୍ତ୍ରଣାଳୟ କହିଛି, 'ଆବଶ୍ୟକୀୟ ଚିକିତ୍ସା ସହାୟତା ସହିତ, ପୋଡ଼ା ବିଶେଷଜ୍ଞ ଡାକ୍ତର ଏବଂ ନର୍ସଙ୍କ ଏକ ଦଳ ଶୀଘ୍ର ବାଂଲାଦେଶର ରାଜଧାନୀ ଢାକାକୁ ପୀଡିତଙ୍କ ଚିକିତ୍ସା ପାଇଁ ଯିବେ। ଦଳରେ ସାମିଲ ବର୍ନ ଏକ୍ସପର୍ଟ ଡାକ୍ତରମାନେ ନିଆଁରେ ପୋଡ଼ିଯାଇଥିବା ଲୋକଙ୍କ ଚିକିତ୍ସାରେ ବିଶେଷଜ୍ଞ। ଏହି ସମୟରେ, ଡାକ୍ତରଙ୍କ ଦଳ ରୋଗୀଙ୍କ ଅବସ୍ଥା ମୂଲ୍ୟାଙ୍କନ କରିବେ ଏବଂ ଆବଶ୍ୟକତା ଅନୁସାରେ ଅଧିକ ଚିକିତ୍ସା ପାଇଁ ଭାରତ ପଠାଇବେ ଏବଂ ସ୍ୱତନ୍ତ୍ର ଯତ୍ନ ନେବେ।' କୁହାଯାଉଛି ଯେ ବାଂଲାଦେଶକୁ ସାହାଯ୍ୟ କରିବା ପାଇଁ ଢାକା ଯାଉଥିବା ଦଳରେ ଦିଲ୍ଲୀର ଦୁଇଜଣ ଡାକ୍ତର ସାମିଲ ଅଛନ୍ତି। ଏହି ଡାକ୍ତରଙ୍କ ମଧ୍ୟରୁ ଜଣେ ରାମ ମନୋହର ଲୋହିଆ ହସ୍ପିଟାଲର ଏବଂ ଅନ୍ୟ ଜଣେ ସଫଦରଜଙ୍ଗ ହସ୍ପିଟାଲର। ସୂଚନାଯୋଗ୍ୟ, ସୋମବାର, ୨୧ ଜୁଲାଇରେ, ବାଂଲାଦେଶୀ ବାୟୁସେନାର ଏକ ତାଲିମଦାତା ଯୁଦ୍ଧ ବିମାନ ରାଜଧାନୀ ଢାକାର ମାଇଲଷ୍ଟୋନ ସ୍କୁଲ ଏବଂ କଲେଜ କୋଠା ସହିତ ଧକ୍କା ହୋଇଥିଲା। ଏହା ପରେ ବିମାନଟି ଦୁର୍ଘଟଣାଗ୍ରସ୍ତ ହୋଇ କୋଠା ଉପରେ ପଡ଼ିଥିଲା। ଏହି ଦୁର୍ଘଟଣାରେ ଏପର୍ଯ୍ୟନ୍ତ ୩୧ଜଣଙ୍କ ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ମୃତକଙ୍କ ମଧ୍ୟରେ ୨୫ ଜଣ ପିଲା ଅଛନ୍ତି। ସେହି ସମୟରେ, ୧୫୦ରୁ ଅଧିକ ଲୋକ ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ ପିଲା।

## ପୁଣି ଥରେ ଚାଲିବା ଶିଖୁଛନ୍ତି ଶୁଭାଂଶୁ ଶୁକ୍ଳା



ହାଇଦ୍ରାବାଦ,୨୩।୭: ଭାରତୀୟ ମହାକାଶଚାରୀ ଗ୍ରୁପ କ୍ୟାପ୍ଟେନ ଶୁଭାଂଶୁ ଶୁକ୍ଳା ଆକ୍ସିଓମ-୪ ମିଶନ ମାଧ୍ୟମରେ ମହାକାଶ ଗସ୍ତ କରି ଗତ ସପ୍ତାହରେ ପୃଥିବୀ ଫେରିଛନ୍ତି। ମହାକାଶରେ ମାତ୍ର ୧୮ ଦିନ ବିତାଇ ପୃଥିବୀ ପ୍ରତ୍ୟାବର୍ତ୍ତନ କରିଥିଲେ ସୁଦ୍ଧା ସେ ଠିକ ଭାବେ ଚାଲିପାରୁନଥିବା ଏକ ଭିଡିଓରେ ଦେଖିବାକୁ ମିଳିଛି, ଯାହାକୁ ଶୁକ୍ଳା ନିଜ ଇନଷ୍ଟାଗ୍ରାମ ଆକାଉଣ୍ଟରେ ସେୟାର କରିଛନ୍ତି। ପୃଥିବୀର ମାଧ୍ୟାକର୍ଷଣ ଶକ୍ତି ସହିତ ନିଜ ଶରୀରକୁ ଖାପ ଖୁଆଇ ପୁଣି ଥରେ ଚାଲିବା ଅଭ୍ୟାସ କରୁଥିବା ଦେଖିବାକୁ ମିଳିଛି। ଶୁକ୍ଳା ପୋଷ୍ଟର କ୍ୟାପସନରେ ଲେଖିଛନ୍ତି, "ମୋ ସ୍ୱାସ୍ଥ୍ୟ ସମ୍ପର୍କରେ ଜାଣିବା ଏବଂ ମୋର ଶୀଘ୍ର ଆରୋଗ୍ୟ କାମନା କରିଥିବା ଅନେକ ଶୁଭେଚ୍ଛୁଙ୍କ ମେସେଜ ମୁଁ ପାଇଛି । ଏଥିଲାଗି ଆପଣମାନଙ୍କୁ ସମସ୍ତଙ୍କୁ ମୁଁ ଧନ୍ୟବାଦ ଦେବାକୁ ଚାହୁଁଛି ଏବଂ ଏକ ଅପଡେଟ୍ ମଧ୍ୟ ଦେବାକୁ ଚାହୁଁଛି । ମାଇକ୍ରୋଗ୍ରାଭିଟି ଅନୁଭବ କରିବା ପରେ ଆମ ଶରୀର ଅନେକ ପରିବର୍ତ୍ତନ ଯେପରିକି ହୃଦସ୍ପନ୍ଦନ, ସନ୍ତୁଳନ ରକ୍ଷା କରିବା, ମାଂସପେଶୀ ହ୍ରାସ ହୋଇଥାଏ । ଏଗୁଡ଼ିକ ନୂତନ ପରିବେଶ ସହିତ ଶରୀର ପୁଣିଥରେ ଖାପଖୁଆଇବା ପ୍ରକ୍ରିୟା । ଆମର ଶରୀର ନୂତନ ସେଟିଂସ୍ ସହିତ କିପରି ଅନୁକୂଳନ କରିପାରିବ ତାହା ଦେଖି ମୁଁ ଆଶ୍ଚର୍ଯ୍ୟ ହୋଇଗଲି ।"

**■ ତେଲଙ୍ଗାନାରେ ରାଜନୈତିକ ଅସ୍ଥିରତା**

## ବିଜେପିକୁ ସମର୍ଥନ ମାଗିବାକୁ ଦିଲ୍ଲୀ ଆସୁଛନ୍ତି ରେବନ୍ତ ରେଡ୍ଡୀ



ନୂଆଦିଲ୍ଲୀ,୨୩।୭: ଦକ୍ଷିଣ ରାଜ୍ୟ ତେଲଙ୍ଗାନାରେ ଦେଖାଯାଇଛି ରାଜନୈତିକ ଅସ୍ଥିରତା। ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ଏ. ରେବନ୍ତ ରେଡ୍ଡୀ ମଧ୍ୟ ତାଙ୍କର ବିଶେଷ ପ୍ରସ୍ତୁତି ସହିତ ଦିଲ୍ଲୀ ଆସୁଛନ୍ତି। ତାଙ୍କ ପ୍ରତିନିଧିଙ୍କ ସହିତ ଦିଲ୍ଲୀରେ ରହଣି ସମୟରେ, ମୁଖ୍ୟମନ୍ତ୍ରୀ ରେଡ୍ଡୀ କେବଳ ତାଙ୍କ ଦଳର ନେତାମାନଙ୍କୁ ଭେଟିବେ ନାହିଁ, ବରଂ ଭାରତୀୟ ଜନତା ପାର୍ଟି (ଭାଜପା) ଏମପିଙ୍କୁ ମଧ୍ୟ ଭେଟି ସମର୍ଥନ ଲୋଡିବେ।

ମୁଖ୍ୟମନ୍ତ୍ରୀ ରେଡ୍ଡୀ ଆଜି ଅପରାହ୍ନରେ ଦିଲ୍ଲୀ ପହଞ୍ଚିବେ ବୋଲି ଆଶା କରାଯାଉଛି। ରେଡ୍ଡୀ ଆସନ୍ତାକାଲି ରାଜଧାନୀ ଦିଲ୍ଲୀରେ ରହିବେ ଯେଉଁଠାରେ ସେ ଜାତି ଜନଗଣନା ପ୍ରସଙ୍ଗରେ କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖାର୍ଗେ ଏବଂ ଲୋକ ସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ରାଜ୍ୟର ପଛୁଆ ବର୍ଗଙ୍କ ପାଇଁ କୋଟା ୪୨ ପ୍ରତିଶତକୁ ବୃଦ୍ଧି କରିବା ବିଷୟରେ ଅବଗତ କରାଇବେ। ସେ କିଛି କେନ୍ଦ୍ର ମନ୍ତ୍ରୀଙ୍କୁ ମଧ୍ୟ ଭେଟିବାର ସମ୍ଭାବନା ଅଛି।

ତେଲଙ୍ଗାନା କଂଗ୍ରେସ ନେତା ଏବଂ ଲୋକ ସଭା ଏମପି ମଲ୍ଲୁ ରବି ଏହି ଗସ୍ତ ପୂର୍ବରୁ ସୋମବାର ଦିନ ସମ୍ବାଦ ସରବରାହ ସଂସ୍ଥା ପିଟିଆଇକୁ କହିଥିଲେ ଯେ ପଛୁଆ ବର୍ଗଙ୍କ ପାଇଁ କୋଟା ବୃଦ୍ଧି କରିବାରେ ସାହାଯ୍ୟ କରିବା ପାଇଁ ରାଜ୍ୟ ସରକାର କରିଥିବା ଜାତି-ଭିତ୍ତିକ ସର୍ଭେ ବିଷୟରେ ମୁଖ୍ୟମନ୍ତ୍ରୀ ରେଡ୍ଡୀ କଂଗ୍ରେସ ହାଇକମାଣ୍ଡ ଏବଂ ଦଳୀୟ ଏମପିମାନଙ୍କୁ ଅବଗତ କରାଇବେ।

ଏମପି ରବି ଆଗାମୀ ଯୋଜନା ବିଷୟରେ କହିଛନ୍ତି, "ମୁଖ୍ୟମନ୍ତ୍ରୀ ଗୁରୁବାର ଦିଲ୍ଲୀରେ ଉଭୟ ବିରୋଧୀ ନେତାଙ୍କୁ ପଛୁଆ ବର୍ଗଙ୍କ ପାଇଁ କୋଟା ବୃଦ୍ଧି କରିବା ବିଷୟରେ ଅବଗତ କରାଇବେ। ତା'ପରେ ମୁଖ୍ୟମନ୍ତ୍ରୀ ସମସ୍ତ କଂଗ୍ରେସ ସାଂସଦଙ୍କୁ ଏହି ପ୍ରସଙ୍ଗରେ ଅବଗତ କରାଇବେ।

ସମ୍ପ୍ରତି, ତେଲଙ୍ଗାନା ସରକାର ରାଜ୍ୟରେ ଜାତିଭିତ୍ତିକ ସର୍ଭେ ଅଧ୍ୟୟନ କରିବା ପାଇଁ ଗଠିତ ସ୍ୱାଧୀନ ବିଶେଷଜ୍ଞ କାର୍ଯ୍ୟ ଗୋଷ୍ଠୀ ଏହାର ଫଳାଫଳ ଉପରେ ଏକ ବିସ୍ତୃତ ରିପୋର୍ଟ ମୁଖ୍ୟମନ୍ତ୍ରୀ ରେଡ୍ଡିଙ୍କୁ ପ୍ରଦାନ କରିଛି। ମାର୍ଚ୍ଚ ୧୨ରେ, ସରକାର ଅବସରପ୍ରାପ୍ତ ସୁପ୍ରିମକୋର୍ଟ ବିଚାରପତି ସୁଦର୍ଶନ ରେଡ୍ଡିଙ୍କ ନେତୃତ୍ୱରେ ୧୧ ଜଣଙ୍କର ଏକ ଉଚ୍ଚସ୍ତରୀୟ ସ୍ୱାଧୀନ କମିଟି ଗଠନ କରିଥିଲେ ଯାହା ରିପୋର୍ଟର ତଥ୍ୟ ଏବଂ ଏହାର ତଥ୍ୟକୁ ବଡ଼ ସ୍ତରରେ ସ୍ୱାଧୀନ ଭାବରେ ଯାଞ୍ଚ, ବିଶ୍ଳେଷଣ ଏବଂ ଅଧ୍ୟୟନ କରିବ।

ରାଜ୍ୟ ସରକାରଙ୍କ ଅନୁଯାୟୀ, ୨ ପର୍ଯ୍ୟାୟରେ କରାଯାଇଥିବା ଜାତିଭିତ୍ତିକ ସର୍ଭେରେ ୧,୦୩,୮୮୯ରୁ ଅଧିକ ଗଣନାକାରୀ ଏବଂ ପର୍ଯ୍ୟବେକ୍ଷକ ନିୟୋଜିତ ହୋଇଥିଲେ। ଏହି ସମୟରେ, ଗତ ସପ୍ତାହରେ ମୁଖ୍ୟମନ୍ତ୍ରୀ ରେଡ୍ଡି ଘୋଷଣା କରିଥିଲେ ଯେ ରାଜ୍ୟ ସରକାର ବିଧାନସଭା ସମ୍ମୁଖରେ ଜାତିଭିତ୍ତିକ ସର୍ଭେରୁ ବାହାରିଥିବା ତଥ୍ୟ ଉପସ୍ଥାପନ କରିବେ। ଏହା ସହିତ ପଛୁଆ ବର୍ଗ ପାଇଁ ୪୨ ପ୍ରତିଶତ ସଂରକ୍ଷଣ କାର୍ଯ୍ୟକାରୀ କରିବ। ସରକାରୀ ଚାକିରି, ଶିକ୍ଷାନୁଷ୍ଠାନ ଏବଂ ସ୍ଥାନୀୟ ସଂସ୍ଥା ନିର୍ବାଚନରେ। ଏହା ପଛୁଆ ବର୍ଗଙ୍କ ପାଇଁ ବିଦ୍ୟମାନ ୨୩ ପ୍ରତିଶତ ସଂରକ୍ଷଣକୁ ଯଥେଷ୍ଟ ବୃଦ୍ଧି କରିବ।

କେ. ଚନ୍ଦ୍ରଶେଖର ରାଓଙ୍କ ରେଡ୍ଡୀଙ୍କ ପୂର୍ବରୁ ସରକାରଙ୍କ କାର୍ଯ୍ୟକାଳରେ ପଞ୍ଚାୟତିରାଜ ଆଇନ ଅନୁଯାୟୀ ପଛୁଆ ବର୍ଗଙ୍କ ପାଇଁ ୩୪ ପ୍ରତିଶତ ସଂରକ୍ଷଣକୁ କାଟି ଦିଆଯାଇଥିଲା, କିନ୍ତୁ ମୁଖ୍ୟମନ୍ତ୍ରୀ ସେତେବେଳେ କହିଥିଲେ, "ସେମାନଙ୍କ ପାଖରେ ଲୁଚାଇବା ପାଇଁ କିଛି ନାହିଁ କିମ୍ବା କୌଣସି ଗୁପ୍ତ ଏଜେଣ୍ଡା ନାହିଁ। ମୋ ପାଖରେ ପ୍ରାମାଣିକ ତଥ୍ୟ ଅଛି। ଏହାକୁ ବିଧାନସଭାରେ ଉପସ୍ଥାପନ କରାଯିବ।"

ସେ ଘୋଷଣା କରିଥିଲେ, "ଆମେ ପଛୁଆ ବର୍ଗଙ୍କ ପାଇଁ କୋଟା ୨୩ ପ୍ରତିଶତରୁ ୪୨ ପ୍ରତିଶତକୁ ବୃଦ୍ଧି କରିବା ପାଇଁ ଏକ ଅଧ୍ୟାଦେଶ ଆଣିବୁ।" ସେ ଏହା ମଧ୍ୟ କହିଥିଲେ ଯେ ସେ ସଂସଦର ମୌସୁମୀ ଅଧିବେଶନ ସମୟରେ ଦିଲ୍ଲୀରେ କଂଗ୍ରେସ ସାଂସଦମାନଙ୍କ ସମ୍ମୁଖରେ ଜାତି ସର୍ଭେର ତେଲଙ୍ଗାନା ମଡେଲ ଉପସ୍ଥାପନ କରିବେ।

# ଜଗଦୀପ ଧନଖଡ଼ ଛାଡ଼ିବେ ଉପରାଷ୍ଟ୍ରପତି ନିବାସ



ନୂଆଦିଲ୍ଲୀ,୨୩।୭: ପୂର୍ବତନ ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଶୀଘ୍ର ଉପରାଷ୍ଟ୍ରପତି ନିବାସ ଖାଲି କରିବେ। ସୂତ୍ରରୁ ଜଣାପଡ଼ିଛି ଯେ ସେ ଇସ୍ତଫା ଦେଇଥିବା ରାତିରୁ ହିଁ ନିଜ ଜିନିଷପତ୍ର ପ୍ୟାକିଂ ଆରମ୍ଭ କରିଥିଲେ, ଯଦିଓ ତାଙ୍କର ଇସ୍ତଫାକୁ ଗତକାଲି ଔପଚାରିକ ଭାବେ ଗ୍ରହଣ କରାଯାଇଥିଲା।

୭୪ ବର୍ଷୀୟ ଧନଖଡ଼ ୨୦୨୨ ମସିହା ଅଗଷ୍ଟରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୨୭ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଥିଲା। ଗତ ବର୍ଷ ଏପ୍ରିଲରେ ସେ ପାର୍ଲାମେଣ୍ଟ ହାଉସ କମ୍ପ୍ଲେକ୍ସ ନିକଟସ୍ଥ ଚର୍ଚ୍ଚ ରୋଡରେ ନିର୍ମିତ ନୂଆ ଉପରାଷ୍ଟ୍ରପତି ଏନକ୍ଲେଭକୁ ସ୍ଥାନାନ୍ତରିତ ହୋଇଥିଲେ। ଏହି ଏନକ୍ଲେଭ, ଯେଉଁଥିରେ ଉପରାଷ୍ଟ୍ରପତିଙ୍କ ନିବାସ ଓ କାର୍ଯ୍ୟାଳୟ ଉଭୟ ରହିଛି, ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ନିର୍ମିତ। ପ୍ରାୟ ୧୫ ମାସ ଏହି ନିବାସରେ ରହିବା ପରେ ଧନଖଡ଼ଙ୍କୁ ଏବେ ଏହା ଖାଲି କରିବାକୁ ପଡ଼ିବ।

୭୪ ବର୍ଷୀୟ ଧନଖଡ଼ ୨୦୨୨ ମସିହା ଅଗଷ୍ଟରେ ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିଥିଲେ ଏବଂ ୨୦୨୭ ପର୍ଯ୍ୟନ୍ତ ତାଙ୍କର କାର୍ଯ୍ୟକାଳ ଥିଲା। ଗତ ବର୍ଷ ଏପ୍ରିଲରେ ସେ ପାର୍ଲାମେଣ୍ଟ ହାଉସ କମ୍ପ୍ଲେକ୍ସ ନିକଟସ୍ଥ ଚର୍ଚ୍ଚ ରୋଡରେ ନିର୍ମିତ ନୂଆ ଉପରାଷ୍ଟ୍ରପତି ଏନକ୍ଲେଭକୁ ସ୍ଥାନାନ୍ତରିତ ହୋଇଥିଲେ। ଏହି ଏନକ୍ଲେଭ, ଯେଉଁଥିରେ ଉପରାଷ୍ଟ୍ରପତିଙ୍କ ନିବାସ ଓ କାର୍ଯ୍ୟାଳୟ ଉଭୟ ରହିଛି, ସେଣ୍ଟ୍ରାଲ ଭିଷ୍ଟା ପୁନର୍ବିକାଶ ପ୍ରକଳ୍ପର ଅଂଶବିଶେଷ ଭାବେ ନିର୍ମିତ। ପ୍ରାୟ ୧୫ ମାସ ଏହି ନିବାସରେ ରହିବା ପରେ ଧନଖଡ଼ଙ୍କୁ ଏବେ ଏହା ଖାଲି କରିବାକୁ ପଡ଼ିବ। ସୂତ୍ର ଅନୁଯାୟୀ, ଶିବସେନା ନେତା ସଞ୍ଜୟ ରାଉତ ଓ ଏନସିପି ମୁଖ୍ୟ ଶରଦ ପାୱାର ସମେତ ଅନେକ ବିପକ୍ଷ ନେତା ଗତକାଲି ଧନଖଡ଼ଙ୍କୁ ଭେଟିବା ପାଇଁ ସମୟ ମାଗିଥିଲେ, କିନ୍ତୁ ସେ ଏହା ମଞ୍ଜୁର କରିପାରି ନଥିଲେ।ଧନଖଡ଼ ଗତ ସୋମବାର ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ଉପରାଷ୍ଟ୍ରପତି ପଦରୁ ଇସ୍ତଫା ଦେଇଥିଲେ। ତେବେ, କଂଗ୍ରେସ ଦଳ ମଙ୍ଗଳବାର ଏହାର ପ୍ରତିକ୍ରିୟାରେ କହିଛି ଯେ ତାଙ୍କ ଇସ୍ତଫା ପଛରେ ସ୍ୱାସ୍ଥ୍ୟ କାରଣଠାରୁ ଅଧିକ ଗଭୀର ରାଜନୈତିକ କାରଣ ରହିଛି।

ଏକ ଏକ୍ସ ପୋଷ୍ଟରେ ଟିଏମସି ସାଂସଦ କଲ୍ୟାଣ ବାନାର୍ଜୀ ଦାବି କରିଛନ୍ତି ଯେ ଧନଖଡ଼ଙ୍କୁ ପ୍ରଧାନମନ୍ତ୍ରୀ ଓ ଅନ୍ୟ କ୍ୟାବିନେଟ ମନ୍ତ୍ରୀମାନେ ଇସ୍ତଫା ଦେବାକୁ ବାଧ୍ୟ କରିଥିଲେ, ଏବଂ ତାଙ୍କୁ ଧମକ ଦିଆଯାଇଥିଲା ଯେ ଯଦି ସେ ସୋମବାର ରାତି ୯ଟା ପୂର୍ବରୁ ଇସ୍ତଫା ନ ଦିଅନ୍ତି, ତେବେ ତାଙ୍କ ବିରୋଧରେ ଅବିଶ୍ୱାସ ପ୍ରସ୍ତାବ ଆଣିବ। ଧନଖଡ଼ଙ୍କ ଅଚାନକ ଇସ୍ତଫା ରାଜନୈତିକ ମହଲରେ ବ୍ୟାପକ ଚର୍ଚ୍ଚାର ବିଷୟ ହୋଇଛି। ସୋମବାର ରାଜ୍ୟସଭାରେ ତାଙ୍କ ନେତୃତ୍ୱରେ ଅନେକ ଅପ୍ରତ୍ୟାଶିତ ଘଟଣା ଘଟିଥିଲା, ଯାହା ସରକାରଙ୍କୁ ଅପ୍ରସ୍ତୁତ କରିଥିଲା ଓ କ୍ଷତି ନିୟନ୍ତ୍ରଣ ମୋଡ଼କୁ ଠେଲି ଦେଇଥିଲା। କଂଗ୍ରେସ ନେତା ଜୟରାମ ରମେଶ କହିଛନ୍ତି, "ଧନଖଡ଼ଙ୍କ ସ୍ୱାସ୍ଥ୍ୟକୁ ଅଗ୍ରାଧିକାର ଦେବା ଉଚିତ ହେଲେ, ତାଙ୍କ ଇସ୍ତଫା ପଛରେ ଗଭୀର କାରଣ ରହିଛି।"

ଏହି ଘଟଣାକୁ ନେଇ ବିପକ୍ଷ ଦଳମାନେ ସରକାରଙ୍କୁ ପ୍ରଶ୍ନ କରୁଛନ୍ତି। ଶିବସେନା (ୟୁବିଟି) ସାଂସଦ ସଞ୍ଜୟ ରାଉତ କହିଛନ୍ତି, "ପରଦା ପଛରେ ବଡ଼ ରାଜନୀତି ଚାଲିଛି, ଯାହା ଶୀଘ୍ର ପ୍ରକାଶ ପାଇବ।" ଅନ୍ୟପକ୍ଷରେ, ଧନଖଡ଼ଙ୍କ ଭଣେଜା ଓ ଆଇନଜୀବୀ ପ୍ରବୀଣ ବଲୱାଦା ଦାବି କରିଛନ୍ତି ଯେ ଧନଖଡ଼ କେବେ ରାଜନୈତିକ ଚାପରେ ନଇଁ ନଥିଲେ ଏବଂ ତାଙ୍କ ଇସ୍ତଫା ସ୍ୱାସ୍ଥ୍ୟଗତ କାରଣରୁ ହିଁ ହୋଇଛି। ସେ କହିଛନ୍ତି, "ତାଙ୍କର ମାର୍ଚ୍ଚ ମାସରେ ଏକ ହୃଦ୍‌ରୋଗ ସମ୍ବନ୍ଧୀୟ ପ୍ରକ୍ରିୟା ହୋଇଥିଲା ଏବଂ ସେ ନିମ୍ନ ରକ୍ତଚାପ ସମସ୍ୟାରେ ମଧ୍ୟ ପୀଡ଼ିତ ଥିଲେ।"

ଏହା ମଧ୍ୟରେ, ସରକାର ଓ ଭାଜପା ଧନଖଡ଼ଙ୍କ ଇସ୍ତଫା ନେଇ ନୀରବ ରହିଛନ୍ତି, ଯାହା ଅଧିକ ସନ୍ଦେହ ସୃଷ୍ଟି କରିଛି। ଆଗାମୀ ଦିନରେ ଏହି ଘଟଣାର ପ୍ରକୃତ କାରଣ ସାମ୍ନାକୁ ଆସିବ ବୋଲି ରାଜନୈତିକ ମହଲରେ ଚର୍ଚ୍ଚା ଜୋର ଧରିଛି।

## ଭାରତ ଆସିଲା ୩ ଆପାଚି ହେଲିକପ୍ଟର

### ୧ ମିନିଟରେ ଚଳାଇବ ୬୨୫ ରାଉଣ୍ଡ ଗୁଳି




ନୂଆଦିଲ୍ଲୀ, ୨୩।୭: ଭାରତରେ ଆସି ପହଞ୍ଚିଲା ବହୁ ପ୍ରତୀକ୍ଷିତ ଆପାଚି ହେଲିକପ୍ଟର୍। ପ୍ରଥମ ବ୍ୟାଚରେ ତିନୋଟି ହେଲିକପ୍ଟର୍ ପହଞ୍ଚିଛି । ରାଜସ୍ଥାନର ଯୋଧପୁର ଠାରେ ସ୍ଥଳସେନାକୁ ଏହି ହେଲିକପ୍ଟର ହସ୍ତାନ୍ତର କରାଯାଇଛି । ଆମେରିକା ପକ୍ଷରୁ ଏହି ଲଢୁଆ ହେଲିକପ୍ଟରକୁ ଏକ କାର୍ଗୋ ବିମାନ ଯୋଗେ ଭାରତ ଅଣାଯାଇଛି । ପୂର୍ବରୁ ଭାରତୀୟ ବାୟୁସେନା ନିକଟରେ ଏହି ଆମେରିକା ନିର୍ମିତ ୨୨ଟି ଆପାଚି ହେଲିକପ୍ଟର ରହିଛି । ଆପାଚି ହେଲିକପ୍ଟରଟି ନାଇଟ୍ ଭିଜନ୍ ଏବଂ ଥର୍ମାଲ୍ ସେନ୍ସର ରହିଛି ଯାହା ରାତିରେ ଏବଂ ଖରାପ ପାଗରେ କାର୍ଯ୍ୟ କରିବାକୁ ସକ୍ଷମ କରିଥାଏ । ଟାର୍ଗେଟ ଆକ୍ୱିଜିସନ୍ ସିଷ୍ଟମ୍ ଏବଂ ପାଇଲଟ୍ ନାଇଟ୍ ଭିଜନ୍ ସେନ୍ସରଗୁଡ଼ିକ ସଠିକତାର ସହିତ ଶତ୍ରୁକୁ ଚିହ୍ନଟ ଏବଂ ଟାର୍ଗେଟ କରିବାରେ ସାହାଯ୍ୟ କରେ । ଏହା ୬୦ ସେକେଣ୍ଡରେ ୧୨୮ଟି ଟାର୍ଗେଟକୁ ଚିହ୍ନଟ ଏବଂ ନଷ୍ଟ କରିବାରେ ସକ୍ଷମ । ଏହି ଯୁଦ୍ଧ ହେଲିକପ୍ଟର ପ୍ରତି ମିନିଟରେ ୬୨୫ ରାଉଣ୍ଡ ଗୁଳି ଚଳାଇପାରିବ । ଏହି ହେଲିକପ୍ଟରରେ AGM-114 ହେଲଫାୟାର ମିସାଇଲ ସିଷ୍ଟମ ଲାଗିଛି, ଯାହା ଟ୍ୟାଙ୍କ ଆଣ୍ଟି-ଟ୍ୟାଙ୍କ, ଲେଜର-ଗାଇଡେଡ୍ ମିସାଇଲ, ଆର୍ମର୍ଡ ଯାନଗୁଡ଼ିକୁ ନଷ୍ଟ କରିବାରେ ସକ୍ଷମ । ଏହି ହେଲିକପ୍ଟର ଗୋଟିଏ ମିନିଟରେ ଏକାଥରକେ ୧୬ ଟି ଲକ୍ଷ୍ୟକୁ ଆକ୍ରମଣ କରିବାର କ୍ଷମତା ରଖିଛି। ଆପାଚି ହେଲିକପ୍ଟରର ସର୍ବାଧିକ ଗତି ଘଣ୍ଟା ପ୍ରତି ୨୮୦-୩୬୫ କିଲୋମିଟର ରହିଛି । ଏହା ୩ ରୁ ୩.୫ ଘଣ୍ଟା ପର୍ଯ୍ୟନ୍ତ ଆକାଶରେ ରହିପାରିବ।

## ଟି-ଟ୍ୱେଣ୍ଟି ଓ ଦିନିକିଆ ସିରିଜ ଜିତି ଇତିହାସ ରଚିଲା ଭାରତ

# ହର୍ମନପ୍ରୀତଙ୍କ ଶତକ, କ୍ରାନ୍ତିଙ୍କୁ ୬ ୱିକେଟ୍




**ଚେଷ୍ଟର-ଲି-ଷ୍ଟ୍ରୀଟ୍,୨୩।୭:** ଇଂଲଣ୍ଡ ମାଟିରେ ଭାରତୀୟ ମହିଳା ଦଳ ଉଭୟ ଟିଟ୍ୱେଣ୍ଟି ଓ ଦିନିକିଆ ସିରିଜ ଜିତି ଇତିହାସ ରଚିଛି । ମଙ୍ଗଳବାର ଅନୁଷ୍ଠିତ ତୃତୀୟ ଦିନିକିଆରେ ଭାରତ ୧୩ ରନ୍‌ରେ ବିଜୟ ହାସଲ କରିଥିଲା। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଭାରତ ୫ ୱିକେଟ୍ ବିନିମୟରେ ୩୧୮ ରନ ସଂଗ୍ରହ କରିଥିଲା। ଜବାବରେ ଇଂଲଣ୍ଡ ୪୯.୫ ଓଭରରେ ୩୦୫ ରନ କରି ଅଲ୍ ଆଉଟ୍ ହୋଇଯାଇଥିଲା। ଇଂଲଣ୍ଡ ଗସ୍ତ ଆରମ୍ଭରୁ ନୈରାଶ୍ୟଜନକ ପ୍ରଦର୍ଶନ ଜାରି ରଖିଥିବା ହର୍ମନପ୍ରୀତ କୌର ଶେଷ ମ୍ୟାଚ୍‌ରେ ସବୁ ସମାଲୋଚକଙ୍କୁ ଚୁପ୍ କରି ଦେଇଛନ୍ତି । ସେ ଦିନିକିଆ କ୍ରିକେଟ୍‌ରେ ସପ୍ତମ ଶତକ ଅର୍ଜନ କରିବା ସହ ତୃତୀୟ ଭାରତୀୟ ବ୍ୟାଟର ଭାବେ ୪୦୦୦ ରନ ପୂରଣ କରିଥିଲେ । ଟସ ଜିତି ଭାରତ ଆଜି ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ଦୁଇ ଓପନର ପ୍ରତିକା ରାୱଲ୍ ଓ ସ୍ମୃତି ମନ୍ଧନା ୧୨ ଓଭରରେ ୬୪ ରନ ସଂଗ୍ରହ କରିଥିଲେ । ୧୩ତମ ଓଭରରେ ପ୍ରତିକାଙ୍କୁ(୨୬) ଆଉଟ୍ କରିଥିଲେ ଚାର୍ଲି ଡିନ୍ । ପରେ ପରେ ମନ୍ଧନା ୪୫ ରନ କରି ଶୋଫି ଏକ୍କ୍ଲେଷ୍ଟୋନଙ୍କ ବଲ୍‌ରେ ଆଉଟ୍ ହୋଇଥିଲେ । ଭାରତ ୮୧ ରନ୍‌ରେ ଉଭୟ ଓପନରଙ୍କୁ ହରାଇଥିଲା । ଏହାପରେ ହର୍ଲିନ ଦେଓଲ ଓ ହର୍ମନପ୍ରୀତ ଲଢୁଆ ବ୍ୟାଟିଂ କରି ସ୍ଥିତି ସୁଧାରିଥିଲେ । ଉଭୟ ତୃତୀୟ ୱିକେଟ୍‌ରେ ୮୧ ରନ ଯୋଗ କରିଥିଲେ । ଦଳୀୟ ସ୍କୋର ୧୬୨ ବେଳେ ହର୍ଲିନ ବ୍ୟକ୍ତିଗତ ୪୫ ରନ କରି ପାଭିଲିୟନ ଫେରିଥିଲେ । ହର୍ମନପ୍ରୀତଙ୍କୁ ଅଟକାଇବା ଇଂଲଣ୍ଡ ବୋଲରଙ୍କ ପକ୍ଷରେ ସମ୍ଭବ ହୋଇ ନଥିଲା । ତାଙ୍କ ସହ ଜେମିମା ରୋଡ୍ରିଗ୍ସ ଯୋଗ ଦେଇ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ। ୧୧୦ ରନ୍‌ର ଭାଗିଦାରୀ ଗଠନ ହୋଇଥିଲା। ଦଳୀୟ ସ୍କୋର ୨୭୨ରେ ପହଞ୍ଚିଥିଲା। ହର୍ମନପ୍ରୀତ ପ୍ରଥମ ଭାରତୀୟ ଭାବେ ଇଂଲଣ୍ଡ ମାଟିରେ ତୃତୀୟ ଦିନିକିଆ ଶତକ ଅର୍ଜନ କରିଥିଲେ । ରୋଡ୍ରିଗ୍ସ ୭ ଚୌକା ବଳରେ ୫୦ ରନ କରି ପାଭିଲିୟନ ଫେରିଥିଲେ । ହର୍ମନପ୍ରୀତ ୧୪ଚୌକା ବଳରେ ୮୪ ବଲ୍‌ରୁ ୧୦୨ ରନ କରି ପାଭିଲିୟନ ଫେରିବା ପୂର୍ବରୁ ଦଳୀୟ ସ୍କୋରକୁ ୩୦୪ରେ ପହଞ୍ଚାଇ ସାରିଥିଲେ।

ଅନ୍ତିମ ଭାଗରେ ରିଚା ଘୋଷ ୧୮ଟି ବଲ୍‌ରୁ ଅପରାଜିତ ୩୮(୩ଚୌକା, ୨ଛକା) ରନ କରି ଦଳୀୟ ସ୍କୋରକୁ ୩୧୮ରେ ପହଞ୍ଚାଇଥିଲେ। ୩୧୯ରନ ବିଜୟ ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡ ୮ରନ ମଧ୍ୟରେ ଉଭୟ ଓପନରଙ୍କୁ ହରାଇଥିଲା । ଆମି ଜୋନ୍ସ ୪ ଓ ଟାମି ବ୍ୟୁମୋଣ୍ଟ ୨ରନ କରି କ୍ରାନ୍ତି ଗୌଡ଼ଙ୍କ ବଲରେ ଆଉଟ୍ ହୋଇଥିଲେ । ଏହାପରେ ଏମା ଲାମ୍ବ ଓ ନାତାଲି ସ୍କିଭର-ବ୍ରଣ୍ଟ ଲଢୁଆ ବ୍ୟାଟିଂ କରି ସ୍ଥିତି ସୁଧାରିଥିଲେ । ଉଭୟ ଅର୍ଦ୍ଧଶତକ ଅର୍ଜନ କରିଥିଲେ ଓ ତୃତୀୟ ୱିକେଟ୍‌ରେ ୧୬୨ ରନ ଯୋଗ କରି ବିଜୟ ଆଶା ଉଜ୍ଜ୍ୱଳ କରିଥିଲେ । ଦଳୀୟ ସ୍କୋର ୧୭୦ ବେଳେ ଲାମ୍ବ ବ୍ୟକ୍ତିଗତ ୬୮ ରନ କରି ଆଉଟ୍ ହୋଇଥିଲେ । ସ୍କିଭର-ବ୍ରଣ୍ଟ ଶତକଠୁ ମାତ୍ର ୨ ରନ ପଛରେ ଥିବାବେଳେ ଦୀପ୍ତି ଶର୍ମାଙ୍କ ବଲ୍‌ରେ ୱିକେଟ କିପର ରିଚା ଘୋଷଙ୍କ ହାତକୁ କ୍ୟାଚ ଟେକି ଦେଇଥିଲେ। ଶୋଫିଆ ଡଙ୍କଲି ଓ ଆଲିସ ଡାଭିସନ ରିଚାର୍ଡ୍ସ ଆକ୍ରମଣାତ୍ମକ ବ୍ୟାଟିଂ କରିଥିଲେ ହେଁ ଭାରତ ନିୟମିତ ବ୍ୟବଧାନରେ ୱିକେଟ୍ ହାତେଇବାରେ ସଫଳ ହୋଇଥିଲା । ଏହି ସିରିଜ ଜରିଆରେ ପଦାର୍ପଣ କରିଥିବା କ୍ରାନ୍ତି ଅନ୍ତିମ ଭାଗରେ ଘାତକ ବୋଲିଂ କରିଥିଲେ । ଇଂଲଣ୍ଡ ମଧ ଶେଷ ଓଭର ପର୍ଯ୍ୟନ୍ତ ଲଢେଇ କରିଥିଲେ ହେଁ ଶେଷରେ ୩୦୫ ରନ କରି ଅଲ ଆଉଟ୍ ହୋଇଯାଇଥିଲା । ଅନ୍ୟମାନଙ୍କ ମଧ୍ୟରେ ଚାର୍ଲି ଡିନ୍ ୨୧ ଓ ଲିନସେ ସ୍ମିଥ୍ ଅପରାଜିତ ୧୪ ରନ କରିଥିଲେ । ଭାରତ ପକ୍ଷରୁ କ୍ରାନ୍ତି ୬ଟି ୱିକେଟ୍ ଅକ୍ତିଆର କରିଥିଲେ ।

## ଜାତୀୟ କ୍ରୀଡ଼ା ପ୍ରଶାସନ ବିଲରେ ସାମିଲ ହେବ ବିସିସିଆଇ

**ନୂଆଦିଲ୍ଲୀ,୨୩।୭:** ସଂସଦରେ ବୁଧବାର ଆଗତ ହେବାକୁ ଥିବା ଜାତୀୟ କ୍ରୀଡ଼ା ପ୍ରଶାସନ ବିଲ୍‌ରେ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)କୁ ସାମିଲ କରାଯିବ ବୋଲି କ୍ରୀଡ଼ା ମନ୍ତ୍ରଣାଳୟ ସୂତ୍ରରୁ କୁହାଯାଇଛି। ଏହି ବିଲ୍ ଆଇନରେ ପରିଣତ ହେବା ପରେ ସମସ୍ତ ଜାତୀୟ ମହାସଂଘ ଭଳି ବିସିସିଆଇକୁ ମଧ୍ୟ ଆଇନର ପାଳନ କରିବାକୁ ପଡ଼ିବ। ୨୦୨୮ ଲସ୍ ଏଞ୍ଜେଲ୍ସ ଅଲିମ୍ପିକ୍ସରେ କ୍ରିକେଟକୁ ସାମିଲ କରାଯିବା ପରେ ବିସିସିଆଇ ମଧ୍ୟ ଅଲିମ୍ପିକ୍ ଅଭିଯାନର ଅଂଶ ହୋଇଛି। କ୍ରୀଡ଼ା ପ୍ରଶାସନ ବିଲ୍‌ର ଉଦ୍ଦେଶ୍ୟ ହେଉଛି ନିର୍ଦ୍ଧାରିତ ସମୟରେ ନିର୍ବାଚନ, ଉତ୍ତରଦାୟୀ ପ୍ରଶାସନ ଓ ଆଥଲେଟ୍‌ଙ୍କ କଲ୍ୟାଣ ଲାଗି ଜାତୀୟ ଫେଡେରେଶନକୁ ସଂସ୍ଥାଗତ କରିବା।

### ଚତୁର୍ଥ ଟେଷ୍ଟ: ବ୍ୟାଟିଂ ବେଳେ ପନ୍ତ ଆହତ

## ପ୍ରଥମ ଦିନରେ ଭାରତ ୨୬୪/୪




**ମାଞ୍ଚେଷ୍ଟର,୨୩।୭:** ଆଜିଠାରୁ ଚଳିତ ଭାରତ ଓ ଇଂଲଣ୍ଡ ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ୍ ସିରିଜ୍‌ର ଚତୁର୍ଥ ମ୍ୟାଚ୍ ଏଠାକାର ଏମିରେଟ୍ସ ଓଲ୍ଡ ଟ୍ରାଫୋର୍ଡ ଷ୍ଟାଡିୟମ୍‌ରେ ଆରମ୍ଭ ହୋଇଛି। ସିରିଜ୍‌ରେ ଅଦ୍ୟାବଧି ୧-୨ରେ ପଛୁଆ ଥିବା ଭାରତ ଟସ୍‌ରେ ହାରିବା ପରେ ପ୍ରଥମେ ବ୍ୟାଟିଂ ସୁଯୋଗ ପାଇ ପ୍ରଥମ ଦିନରେ ୪ଟି ୱିକେଟ୍ ହରାଇ ୨୬୪ ରନ୍ କରିଛି। ଦୁଇ ଓପନର ଲୋକେଶ ରାହୁଲ୍ ଓ ଯଶସ୍ୱୀ ଜୈସ୍ୱାଲ୍ ଏକ ଦାୟିତ୍ୱପୂର୍ଣ୍ଣ ପ୍ରାରମ୍ଭ ଦେବା ପରେ ସାଇ ସୁଦର୍ଶନଙ୍କ ଚମତ୍କାର ଅର୍ଦ୍ଧଶତକୀୟ ଇନିଂସକୁ ଆଧାର କରି ଭାରତ ତା'ର ସ୍ଥିତିକୁ ମଜବୁତ କରିପାରିଛି। ତେବେ ୬୮ତମ ଓଭର୍‌ରେ ଋଷଭ ପନ୍ତ ଗୋଡ଼ରେ ବଲ୍ ବାଜିବାରୁ ଆହତ ହୋଇଛନ୍ତି। ତେଣୁ ସେ ବ୍ୟକ୍ତିଗତ ଭାବେ ୩୭ ରନ୍ କରିଥିବା ସମୟରେ ଆଉ ବ୍ୟାଟିଂ କରିନପାରି ପ୍ୟାଭିଲିୟନ୍ ଫେରିବାକୁ ବାଧ୍ୟ ହୋଇଥିଲେ। ପ୍ରଥମ ଦିନର ଖେଳ ଶେଷ ବେଳକୁ ରବୀନ୍ଦ୍ର ଜାଡେଜା ଓ ଶାର୍ଦ୍ଦୁଲ୍ ଠାକୁର ୧୯ ରନ୍ ଲେଖାଏଁ କରି ଅପରାଜିତ ଅଛନ୍ତି। ଏହା ପୂର୍ବରୁ ଯଶସ୍ୱୀ ୫୮, ରାହୁଲ୍ ୪୬, ସାଇ ସୁଦର୍ଶନ ୬୧ ଓ ଅଧିନାୟକ ଶୁବମାନ ଗିଲ୍ ୧୨ ରନ୍ କରି ଆଉଟ୍ ହୋଇଥିଲେ। ଇଂଲଣ୍ଡ ପକ୍ଷରୁ ଅଧିନାୟକ ବେନ୍ ଷ୍ଟୋକ୍ସ ୨ଟି ୱିକେଟ୍ ନେଇଥିବା ବେଳେ କ୍ରିସ୍ ଓକ୍ସ ଓ ଲିଆମ୍ ଡସନ୍ ଗୋଟିଏ ଲେଖାଏଁ ୱିକେଟ୍ ନେଇଛନ୍ତି।

# କ୍ରିକେଟ ମଇଦାନରେ ବାପ-ପୁଅ ଲଢ଼େଇ



**ନୂଆଦିଲ୍ଲୀ,୨୩।୭:** କ୍ରିକେଟ ଇତିହାସର ସବୁଠାରୁ ଅନନ୍ୟ ମୁହୂର୍ତ୍ତ ଶପାଗିଜା କ୍ରିକେଟ ଲିଗ ୨୦୨୫ରେ ଦେଖିବାକୁ ମିଳିଥିଲା। ଆଫଗାନିସ୍ତାନର କିମ୍ବଦନ୍ତୀ ଅଲରାଉଣ୍ଡର ମହମ୍ମଦ ନବିଙ୍କୁ ତାଙ୍କ ନିଜ ପୁଅ ହାସନ ଇସାଖିଲ ପ୍ରଥମ ବଲରେ ଏକ ଚମତ୍କାର ଛକା ମାରିଥିଲେ। ଆମୋ ସାର୍କସ ଏବଂ ମିସ ଆଇନକ ନାଇଟ୍ସ ମଧ୍ୟରେ ଖେଳାଯାଇଥିବା ଏହି ମ୍ୟାଚରେ ଏହି ଦୃଶ୍ୟ ଦେଖି ସମସ୍ତେ ଆଶ୍ଚର୍ଯ୍ୟ ହୋଇଯାଇଥିଲେ ଏବଂ ଏହି ପିତା-ପୁତ୍ରଙ୍କ ସଂଘର୍ଷ ସୋସିଆଲ ମିଡିଆରେ ଭାଇରାଲ ହୋଇଛି। ଜୁଲାଇ ୨୨ରେ ଖେଳାଯାଇଥିବା ମ୍ୟାଚରେ, ଆମୋ ସାର୍କସ ଏବଂ ମିସ ଆଇନକ ନାଇଟ୍ସ ଦଳ ମୁହାଁମୁହିଁ ହୋଇଥିଲେ। ମହମ୍ମଦ ନବି ମିସ ଆଇନକ ପାଇଁ ବୋଲିଂ କରିବାକୁ ଆସିଥିଲେ, ସେତେବେଳେ ତାଙ୍କ ନିଜ ପୁଅ ହାସନ ଇସାଖିଲ ତାଙ୍କ ସମ୍ମୁଖରେ ବ୍ୟାଟିଂ କରୁଥିଲେ। ନବିଙ୍କ ପ୍ରଥମ ବଲରେ ହାସନ ଲଙ୍ଗ ଅନ ଉପରେ ଏକ ଚମତ୍କାର ଛକା ମାରିଥିଲେ ଏବଂ ତା'ପରେ ତାଙ୍କୁ ଟିକିଏ ହସୁଥିବାର ଦେଖାଯାଇଥିଲା। ମହମ୍ମଦ ନବିଙ୍କ ସେହି ଓଭରରେ ମୋଟ ୧୨ ରନ ହୋଇଥିଲା, ଯାହା ଯୋଗୁ ଅଧିନାୟକ ତାଙ୍କୁ ତୁରନ୍ତ ବୋଲିଂରୁ ହଟାଇ ଦେଇଥିଲେ। ହାସନ ଏଠାରେ ରୋକି ନ ଥିଲେ। ସେ ଉତ୍କୃଷ୍ଟ ବ୍ୟାଟିଂ ପ୍ରଦର୍ଶନ କଲେ ଏବଂ ୩୬ ବଲରେ ୫୨ ରନର ଏକ ଧମାକାଦାର ଇନିଂସ ଖେଳିଲେ। ଏଥିରେ ୫ ଚୌକା ଏବଂ ୨ ଚମତ୍କାର ଛକା ଅନ୍ତର୍ଭୁକ୍ତ ଥିଲା। ପିତାଙ୍କ ବୋଲିଂକୁ ନଷ୍ଟ କରି, ପୁଅ ସ୍ପଷ୍ଟ କରିଦେଲେ ଯେ, ଏବେ ନୂତନ ପିଢ଼ି ପ୍ରସ୍ତୁତ ଏବଂ ତାହା ମଧ୍ୟ ଏକ ଦୃଢ଼ ଶୈଳୀରେ। ଛକା ମାରିବା ପରେ ମହମ୍ମଦ ନବିଙ୍କ ମୁହଁ ସେତେବେଳେ ଦେଖିବା ଯୋଗ୍ୟ ଥିଲା। ତାଙ୍କ ମୁହଁରେ ଏକ ହାଲୁକା ହସ ଏବଂ ଟିକେ ଆଶ୍ଚର୍ଯ୍ୟ ସ୍ପଷ୍ଟ ଭାବରେ ଦେଖାଯାଉଥିଲା।

# ଅବସର ଗ୍ରହଣ ପରେ କ୍ରିକେଟରଙ୍କୁ ଗାର୍ଡ ଅଫ ଅନର୍




ଜାମାଇକା,୨୩।୭: ୩୭ ବର୍ଷୀୟ ଅଲରାଉଣ୍ଡର ଆନ୍ଦ୍ରେ ରସେଲଙ୍କୁ ଆଉ କେବେ ୱେଷ୍ଟଇଣ୍ଡିଜ ଜର୍ସିରେ ଦେଖିବାକୁ ମିଳିବ ନାହିଁ। ସେ ୨୨ ଜୁଲାଇରେ ଅଷ୍ଟ୍ରେଲିଆ ବିପକ୍ଷରେ ତାଙ୍କର ଶେଷ ମ୍ୟାଚ ଖେଳିଥିଲେ। ଯେଉଁଠାରେ ରସେଲ ଏକ ଝଡ଼ମୟ ଇନିଂସ ଖେଳିଥିଲେ। ଏହା ସତ୍ତ୍ୱେ, ତାଙ୍କ ଦଳ ତାଙ୍କୁ ବିଜୟ ସହିତ ବିଦାୟ ଦେବାରେ ବିଫଳ ହୋଇଥିଲେ। ଅଷ୍ଟ୍ରେଲିଆ ଦଳ ଏହି ମ୍ୟାଚ ୮ ୱିକେଟରେ ଜିତିଥିଲା। ମ୍ୟାଚ ପୂର୍ବରୁ, ଆନ୍ଦ୍ରେ ରସେଲଙ୍କୁ ଉଭୟ ଦଳର ଖେଳାଳିମାନେ ଗାର୍ଡ ଅଫ ଅନର ଦେଇଥିଲେ। ଏହା ସହିତ, ଏହି କିମ୍ବଦନ୍ତୀ କ୍ରିକେଟରଙ୍କୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଏକ ବିଶେଷ ଉପହାର ମଧ ମିଳିଥିଲା।

ୱେଷ୍ଟଇଣ୍ଡିଜ ପାଇଁ ୧୪୨ ଅନ୍ତର୍ଜାତୀୟ ମ୍ୟାଚ ଖେଳିଥିବା ଆନ୍ଦ୍ରେ ରସେଲ ମଙ୍ଗଳବାର ଶେଷ ଥର ପାଇଁ ଖେଳିଥିଲେ। ଅଷ୍ଟ୍ରେଲିଆ ବିପକ୍ଷରେ ଟି୨୦ ସିରିଜ ଆରମ୍ଭ ହେବା ପୂର୍ବରୁ ମଧ ସେ ଅନ୍ତର୍ଜାତୀୟ କ୍ରିକେଟ୍‌ରୁ ଅବସର ଘୋଷଣା କରିଥିଲେ। ୱିଣ୍ଡିଜ ବୋର୍ଡ ଏକ୍ସ ରେ ଏକ ସ୍ୱତନ୍ତ୍ର ପୋଷ୍ଟ ଜାରି କରି ଜଣାଇଥିଲା ଯେ ତାଙ୍କ ଘରୋଇ ଗ୍ରାଉଣ୍ଡ ଜାମାଇକାରେ ଅନୁଷ୍ଠିତ ହେବାକୁ ଥିବା ଦ୍ୱିତୀୟ ଟି୨୦ ତାଙ୍କ ଜୀବନର ଶେଷ ଅନ୍ତର୍ଜାତୀୟ ମ୍ୟାଚ ହେବ। ମ୍ୟାଚ ପୂର୍ବରୁ, ଉଭୟ ଦଳର ଖେଳାଳିମାନେ ତାଙ୍କୁ ଗାର୍ଡ ଅଫ ଅନର ଦେଇ ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ଏହା ପରେ ରସେଲଙ୍କୁ ୱେଷ୍ଟଇଣ୍ଡିଜ କ୍ରିକେଟ ବୋର୍ଡ ପକ୍ଷରୁ ଏକ ଉପହାର ମଧ ମିଳିଥିଲା। ଏହା ଏକ ସ୍ୱତନ୍ତ୍ର ସ୍ମାରକୀ ଥିଲା। ଯାହା ବ୍ୟାଟ ଆକୃତିର ଗିଟାର ପରି ଦେଖାଯାଉଥିଲା। ଏଥିରେ ଏକ ଲାଲ ବଲ ମଧ ଲାଗିଥିଲା। ଏହା ମାଧ୍ୟମରେ ୱେଷ୍ଟଇଣ୍ଡିଜ ତାଙ୍କୁ ସମ୍ମାନିତ କରିଥିଲା। ଏହାର ଏକ ଭିଡିଓ ମଧ ସେମାନଙ୍କର ଅଫିସିଆଲ ଏକ୍ସ ହ୍ୟାଣ୍ଡେଲରେ ଅପଲୋଡ କରିଥିଲା। ଆନ୍ଦ୍ରେ ରସେଲ ତାଙ୍କ କ୍ୟାରିଅରର ଶେଷ ମ୍ୟାଚରେ ୧୫ ବଲ ରେ ୩୬ ରନର ଏକ ଝଡ଼ମୟ ଇନିଂସ ଖେଳିଥିଲେ। ଯଦି ଆମେ ତାଙ୍କ କ୍ୟାରିଅରକୁ ଦେଖିବା, ୨୦୧୦ରେ ଡେବ୍ୟୁ କରିବା ପରେ, ସେ ୱେଷ୍ଟଇଣ୍ଡିଜ ପାଇଁ ଗୋଟିଏ ଟେଷ୍ଟ, ୫୬ ଦିନିକିଆ ଏବଂ ୮୫ ଟି ୨୦ ମ୍ୟାଚ ଖେଳିଛନ୍ତି। ତାଙ୍କର ଦିନିକିଆରେ ୧୦୩୪ରନ ଅଛି। ଯେଉଁଥିରେ ୪ ଅର୍ଦ୍ଧଶତକ ଅନ୍ତର୍ଭୁକ୍ତ। ସେହି ସମୟରେ, ଟି ୨୦ ଆନ୍ତର୍ଜାତୀୟରେ, ସେ ତିନୋଟି ଅର୍ଦ୍ଧଶତକ ସହାୟତାରେ ୧୦୮୬ରନ କରିଥିଲେ। ଏକମାତ୍ର ଟେଷ୍ଟରେ ସେ ୨ ରନ କରିବା ସହିତ ଗୋଟିଏ ୱିକେଟ ନେଇଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସଶକ୍ତ...

ଆଉଟସୋର୍ସିଂ ଭିତ୍ତିରେ ସୃଷ୍ଟି କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ରାଜ୍ୟରେ ଓଆଇଏସ୍ଏଫ୍‌ରେ ଗୋଟିଏ ବାଟାଲିଅନ କାର୍ଯ୍ୟରତ ଥିଲା, ଯାହାର ସମୁଦାୟ ପଦବୀ ସଂଖ୍ୟା ୧୮୦୭ ଥିଲା। ମୁଖ୍ୟମନ୍ତ୍ରୀ ଚଳିତ ବର୍ଷ ଏପ୍ରିଲରେ ଗୋଟିଏ ନୂଆ ବାଟାଲିଅନ ସୃଷ୍ଟି କରିଥିଲେ। ଏହାଦ୍ୱାରା ସମୁଦାୟ ୨ଟି ବାଟାଲିଅନ କାର୍ଯ୍ୟ କରୁଥିଲା ଓ ଏହି ୨ଟି ବାଟାଲିଅନର ପଦବୀ ସଂଖ୍ୟା ୨୮୪୭ ଥିଲା। ଏବେ ତୃତୀୟ ଓ ଚତୁର୍ଥ ବାଟାଲିଅନ ସୃଷ୍ଟି ହେବା ପରେ ଓଆଇଏସ୍ଏଫ୍‌ରେ ସମୁଦାୟ ପଦବୀ ସଂଖ୍ୟା ୪୯୨୭ରେ ପହଞ୍ଚିଛି।

ସୂଚନାଯୋଗ୍ୟ ଯେ ରାଜ୍ୟରେ ଶିଳ୍ପ ଅଭିବୃଦ୍ଧି ଉପରେ ରାଜ୍ୟ ସରକାର ଗୁରୁତ୍ୱାରୋପ କରିବା ସହ ଓଆଇଏସ୍ଏଫ୍‌କୁ ସଶକ୍ତ କରିବା ସକାଶେ ବିଭିନ୍ନ ପଦକ୍ଷେପ ନେଉଛନ୍ତି । ନୂଆ ନୂଆ ଶିଳ୍ପ ପ୍ରତିଷ୍ଠା ହେବା ସହିତ ଆଗାମୀ ଦିନରେ ଏହି କ୍ଷେତ୍ରରେ ବ୍ୟାପକ ସମ୍ଭାବନା ସୃଷ୍ଟି ହୋଇଛି। ଉତ୍କର୍ଷ ଓଡ଼ିଶା-ମେକ୍ ଇନ ଓଡ଼ିଶା-୨୦୨୫ ପରେ ରାଜ୍ୟରେ ଶିଳ୍ପାୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇଛି। ତେଣୁ ଶିଳ୍ପ ପ୍ରତିଷ୍ଠାନ ଓ ବାଣିଜ୍ୟିକ ଦୃଷ୍ଟିରୁ ଗୁରୁତ୍ୱପୂର୍ଣ୍ଣ ସ୍ଥାନଗୁଡ଼ିକର ସୁରକ୍ଷା ଜରୁରୀ ହୋଇପଡ଼ିଛି। ଏହାକୁ ଦୃଷ୍ଟିରେ ରଖି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ଆହୁରି ଦୁଇଟି ବାଟାଲିଅନ ଗଠନକୁ ମଞ୍ଜୁରୀ ଦେଇଛନ୍ତି।

## ଆଳୁ ପାଇଁ...

କିମ୍ବା ୟୁପିରୁ ଆଳୁ ଆସିବା ସମୟ ସାପେକ୍ଷ ହୋଇଥିବାରୁ ପରିବହନରେ ବହୁ ଆଳୁ ନଷ୍ଟ ହେଉଥିଲା। ଏହାଦ୍ୱାରା ବ୍ୟବସାୟୀମାନେ କ୍ଷତିଗ୍ରସ୍ତ ହେଉଥିଲେ। ଆଳୁ ଦର ମଧ୍ୟ ଚଢ଼ା ରହୁଥିଲା। ସେହିଭଳି ପଞ୍ଜାବ ଆଳୁକୁ ଓଡ଼ିଶାରେ ଲୋକେ ପସନ୍ଦ କରୁନଥିଲେ। ତେଣୁ ଯୋଗାଣ ମନ୍ତ୍ରୀ ଏବେ ପଶ୍ଚିମବଙ୍ଗ ସରକାର ସହ ଆଲୋଚନା କରିବାକୁ ଏକରକମ ବାଧ୍ୟ ହୋଇଛନ୍ତି।

## ସ୍ୱାସ୍ଥ୍ୟାବସ୍ଥା ...

କହିଛନ୍ତି। ଏଥିସହ ଉପମୁଖ୍ୟମନ୍ତ୍ରୀ ମଧ୍ୟ ସମ୍ପୃକ୍ତ ପୀଡ଼ିତାଙ୍କ ପରିବାର ଲୋକଙ୍କ ସହ ଆଲୋଚନା କରି ସେମାନଙ୍କୁ ସମସ୍ତ ପ୍ରକାର ସହାୟତା ଓ ସହଯୋଗ ଭରସା ଦେଇଛନ୍ତି। ସୂଚନାଯୋଗ୍ୟ ଯେ ସମ୍ପୃକ୍ତ ପୀଡ଼ିତା ଉପମୁଖ୍ୟମନ୍ତ୍ରୀଙ୍କ ନିର୍ବାଚନମଣ୍ଡଳୀ ନିମାପଡ଼ାର ବାସିନ୍ଦା।

## ନବୀନଙ୍କ...

୨୨ ତାରିଖରେ ଭୋଗରାଇରେ ଶ୍ରାଦ୍ଧ ଦିବସ ପାଳିବାକୁ ଘୋଷଣା କଲା। ଏଇଥିରୁ ସ୍ପଷ୍ଟ ବାରି ହେଉଛି ଯେ ବିଜେଡି ରାଜ୍ୟ ସରକାରଙ୍କ ବିରୋଧରେ ଲଢେଇ କରିବାକୁ ଚାହୁଁନାହିଁ। କେବଳ କଂଗ୍ରେସକୁ ଚେକ ଦେବାକୁ ବିଭିନ୍ନ ଆନ୍ଦୋଳନାତ୍ମକ କାର୍ଯ୍ୟକ୍ରମ ଗ୍ରହଣ କରୁଛି ବୋଲି ବରିଷ୍ଠ କଂଗ୍ରେସ ନେତାମାନେ କହିଛନ୍ତି।

ଅନାସ୍ଥା ପ୍ରସ୍ତାବ ସମ୍ପର୍କିତ ନବୀନଙ୍କ ନାଡି ଚିପା ଘଟଣାରୁ ମଧ୍ୟ ଏହା ସ୍ପଷ୍ଟ ବାରି ହୋଇପଡୁଛି। ମୁଖ୍ୟ ବିରୋଧୀ ଦଳ ଭାବେ ବିଜେଡି ହିଁ ପ୍ରଥମେ ରାଜ୍ୟ ସରକାରଙ୍କ ବିରୋଧରେ ଅନସ୍ଥା ପ୍ରସ୍ତାବ ଦେବାକୁ ଘୋଷଣା କରିବା କଥା। ନିଜେ ଦଳର ସଭାପତି ଓ ବିଧାୟକ ଦଳ ନେତା ଭାବେ ଏହା ନବୀନ ପଟ୍ଟନାୟକ ଘୋଷଣା କରିବା କଥା। କିନ୍ତୁ ବିଜେଡିରେ ରାଜନୈତିକ ବୌଦ୍ଧିକତାର ଅଭାବ ଯୋଗୁଁ ଦଳ ନିଜର ଆଭିମୁଖ୍ୟ ସ୍ପଷ୍ଟ କରିପାରୁନି ବୋଲି ରାଜନୈତିକ ସମୀକ୍ଷକମାନେ କହିଛନ୍ତି।

## ଏକତରଫା ...

ଜଣଙ୍କ ଜୟପୁରଠାରେ ଏକ କଲେଜରେ ବିଏସ୍‌ସି ନର୍ସିଂ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ସେ ହଷ୍ଟେଲରେ ରହି ପାଠ ପଢୁଥିବା ବେଳେ ଗ୍ରାମ ନିକଟସ୍ଥ ସତ୍ୟଜିତ ସରକାର କୃଷି ବିଜ୍ଞାନ ଛାତ୍ର ଥିବା ବେଳେ ଉକ୍ତ ଛାତ୍ରୀଙ୍କୁ ଏକତରଫା ପ୍ରେମ କରୁଥିଲେ। ଏନେଇ ସେ ଯୁବତୀ ଜଣଙ୍କୁ ବାରମ୍ବାର ହଇରାଣ ହରକତ ମଧ କରୁଥିଲେ। ଏହି କ୍ରମରେ ଗତ ୧୩ ତାରିଖରେ ଜୟପୁରରେ ଛାତ୍ରୀ ଜଣଙ୍କ ବଜାରକୁ ଆସିଥିବା ବେଳେ ସତ୍ୟଜିତ୍ ତାଙ୍କୁ ମାରପିଟ କରିଥିଲେ। ଏଥିରେ ଉକ୍ତ ଛାତ୍ରୀଙ୍କ ଆଖି ଓ ମୁହଁରେ ଗଭୀର ଆଘାତ ଲାଗିଥିଲା। ପରେ ଜୟପୁର ଟାଉନ୍ ଥାନାରେ ଉଭୟ ପକ୍ଷ ମଧ୍ୟରେ ଆପୋଷ ଆଲୋଚନା କରାଯାଇଥିଲା। କିନ୍ତୁ ଗତ ୧୫ ତାରିଖରେ ପୀଡିତାଙ୍କ ପକ୍ଷରୁ ଥାନାରେ ଏକ ମାମଲା ରୁଜୁ ହୋଇଥିଲା। କିନ୍ତୁ ଏହି ମାମଲାରେ ପୁଲିସ୍ ଅଭିଯୁକ୍ତ ସତ୍ୟଜିତଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିନଥିଲା। ଏହି ସମୟରେ ସତ୍ୟଜିତ ପୀଡିତା ଓ ତାଙ୍କ ପୁରୁଷ ବନ୍ଧୁଙ୍କ କେତେକ ଫଟୋ ଓ ଭିଡିଓ ସୋସିଆଲ ମିଡିଆରେ ଭାଇରାଲ କରିଦେବାରୁ ପୀଡ଼ିତା ଜଣଙ୍କ ଲୋକଲଜ୍ଜା ସହିନପାରି ଗତ ୧୭ ତାରିଖରେ ଘରେ ଥିବା ଘାସମରା ବିଷ ଖାଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଘର ଲୋକେ ତାଙ୍କୁ ତୁରନ୍ତ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ପରେ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ରାୟପୁରକୁ ମଧ ନିଆଯାଇଥିଲା।ତେବେ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ କୌଣସି ଉନ୍ନତି ଆସିନଥିଲେ ମଧ ଡାକ୍ତର ପରିବାର ଲୋକଙ୍କୁ ତାଙ୍କୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। କିନ୍ତୁ ଶେଷରେ କଂଗ୍ରେସର ଧାରଣା ପ୍ରଭାବରେ ଆଜି ତାଙ୍କୁ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଏହି ମାମଲାରେ ଆଜି ପୀଡ଼ିତାଙ୍କ ଦାଦା ରାଇଘର ଥାନାରେ ଲିଖିତ ଅଭିଯୋଗ କରିବା ପରେ ରାଇଘର ପୁଲିସ ପୀଡିତାଙ୍କ ବୟାନ ରେକର୍ଡ କରିଛି। କିନ୍ତୁ ଆଜି ପର୍ଯ୍ୟନ୍ତ ପୁଲିସ୍ ସତ୍ୟଜିତ୍‌ଙ୍କୁ ଗିରଫ କରିନାହିଁ। ପୀଡ଼ିତାଙ୍କୁ ବିଚ୍ ବଜାରରେ ମାଡ଼ ମାରି ଦରମରା କରିଥିଲେ ମଧ କ'ଣ ପାଇଁ ସତ୍ୟଜିତ୍‌ଙ୍କୁ ଗିରଫ କରାଯାଉନାହିଁ ବୋଲି ତାଙ୍କ ପରିବାର ଲୋକେ ପ୍ରଶ୍ନ କରିଛନ୍ତି। ଥାନାରେ ଅଭିଯୋଗ ହେବା ପରେ ପୁଲିସ୍ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଥିଲେ, ହୁଏତ ଆଜି ପୀଡ଼ିତାଙ୍କର ଏପରି ଅବସ୍ଥା ହୋଇନଥାନ୍ତା ବୋଲି ପରିବାର ଲୋକେ କହିଛନ୍ତି। ଏପରି ସ୍ଥିତିରେ ସତ୍ୟଜିତ୍ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ସ୍ଥାନୀୟ ଲୋକେ ଦାବି କରିଛନ୍ତି।

## ୩ ଜଣଙ୍କୁ...

ପୃଥକ୍ ଭାବେ ଜେରା କରାଯାଉଛି। ଘଟଣା ସହ ସେମାନଙ୍କର ସମ୍ପୃକ୍ତି ଥିବା ଅଭିଯୋଗ ପରେ ସେମାନଙ୍କୁ ପୁଲିସ୍ ପଚରାଉଚରା କରି ତଥ୍ୟ ସଂଗ୍ରହ ପାଇଁ ଉଦ୍ୟମ ଚଳାଇଛି। ସେମାନଙ୍କୁ ପୀଡ଼ିତା ରହୁଥିବା ବସ୍ତିରୁ ପୁଲିସ୍ ଉଠାଇନେଇଥିବା ଜଣାପଡ଼ିଛି। ସେହିପରି ଗତ ୫ ଦିନ ଧରି ବଳଙ୍ଗାରେ ତନାଘନା ଚଳାଇଛି କ୍ରାଇମବ୍ରାଞ୍ଚ ଟିମ୍। ବଳଙ୍ଗା ପୀଡ଼ିତାଙ୍କ ନୟାହାଟ ଅଞ୍ଚଳସ୍ଥିତ ମାମୁଘରେ କ୍ରାଇମବ୍ରାଞ୍ଚର ସଦସ୍ୟମାନେ ପହଞ୍ଚି ତଦନ୍ତ କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ବି ଆଜି ପର୍ଯ୍ୟନ୍ତ ଘଟଣା ସହ ଜଡ଼ିତ ୩ ଦୁର୍ବୃତ୍ତଙ୍କର କୌଣସି ପତ୍ତା ମିଳିପାରିନାହିଁ। ଅବଶ୍ୟ ସନ୍ଦେହ ପରିସରକୁ ଆସୁଥିବା ଲୋକଙ୍କ ମୋବାଇଲ ଟ୍ରାକିଂ କରୁଛି ସାଇବର ପୁଲିସ। ଏହି ମାମଲାରେ ଇତିମଧ୍ୟରେ ୨୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ପଚରାଉଚରା କରାଯାଇ ସାରିଲାଣି। କିନ୍ତୁ ଠୋସ୍ ସୁରାକ କିଛି ବି ମିଳିପାରୁନାହିଁ। ତେଣୁ କ୍ରାଇମ୍ ବ୍ରାଞ୍ଚ୍ ଆସନ୍ତାକାଲି ଦିଲ୍ଲୀ ଏମ୍ସରେ ପହଞ୍ଚି ପୀଡ଼ିତାଙ୍କ ବୟାନ ରେକର୍ଡ କରିବ ବୋଲି ଜଣାପଡ଼ିଛି। କିନ୍ତୁ ଏଥିସକାଶେ ସମ୍ପୃକ୍ତ ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥାରେ ଯଥେଷ୍ଟ ଉନ୍ନତି ଆସିବା ଦରକାର। ସଦ୍ୟତମ ରିପୋର୍ଟ ଅନୁସାରେ, ଦିଲ୍ଲୀ ଏମ୍ସରେ ଚିକିତ୍ସାଧୀନ ଥିବା ନାବାଳିକା ପୀଡ଼ିତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଅବଶ୍ୟ ଇତିମଧ୍ୟରେ ତାଙ୍କ ସ୍କିନ୍ ଟ୍ରାନ୍ସପ୍ଲାଣ୍ଟ ହୋଇଛି। ଏହାଛଡ଼ା ଆଜି ତାଙ୍କୁ ତରଳ ଖାଦ୍ୟ ଦିଆଯାଇଥିବା ନେଇ ମଧ୍ୟ ସୂଚନା ମିଳିଛି। କିନ୍ତୁ ଏବେ ବି ଅକ୍ସିଜେନ୍ ସପୋର୍ଟରେ ଅଛନ୍ତି ପୀଡ଼ିତା ଓ ଏକ ସ୍ୱତନ୍ତ୍ର ଡାକ୍ତରୀ ଟିମ୍ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଉପରେ ନଜର ରଖିଛନ୍ତି।

## ବଜ୍ରପାତରେ ...

ବର୍ଷା ହେବାରୁ ନିକଟସ୍ଥ ଏକ ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ଭୀଷଣ ଶବ୍ଦ କରି ବଜ୍ରପାତ ହେବାରୁ ସେମାନଙ୍କ ମଧ୍ୟରୁ ୨ ଜଣ ଶ୍ରମିକଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଯାଇଥିଲା। ସେହିପରି ଅନ୍ୟ ଦୁଇ ଜଣ ଶ୍ରମିକ ଗୁରୁତର ଭାବେ ଆହତ ହୋଇଥିଲେ। ସେମାନଙ୍କୁ ଢେଙ୍କାନାଳ ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ସେହିପରି ପୁରୀ ଜିଲ୍ଲାର ଡେଲାଙ୍ଗ ଥାନା ଅନ୍ତର୍ଗତ କଅଁଳପଡ଼ା ଗାଁରେ ଜଣେ ଯୁବକ ବିଲରେ କାମ କରୁଥିବା ସମୟରେ ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି। ବର୍ଷା ସମୟରେ ସେ ଖେତରେ ତଳି ରୋଉଥିବା ବେଳେ ଏପରି ଅଘଟଣର ଶିକାର ହୋଇଛନ୍ତି। ଆହୁରି କେନ୍ଦୁଝର ଜିଲ୍ଲାର ହରିଚନ୍ଦନପୁର ବ୍ଲକ୍ ଅନ୍ତର୍ଗତ ହଳଦିଆପଦା ଗାଁରେ ବଜ୍ରାଘାତ ଯୋଗୁଁ ଜଣେ ବ୍ୟକ୍ତିଙ୍କର ମୃତ୍ୟୁ ହୋଇଥିବା ବେଳେ ଜଣେ ଗୁରୁତର ଭାବେ ଆହତ ହୋଇଛନ୍ତି। ଆହତ ହୋଇଥିବା ବ୍ୟକ୍ତିଙ୍କୁ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବା ଜଣାପଡ଼ିଛି। ସେହିପରି କଟକ ଜିଲ୍ଲାର ଚୌଦ୍ୱାର ଥାନା ଅନ୍ତର୍ଗତ ବ୍ରହ୍ମପୁର ପଞ୍ଚାୟତର କାଞ୍ଜିଆ ଗାଁରେ ଜଣେ ମହିଳା ବଜ୍ରାଘାତରେ ମୃତ୍ୟୁବରଣ କରିଛନ୍ତି। ସେ ବିଲରେ କାମ କରୁଥିବା ସମୟରେ ବଜ୍ରପାତ ହେବାରୁ ପ୍ରାଣ ହରାଇଥିବା ଜଣାପଡ଼ିଛି।

## ଆପୋଷ...

ସମସ୍ୟାର ସମାଧାନ କରାଯାଇପାରିବ। ଏଥିରେ କେନ୍ଦ୍ର ଜଳ କମିଶନ ବୈଷୟିକ ସହଯୋଗ ପ୍ରଦାନ କରିପାରିବ। ଏହାଦ୍ୱାରା ଓଡ଼ିଶା ଓ ଛତିଶଗଡ଼ ମଧ୍ୟରେ ଥିବା ଦୀର୍ଘଦିନର ବିବାଦର ସମାଧାନ ହୋଇପାରିବ ଓ ଉଭୟ ରାଜ୍ୟ ମଧ୍ୟରେ ସୁସମ୍ପର୍କ ବୃଦ୍ଧି ପାଇବ।

ସୂଚନାଯୋଗ୍ୟ ଯେ ପୂର୍ବରୁ ଗତ ଫେବୃଆରୀରେ ରାଜସ୍ଥାନରେ ହୋଇଥିବା ସର୍ବଭାରତୀୟ ରାଜ୍ୟ ଜଳ ସମ୍ପଦ ମନ୍ତ୍ରୀମାନଙ୍କର ସମ୍ମିଳନୀ ଅବସରରେ ଏବଂ ମାର୍ଚ୍ଚରେ ଭୁବନେଶ୍ୱରରେ ହୋଇଥିବା ବିଶ୍ୱ ଜଳ ଦିବସ ଅବସରରେ ଛତିଶଗଡ଼ ମୁଖ୍ୟମନ୍ତ୍ରୀ ବିଷ୍ଣୁଦେଓ ସାଏଙ୍କ ସହ ଏ ବିଷୟରେ ଆଲୋଚନା ହୋଇଥିଲା । ଉଭୟ ମୁଖ୍ୟମନ୍ତ୍ରୀ ଏହାର ଆପୋଷ ସମାଧାନ ଉପରେ ଗୁରୁତ୍ୱାରୋପ କରିଥିଲେ। ଏହା ସହ ଦୁଇ ରାଜ୍ୟର ଉଚ୍ଚସ୍ତରୀୟ ପଦାଧିକାରୀମାନଙ୍କ ମଧ୍ୟରେ ଏ ସମ୍ପର୍କରେ ଆଲୋଚନା ଜାରି ରହିଛି ବୋଲି ଆଜି ଅନୁଷ୍ଠିତ ବୈଠକରୁ ଜଣାପଡ଼ିଛି।

ବୈଠକରେ ଆଡଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ତଥା ଜଳ ସମ୍ପଦ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର ଏବଂ ଜଳ ସମ୍ପଦ ବିଭାଗର ବରିଷ୍ଠ ଅଧିକାରୀ ଓ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ ।

## ବୁଲିବାକୁ...

ସ୍ଥାନୀୟ ପୁଲିସ, ଅଗ୍ନିଶମ ବାହିନୀ ଓ ବନ ବିଭାଗର ଟିମ୍ ଘଟଣାସ୍ଥଳରେ ପହଞ୍ଚି ମିଳିତ ଭାବେ ଉଦ୍ଧାର କାର୍ଯ୍ୟ ଜାରି ରଖିଛନ୍ତି। କିନ୍ତୁ ଲଗାଣ ବର୍ଷା ଓ ଅନ୍ଧାର ଯୋଗୁଁ ଉଦ୍ଧାର କାର୍ଯ୍ୟରେ ବାଧା ସୃଷ୍ଟି ହେଉଛି।

ମିଳିଥିବା ସୂଚନାନୁଯାୟୀ, ଛତିଶଗଡ଼ର ଏକ ପର୍ଯ୍ୟଟକ ଦଳ ନୃସିଂହନାଥ ମନ୍ଦିର ଦର୍ଶନ ସହ କପିଳଧାରା ଜଳପ୍ରପାତ ଦେଖିବା ପାଇଁ ଆସିଥିଲେ। ଗତକାଲି ପ୍ରବଳ ବର୍ଷା ଯୋଗୁଁ ପାହାଡ଼ିଆ ବାଟ କାଦୁଅ ଓ ବିପଜ୍ଜନକ ହୋଇପଡ଼ିଥିଲା। ତେଣୁ ପର୍ଯ୍ୟଟକମାନେ ବାଟ ହୁଡ଼ି ପାହାଡ଼ ଉପରେ ଫସି ରହିଥିଲେ। ସ୍ଥାନୀୟ ଲୋକଙ୍କ ସୂଚନା ପରେ ପ୍ରଶାସନ ଏହି ଘଟଣା ସମ୍ପର୍କରେ ଜାଣି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି।

## ୨୧୦ଟି...

ପରେ ବି କୌଣସି ଉତ୍ତର ମିଳିନଥିଲା। ତେଣୁ ଜିଲ୍ଲାପାଳ ସେସବୁ କଲେଜର ଦରମା ବନ୍ଦ ପାଇଁ ନିର୍ଦ୍ଦେଶ ଦେବା ସହ ୨୪ ଘଣ୍ଟା ମଧ୍ୟରେ ଏ ଦିଗରେ ପଦକ୍ଷେପ ନେବା ସକାଶେ ତାଗିଦ୍ କରିଛନ୍ତି। ଯଦି ଏହା ସତ୍ତ୍ୱେ ବି ଉକ୍ତ କଲେଜଗୁଡ଼ିକ ଅଣଦେଖା କରନ୍ତି ଓ ପୂର୍ଣ୍ଣାଙ୍ଗ ଆଇସିସି ରିପୋର୍ଟ ପ୍ରଦାନ ନ କରନ୍ତି, ତା'ହେଲେ ଉକ୍ତ କଲେଜଗୁଡ଼ିକର ଅଧ୍ୟକ୍ଷମାନଙ୍କୁ ସସ୍‌ପେଣ୍ଡ୍ କରାଯିବ ବୋଲି ମଧ୍ୟ ଜିଲ୍ଲାପାଳ ତାଗିଦ୍ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ, ବାଲେଶ୍ୱର ଏଫଏମ କଲେଜର ପୀଡିତା ଛାତ୍ରୀଙ୍କ ଜୀବନ ହାରିବା ପରେ କଲେଜ ଗୁଡିକରେ ଥିବା ଆଇସିସି କେତେ କାର୍ଯ୍ୟକ୍ଷମ ରହିଛି, ସେ ନେଇ ତଦନ୍ତ ଆରମ୍ଭ ହୋଇଛି। ଏଫଏମ କଲେଜର ପୀଡ଼ିତା ଛାତ୍ରୀ ଆଇସିସିରେ ଅଭିଯୋଗ କରିଥିଲେ ମଧ୍ୟ ତାଙ୍କ କଥାକୁ ଗୁରୁତର ସହ ନିଆ ଯାଇନଥିଲା। ଯାହା ଫଳରେ ସେ ଆତ୍ମାହୁତି ପରି ଚରମ ନିଷ୍ପତ୍ତି ନେଇଥିଲେ। ତେଣୁ ଆଗାମୀ ଦିନରେ ଅନ୍ୟ କୌଣସି ଛାତ୍ରୀ ଆଇସିସି ଦ୍ୱାରା ନିରାଶ ହୋଇ ଯେପରି ସମାନ ପଦକ୍ଷେପ ନ ନେବେ, ସେଥିସକାଶେ ରାଜ୍ୟ ସରକାର କଲେଜରେ ଥିବା ଆଇସିସିର କାର୍ଯ୍ୟଦକ୍ଷତାକୁ ଅଧିକ ସକ୍ରିୟ କରିବା ଉପରେ ଗୁରୁତ୍ୱ ଦେଉଛନ୍ତି।

## ଇଂଲଣ୍ଡ ଖେଳାଳିଙ୍କ ଉପରେ ରାଗିଗଲେ ଗିଲ୍

**ମାଞ୍ଚେଷ୍ଟର,୨୩।୭:** ଭାରତ ଏବଂ ଇଂଲଣ୍ଡ ମଧ୍ୟରେ ଖେଳାଯାଇଥିବା ଲର୍ଡସ ଟେଷ୍ଟରେ ଦେଖାଯାଇଥିବା ଉତ୍ତେଜନା ପଛରେ ପ୍ରକୃତ କାରଣ ଏବେ ସାମ୍ନାକୁ ଆସିଛି। ଟିମ ଇଣ୍ଡିଆର ଅଧିନାୟକ ଶୁବମନ ଗିଲ ତୃତୀୟ ଦିନର ଖେଳର ଶେଷ ଓଭରରେ ଘଟିଥିବା ନାଟକୀୟତା ଉପରେ ଏବେ ଏକ ସ୍ପଷ୍ଟ ବୟାନ ଦେଇଛନ୍ତି। ଗିଲ ଜ୍ୟାକ କ୍ରଲିଙ୍କୁ ଖେଳାତ୍ମକ ଭାବନା ଭାଙ୍ଗିଥିବା ଅଭିଯୋଗ ଆଣିଛନ୍ତି। ସେ ଜାଣିଶୁଣି ସମୟ ନଷ୍ଟ କରିଥିବା ଅଭିଯୋଗ ହୋଇଛି। ଲର୍ଡସ ଟେଷ୍ଟରେ ଦୁଇ ଦଳ ମଧ୍ୟରେ ତୀବ୍ର ସ୍ଲେଜିଂ ହୋଇଥିଲା। ଜସପ୍ରିତ ବୁମରା ତୃତୀୟ ଦିନର ଶେଷ ଓଭର ବୋଲିଂ କରୁଥିଲେ। ତା'ପରେ ଜ୍ୟାକ କ୍ରାଉଲି ରନ-ଅପ ସମୟରେ ପଛକୁ ହଟି ସମୟ ନଷ୍ଟ କରୁଥିଲେ। ଯାହା ଫଳରେ ଭାରତକୁ ଆଉ ଏକ ଓଭର ବୋଲିଂ କରିବାର ସୁଯୋଗ ମିଳିଲା ନାହିଁ। ଏହା ପରେ, ସେ ଗ୍ଲୋଭସ ଉପରେ ବଲ ଲାଗିବାର ଅଭିନୟ କଲେ ଏବଂ ପରେ ପଡ଼ିଆରେ ଡାକ୍ତରୀ ଚିକିତ୍ସା ପାଇଁ ମଧ ଡାକିଲେ। ଭାରତୀୟ ଖେଳାଳିମାନେ ତାଳି ମାରି ତାଙ୍କ 'ନାଟକ'କୁ ତାଚ୍ଛଲ୍ୟ କରିଥିଲେ ଏବଂ ଏହା ପରେ ପଡ଼ିଆରେ ଗିଲ ରାଗିଯାଇଥିଲେ। ଗିଲ ପ୍ରେସ କନଫରେନ୍ସରେ କହିଥିଲେ, ଇଂଲଣ୍ଡର ଓପନର୍ ନିର୍ଦ୍ଧାରିତ ସମୟଠାରୁ ୯୦ ସେକେଣ୍ଡ ବିଳମ୍ବରେ କ୍ରିଜ ପହଞ୍ଚିଥିଲେ ଏବଂ ସାରା ଦିନ ସମୟ ନଷ୍ଟ କରୁଥିଲେ।

### ବାୟକ୍ ସମ୍ରାଟ୍ ଗୋବର୍ଦ୍ଧନଙ୍କ ସ୍ମୃତି ଉଦ୍ଦେଶ୍ୟରେ

## ନୀରବି ଯାଇଛି ମୃଦଙ୍ଗ: ଆଜି ବି ମନେ ପଡନ୍ତି

**ନୟାଗଡ଼,୨୩।୭ (ସଂଚାର ବ୍ୟୁରୋ):** ଆଉ ସନ୍ଧ୍ୟାରେ ଶୁଭୁନି ମୃଦଙ୍ଗର ନାଦ। ହଁ ଆଜ୍ଞା, ସନ୍ଧ୍ୟା ହେଲେ ବାୟକ ସମ୍ରାଟ୍ ଗୋବର୍ଦ୍ଧନ ବେହେରା ମୃଦଙ୍ଗଟିଏ ଧରି ନିଜ ବାସଭବନ ସମ୍ମୁଖରେ ବସିଯାନ୍ତି। ଏବଂ ମୃଦଙ୍ଗ ବଜାଇ ହଜାର ହଜାର ଶିଷ୍ୟ ତିଆରି କରେଇଥିବା ବାୟକ ସମ୍ରାଟ୍ ଆଉ ଆମ ଗହଣରେ ନାହାନ୍ତି। ୮୬ବର୍ଷରେ ଇହଲୀଳା ତ୍ୟାଗ କରିଛନ୍ତି ନାଟୁଗାଁ ପଞ୍ଚାୟତ ସାଲୁଣୀ ଗାଁର ବାୟକ ସମ୍ରାଟ୍ ଗୋବର୍ଦ୍ଧନ ବେହେରା।



ବାୟକ ସମ୍ରାଟ୍ ସ୍ୱର୍ଗତ ବେହେରାଙ୍କ ପରଲୋକ ହେବାର ଦଶ ଦିନ ବିତିଗଲାଣି, କିନ୍ତୁ ଆଜି ବି ଗାଁ ମାଟି ଝୁରୁଚି। ଏମିତିକି ରାଜ୍ୟର ବିଭିନ୍ନ କୋଣରୁ ତାଙ୍କ ଠାରୁ ମୃଦଙ୍ଗ ବାଦକ ଶିକ୍ଷା ଲାଭ କରିଥିବା ହଜାର ହଜାର ଶିଷ୍ୟ ଆସି ପରିବାର ଲୋକଙ୍କୁ ସମବେଦନା ଜଣାଇବା ଶୋକବ୍ୟକ୍ତ କରିଛନ୍ତି। ଓଡ଼ିଶାର ପ୍ରଖ୍ୟାତ ଲୋକକଳା 'ପାଲା' ରେ ଗାୟକ କେଶରୀ ସ୍ୱର୍ଗତ ଉଦୀୟନାଥ ଶର୍ମାଙ୍କ ସହ ମିଶି ପାଲା ପରିବେଷଣ କରିଆସୁଥିଲେ। ମୃଦଙ୍ଗରେ ସିଦ୍ଧହସ୍ତ ହୋଇ ସାରା ରାଜ୍ୟରେ ବାୟକ ସମ୍ରାଟର ମୁକୁଟ ପିନ୍ଧି ସାଲୁଣୀ ଗାଁକୁ ପରିଚିତ କରାଇବାରେ ଯୋଦ୍ଧା ପାଲଟିଥିଲେ। ଗାୟକ କେଶରୀ ସ୍ୱର୍ଗତ ଶର୍ମାଙ୍କ ସହ ୨୫ବର୍ଷ କାର୍ଯ୍ୟକରି ଆସୁଥିଲେ। ବୟସର ଅପରାହ୍ନ ଯୋଗୁଁ ପାଲା ଜଗତରୁ ଅବସର ନେଲେ ସତ କିନ୍ତୁ ରାଜ୍ୟ ବିଭିନ୍ନ କୋଣ ଅନୁକୋଣରେ ମୃଦଙ୍ଗ ବାଦକ ଶିଷ୍ୟ ତିଆରି କରି ସାଲୁଣୀ ଇତିହାସ ପୃଷ୍ଠାରେ ସ୍ଥାନିତ ହୋଇଛନ୍ତି। ତେବେ ଆସନ୍ତା ୨୫ତାରିଖ ଶୁକ୍ରବାର ଅପରାହ୍ନରେ ଓଡ଼ିଶାର ସମୃଦ୍ଧ ଲୋକକଳା 'ପାଲା' କଳାକାରଙ୍କ ଦ୍ୱାରା ବାୟକ ସମ୍ରାଟ ସ୍ୱର୍ଗତ ଗୋବର୍ଦ୍ଧନ ବେହେରାଙ୍କ ସ୍ମୃତି ସଭା ସାଲୁଣୀ ଗ୍ରାମରେ ଆୟୋଜନ କରଯାଇଛି। ଉକ୍ତ ସ୍ମୃତିସଭାରେ ବହୁ ମାତ୍ରାରେ ଉପସ୍ଥିତ ରହିବା ପାଇଁ ଆୟୋଜକ ଓ ସ୍ୱର୍ଗତ ବେହେରାଙ୍କ ପରିବାର ତରଫରୁ ଅନୁରୋଧ କରଯାଇଛି।

### ଗଞ୍ଜାମରେ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା

# ଡାକ୍ତର ଅଭାବ ; ରୋଗୀ ହନ୍ତସନ୍ତ

**ବ୍ରହ୍ମପୁର,୨୩।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲ୍ଲାରେ ସ୍ୱାସ୍ଥ୍ୟ ସେବା ସମ୍ପୂର୍ଣ୍ଣ ବିଗିଡିଯାଇଛି। ଡାକ୍ତର ଅଭାବରୁ ରୋଗୀ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ଜଣାପଡିଛି। ଜିଲ୍ଲାରେ ଆବଶ୍ୟକୀୟ ଡାକ୍ତର କିମ୍ବା ନର୍ସ ନଥିବା ତଥ୍ୟ ସାମ୍ନାକୁ ଆସିଛି। ଅନେକ ପଦବୀ ଖାଲି ପଡିଥିବା ବେଳେ କାମଚଳା ସ୍ୱାସ୍ଥ୍ୟ ସେବା ଚାଲିଛି। ଜିଲ୍ଲାରେ ୬୯ % ପ୍ରତିଶତ ଡାକ୍ତର ପଦବୀ ଖାଲିପଡିଛି। ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀଙ୍କ ପକ୍ଷରୁ ଗଞ୍ଜାମ ଜିଲ୍ଲା ପରିଷଦଙ୍କୁ ଦିଆଯାଇଥିବା ତଥ୍ୟରୁ ଏହା ଜଣାପଡିଛି । ଗଞ୍ଜାମ ଜିଲ୍ଲାରେ ୧୦୭୭ ଡାକ୍ତର ରହିବା କଥା । ତେବେ ଏଥିରୁ ୩୩୧ ଡାକ୍ତର ରୋଗୀ ସେବା ଯୋଗଉଛନ୍ତି। ଆହୁରି ୭୪୬ ଡାକ୍ତର ପଦବୀ ଖାଲି ପଡିଛି।



ଜିଲ୍ଲାରେ ୬୩୭ ରୁ ୪୨୪ ନର୍ସ ପଦବୀ ମଧ ଖାଲି ରହିଛି । ସେହିପରି ୧୦ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପଦବୀ ଖାଲି ପଡ଼ିଥିବା ବେଳେ ୧୧୧ ଫାର୍ମାସିଷ୍ଟ, ୧୦୨୪ ବିଭିନ୍ନ ରେଡ଼ିଓଗ୍ରାଫର, ୪୧ ଲ୍ୟାବ ଟେକନିସିଆନ, ୩ ପିଏଚଇଓ, ୪ ଓପଲାମିକ ଆସିଷ୍ଟାଣ୍ଟ ପଦବୀ ଖାଲି ରହିଛି। ଜିଲ୍ଲାରେ ମୋଟ ସ୍ୱାସ୍ଥ୍ୟ ବିଭାଗରେ ୫୨.୪୮ ପ୍ରତିଶତ ବିଭିନ୍ନ ପଦ ପଦବୀ ଖାଲି ପଡିଥିବା ରିପୋର୍ଟରୁ ଜଣାପଡିଛି। ଜିଲ୍ଲାର ଛତ୍ରପୁର, ଭଞ୍ଜନଗର, ଆସିକା ଓ ହିଞ୍ଜିଳିରେ ଉପଖଣ୍ଡ ହସ୍ପିଟାଲ ରହିଥିବା ବେଳେ ୨ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର, ୯୩ ପ୍ରାଥମିକ ସେଣ୍ଟର ରହିଛି। ସ୍ୱତନ୍ତ୍ର ନିଉ ବର୍ଣ୍ଣ କେୟାର ୟୁନିଟ ଛତ୍ରପୁର, ଆସିକା ଓ ହିଞ୍ଜିଳି ହସ୍ପିଟାଲରେ ନାହିଁ । ସେହିଭଳି ହିଞ୍ଜିଳି ଓ ଛତ୍ରପୁର ହସ୍ପିଟାଲରେ ନ୍ୟାସନାଲ ରିହାବିଲିଟେସନ ସେଣ୍ଟର ନାହିଁ ।

ଅପରପକ୍ଷରେ ଏମ୍‌କେସିଏ, ବ୍ରହ୍ମପୁର ସିଟି ହସ୍ପିଟାଲ, ଛତ୍ରପୁର, ଭଞ୍ଜନଗର, ହିଞ୍ଜିଳି ଓ ଆସିକା ହସ୍ପିଟାଲରେ ମୃତଦେହ ବ୍ୟବଚ୍ଛେଦ ସେଣ୍ଟର ରହିଛି । ହେଲେ ଡାକ୍ତର ଅଭାବରୁ ଏହି ସେଣ୍ଟର କାର୍ଯ୍ୟକ୍ଷମ ହୋଇପାରୁ ନାହିଁ। ଏହାର ପ୍ରତିକାର ପାଇଁ ସରକାର ତୁରନ୍ତ ଡାକ୍ତର ଦେବା ଆବଶ୍ୟକ ବୋଲି କହିଛନ୍ତି ଗଞ୍ଜାମ ଜିଲ୍ଲା ସ୍ୱାସ୍ଥ୍ୟାଧିକାରୀ।

## ଡାଇରିଆରେ ମହିଳା ମୃତ

**ରାଇଘର,୨୩।୭ (ସଂଚାର ବ୍ୟୁରୋ):** ହାଟଭରଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନରେ ଥିବା ରାଇଘର ବ୍ଲକ ଛେଳିଡଙ୍ଗରି ପଞ୍ଚାୟତ ସାଲେଭାଟା ଗ୍ରାମର ସେବତୀ ଗଣ୍ଡ (୫୪)ଗତ କାଲି ରାତିରୁ ଜର ହୋଇଥିଲା। ଆଜି ସକାଳ ପ୍ରାୟ ୫ଟା ସମୟରେ ତାଙ୍କର ଝାଡା ହୋଇଥିଲା। ପରିବାର ଲୋକ କହିବା ଅନୁଯାୟୀ ସକାଳୁ ଦୁଇ ତିନି ଥର ଝାଡା ହୋଇଥିଲା। ମଧ୍ୟାହ୍ନରେ ସେ ପରିବାର ଲୋକଙ୍କ ସହ ଖାଇଥିଲେ କିନ୍ତୁ ଶରୀର ଅସୁସ୍ଥ ଅନୁଭବ କରିବାରୁ ତାଙ୍କୁ ରାଇଘର ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆମ୍ବୁଲାନ୍ସ ଯୋଗେ ଆଣିଥିଲେ। ଏଠାରେ ଡାକ୍ତର ତାଙ୍କୁ ଦେଖି ମୃତ ଘୋଷଣା କରିଥିଲେ। କିନ୍ତୁ କେଉଁ କାରଣରୁ ମୃତ୍ୟୁ ହୋଇଥାଇପାରେ ଏହା ନେଇ ବ୍ୟବଚ୍ଛେଦ ପାଇଁ କହିଥିଲେ। ଏହାପରେ ପରିବାର ଲୋକେ ରାଇଘର ଥାନାରେ ଲିଖିତ ଜଣାଇବା ପରେ ସନ୍ଧ୍ୟା ହୋଇଯାଇଥିବାରୁ ଆସନ୍ତାକାଲି ବ୍ୟବଚ୍ଛେଦ କରାଯିବ ବୋଲି ଜଣା ପଡିଛି।

## ଦୁର୍ଘଟଣାରେ ଓଏପିଏଫ୍ ଯବାନଙ୍କ ମୃତ୍ୟୁ

**ରାଇଘର,୨୩।୭ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନରେ ଏକ ବାଇକ ଦୁର୍ଘଟଣାରେ ନବରଙ୍ଗପୁର ମୁଖ୍ୟ ଦପ୍ତରରେ କାର୍ଯ୍ୟରତ ଓଏପିଏଫ୍ ଯବାନଙ୍କ ମୃତ୍ୟୁ ଘଟିଛି । ଯବାନ ଜଣକ ହାଟଭରାଣ୍ଡି ଗ୍ରାମର ନରୋତ୍ତମ ଗଣ୍ଡ (୪୫) ଏବଂ ସେ ନବରଙ୍ଗପୁର ଜିଲ୍ଲା ପୁଲିସ ରେ ଓଏପିଏଫ୍ ଯବାନ ଭାବେ କାର୍ଯ୍ୟରତ ଥିଲେ ।



ସୂଚନା ପ୍ରକାରେ ଆଜି ଅପରାହ୍ନ ପ୍ରାୟ ସାଢ଼େ ୫ଟା ସମୟରେ ନରୋତ୍ତମ ନିଜ ଦାଦାଙ୍କ ସହ ଏକ ବାଇକରେ କେରାପାରାରୁ ଫେରୁଥିବା ବେଳେ ମଝି ରାସ୍ତାରେ ଭାରସାମ୍ୟ ହରାଇ ଏକ ଧାନ ବୋଝଇ ମିନିଟ୍ରକ (ଟାଟା-୧୧୦୯) ଗାଡ଼ି ନୁମ୍ବର ସିଜି ୦୭ସିସି ୧୫୮୭ର ପଛପଟେ ପିଟି ହୋଇ ଯାଇଥିଲା । ଫଳରେ ନରୋତ୍ତମ ଛିଟିକି ପଡ଼ିବା ସହ ମୁଣ୍ଡରେ ଗଭୀର ଆଘାତ ଲାଗିଥିଲା । ସେହି ରାସ୍ତା ଦେଇ ଯାଉଥିବା ଲୋକେ ତୁରନ୍ତ କୁନ୍ଦେଇ ପୁଲିସକୁ ଖବର ଦେବା ପରେ ଥାନା ଅଧିକାରୀ ଦୁର୍ଗା ପ୍ରସାଦ ବ୍ରହ୍ମା ଘଟଣା ସ୍ଥଳରେ ପହଂଚି ନରୋତ୍ତମଙ୍କୁ ରକ୍ତ ଜୁଡୁବୁଡୁ ଅବସ୍ଥାରେ ନିଜ ଗାଡ଼ିରେ ବସାଇ ହାଟଭରାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଇ ଥିଲେ। ସନ୍ଧ୍ୟା ପ୍ରାୟ ୬ଟା ସମୟରେ ନରୋତ୍ତମଙ୍କ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁ ଘଟିଥିଲା । ନରୋତ୍ତମଙ୍କ ମୃତ୍ୟୁ ଖବର ପାଇ ସ୍ଥାନୀୟ ଅଂଚଳରେ ଶୋକାକୂଳ ପରିବେଶ ସୃଷ୍ଟି ହୋଇଛି । ଅନ୍ୟପଟେ ନରୋତ୍ତମଙ୍କ ଦାଦା ସୁରକ୍ଷିତ ରହିଥିବା ପୁଲିସ ସୂଚନା ଦେଇଛି ।

## କିରୋସିନ୍ ଢାଳିହୋଇ ବୃଦ୍ଧଙ୍କ ଆତ୍ମାହୁତି

**ବ୍ରହ୍ମପୁର,୨୩।୭ (ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ପାଟପୁର ଥାନା ଅନ୍ତର୍ଗତ ବଡ଼ିଆଓସ୍ତା ଗ୍ରାମରେ ଏକ ଅଭାବନୀୟ ଘଟଣା ଘଟିଛି। ବୁଧବାର ଉକ୍ତ ଗ୍ରାମର ଜଣେ ବୃଦ୍ଧ କୌଣସି କାରଣରୁ ମାନସିକ ଭାରସାମ୍ୟ ହରାଇ ଘର ଭିତରେ ନିଜେ ନିଜ ଦେହରେ କିରୋସିନ ଢାଳି ନିଆଁ ଲଗାଇ ଆତ୍ମଦାହ କରିଛନ୍ତି। ବୃଦ୍ଧ ଜଣକ ହେଲେ ଗ୍ରାମର ପୁରୋହିତ ପୀତବାସ ଆଚାର୍ଯ୍ୟ(୬୨)। ପରିବାର ଲୋକେ ନିଆଁ ଲିଭାଇବାକୁ ଚେଷ୍ଟା କରିଥିଲେ। ପରେ ତାଙ୍କୁ ସଙ୍କଟାପନ୍ନ ଅବସ୍ଥାରେ ଆଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ପାଟପୁର ପୋଲିସ ଖବରପାଇ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ଅପମୃତ୍ୟୁ ମାମଲା ରୁଜୁ କରିବା ସହ ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଛି।ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବା ପରେ ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ପୋଲିସ ବୃଦ୍ଧଙ୍କ ଘରୁ ଏକ ସୁଇସାଇଡ ନୋଟ ଜବତ କରିଛି। ସେଥିରେ ମୁଁ ଆଉ ବଞ୍ଚିବାକୁ ଚାହୁଁ ନାହିଁ। ମୋର ମୃତ୍ୟୁ ପାଇଁ ଅନ୍ୟକେହି ଦାୟୀ ନୁହଁନ୍ତି। ବୋଉକୁ ଭଲରେ ରଖିବୁ ବୋଲି ନିଜ ପୁଅ ଉଦ୍ଦେଶ୍ୟରେ ସେ ଲେଖିଥିବା ବେଳେ ଘଟଣାର ଗୁରୁତ୍ୱ ଦୃଷ୍ଟିରୁ ଏନେଇ ସବିଶେଷ ତଦନ୍ତ କରାଯିବ ବୋଲି ପୋଲିସ୍ କହିଛି।

## ବାଇକ୍ ଧକ୍କାରେ ୧ ମୃତ, ଜଣେ ଗୁରୁତର



**ନିମାପଡ଼ା,୨୩।୭ (ସଂଚାର ବ୍ୟୁରୋ):** ଆଜି ଅପରାହ୍ନ ୪ଟାରେ ନିମାପଡ଼ା କୋଣାର୍କ ରାସ୍ତାର ସ୍ଥାନୀୟ ଝାମ୍ପୁଲାକୁଦ ପୋଲ ନିକଟରେ ଦୁଇ ବାଇକ ମଧ୍ୟରେ ଧକ୍କା ହେବା ଫଳରେ ଜଣେ ବାଇକ ଚାଳକର ମୃତ୍ୟୁ ହୋଇଛି । ଅନ୍ୟ ଜଣେ ବାଇକ ଚାଳକଙ୍କୁ ଅତି ସଙ୍କଟାପର୍ଣ୍ଣ ଅବସ୍ଥାରେ କ୍ୟାପିଟାଲ ହସପିଟାଲକୁ ଅଧିକ ଚିକିତ୍ସା ପାଇଁ ପଠାଯାଇଛି। ଗାଡି ଦୁଇଟିର ନମ୍ବର ଯଥାକ୍ରମେ ଓଆର୍୧୩ଇ୦୮୪୫ ଓ ଓଡି୧୩ଏକ୍ସ୯୫୨୪। ମିଳିଥିବା ସୁଚନାରୁ ପ୍ରକାଶ ଝାମ୍ପୁଲାକୁଦ ଗ୍ରାମ ଶେଷ ମୁଣ୍ଡରେ ଥିବା ଏକ କେନାଲ ପୋଲ ନିକଟରେ ବାମନାଳ ପଞ୍ଚାୟତ ଅନ୍ତର୍ଗତ ବରିମୁଣ୍ଡ ଦେଉଳି ସାହି ଗ୍ରାମର ବାଉରିବନ୍ଧୁ ପଣ୍ଡାଙ୍କ ସାନପୁଅ ଦେବାଶିଷ ପଣ୍ଡା(୩୦) ବାଇକ ନେଇ କୋଣାର୍କ ପଟକୁ ଯାଉଥିବା ସମୟରେ ବିପରିତ ଦିଗରୁ ତୁଳସିପୁର ପଞ୍ଚାୟତ ଅଗର ଶାସନ ଗ୍ରାମର ସନା କାଣ୍ଡିଙ୍କ ପୁଅ ତୋଫାନ କାଣ୍ଡିଙ୍କ ସହ ଧକ୍କା ହୋଇଥିଲା। ଝାମ୍ପୁଲାକୁଦ ଗ୍ରାମ ଶେଷ ମୁଣ୍ଡରେ ଦୁଇ ବାଇକ ମଧ୍ୟରେ ମୁହାଁ ମୁହାଁ ଏତେ ତ୍ରୀବ୍ରତର ଥିଲା ଘଟଣାସ୍ଥଳରେ ଦେବାଶିଷଙ୍କ ମୃତ୍ୟୁ ହୋଇଯାଇଥିଲା। ସ୍ଥାନୀୟ ଲୋକମାନେ ଦୁଇ ବାଇକ ଚାଳକଙ୍କୁ ଚିକିତ୍ସା ପାଇଁ ନିମାପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡ଼ାକ୍ତର ଦେବାଶିଷଙ୍କ ମୃତ୍ୟୁ ହୋଇ ଯାଇଥିବା ଘୋଷଣା କରିଥିଲେ ଓ ଅନ୍ୟ ଚାଳକ ତୋଫାନର ଅବସ୍ଥା ସଙ୍କଟାପର୍ଣ୍ଣ ଥିବାରୁ କ୍ୟାପିଟାଲ ହସପିଟାଲକୁ ରେଫର କରିଥିଲେ। ପୁଲିସ ଘଟଣାସ୍ଥଳରେ ବାଇକ ଦୁଇଟିକୁ ଜବତ କରିବା ସହ ଘଟଣାର ତଦନ୍ତ କରୁଛି।

### ମନେରଗା ରାସ୍ତା କାମ ନିମ୍ନମାନର

# ଧାନତଳି ରୋଇ ପ୍ରତିବାଦ କଲେ ଗ୍ରାମବାସୀ



**ରାଇଘର,୨୩।୭ (ସଂଚାର ବ୍ୟୁରୋ):** ମନେରଗା ରାସ୍ତା କାମରେ ଦୁର୍ନୀତି। ୫ ଲକ୍ଷ ଟଙ୍କାର କାମ, ଲକ୍ଷେ ଟଙ୍କା ମଧ ରାସ୍ତା କାମରେ ସରିନି। ଏଭଳି ରାସ୍ତା ତିଆରି ହୋଇଛି ୩ ନମ୍ବର କଚରାପାରା ପଂଚାୟତର ଜୋଡଯଙ୍ଗା ଡିଏନକେ ଗ୍ରାମରୁ ପଖନାପାରା ନୂଆପାରା ଗ୍ରାମକୁ । ଗ୍ରାମବାସୀଙ୍କ କହିବାକଥା ୪ ମାସ ପୂର୍ବେ ଯୋଡ଼ଜଙ୍ଗା ଡିଏନକେ ଗ୍ରାମର ତିନିଜଣ ଠିକାଦାର ମିଶି ଏନଆରଜିଏସରେ ୫ ଲକ୍ଷ ଟଙ୍କାର ରାସ୍ତା କାମକୁ ଠିକାନେଇ ରାସ୍ତାକାମ ଜେଣତେଣ ମାଟି ପକେଇ ତିଆରି କରିଦେଇ ଅଧା ବିଲ ଉଠେଇନେଲେ। ବର୍ତମାନ ସେହି ରାସ୍ତାରେ ଯାଇ ପାରୁନାହାନ୍ତି ଲୋକେ। କାରଣ ରାସ୍ତାସାରା କାଦୁଅ ପଚପଚ ସହ ରାସ୍ତା ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇପଡିଛି।

ଏ ବିଷୟରେ ଗ୍ରାମବାସୀ ଠିକାଦାରଙ୍କୁ ଫୋନ କରି ଜଣେଇବାପରେ ତମେମାନେ ଯେତେ ସାମ୍ବାଦିକଙ୍କୁ ଡାକିବାର ଅଛି ଡାକ। ରାଇଘର ଉମରକୋଟର ସବୁ ସାମ୍ବାଦିକଙ୍କୁ ମୁଁ ପଇସା ଦେଇ ପୋଶୁଛି। ମୋ ଖବର କିଏ ତିଆରି କରିବେ ନାହିଁ। ସମସ୍ତଙ୍କୁ ମୁଁ ପଇସା ଦେଇ ମୁହଁ ବନ୍ଦ କରେଇଦେବି ବୋଲି ଠେକାଦାର ମିଥୁନ ବ୍ୟାପାରୀ କହିଛନ୍ତି। ଯାହାର ରେକର୍ଡ଼ିଙ୍ଗ ମଧ ରହିଛି।

ଆଜି ଏହି ବିଷୟରେ ଯୋଡ଼ଙ୍ଗା ଡିଏନକେ ଗ୍ରାମ ଏବଂ ନୂଆପାରା ଗ୍ରାମର ରଞ୍ଜନ ଦାସ, ବିଷ୍ଣୁପଦ ମଣ୍ଡଳ, ଦୁର୍ଜନ ଗଣ୍ଡ, ପୁଣିତ ଗଣ୍ଡ, ବଂଶୀ ଗଣ୍ଡ, ଦେବିଲାଲ ଗଣ୍ଡ, ହରିଦାସ ମଣ୍ଡଳ, ମଳୟ ମଣ୍ଡଳ, କିଶୋର ବାଙ୍ଗାଲି, ବାବୁଲୁ ବିଶ୍ୱାସ, ଅନୁ ବିଶ୍ୱାସ, ମଣିଷନ୍ତ ବିଶ୍ୱାସ, କାଲୁ ସରକାର, ସାଗର ହାଲଦାର, ନିଉ ମଣ୍ଡଳ, ଜଗ ମଣ୍ଡଳ, ସମୀର ପାଲ, ଇନ୍ଦ୍ରଜିତ ମଲ୍ଲିକ, ଅସିତ ଗଣ୍ଡ, ହରିହର ସରକାର, ଟେଙ୍ଗରା ବୈଦ୍ୟ, ବିଭୀଷଣ ମଣ୍ଡଳ, ପେଗଲ ସରକାର, ଠାକୁର ମଣ୍ଡଳ, ଫିଙ୍କୁ ମଣ୍ଡଳ, ତୁଳସୀ ଗଣ୍ଡ, ସୁନ୍ଦରଲାଲ ଗଣ୍ଡ, ହେମଲାଲ ଗଣ୍ଡ, ଅନୁପମ ବିଶ୍ୱାସ, ସୁକଦେଓ ଗଣ୍ଡଙ୍କ ସମେତ ଶହେଜଣ ଗ୍ରାମବାସୀ ଏହି ନିମ୍ନମାନର ରାସ୍ତା ତିଆରିର ଅଭିଯୋଗ ଆଣିଛନ୍ତି। ଯନ୍ତ୍ରୀ ରାସ୍ତା ନ ଦେଖି କେମିତି ଅଧା ବିଲ କରିଦେଲେ ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏଥିସହିତ ଗ୍ରାମବାସୀମାନେ ରାସ୍ତାରେ ଧାନତଳି ରୋଇ ପ୍ରତିବାଦ କରିଛନ୍ତି।




## ଶ୍ରୀ ରାମଲିଙ୍ଗ ଚୋଡେଶ୍ୱରୀ ମା'ଙ୍କ ବାର୍ଷିକ ଉତ୍ସବ ଓ ୧୦୮ କଳସ ଯାତ୍ରା

**ବ୍ରହ୍ମପୁର,୨୩।୭ (ସଂଚାର ବ୍ୟୁରୋ):** ସ୍ଥାନୀୟ ମାର୍ଥା ପେଟା ସାହି ସ୍ଥିତ ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପରେ ବୁଧବାର ଠାରୁ ଶ୍ରୀ ରାମଲିଙ୍ଗ ଚୌଡେଶ୍ୱରି ମା'ଙ୍କ ଦେବ ସ୍ଥାନର ୪୬ତମ ବାର୍ଷିକ ଉତ୍ସବ ଓ ୧୦୮ କଳସ ଅଭିଷେକ ଆରମ୍ଭ ହୋଇଛି । ଏହି ଅବସରରେ ଆୟୋଜିତ କଳସ ଯାତ୍ରାରେ ଆଖ ପାଖ ଅଂଚଳର ବହୁ ଭକ୍ତ ଯୋଗ ଦେଇଥିଲେ। ୨୩ ତାରିଖ କଳସ ଯାତ୍ରା ପରେ ୨୪ରେ ନିଜ ରୂପ ଦର୍ଶନ, ଦେବୀ ହୋମ, ୨୫ ତାରିଖରେ ସାମୂହିକ କୁଙ୍କୁମ ପୂଜା ଆରତୀ, ୨୬ରେ ରୁଦ୍ରା ଭିଷେକ, ଶିବ ପୂଜା ଓ ପ୍ରସାଦ ସେବନ, ୨୭ ତାରିଖ ସକାଳ ୧୦ଟାରେ ମା'ଙ୍କ ନଗର ପରିକ୍ରମା ସହ ଉଦଯାପନ ହେବାର କାର୍ଯ୍ୟକ୍ରମ ରହିଛି ବୋଲି ଶ୍ରୀ ସିଦ୍ଧେଶ୍ୱର ସ୍ୱାମୀ କଲ୍ୟାଣ ମଣ୍ଡପ ସଭାପତି ଟି.ଗୋପୀ କହିଛନ୍ତି । ଏହି କାର୍ଯ୍ୟକ୍ରମରେ ବିଧାୟକ କେ ଅନିଲ କୁମାର, ଜିଲ୍ଲା ବିଜେପି ସଭାପତି ସରୋଜ ସାବତ, ପୂର୍ବତନ ଉପ ବାଚସ୍ପତି ରାମଚନ୍ଦ୍ର ପଣ୍ଡା,ବରିଷ୍ଠ ବିଜେପି ନେତା କାହ୍ନୁ ଚରଣ ପତିଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେବାର କାର୍ଯ୍ୟକ୍ରମ ରହିଥିବା ସଭାପତି ଟି ଗୋପୀ ସୂଚନା ଦେଇଛନ୍ତି। କାର୍ଯ୍ୟକ୍ରମ ପରିଚାଳନାରେ କର୍ପୋରେଟର ଟି.କିଶୋର, ଜେ.ଦେବଦାସ, କେ.ଜଗନ୍ନାଦ୍ଧମ, ଏ. ଶେଖର, ଏ.ନନ୍ଦ ରାଜୁ, ଏନ୍. ଗୀତା, ଏନ୍. ପଦ୍ମଜା , ଏ ଭି ରାମାରାଓ ଙ୍କ ସମେତ ସମସ୍ତ କମିଟିର କର୍ମକର୍ତ୍ତା ସହଯୋଗ କରିଥିଲେ।

## ନିଖିଳ ଓଡ଼ିଶା ମଜଦୂର ମହାସଂଘ ପକ୍ଷରୁ ରକ୍ତଦାନ ଶିବିର ଅନୁଷ୍ଠିତ




**ନିମାପଡ଼ା,୨୩।୭ (ସଂଚାର ବ୍ୟୁରୋ):** ନିମାପଡ଼ାର ସ୍ଥାନୀୟ ରବୀନ୍ଦ୍ର ମଣ୍ଡପ ଠାରେ ନିଖିଳ ଓଡ଼ିଶା ମଜଦୂର ମହାସଂଘ ଆନୁକୂଲ୍ୟରେ ଭାରତୀୟ ମଜଦୂର ସଂଘର ୭୦ ତମ ବର୍ଷ ପୂର୍ତ୍ତି ଅବସରରେ ସ୍ୱେଚ୍ଛାକୃତ ରକ୍ତ ଦାନ ଶିବିର ଅନୁଷ୍ଠିତ ହୋଇଯାଇଅଛି।ଏହି ଅବସରରେ ୧୨୦ ଜଣ ସ୍‌ବଚ୍ଛୋସେବୀ ଯୋଗ ଦେଇ ୬୧ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ମୁଖ୍ୟ ଅତିଥି ଭାବେ ମହେନ୍ଦ୍ର ସିଂ ଭାଟିଆ, ଆଇ ତ୍ରିନାଥ ପାତ୍ର,ସଭାପତି ଶୁଭ୍ରାଂଶୁ କୁଣ୍ଡ, ଉପ ସଭାପତି ପ୍ରଶାନ୍ତ ଓଝା, ସହଯୋଗୀ ତୋଫାନ ତରାଇ, ସଞ୍ଜୟ କର, ଅମିତ୍ କୁମାର ନାୟକ,ଗିରିଶ ଚନ୍ଦ୍ର ପ୍ରଧାନ, ସତ୍ୟ ସୁନ୍ଦର୍ ସେନାପତି ଓ ଅନ୍ୟ ସ୍‌ବଚ୍ଛୋସେବୀ ମାନଙ୍କ ଦ୍ୱାରା ରକ୍ତ ଦାନ ଶିବିର ସୁଚାରୁ ରୁପେ ପରିଚାଳନା କରାଯାଇଥିଲା।

## ସୋସିଆଲ ମିଶନ ୱାଲର୍ଡ ସଂଗଠନ ପକ୍ଷରୁ ବନ ମହୋତ୍ସବ




**ନାଉଗାଁ,୨୩।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଙ୍ଗଦାସ୍ଥିତ ଶ୍ରୀ ଶ୍ରୀ ମଉଳା ଭଣଜା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ସୋସିଆଲ ମିଶନ ୱାଲର୍ଡ ସଂଗଠନ ପକ୍ଷରୁ ବନ ମହୋତ୍ସବ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସଂଗଠନର ଅଧକ୍ଷ ସର୍ବେଶ୍ୱର ମହାରଣାଙ୍କ ନେତୃତ୍ୱରେ ବିଦ୍ୟାଳୟ ଚତୁଃପାର୍ଶ୍ୱରେ ବିଭିନ୍ନ ପ୍ରକାର ଚାରାରୋପଣ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅଧାପକ ଡ. ନିରଞ୍ଜନ ବିଶ୍ୱାଳ, ଅଧାପକ ପ୍ରତାପ କୁମାର ମିଶ୍ର, ପରିବେଶବିତ୍ ବିଭୁତି ଭୂଷଣ ତ୍ରିପାଠୀ, ସମାଜସେବୀ ବିଚିତ୍ର କୁମାର ପଣ୍ଡା, ପ୍ରାକ୍ତନ ପ୍ରଧାନ ଶିକ୍ଷକ ସୁକାନ୍ତ କୁମାର ଲେଙ୍କା ପ୍ରମୁଖ ଯୋଗ ଦେଇ ପରିବେଶରୁ ଦିନକୁ ଦିନ ବୃକ୍ଷ ହ୍ରାସ ପାଉଥିବା ବେଳେ ପାଣିପାଗରେ ଅନିୟମିତତା ଦେଖାଦେଉଛି। ପରିବେଶକୁ ସୁସ୍ଥ ସୁନ୍ଦର କରିବା ପାଇଁ ବୃକ୍ଷର ଆବଶ୍ୟକତା ରହିଛି ବୋଲି ଯୋଗ ଦେଇଥିବା ଅତିଥିମାନେ ମତବ୍ୟକ୍ତ କରିଥିଲେ। ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଚାରାରୋପଣ କରିଥିଲେ।

## ରାସ୍ତା କଡ଼ରୁ ମାନସିକ ବିକାରଗ୍ରସ୍ତ ମହିଳା ଉଦ୍ଧାର

**ନୟାଗଡ଼,୨୩।୭ (ସଂଚାର ବ୍ୟୁରୋ):** ରାସ୍ତା କଡ଼ରୁ ଜଣେ ମାନସିକ ବିକାର ଗ୍ରସ୍ତ ମହିଳା ଉଦ୍ଧାର କରଯାଇଛି। ନୟାଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା ରାସ୍ତା କଡ଼ରୁ ମାନସିକ ବିକାର ଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ସେବା ଅନୁଷ୍ଠାନ ରେ ଥଇଥାନ କରିଛନ୍ତି।



ସୂଚନାନୁସାରେ, ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଛଖଣ୍ଡ କୌଣସି ଏକ କାର୍ଯ୍ୟରେ ନିଜ କାର୍ଯ୍ୟାଳୟ ଠାରୁ ଓଡ଼ଗାଁ ରାସ୍ତାରେ ଯାଉଥିଲେ। ଓଡ଼ଗାଁ ଛକରେ ଅବସ୍ଥିତ ଏକମଲ୍ ନିକଟ ରାସ୍ତା କଡ଼ରେ ମାନସିକ ବିକାର ଗ୍ରସ୍ତ ମହିଳା ଜଣକ ଅସହାୟ ଅବସ୍ଥାରେ ପଡିଥିବାର ଦେଖି ସ୍ଥାନୀୟ ସ୍ୱେଚ୍ଛାସେବୀଙ୍କ ସହାୟତାରେ ତାଙ୍କୁ ସଚେତ କରିଥିଲେ। ଏହାପରେ ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା ଙ୍କୁ ଦାୟିତ୍ୱ ଦେଇଥିଲେ ଏହି ମାନସିକ ବିକାର ଗ୍ରସ୍ତ ମହିଳାଙ୍କୁ ଉଦ୍ଧାର କରି ଥଇଥାନ କରିବା ପାଇଁ। ଅଧିକାର ମିତ୍ର ପ୍ରଫୁଲ୍ଲ କୁମାର ବେହେରା ସେବା ର ସଂପାଦକ ଏବଂ ଅଧକ୍ଷ ଙ୍କୁ ଯୋଗାଯୋଗ କରି ଥଇଥାନ କରିଛନ୍ତି। ଜିଲ୍ଲା ଆଇନ ସେବା ପ୍ରାଧିକରଣର ଏହି ତ୍ୱରିତ ପଦକ୍ଷେପ ଯୋଗୁଁ ଏକ ନିରିହ ମହିଳା ଙ୍କ ଜୀବନ ରକ୍ଷା ପାଇଥିବାରୁ ଆଇନ ସେବା ପ୍ରାଧିକରଣ ଏବଂ ଅଧିକାର ମିତ୍ର ଙ୍କ ଏପରି କାର୍ଯ୍ୟକୁ ବୁଦ୍ଧିଜିବୀ ମାନେ ପ୍ରଶଂସା କରିଛନ୍ତି।

## ଜନ୍ମଦିନରେ ଅଭିନବ ପ୍ରୟାସ




**ନୀଳଗିରି,୨୩।୭ (ସଂଚାର ବ୍ୟୁରୋ):** ନୀଳଗିରି ସ୍ଥିତ ଅଗ୍ରଣୀ ସ୍ୱେଚ୍ଛା ସେବୀ ଅନୁଷ୍ଠାନ ଡିଭାଇନ ଏଯୁକେଶନାଲ ଏଣ୍ଡ ଚାରିଟେବୁଲ ଟ୍ରଷ୍ଟର ଟ୍ରଷ୍ଟି ତଥା ଡିଭାଇନ ଟ୍ୟୁଟୋରିଆଲର ଅଧକ୍ଷ ସୁଶାନ୍ତ କୁମାର ମହାପାତ୍ରଙ୍କର ଜନ୍ମଦିନକୁ ଅଭିନବ ଭାବରେ ପାଳନ କରିବାକୁ ଯାଇ ଭାଲୁକାଶୁଣି ପ୍ରାଥମିକ ବିଦ୍ୟାଳୟ ପ୍ରାଙ୍ଗଣରେ ନିଜର ସହଯୋଗୀଙ୍କୁ ନେଇ ବୃକ୍ଷ ରୋପଣ କରିଛନ୍ତି। ବିଦ୍ୟାଳୟର ପ୍ରଧାନଶିକ୍ଷକ ରମେନ୍ଦ୍ର କୁମାର ଜେନା ଓ ଘାସିରାମ ପୂର୍ତ୍ତୀ ଓ ଛାତ୍ର ଛାତ୍ରୀଙ୍କ ଉପସ୍ଥିତିରେ ଏହା କରାଯାଇ ଥିଲା। ଟ୍ରଷ୍ଟର ସମ୍ପାଦକ ଶ୍ରୀଯୁକ୍ତ ସୁଶାନ୍ତ କୁମାର ମହାପାତ୍ର ପୌରହିତ୍ୟ କରିଥିଲେ। ଏଥିରେ ବିଭିନ୍ନ ପ୍ରକାରର ବୃକ୍ଷର ଉପକାରିତା, ବୃକ୍ଷ ହିଁ ଜୀବନ, ଗଛ ନ କାଟିବା, ଜଙ୍ଗଲ ନଷ୍ଟ କରିବା ନାହିଁ । ଏହା ସହିତ ଶପଥ ପାଠ ମଧ କରାଯାଇଥିଲା କି - ମୁଁ ଗଛ ଲଗାଇବି ଓ ମୋ ପରିବାରକୁ ଗଛ ଲଗାଇବା ପାଇଁ ମଧ କହିବି । ଏହା ପରେ ଟ୍ରଷ୍ଟ ସମ୍ପାଦକ ବୃକ୍ଷ ରୋପଣର ମହନୀୟତା ବିଷୟରେ ପିଲାମାନଙ୍କୁ ଜଣାଇ ଥିଲେ । ସେ ନିଜର କଥାରେ କହିଥିଲେ କି ଯେପରି ଜଣେ ମାଆ ନିଜ ସନ୍ତାନକୁ ଛୋଟ ରୁ ବଡ ହେବା ପର୍ଯ୍ୟନ୍ତ ତାର ଭଲ ମନ୍ଦ ସବୁ କିଛି ବୁଝି ଥାଏ, ଠିକ୍ ସେହି ପରି ଗୋଟେ ଗଛ ର ମୂଲ୍ୟ ମଧ ଅଧିକ । ଆମେ ଗୋଟେ ପିଲାକୁ ଯେପରି ଯତ୍ନ ନେବା ଠିକ୍ ସେହି ପରି ଗୋଟେ ଗଛ ର ମଧ ଯତ୍ନ ନେବା । ପରେ ପରେ ଛାତ୍ର ଛାତ୍ରୀଙ୍କୁ ଖାତା ଓ ଚକୋଲେଟ୍ ବଣ୍ଟା ଯାଇଥିଲା। ସେହିପରି ଡିଭାଇନ ଏଜୁକେଶନାଲ ଟ୍ରଷ୍ଟ ଆଜି ଗରଡିହି ସିଆଡିମାଳ ଗ୍ରାମଠାରେ ଆଦିବାସୀ ଗ୍ରାମର ପିଲା ମାନଙ୍କର ଶିକ୍ଷାର ପ୍ରସାର ନିମନ୍ତେ ଶୁଭାରମ୍ଭ ହୋଇଛି।

# ଏମ୍‌ଜିଏନ୍‌ଆରଇଜିଏସ୍‌ରେ ବିନା କାର୍ଯ୍ୟରେ ବିଲ୍ ପ୍ରଦାନ

### ଜନଶୁଣାଣିରେ ଅଭିଯୋଗ, ତଦନ୍ତ ପାଇଁ ଦାବି

**ନାଉଗାଁ,୨୩।୭ (ସଂଚାର ବ୍ୟୁରୋ):** ଜଗତସିଂହପୁର ଜିଲ୍ଲା ନାଉଗାଁ ବ୍ଲକ ଅନ୍ତର୍ଗତ ଗଜରାଜପୁର ପଞ୍ଚାୟତରେ ମହାତ୍ମାଗାନ୍ଧୀ ଜାତୀୟ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (ଏମ୍‌ଜିଏନ୍‌ଆରଇଜିଏସ୍)ରେ ପ୍ରକଳ୍ପ କାର୍ଯ୍ୟ ନ ହୋଇ ବିଲ୍ ହୋଇଥିବା ନେଇ ଜିଲ୍ଲାପାଳଙ୍କ ଯୁଗ୍ମ ଜନ ଅଭିଯୋଗ ଶୁଣାଣି ଶିବିରରେ ଅଭିଯୋଗ କରାଯାଇଛି। ଏହି ଅଭିଯୋଗ ସାମାଜିକ କର୍ମୀ ଦେବଜ୍ୟୋତି ମହାନ୍ତି କରିଥିବା ବେଳେ ଏହା ଉପରେ ତଦନ୍ତ କରିବା ପାଇଁ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲିଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

ଅଭିଯୋଗ ମୁତାବକ ଉକ୍ତ ପଞ୍ଚାୟତର କୁତାମଚଣ୍ଡୀ ମନ୍ଦିର ଠାରୁ ବାଲିଘାଇ ପର୍ଯ୍ୟନ୍ତ ମାଟି ରାସ୍ତା ନିର୍ମାଣ କରାଯିବା ପାଇଁ ଏକ ପ୍ରକଳ୍ପ ମଞ୍ଜୁରୀ ହୋଇଛି। ଏମ୍‌ଜିଏନ୍‌ଆରଇଜିଏସ୍ ନିୟମ ଅନୁସାରେ ପ୍ରଥମେ ଚିହ୍ନଟ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ଲଗାଯାଇ କାର୍ଯ୍ୟ ଆରମ୍ଭ ହେବା କିନ୍ତୁ ପ୍ରକଳ୍ପ ସ୍ଥଳରେ ସୂଚନା ଫଳକ ନିର୍ମାଣ କରାଯାଇନାହିଁ। ଏପରିକି କାର୍ଯ୍ୟସ୍ଥଳରେ ମୁଠାଏ ମାଟି ନ ପଡ଼ି ଗ୍ରାମସାଥୀଙ୍କ ଦ୍ୱାରା ୧୦ଜଣ ସ୍ଥାନୀୟ ଲୋକଙ୍କୁ ପ୍ରକଳ୍ପ ସ୍ଥଳରେ ଛିଡା କରାଯାଇ ସେମାନଙ୍କର ଫଟୋ ଉତ୍ତୋଳନ କରାଯାଇଛି। ଉକ୍ତ ଫଟୋକୁ ପରବର୍ତ୍ତି ସମୟରେ ଏନ୍‌ଏମ୍‌ଏମ୍‌ଏସ୍ ଆପର ଫଟୋ ଅପଲୋଡ କରାଯାଇ ମଷ୍ଟରରୋଲରେ ଜବକାର୍ଡ ଧାରୀଙ୍କ ନାମରେ ମିଥ୍ୟା ଉପସ୍ଥାନ ଦର୍ଶାଯାଇଛି।



ଏହି କାର୍ଯ୍ୟ ଜୁନ୍ ୯ ଠାରୁ ଆରମ୍ଭ ହୋଇଥିବା ମଷ୍ଟରରୋଲର ଜଣାଯାଇଛି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ କଥା ବର୍ଷା ଋତୁ ହେତୁ ଏମ୍‌ଜିଏନ୍‌ଆରଇଜିଏସ୍ କାର୍ଯ୍ୟ ଜୁନ୍ ୧୫ ପରଠାରୁ ବନ୍ଦ ହେବା ପାଇଁ ନିୟମ ରହିଛି। କିନ୍ତୁ ଏହି ପଞ୍ଚାୟତ ଦାୟିତ୍ୱରେ ଥିବା ଏଡିଇଓ ଏମ୍‌ଜିଏନ୍‌ଆରଇଜିଏସ୍ ନିୟମକୁ ଖୁଲମଖୁଲା ଉଲଘଂନ କରି ଜୁନ୍ ୧୫ ପରେ କରିଛନ୍ତି। ଏପରିକି ୧ ଜୁଲାଇ ୨୦୨୫ ରୁ ୭ ଜୁଲାଇ ୨୦୨୫ ପର୍ଯ୍ୟନ୍ତ ମଷ୍ଟରରୋଲ ଡିମାଣ୍ଡ କରାଯାଇଛି। ପରେ ଗ୍ରାମସାଥୀ (ମେଟ୍) ୧ ଜୁଲାଇ ଓ ୨ ଜୁଲାଇରେ ଏନ୍‌ଏମ୍‌ଏମ୍‌ଏସ୍ ଆପରେ ଫଟୋ ଅପଲୋଡ କରାଇ ମଷ୍ଟରରୋଲରେ ମିଥ୍ୟା ଉପସ୍ଥାନ ଦର୍ଶାଇଛନ୍ତି। ହେଲେ କେବଳ ୧୦ଜଣ ଲୋକଙ୍କୁ କାର୍ଯ୍ୟସ୍ଥଳରେ ଛିଡା କରାଇ ୫୦ରୁ ଉର୍ଦ୍ଧ୍ୱ ଜବକାର୍ଡଧାରୀଙ୍କ ନାମରେ ମଷ୍ଟରରୋଲରେ ବାହାର କରାଯାଇ ସେମାନଙ୍କ ନାମରେ ଉପସ୍ଥାନ ପକାଇବା ପରେ ବିଲ୍ ପ୍ରଦାନ କରାଯାଇଛି।

ଅନ୍ୟପଟରେ ଏହି ଘଟଣାକୁ ନେଇ ଜୁଲାଇ ୨ ତାରିଖରେ ଗଣମାଧ୍ୟମରେ ଖବର ପ୍ରକାଶ ପାଇବା ପରେ ବିଭାଗ ପକ୍ଷରୁ ଏନ୍‌ଏମ୍‌ଏମ୍‌ଏସ୍ ଆପର ଫଟୋ ଅପଲୋଡ ବନ୍ଦ ରହିଛି। ବିଭାଗୀୟ ଅଧିକାରୀମାନେ ବିନା କାର୍ଯ୍ୟରେ କେବଳ ମିଥ୍ୟା ଉପସ୍ଥାନ ପକାଇ ଲକ୍ଷାଧିକ ଟଙ୍କା ଆତ୍ମସାତ କରୁଥିବା ଅଭିଯୋଗରେ ଦର୍ଶାଯାଇଛି। ଏସମ୍ପର୍କରେ ବ୍ଲକ ସହକାରୀ କାର୍ଯ୍ୟ ନିର୍ବାହୀ ଯନ୍ତ୍ରୀ ଅଙ୍କିତା ଜାଲିଙ୍କ ମତାମତ ନେବା ପାଇଁ ଯୋଗାଯୋଗ କରାଯାଇଥିଲେ ମଧ ସମ୍ଭବ ହୋଇପାରିନାହିଁ।

# ଦୁଇ ପୀଠ ଓ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ



## ଲିଙ୍ଗରାଜ ମନ୍ଦିର ସନ୍ନିକଟ ମନ୍ଦିରର ଉନ୍ନତି ପାଇଁ ପରାମର୍ଶ

**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଆଜି ଲୋକସେବା ଭବନଠାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଘଟଗାଁ ମା' ତାରିଣୀ ପୀଠ, ଯାଜପୁର ମା' ବିରଜା ମନ୍ଦିର ପରିକ୍ରମା ପ୍ରକଳ୍ପ ଓ ଏକାମ୍ର କ୍ଷେତ୍ର ବିକାଶ କାର୍ଯ୍ୟର ସମୀକ୍ଷା କରିଛନ୍ତି।

ବୈଠକରୁ ଜଣାପଡ଼ିଛି ଯେ ଘଟଗାଁ ମା' ତାରିଣୀ ମନ୍ଦିରର ବିକାଶ କାର୍ଯ୍ୟ ୫୯ ଏକର ପରିମିତ ଅଞ୍ଚଳରେ ୪ଟି ପର୍ଯ୍ୟାୟରେ କାର୍ଯ୍ୟକାରୀ କରାଯାଉଛି। ଅଢ଼େଇ ବର୍ଷ ମଧ୍ୟରେ ଏହି ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ସମ୍ପୂର୍ଣ୍ଣ କରାଯିବାର ଲକ୍ଷ୍ୟ ରହିଛି। ଘଟଗାଁ ମା' ତାରିଣୀଙ୍କ ପୀଠରେ ୨୦୦ ଶଯ୍ୟା ବିଶିଷ୍ଟ ଏକ ଯାତ୍ରୀ ନିବାସ, ୩୦୦ ସିଟ୍ ବିଶିଷ୍ଟ ବ୍ୟାଖ୍ୟାନ କେନ୍ଦ୍ର, ନଡ଼ିଆ ଗୋଦାମ, ୫୦୦ ସିଟ୍ ବିଶିଷ୍ଟ ପ୍ରସାଦ ସେବନ ଗୃହ, ଫୁଡ ପ୍ଲାଜା, ପାର୍କିଂ ସୁବିଧା, ମାର୍କେଟ କମ୍ପ୍ଲେକ୍ସ, ଡ୍ରେନେଜ୍ ସିଷ୍ଟମ, ପୁଷ୍କରିଣୀ ଓ ରାସ୍ତା ଉନ୍ନତିକରଣ କାର୍ଯ୍ୟ ଆଦି ରହିଛି। ମନ୍ଦିର କମିଟି ସହ ଆଲୋଚନା କରି ଏହିସବୁ ଉନ୍ନତି ଓ ସୌନ୍ଦର୍ଯ୍ୟକରଣ କାର୍ଯ୍ୟ କରିବା ପାଇଁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏଥିସହ ଘଟଗାଁ ମନ୍ଦିର ଚତୁଃପାର୍ଶ୍ୱରେ ଥିବା ଦୋକାନଗୁଡିକୁ ମାର୍କେଟ କମ୍ପ୍ଲେକ୍ସରେ ପରିଣତ କରିବା ସକାଶେ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସେହିଭଳି ପ୍ରସିଦ୍ଧ ଶକ୍ତି ପୀଠ ଯାଜପୁର'ର ମା' ବିରଜାଙ୍କ ପରିକ୍ରମା ପ୍ରକଳ୍ପ କାର୍ଯ୍ୟ ୪ଟି ପର୍ଯ୍ୟାୟରେ ଆରମ୍ଭ ହୋଇଛି। ଏଥିରେ ମନ୍ଦିର ପରିସର ସୌନ୍ଦର୍ଯ୍ୟକରଣ କାର୍ଯ୍ୟ, ମନ୍ଦିର ଚତୁଃପାର୍ଶ୍ୱ ବିକାଶ, ବିରଜା ହାଟ ସ୍ଥାପନ, ବ୍ରହ୍ମକୁଣ୍ଡର ପୁନରୁଦ୍ଧାର ଓ ସୌନ୍ଦର୍ଯ୍ୟକରଣ, ବ୍ୟାଖ୍ୟାନ କେନ୍ଦ୍ର, ଧର୍ମଶାଳା, ହାତୀ ପୋଖରୀ ପୁନରୁଦ୍ଧାର ଏବଂ ଭକ୍ତ ଓ ଶ୍ରଦ୍ଧାଳୁଙ୍କ ପାଇଁ ଅନ୍ୟାନ୍ୟ ସୁବିଧା ଉପଲବ୍ଧ କରିବା କାର୍ଯ୍ୟ ଅନ୍ତର୍ଭୁକ୍ତ ରହିଛି।

ଆହୁରି ମଧ୍ୟ ପ୍ରଭୁ ଲିଙ୍ଗରାଜଙ୍କ ଏକାମ୍ର କ୍ଷେତ୍ରର ଉନ୍ନତିମୂଳକ କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଛି। ପ୍ରଭୁ ଲିଙ୍ଗରାଜଙ୍କ କ୍ଷେତ୍ରରେ ଟ୍ରାଫିକ ସମସ୍ୟାକୁ ଦୂର କରିବା ପାଇଁ ପର୍ଯ୍ୟାପ୍ତ ପାର୍କିଂ ବ୍ୟବସ୍ଥା ଉପରେ ମୁଖ୍ୟମନ୍ତ୍ରୀ ଗୁରୁତ୍ୱ ଦେବା ସହ ମନ୍ଦିର ଚତୁଃପାର୍ଶ୍ୱର ରାସ୍ତା ଉନ୍ନତିକରଣ କାର୍ଯ୍ୟ ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଏକାମ୍ର କ୍ଷେତ୍ର ହେଉଛି ଭାରତ ବର୍ଷର ଏକ ପ୍ରାଚୀନ ଶୈବ ପୀଠ। ଲିଙ୍ଗରାଜ ମନ୍ଦିର ଚତୁଃପାର୍ଶ୍ୱରେ ଅନେକ ଛୋଟ ବଡ଼ ମନ୍ଦିର ଅବହେଳିତ ଅବସ୍ଥାରେ ରହିଛି। ଭାରତୀୟ ପ୍ରତ୍ନତତ୍ତ୍ୱ ବିଭାଗ ସହ ଆଲୋଚନା କରି ଏହିସବୁ ମନ୍ଦିରର ଉନ୍ନତିକରଣ କରାଯାଇପାରିଲେ, ଏକାମ୍ର କ୍ଷେତ୍ରର ଆଧ୍ୟାତ୍ମିକ ପରିବେଶ ବଜାୟ ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୈଠକରେ ପୂର୍ତ୍ତ ଓ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ମୁଖ୍ୟମନ୍ତ୍ରୀଙ୍କ ପ୍ରମୁଖ ଶାସନ ସଚିବ ଶାଶ୍ୱତ ମିଶ୍ର, ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ, ପର୍ଯ୍ୟଟନ ବିଭାଗର କମିଶନର ତଥା ଶାସନ ସଚିବ ବଲୱନ୍ତ ସିଂହ ଏବଂ ପୂର୍ତ୍ତ ବିଭାଗର ବରିଷ୍ଠ ଯନ୍ତ୍ରୀ ଓ ଅଧିକାରୀମାନେ ଉପସ୍ଥିତ ଥିଲେ।

**ଦୁର୍ଘଟଣାଗ୍ରସ୍ତଙ୍କ ସହାୟତାରେ ସମ୍ମାନ ଓ ପୁରସ୍କାର ବ୍ୟବସ୍ଥା**

# ଗୁଡ୍ ସମରିଟାନ ଯୋଜନା କାର୍ଯ୍ୟକାରୀ କରିବାକୁ ନିର୍ଦ୍ଦେଶ

● ଦୁଇ ଗୁଡ୍ ସମରିଟାନଙ୍କୁ ସମ୍ମାନିତ କଲେ ଭଞ୍ଜନଗର ଆରଟିଓ

**କଟକ/ଭୁବନେଶ୍ୱର/ଭଞ୍ଜନଗର,୨୩।୭(ସଂଚାର ବ୍ୟୁରୋ):** ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ସହାୟତା କରି ଜୀବନ ରକ୍ଷା କରୁଥିବା ବ୍ୟକ୍ତିବିଶେଷଙ୍କୁ ସମ୍ମାନିତ କରୁଛନ୍ତି ସରକାର। ଏହି କାର୍ଯ୍ୟକ୍ରମକୁ ଆହୁରି ତ୍ୱରାନ୍ୱିତ କରିବା ଉପରେ ବାଣିଜ୍ୟ ଓ ପରିବହନ ବିଭାଗ ପ୍ରାଧାନ୍ୟ ଦେଇଛି। ଏ କ୍ଷେତ୍ରରେ ସକ୍ରିୟ ପଦକ୍ଷେପ ଗ୍ରହଣ କରିବାକୁ ରାଜ୍ୟର ସମସ୍ତ ଆଞ୍ଚଳିକ ପରିବହନ ଅଧିକାରୀ (ଆରଟିଓ)ମାନଙ୍କୁ ରାଜ୍ୟ ପରିବହନ ପ୍ରାଧିକରଣ (ଏସ୍‌ଟିଏ) ପକ୍ଷରୁ ପରାମର୍ଶ ଦିଆଯାଇଛି। ନିକଟରେ ଗଞ୍ଜାମ ଜିଲ୍ଲା ଭଞ୍ଜନଗରର ତାରସିଂ ଥାନା ଅନ୍ତର୍ଗତ ଘୋଗଡ଼ଠାରେ ଘଟିଥିବା ଏକ ସଡ଼କ ଦୁର୍ଘଟଣାରେ



ଆହତମାନଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରିଥିବା ଦୁଇ ଯୁବକଙ୍କୁ ସମ୍ମାନିତ କରାଯିବା ସହ ୨ ହଜାର ଟଙ୍କା ଲେଖାଏଁ ଆର୍ଥିକ ପୁରସ୍କାର ପ୍ରଦାନ କରିଛନ୍ତି ଆରଟିଓ ଶୁଭେନ୍ଦୁ ରଞ୍ଜନ ରାୟ। ଏଥିପାଇଁ ଗୁଡ୍ ସମରିଟାନ୍ ଭାବଗ୍ରାହୀ ମଲ୍ଲିକ ଓ ବସନ୍ତ ଜାନୀଙ୍କୁ ଏସ୍‌ଟିଏ ପକ୍ଷରୁ ପ୍ରଶଂସା କରାଯାଇଛି। ଏଭଳି ମାନବିକତା ଅନ୍ୟମାନଙ୍କୁ ମଧ୍ୟ ପ୍ରେରଣା ଦେବ ବୋଲି ଆଶା ପ୍ରକାଶ ପାଇଛି। ସେହିଭଳି ଗଞ୍ଜାମ ଏସପିଙ୍କ ପ୍ରସ୍ତାବ କ୍ରମେ ଗୁଡ୍ ସମରିଟାନ୍ ବା ଉତ୍ତମ ସାହାଯ୍ୟକାରୀଙ୍କୁ ସମ୍ମାନିତ କରିବାକୁ ଉପଯୁକ୍ତ ପଦକ୍ଷେପ ନେଇଥିବାରୁ ଭଞ୍ଜନଗର ଆରଟିଓଙ୍କୁ ପ୍ରଶଂସା କରାଯାଇଛି ।

ସଡ଼କ ଦୁର୍ଘଟଣା ଘଟିବାର ପ୍ରଥମ ଏକ ଘଣ୍ଟା ବା ଗୋଲ୍ଡେନ ଆୱାର ମଧ୍ୟରେ ଯଦି ଦୁର୍ଘଟଣାଗ୍ରସ୍ତଙ୍କୁ ଡାକ୍ତରଖାନା ପହଞ୍ଚାଯାଇପାରେ, ତେବେ ଜୀବନ ରକ୍ଷାର ଆଶା ବୃଦ୍ଧି ପାଏ। ସଡ଼କ ଦୁର୍ଘଟଣାଗ୍ରସ୍ତଙ୍କୁ ତ୍ୱରିତ ସହାୟତା ପ୍ରଦାନ କରୁଥିବା ବ୍ୟକ୍ତିବିଶେଷଙ୍କ ମାନବିକତାଙ୍କୁ ସମ୍ମାନ ଜଣାଇ ସରକାରଙ୍କ ପକ୍ଷରୁ ସମ୍ବର୍ଦ୍ଧନା ଓ ଆର୍ଥିକ ପୁରସ୍କାର ପ୍ରଦାନ କରାଯାଇଆସୁଛି। ଏଥିସହ ସାହାଯ୍ୟକାରୀ ମଧ୍ୟ ଗୁଡ୍ ସମରିଟାନ ଆଇନ ଅନୁଯାୟୀ କୌଣସି ଅନାବଶ୍ୟକ ମାମଲାରେ ଫସନ୍ତି ନାହିଁ। ତେଣୁ ଭୟ ନ କରି ଦୁର୍ଘଟଣାଗ୍ରସ୍ତଙ୍କୁ ସାହାଯ୍ୟ କରିବା ସକାଶେ ଉତ୍ସାହିତ କରିବା ସକାଶେ ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ ସଚେତନତା କାର୍ଯ୍ୟକ୍ରମ ହାତକୁ ନିଆଯାଇଛି।

# ଜାତୀୟ ପତ୍ରିକାରେ କେଜିବିଭି ଛାତ୍ରୀଙ୍କ ସଫଳ କାହାଣୀ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଜାତୀୟ ସ୍ତରର ଏକ ପତ୍ରିକାରେ ସ୍ଥାନ ପାଇବ କେଜିବିଭି ଛାତ୍ରୀଙ୍କ ସଫଳତାର କାହାଣୀ। ଜାତୀୟସ୍ତରୀୟ ହ୍ୟାଣ୍ଡବଲ୍ ଖେଳାଳି ବିଭୂତି ମୁଣ୍ଡାଗାଡ଼ିଆଙ୍କ ସଫଳତାର କାହାଣୀ ଜାତୀୟସ୍ତରୀୟ ମାଗାଜିନ୍‌ରେ ପ୍ରକାଶ ପାଇବ। ବିଭୂତି ମାଲକାନାଗିରି ଜିଲ୍ଲା ସିନ୍ଧ୍ରିମାଳସ୍ଥିତ କସ୍ତୁରବାଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟର ଦଶମ ଶ୍ରେଣୀ ଛାତ୍ରୀ। ହ୍ୟାଣ୍ଡବଲ୍ ପ୍ରତି ଥିବା ତାଙ୍କର ଶ୍ରଦ୍ଧା ଓ ସମର୍ପଣ ତାଙ୍କୁ ଆଜି ଜାତୀୟ ସ୍ତରରେ ପରିଚୟ ପ୍ରଦାନ କରିଛି। କେନ୍ଦ୍ର ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ପକ୍ଷରୁ କୃତିତ୍ୱ ହାସିଲ୍ କରିଥିବା ବିଦ୍ୟାର୍ଥୀଙ୍କ ସଫଳ କାହାଣୀକୁ ନେଇ ଏକ ମାଗାଜିନ୍ ପ୍ରସ୍ତୁତ କରାଯାଉଛି। ଏହି ମାଗାଜିନ୍‌ରେ ବିଭୂତିଙ୍କ କାହାଣୀକୁ ସ୍ଥାନିତ କରାଯିବା ନିଶ୍ଚିତ ଭାବେ ଓଡ଼ିଶା ପାଇଁ ଗର୍ବ ଓ ଗୌରବର ବିଷୟ। ଏକ ନିମ୍ନ ମଧ୍ୟବିତ୍ତ ପରିବାରରେ ଜନ୍ମଗ୍ରହଣ କରି ଭବିଷ୍ୟତରେ ଅନ୍ତର୍ଜାତୀୟ ସ୍ତରର ଖେଳାଳି ହେବା ପାଇଁ ବିଭୂତି ସ୍ୱପ୍ନ ଦେଖିଛନ୍ତି। ବାପା ମିସ୍ତ୍ରୀ କାମ କରୁଥିବା ବେଳେ ମା' ଛତୁ ଚାଷ କରନ୍ତି। ଆର୍ଥିକ ସ୍ଥିତି ଭଲ ନ ଥିବା ସତ୍ତ୍ୱେ ଭଲ ପାଠ ପଢ଼ି ଭଲ ମଣିଷ ହେବା ବିଭୂତିଙ୍କ ଇଚ୍ଛା। ତାଙ୍କର ସେହି ଇଚ୍ଛାକୁ ପୂରଣ କରୁଛି କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ। ଏବେ ବିଭୂତି ଦଶମ ଶ୍ରେଣୀରେ ପାଠ ପଢୁଛନ୍ତି। ଜୁନିଅର ନ୍ୟାସନାଲ୍ ସ୍କୁଲ ସ୍ପୋର୍ଟ୍ସ ହ୍ୟାଣ୍ଡବଲ ଚାମ୍ପିୟନସିପ୍‌ରେ ଭାଗ ନେଇ ବିଭୂତି ରାଜ୍ୟ ପାଇଁ ଗୌରବ ଆଣିଦେଇଥିଲେ। ତାଙ୍କର ଏହି ସଫଳତାକୁ ସମ୍ମାନ ଜଣାଇ ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରାଳୟର ବିଦ୍ୟାଳୟ ଶିକ୍ଷା ଓ ସାକ୍ଷରତା ବିଭାଗ ଜାତୀୟ ମାଗାଜିନ୍‌ରେ ବିଭୂତିଙ୍କ କାହାଣୀକୁ ସ୍ଥାନ ଦେବ। ପ୍ରକାଶ ଥାଉକି ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି, ଅନ୍ୟାନ୍ୟ ପଛୁଆ ବର୍ଗର ବାଳିକାମାନଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ନିମନ୍ତେ ଗତ ୨୦୦୪ରେ କସ୍ତୁରବା ଗାନ୍ଧୀ ଆବାସିକ ବାଳିକା ବିଦ୍ୟାଳୟ ଯୋଜନାର ଶୁଭାରମ୍ଭ ହୋଇଥିଲା।

# ଛାତ୍ରୀଙ୍କୁ ନିର୍ଯାତନା, ବନ୍ଧାହେଲେ ଡିଇଓ



**ରିଷିଡ଼ା,୨୩।୭(ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲା ମ. ରାମପୁର ଥାନା ଅଞ୍ଚଳର ଜଣେ କଲେଜ ଛାତ୍ରୀଙ୍କୁ ଫେଭର୍ ମାଗି ଡାଟା ଏଣ୍ଟ୍ରି ଅପରେଟର (ଡିଇଓ) ଗିରଫ ହୋଇଛନ୍ତି। ଏହି ଘଟଣା ସ୍ଥାନୀୟ ଅଞ୍ଚଳରେ ଚାଞ୍ଚଲ୍ୟ ସୃଷ୍ଟି କରିଛି। ଗିରଫ ଅଭିଯୁକ୍ତ ଜଣଙ୍କ କର୍ଲାମୁଣ୍ଡା ବ୍ଲକ୍ ରିଷିଡ଼ା କଲେଜର ଡିଇଓ ସୌମ୍ୟରଞ୍ଜନ ତ୍ରିପାଠୀ (ସିଲୁ) ବୋଲି ଜଣାପଡ଼ିଛି। ମିଳିଥିବା ସୂଚନାନୁସାରେ, ମଦନପୁର ରାମପୁର ଥାନା ରିଷିଡ଼ାସ୍ଥିତ ଜଗନ୍ନାଥ କୌଶଲ୍ୟା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଡାଟାଏଣ୍ଟ୍ରି ଅପରେଟର ସୌମ୍ୟରଞ୍ଜନ ଜନୈକା ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେଇଆସୁଥିଲେ। ଗତ ୨୦୨୩ରେ ନାମ ଲେଖାଇଥିବା ସମ୍ପୃକ୍ତ ଛାତ୍ରୀଙ୍କୁ ପରୀକ୍ଷାରେ ଫେଲ୍ କରାଇଥିବା ନେଇ ଅଭିଯୋଗ ହେଉଛି। ଏଥିପୂର୍ବରୁ ଉକ୍ତ ଛାତ୍ରୀ ଜଣଙ୍କ ଜିଲ୍ଲାପାଳଙ୍କଠାରେ ଅଭିଯୋଗ କରିଥିଲେ। ଏହାକୁ ନେଇ ଉପଜିଲ୍ଲାପାଳ କିଛିଦିନ ତଳେ ଅଭିଯୁକ୍ତ ଓ କଲେଜ ଅଧ୍ୟକ୍ଷଙ୍କୁ ଡାକି ଘଟଣାର ତଦନ୍ତ କରିଥିଲେ। ତଦନ୍ତ ପରେ ସ୍ଥିତିର ଗମ୍ଭୀରତାକୁ ଦେଖି ସୌମ୍ୟରଞ୍ଜନଙ୍କୁ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟକୁ ବଦଳି କରାଯାଇଥିଲା। ତେବେ ବାଲେଶ୍ୱର ଏଫ୍‌ଏମ୍ କଲେଜ ଛାତ୍ରୀ ଆତ୍ମାହୁତି ଘଟଣା ପରେ ପୁଣିଥରେ ଏହି ଘଟଣାକୁ ନେଇ ପ୍ରଶାସନ ତତ୍ପରତା ପ୍ରକାଶ କରିଛି। ମଙ୍ଗଳବାର ପୁଲିସ ମ.ରାମପୁର ତହସିଲଦାର ଓ ସିଡିପିଓ ସମ୍ପୃକ୍ତ ଛାତ୍ରୀଙ୍କ ଘରକୁ ଯାଇ ପଚରାଉଚରା କରିଛନ୍ତି। ଆଜି ମ. ରାମପୁର ପୁଲିସ ବେଲଖଣ୍ଡି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପହଞ୍ଚି ସୌମ୍ୟରଞ୍ଜନଙ୍କୁ ଗିରଫ କରିଛି। ପରେ ମ.ରାମପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ସ୍ୱାସ୍ଥ୍ୟ ପରୀକ୍ଷା ପୂର୍ବକ କୋର୍ଟଚାଲାଣ କରିଥିବା ଜଣାପଡ଼ିଛି।

# ଭାଟି କର୍ମଚାରୀଙ୍କୁ ପିଟି ପିଟି ହତ୍ୟା

■ ପୋଖରୀ ହୁଡ଼ାରେ ଫିଙ୍ଗିଦେଲେ ଶବ

**ବଲାଙ୍ଗିର,୨୩।୭(ସଂଚାର ବ୍ୟୁରୋ):** ଜନୈକ ଭାଟି କର୍ମଚାରୀଙ୍କୁ କେତେକ ଦୁର୍ବୃତ୍ତ ପିଟିପିଟି ହତ୍ୟା କରିଛନ୍ତି। ହତ୍ୟାକାରୀମାନେ ତାଙ୍କୁ ଅତି ନୃଶଂସ ଭାବେ ମାଡ଼ ମାରି ପୋଖରୀ ହୁଡାରେ ଫିଙ୍ଗି ଚାଲିଯାଇଛନ୍ତି। ଗୁରୁତର ଅବସ୍ଥାରେ ତାଙ୍କୁ ଉଦ୍ଧାର କରି କେତେକ ସହଯୋଗୀ ହସ୍ପିଟାଲରେ ଭର୍ତ୍ତି କରିଥିଲେ ହେଁ ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି। ମୃତ୍ୟୁବରଣ କରିଥିବା ଭାଟ କର୍ମଚାରୀ ଜଣଙ୍କ ହେଲେ ଶାରଦା ଯାଦବ। ବଲାଙ୍ଗିରରେ ଏଭଳି ଏକ ଜଘନ୍ୟ କାଣ୍ଡ ଘଟିଛି। ଭାଟି ମ୍ୟାନେଜରଙ୍କୁ ହତ୍ୟା କରିବା ପାଇଁ ଷଡ଼ଯନ୍ତ୍ର ହୋଇଥିଲେ ହେଁ ମୃତ୍ୟୁର ଜାଲରେ ଫସିଯାଇଛନ୍ତି ଭାଟି କର୍ମଚାରୀ। ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ହତ୍ୟାକାଣ୍ଡ ସହ ସମ୍ପୃକ୍ତ ଦୁର୍ବୃତ୍ତଙ୍କ ମଧ୍ୟରୁ ପୁଲିସ୍ କାହାରିକୁ ବି ଗିରଫ କରିପାରିନାହିଁ। କିନ୍ତୁ ଏହି ହତ୍ୟାକାଣ୍ଡ ପଛର କାରଣ ମୋବାଇଲ ପ୍ରେମ ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି। ଏହି ହତ୍ୟାକାଣ୍ଡରେ ମୋଟ ୪ ଜଣ ସମ୍ପୃକ୍ତ ଥିବା ବେଳେ ପୁଲିସ୍ ସେମାନଙ୍କ ତଲାସ ଜାରି ରଖିଛି। ମିଳିଥିବା ସୂଚନାନୁସାରେ, ବଲାଙ୍ଗିର ଉପକଣ୍ଠ ସଦରଥାନା ସିନଖମନ ଗାଁ ମୁଣ୍ଡରେ ଏକ ମଦଭାଟି ରହିଥିବା ବେଳେ ସେଠାରେ ବିଶାଳ କାମ କରୁଥିଲେ। ସେ ଗତ ୧୫ ଦିନ ହେବ ସିନଖମନ ଭାଟିରେ କାମରେ ଯୋଗଦେଇଥିଲେ। ଗତକାଲି ସନ୍ଧ୍ୟାରେ ସିନଖମନର ଯୁବକ ବଳରାମ ବାରିକ ମ୍ୟାନେଜର ବିଶାଳ ଯାଦବଙ୍କୁ ଫୋନ କରି ତାଙ୍କର ରାସ୍ତା ଦୁର୍ଘଟଣା ହୋଇଛି, ତେଣୁ ତୁରନ୍ତ ଆସି ତାଙ୍କୁ ହସ୍ପିଟାଲ ନେଇଯିବା ସକାଶେ ନିବେଦନ କରିଥିଲେ। କିନ୍ତୁ ବିଶାଳ ନିଜେ ନ ଯାଇ ଶାରଦା ଓ ଅନ୍ୟ ଦୁଇ ଜଣଙ୍କୁ ବଳରାମଙ୍କୁ ସାହାଯ୍ୟ କରିବା ସକାଶେ ପଠାଇଥିଲେ। କିନ୍ତୁ ଏମାନେ ସେଠାରେ ପହଞ୍ଚିବା କ୍ଷଣି ବଳରାମ ଓ ତାଙ୍କର ୩ ଜଣ ସହଯୋଗୀ ପ୍ରଥମେ ବାଇକ୍ ଚାବି ଛଡ଼ାଇ ନେଇଥିଲେ ଓ ପରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତେବେ ଅନ୍ୟ ଦୁଇ ଜଣ ଘଟଣାସ୍ଥଳରୁ କୌଣସି ମତେ ଖସିଯିବାରେ ସକ୍ଷମ ହୋଇଥିଲେ ହେଁ ଶାରଦା ଫସିଯାଇଥିଲେ। ତାଙ୍କୁ ବଳରାମ ଓ ତାଙ୍କର ସହଯୋଗୀମାନେ ଠେଙ୍ଗାରେ ନିର୍ଘୃମ ପିଟିବା ସହ ଦରମରା ଅବସ୍ଥାରେ ବନ୍ଧଡ଼ିହରେ ଫିଙ୍ଗିଦେଇ ଚାଲିଯାଇଥିଲେ। ସେଠାରୁ ଶାରଦାଙ୍କୁ ତାଙ୍କର କେତେକ ସହଯୋଗୀ ଉଦ୍ଧାର କରି ସ୍ଥାନୀୟ ଭୀମଭୋଇ ମେଡିକାଲ୍ କଲେଜ ଓ ହସ୍ପିଟାଲ୍‌ରେ ଭର୍ତ୍ତି କରିଥିଲେ ହେଁ ସେଠାରେ ସେ ମୃତ୍ୟୁବରଣ କରିଥିଲେ। ଅଭିଯୁକ୍ତ ବଳରାମ ମଦ ଭାଟି ନିକଟରେ ଏକ ତେଜରାତି ଦୋକାନ କରିଥିବା ବେଳେ ସେଠାରୁ ଭାଟି କର୍ମଚାରୀମାନେ ବିଭିନ୍ନ ସମୟରେ ସାମଗ୍ରୀ ଆଣୁଥିଲେ। ତେବେ କିଛି ଦିନ ତଳେ ବିଶାଳ ପଠାଇଥିବା ମେସେଜ୍ ନେଇ ବଳରାମ ଓ ତାଙ୍କର ସ୍ତ୍ରୀଙ୍କ ମଧ୍ୟରେ ଭୀଷଣ ବଚସା ହୋଇଥିଲା। ଏପରିକି ବଳରାମ ନିଜ ସ୍ତ୍ରୀକୁ ମାଡ଼ ମଧ୍ୟ ମାରିଥିଲେ। ଶେଷରେ ବିଶାଳଙ୍କୁ ଜୀବନରେ ମାରିଦେବା ସକାଶେ ବଳରାମ ତାଙ୍କର ୩ ଜଣ ସହଯୋଗୀଙ୍କ ମାଧ୍ୟମରେ ଷଡ଼ଯନ୍ତ୍ର କରିଥିଲେ। କିନ୍ତୁ ଷଡ଼ଯନ୍ତ୍ର ଅନୁଯାୟୀ ଘଟଣାସ୍ଥଳରେ ବିଶାଳ ନ ପହଞ୍ଚିବାରୁ ସେମାନେ ଶାରଦାଙ୍କ ଉପରେ ସମସ୍ତ ରାଗ ଶୁଝାଇଦେଇଥିଲେ।

# ରାଜଧାନୀରେ ସୁନା ଠକ ରମେଶ ଗିରଫ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ରାଜଧାନୀରେ ସୁନା ଠକ । ସୁନା ବିସ୍କୁଟ କାରବାର କରି ପାଖାପାଖି ୨୦ କୋଟି ଟଙ୍କାର ଠକେଇ ଅଭିଯୋଗରେ ରମେଶ ମାଝୀଙ୍କୁ ଗିରଫ କରିଛି କମିଶନରେଟ ପୋଲିସର ସ୍ପେଶାଲ କ୍ରାଇମ ୟୁନିଟ। ବନ୍ଧକ ସୁନା ମୁକାଳିବାକୁ ଠକେଇ କରୁଥିଲା ଅଭିଯୁକ୍ତ । ଚଢୁଥିଲା ମର୍ସିଡିଜ କାର ଓ ବିଦେଶ ଭ୍ରମଣ ସହ ବିଳାସମୟ ଜୀବନ କଟାଉଥିଲା । ଭୁବନେଶ୍ୱର ୟୁନିଟ ୯ ଅଞ୍ଚଳରେ ରହୁଥିବା ରମେଶ ଏମ୍‌ବିଏ କରିଛି। ୫ ବର୍ଷରୁ ଠକେଇ ସିଣ୍ଡିକେଟ ଚଳାଉଥିବାର ଅଭିଯୋଗ କରିଥିଲେ ଠକେଇର ଶିକାର ବ୍ୟକ୍ତି । ଟଙ୍କା ମାଗିଲେ ଭଡାଟିଆ ଗୁଣ୍ଡା ଲଗାଇ ମାରିବାକୁ ଧମକ ଦେଉଥିବା ଦର୍ଶାଯାଉଛି । ଏପଟେ ଘଟଣା ପଛରେ ବିଲ୍ଡର ସଂପୃକ୍ତ ଥିବା ଅଭିଯୁକ୍ତ କହିଥିବା ବେଳେ ପୁଅକୁ ଫସାଇ ଦିଆଯାଇଥିବା ଅଭିଯୁକ୍ତଙ୍କ ବାପା ଅଭିଯୋଗ କରିଛନ୍ତି।

# ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ସରକାର ପ୍ରତିବଦ୍ଧ

- ପୋଶ ଆଇନ ସମ୍ପର୍କରେ ଦିଗଦର୍ଶନ କାର୍ଯ୍ୟକ୍ରମ ଅନୁଷ୍ଠିତ
- ବିଶିଷ୍ଟ ଆଇନଜୀବୀ ଦେଲେ ବିସ୍ତୃତ ବିବରଣୀ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ସୁରକ୍ଷିତ ଓ ମର୍ଯ୍ୟାଦାପୂର୍ଣ୍ଣ କର୍ମକ୍ଷେତ୍ର ପାଇଁ ଆମ ସରକାର ପ୍ରତିବଦ୍ଧ ଅଛନ୍ତି ବୋଲି ଯୌନ ଉତ୍ପୀଡନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ (ପୋଶ) ସମ୍ପର୍କରେ ଲୋକସେବା ଭବନ କର୍ମଚାରୀମାନଙ୍କ ଦିଗଦର୍ଶନ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପ୍ରଭାତୀ ପରିଡା ମତ ଦେଇଛନ୍ତି। ଆଜି ଲୋକସେବା ଭବନ କନଭେନସନ ସେଣ୍ଟରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ଶ୍ରୀମତୀ ପରିଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଲୋକସେବା ଭବନ କର୍ମଚାରୀମାନଙ୍କୁ ଲିଙ୍ଗଗତ ଉତ୍ପୀଡନ ବିରୋଧରେ ସ୍ୱର ଉତ୍ତୋଳନ ପାଇଁ ଆହ୍ୱାନ ଦେଇଛନ୍ତି। ଉଭୟ ପୁରୁଷ ଓ ମହିଳା ଲିଙ୍ଗଗତ ଉତ୍ପୀଡନର ଶିକାର ହୋଇପାରନ୍ତି। ସେଥିପାଇଁ ଏହି ଆଇନ ବିଷୟରେ ଜାଣିବା ଓ ସଚେତନ ହେବା ସମସ୍ତଙ୍କ ପାଇଁ ନିହାତି ଆବଶ୍ୟକ ବୋଲି ସେ ମତ ପ୍ରକାଶ କରିଥିଲେ। ସମାଜରେ ମହିଳା ଓ ପୁରୁଷ ସମାଜର ଦୁଇଟି ଚକ ସଦୃଶ, ଏହି ଦୁଇ ଚକ ମଧ୍ୟରେ ସମନ୍ୱୟ ରକ୍ଷା କରି ଆମେ ଏକ ସୁରକ୍ଷିତ କର୍ମକ୍ଷେତ୍ର ଓ ସୁରକ୍ଷିତ ସମାଜ ଗଢ଼ିପାରିବା । ସମସ୍ତ ଅନୁଷ୍ଠାନ ଓ ମହାବିଦ୍ୟାଳୟରେ ଇଣ୍ଟରନାଲ କମିଟି ଗଢାଯିବା ପାଇଁ କଡ଼ା ନିର୍ଦ୍ଦେଶ ଜାରି କରାଯାଇଛି । ଯାଞ୍ଚ ପରେ ଦୋଷୀକୁ ଉଚିତ ଦଣ୍ଡବିଧାନ ପ୍ରଦାନ କରିବା ସହ ଭୁଲ ଅଭିଯୋଗ କରୁଥିବା ଦୋଷୀଙ୍କୁ ମଧ୍ୟ ଦଣ୍ଡ ଦିଆଯିବ ବୋଲି ସେ ମତ ପୋଷଣ କରିଛନ୍ତି।

କାର୍ଯ୍ୟକ୍ରମରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ, ମହିଳା ଓ ଶିଶୁ ବିକାଶ ବିଭାଗ ନିର୍ଦ୍ଦେଶିକା ମୋନିଶା ବାନାର୍ଜୀ ଓ ବିଭାଗୀୟ ଅଧିକାରୀବୃନ୍ଦ ଉପସ୍ଥିତ ଥିଲେ। ଦୁଇଟି ଅଧିବେଶନରେ ବିଶିଷ୍ଟ ଆଇନଜୀବୀ ମାନସୀ ପାଢୀ ୬୦୦ରୁ ଊର୍ଦ୍ଧ୍ୱ ଲୋକସେବା ଭବନ କର୍ମଚାରୀଙ୍କୁ ଯୌନ ଉତ୍ପୀଡ଼ନ (ପ୍ରତିରୋଧ, ନିଷେଧ ଓ ପ୍ରତିକାର) ଆଇନ, ୨୦୧୩ ସମ୍ପର୍କରେ ସଚେତନ କରିବା ସହ ଏହି ଆଇନର ବିସ୍ତୃତ ବିବରଣୀ ଉପସ୍ଥାପନ କରିଥିଲେ।

# ନକଲି ଚାଷୀଙ୍କୁ ଚିହ୍ନଟ କରିବେ ସରକାର

**ଭୁବନେଶ୍ୱର, ୨୩।୭ (ସଂଚାର ବ୍ୟୁରୋ) :** ନକଲି ଚାଷୀଙ୍କୁ ଧରିବା ପାଇଁ ସରକାରଙ୍କ ଏକ ବଡ ଯୋଜନା କରିଛନ୍ତି। ଚଳିତ ବର୍ଷ ହେବ ଫର୍ମର ଇ-କେୱାଇସି । କୃଷକମାନେ ପଞ୍ଜୀକରଣ ଆଧାର କାର୍ଡ ସହିତ ସମସ୍ତ ଡକୁମେଣ୍ଟ ପ୍ରଦାନ କରିବେ । ଏହି ସବୁ ଡକୁମେଣ୍ଟ ଅଫିସିଆଲ ସାଇଟରେ ହେବ। କିଏ ପ୍ରକୃତ ଚାଷୀ, ଆଉ କିଏ ନାକଲି ଚାଷୀ ଧାରା ପଡ଼ିବେ। ଭାଗ ଚାଷୀମାନେ ଧାନ ବିକି ପାରିବେ । ସେମାନେ ଯାହା ଜମିରେ ଚାଷ କରୁଥିବେ ସେହି ଜମି ମାଲିକ ମାନେ ଲିଖିତ ଭାବେ ଦେବେ । ଏଥିରେ ଜମି ମାଲିକମାନଙ୍କର କୌଣସି ଅସୁବିଧା ହେବ ନାହିଁ। ଏନେଇ ଯୋଗାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଏକ ପ୍ରେସମିଟ୍ ଜରିଆରେ କହିଛନ୍ତି ।



# ରାଜ୍ୟରେ ଖୋଲିବ ୫୬ ସିଭିଲ କୋର୍ଟ

**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ରାଜ୍ୟରେ ଖୋଲିବ ଆଉ ୫୬ଟି ସିଭିଲ କୋର୍ଟ । ରାଜ୍ୟ ଆଇନ ବିଭାଗ ପକ୍ଷରୁ ଏନେଇ ବିଧିବଦ୍ଧ ବିଜ୍ଞପ୍ତି ପ୍ରକାଶ ପାଇଛି। ମାଲକାନଗିରି, ମୟୂରଭଞ୍ଜ, ନୂଆପଡ଼ା, ପୁରୀ, ନବରଙ୍ଗପୁର, ରାୟଗଡ଼ା, ସମ୍ବଲପୁର ଓ ସୁନ୍ଦରଗଡ଼ର ବିଭିନ୍ନ ସ୍ଥାନରେ ୫୬ଟି ନୂଆ କୋର୍ଟ ଖୋଲିବ। ଏହାସହ ୮୪୦ ନୂଆ ନିଯୁକ୍ତି ସୃଷ୍ଟି ହେବ ବୋଲି ଚିଠିରେ ଉଲ୍ଲେଖ ରହିଛି । ମୟୂରଭଞ୍ଜରେ ସର୍ବାଧିକ ୧୩ଟି କୋର୍ଟ ସ୍ଥାପନ ହେବ । ମୋଟ ୧୩ଟି ଜିଲ୍ଲାରେ ସ୍ଥାପନ ହେବ ନୂଆ ସିଭିଲ କୋର୍ଟ। ୨୦୨୨ରେ କେନ୍ଦ୍ରମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ ଓଡ଼ିଶାରେ ମୋଟ ୭୦୦ କୋର୍ଟ ରହିଛି । ଏଥିରେ ସିଭିଲ୍ ଓ କ୍ରିମିନାଲ କୋର୍ଟ ମଧ୍ୟ ସାମିଲ ରହିଛି ।

# ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ପ୍ରଶିକ୍ଷଣ କେନ୍ଦ୍ରର ଶିଳାନ୍ୟାସ

- ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ନେଇ ଚାଷୀ ପାଇବେ ପ୍ରଶିକ୍ଷଣ
- ବହୁଗୁଣିତ ହେବ ଉତ୍ପାଦନ, ଅଧିକ ସୁରକ୍ଷିତ ହେବ ଜୀବିକା: ମନ୍ତ୍ରୀ

**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ରର ଭିତ୍ତିପ୍ରସ୍ତର ସ୍ଥାପନ କାର୍ଯ୍ୟକ୍ରମ ଭୁବନେଶ୍ୱର କୌଶଲ୍ୟାଗଙ୍ଗ ସରକାରୀ ମାଛ ଯାଆଁଳ ଉତ୍ପାଦନ କେନ୍ଦ୍ରଠାରେ ଆଜି ଅନୁଷ୍ଠିତ ହୋଇଛି। ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ତଥା ଅଣୁ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଏହାର ଭିତ୍ତିପ୍ରସ୍ତର ସ୍ଥାପନ କରି କହିଛନ୍ତି ଯେ ମତ୍ସ୍ୟଚାଷୀ, ଉଦ୍ୟୋଗୀ ଓ ମତ୍ସ୍ୟ ଅଧିକାରୀମାନଙ୍କୁ ଉନ୍ନତ ମତ୍ସ୍ୟ ପ୍ରଯୁକ୍ତିବିଦ୍ୟା ଓ ଆଧୁନିକ କୌଶଳ ବିଷୟରେ ଏହି କେନ୍ଦ୍ରରେ ପ୍ରଶିକ୍ଷଣ ଦିଆଯିବ। ଫଳରେ ମାଛ ଉତ୍ପାଦନ ବହୁଗୁଣିତ ହେବା ସହ ମତ୍ସ୍ୟଚାଷୀଙ୍କ ଜୀବନ ଓ ଜୀବିକା ଅଧିକ ସୁରକ୍ଷିତ ହୋଇପାରିବ। ମାଛ ଚାଷରେ ଓଡିଶାକୁ ଏକ ନମ୍ବର ରାଜ୍ୟ ଭାବେ ପ୍ରତିପାଦିତ କରିବା ଲକ୍ଷ୍ୟ ନେଇ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନିର୍ଦ୍ଦେଶ କ୍ରମେ 'ଅତ୍ୟାଧୁନିକ ସମନ୍ୱିତ ମତ୍ସ୍ୟ ଚାଷୀ ତାଲିମ କେନ୍ଦ୍ର'ର ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି। ଏହି ଦୂରଦୃଷ୍ଟିକୁ ସାକାର କରିବା ନିମନ୍ତେ ମୁଖ୍ୟମନ୍ତ୍ରୀ ପ୍ରାୟ ୧୫ କୋଟି ଟଙ୍କାର ଅନୁଦାନ ମଞ୍ଜୁର କରିଛନ୍ତି। ଏହି ଟଙ୍କା ବ୍ୟୟରେ ନିର୍ମାଣ ହେବାକୁ ଥିବା ପ୍ରଶିକ୍ଷଣ କେନ୍ଦ୍ରର କାର୍ଯ୍ୟ ଆସନ୍ତା ୨ ବର୍ଷ ମଧ୍ୟରେ ଶେଷ କରାଯିି। ତିନି ମହଲା ବିଶିଷ୍ଟ ଏହି ପ୍ରଶିକ୍ଷଣ ଭବନରେ ୧୨୦ କ୍ଷମତା ବିଶିଷ୍ଟ ସମ୍ମିଳନୀ କକ୍ଷ, ୪୦ ଶଯ୍ୟା ବିଶିଷ୍ଟ ଛାତ୍ରାବାସ, ପରୀକ୍ଷାଗାର, ପାଠାଗାର, କର୍ମଚାରୀ କକ୍ଷ, ଅତିଥି କକ୍ଷ, ଅଭ୍ୟର୍ଥନା କକ୍ଷ, ଭୋଜନାଳୟ, ଯାନ ରହଣି ସ୍ଥାନ ସୁବିଧା ରହିବ। ପ୍ରତି ବ୍ୟାଚ୍‌ରେ ୧୦୦ ଜଣ ପ୍ରଶିକ୍ଷାର୍ଥୀ ଏଠାରେ ପ୍ରଶିକ୍ଷଣ ନେଇପାରିବେ।

ମତ୍ସ୍ୟ ଚାଷୀ, ଉଦ୍ୟୋଗୀ, ମତ୍ସ୍ୟ ଅଧିକାରୀମାନେ ଉନ୍ନତ ଆଧୁନିକ ମାଛ ଚାଷ ପଦ୍ଧତି ଏବଂ ଜ୍ଞାନ କୌଶଳ ଉପରେ ପ୍ରଶିକ୍ଷଣ ପାଇବା ଫଳରେ ଆମର ମାଛ ଉତ୍ପାଦନ ବୃଦ୍ଧି ପାଇବ ଏବଂ ଚାଷୀଙ୍କ ଆୟ ବହୁଗୁଣିତ ହୋଇପାରିବ। ଚାଷୀଙ୍କ ଦକ୍ଷତା ବିକାଶ ଏବଂ ଉନ୍ନତ ମାଛ ଚାଷ ମାଧ୍ୟମରେ ମତ୍ସ୍ୟଚାଷୀଙ୍କ ସଶକ୍ତୀକରଣ ଦିଗରେ ଏହା ସହାୟକ ହେବ ବୋଲି ମନ୍ତ୍ରୀ ଶ୍ରୀ ମଲ୍ଲିକ କହିଛନ୍ତି। ଏହି ଅବସରରେ ମନ୍ତ୍ରୀ ଉପସ୍ଥିତ ଗଣମାଧ୍ୟମ ପ୍ରତିନିଧିମାନଙ୍କୁ କାର୍ଯ୍ୟକ୍ରମ ସମ୍ପର୍କରେ ସୂଚନା ଦେବା ସହ ଭାବ ବିନିମୟ କରିଥିଲେ। କାର୍ଯ୍ୟକ୍ରମରେ ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ମତ୍ସ୍ୟ ନିର୍ଦ୍ଦେଶକ ମହମ୍ମଦ ସାଦିକ୍ ଆଲମ୍, ବିଭାଗୀୟ ଅଧିକାରୀ ଓ ମତ୍ସ୍ୟ ଚାଷୀମାନେ ଉପସ୍ଥିତ ଥିଲେ।



# ଟାଟା ପାୱାର କର୍ମଚାରୀଙ୍କ ଆତ୍ମହତ୍ୟା ଉଦ୍ୟମ

**ଭଞ୍ଜନଗର,୨୩।୭ (ସଂଚାର ବ୍ୟୁରୋ) :** ଗଞ୍ଜାମ ଜିଲା ଭଞ୍ଜନଗର ଟାଟା ପାୱାର ଭିଜିଲାନ୍ସ ସେକ୍ସନରେ ଭକ୍ତରାମ ସାହୁ ସୁପରଭାଇଜର ଭାବେ ଆଜକୁ ୪ ବର୍ଷ ହେବ କାମ କରୁଛନ୍ତି। କିନ୍ତୁ ସେ ବିଗତ କିଛିଦିନ ହେବ କାମ ଠିକ୍ କରୁ ନ ଥିବା ଦର୍ଶାଇ ଆଉଟ ସୋର୍ସିଂ କମ୍ପାନୀ ଚଳିତ ମାସ ଶେଷ ସୁଦ୍ଧା ଛଟେଇ କରିବା ପାଇଁ ନୋଟିସ୍ ଦେଇଥିଲା। ଫଳରେ ଆଜକୁ କିଛିଦିନ ହେବ ଭକ୍ତରାମ ମାନସିକ ଦୁଶ୍ଚିନ୍ତାରେ ଥିଲେ। ମଙ୍ଗଳବାର ଭକ୍ତ ରାମ କାର୍ଯ୍ୟାଳୟ ସମ୍ମୁଖରେ ଠିଆ ହୋଇଥିବା ସମୟରେ ବିଭାଗୀୟ ଗାଡ଼ିଗୁଡ଼ିକୁ ଛାଡୁ ନ ଥିବା ଦର୍ଶାଇ ପୋଲିସକୁ ଜଣେ ଅଧିକାରୀ ସୂଚନା ଦେଇଥିଲେ। ପୋଲିସ ଆସି ଭକ୍ତ ରାମଙ୍କୁ ସେଠାରୁ ଉଠାଇ ନେଇଥିଲା। ତଦନ୍ତ ପରେ ପୋଲିସ ସେଭଳି କୌଣସି ପ୍ରମାଣ ନ ପାଇବାରୁ ଭକ୍ତରାମଙ୍କୁ ଗତକାଲି ଛାଡ଼ି ଦେଇଥିଲେ। ବୁଧବାର ଖରାବେଳେ ଭକ୍ତ ରାମ ଟାଟା ପାୱାର ଅଧିକାରୀଙ୍କ ନିର୍ଯାତନା ସହ୍ୟ କରି ନ ପାରି କାର୍ଯ୍ୟାଳୟ ଭିତରେ ପଶି ଆତ୍ମାହୁତି ଉଦ୍ୟମ କରିଥିଲେ। ତେଣୁ ସେ ସାଥୀରେ ନେଇଥିବା କିରୋସିନି ଦେହରେ ଢାଳିବା ପରେ ନିଆଁ ଲଗାଇବାକୁ ଯାଉଥିଲେ। ଏହି ସମୟରେ ସେଠାରେ ଉପସ୍ଥିତ ଥିବା ଅନ୍ୟ କର୍ମଚାରୀମାନେ ଭକ୍ତରାମଙ୍କୁ ଉଦ୍ଧାର କରି ବୁଝାଶୁଝା କରିଥିଲେ। ଏହାପରେ ବିଭାଗୀୟ ଅଧିକାରୀମାନେ ଡାକି ଭକ୍ତରାମଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ଅପରପକ୍ଷେ ଆଗାମୀ ଦିନରେ ଯଦି ନ୍ୟାୟ ନ ମିଳିବ ତେବେ ଆତ୍ମହତ୍ୟା କରିବି ବୋଲି ଭକ୍ତ ରାମ ଗଣମାଧ୍ୟମ ସମ୍ମୁଖରେ କହିଛନ୍ତି। ଭକ୍ତ ରାମଙ୍କୁ ଯଦି କୌଣସି କର୍ମଚାରୀ ଆନ୍ଦୋଳନ କରିବାରେ ସହଯୋଗ କରିବେ ତେବେ ସେମାନଙ୍କୁ ମଧ୍ୟ ଛଟେଇ କରାଯିବ ବୋଲି କମ୍ପାନୀ ମୌଖିକ ଭାବେ ଧମକ ଦେଇଥିବା ଆଲୋଚନା ହେଉଛି। ଏନେଇ ନିଯୁକ୍ତି ଦେଇଥିବା ଆଉଟ ସୋର୍ସିଂ କମ୍ପାନୀ ଅଧିକାରୀଙ୍କ ମତାମତ ନେବା ପାଇଁ ଉଦ୍ୟମ ହୋଇଥିଲା କିନ୍ତୁ ତାହା ସମ୍ଭବପର ହୋଇପାରିନାହିଁ।




ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ
Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର

ସଂଚାର SANCHAR




## ୧୮ ବିଲିୟନରୁ ଅଧିକ କାରବାର

# ସର୍ବାଧିକ ଅନଲାଇନ୍ କାରବାର କରୁଥିବା ଦେଶ ଭାରତ

**ନୂଆଦିଲ୍ଲୀ,୨୩।୭:** ଭାରତ ପାଇଁ ଖୁସି ଖବର। ବିଶ୍ୱରେ ସର୍ବାଧିକ ଅନଲାଇନ୍ କାରବାର କରୁଥିବା ଦେଶ ପାଲଟିଛି ଭାରତ। ଏନେଇ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି ଏହାର ରିପୋର୍ଟ ପ୍ରକାଶ କରିଛି। 'ଗ୍ରୋଇଂ ରିଟେଲ୍ ଡିଜିଟାଲ ପେମେଣ୍ଟସ୍: ଦି ଭାଲ୍ୟୁ ଅଫ୍ ଇଣ୍ଟରଅପରେବିଲିଟି' ରିପୋର୍ଟରେ କୁହାଯାଇଛି ଯେ, ଭାରତ ଡିଜିଟାଲ ପେମେଣ୍ଟରେ ଦ୍ରୁତ ପ୍ରଗତି କରିଛି। କେବଳ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ମାଧ୍ୟମରେ ଭାରତରେ ପ୍ରତି ମାସରେ ୧୮ ବିଲିୟନରୁ ଅଧିକ କାରବାର ହୁଏ। ୟୁବିଆଇ କେବଳ ଭାରତରେ ନୁହେଁ ବରଂ ସୀମା ବାହାରେ ମଧ୍ୟ ଲୋକଙ୍କୁ ସୁବିଧା ପ୍ରଦାନ କରୁଛି। ଏହି ସୁବିଧା, ସିଙ୍ଗାପୁର, ଭୁଟାନ, ନେପାଳ, ଶ୍ରୀଲଙ୍କା, ଫ୍ରାନ୍ସ ଏବଂ ମରିସସ ସମେତ ୭ଟି ଦେଶରେ ପୂର୍ବରୁ ଉପଲବ୍ଧ। ଏବେ ଏହା ଫ୍ରାନ୍ସରେ ମଧ୍ୟ ପ୍ରବେଶ କରିଛି। ସେଠାରେ ଯାତ୍ରା କରୁଥିବା କିମ୍ବା ରହୁଥିବା ଭାରତୀୟମାନେ ବିଦେଶୀ କାରବାରର କୌଣସି ଅସୁବିଧା ବିନା ଦେୟ ସୁବିଧା ପାଆନ୍ତି। ରିପୋର୍ଟରେ କୁହାଯାଇଛି ଯେ, ଭାରତରେ ଚଳିତ ବର୍ଷ ଜୁନ୍ ମାସରେ ୟୁବିଆଇ ମାଧ୍ୟମରେ ୧୮.୩୯ ବିଲିୟନ କାରବାର ହୋଇଛି। ଗତ ବର୍ଷ ଜୁନ୍ ମାସରେ ଏହି ସଂଖ୍ୟା ମାତ୍ର ୧୩.୮୮ ବିଲିୟନ ଥିଲା। ଗୋଟିଏ ବର୍ଷ ମଧ୍ୟରେ ୟୁବିଆଇ ପେମେଣ୍ଟ ପ୍ରାୟ ୩୨ ପ୍ରତିଶତ ବୃଦ୍ଧି ପାଇଛି। ୟୁବିଆଇ ସିଷ୍ଟମ୍ ବର୍ତ୍ତମାନ ୪୯୧ ନିୟୁତ ବ୍ୟକ୍ତି ଏବଂ ୬୫ ନିୟୁତ ବ୍ୟବସାୟୀଙ୍କୁ ସେବା ପ୍ରଦାନ




କରୁଛି। ଏହି ସିଷ୍ଟମ୍ ୬୭୫ ବ୍ୟାଙ୍କକୁ ଗୋଟିଏ ପ୍ଲାଟଫର୍ମରେ ସଂଯୋଗ କରୁଛି। ଭାରତରେ ସମସ୍ତ ଡିଜିଟାଲ୍ କାରବାରରେ ୟୁବିଆଇ ୮୫ ପ୍ରତିଶତ ଅବଦାନ ରଖେ। ଏହା ଆନ୍ତର୍ଜାତୀୟ ରିଅଲ୍-ଟାଇମ୍ ଡିଜିଟାଲ୍ ପେମେଣ୍ଟର ପ୍ରାୟ ୫୦ ପ୍ରତିଶତକୁ କଭର୍ କରେ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ ଅଫ୍ ଇଣ୍ଡିଆ ୨୦୧୬ ମସିହାରେ ୟୁନିଫାଏଡ୍ ପେମେଣ୍ଟ ଇଣ୍ଟରଫେସ୍ ଲଞ୍ଚ କରିଥିଲା। ଏହା ୟୁଜରଙ୍କ ଗୋଟିଏ କିମ୍ବା ଅଧିକ ବ୍ୟାଙ୍କ ଆକାଉଣ୍ଟକୁ ଗୋଟିଏ ମୋବାଇଲ୍ ଆପରେ ଆଣିବା ପାଇଁ କାମ କରିଛି। ପ୍ରତି ମାସରେ ଭାରତରେ ୧୮ ବିଲିୟନରୁ ଅଧିକ କାରବାର ହୁଏ। ଏହି ସୁବିଧା କାର୍ଡ ଏବଂ ନଗଦ ଦେୟକୁ ବହୁତ ହ୍ରାସ କରିଛି।

# ଶୀଘ୍ର ୨୨ଟି ଖଣି ନିଲାମ ହେବ: ମନ୍ତ୍ରୀ



**ଭୁବନେଶ୍ୱର,୨୩।୭(ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଖୁବ୍‌ଶୀଘ୍ର ୨୨ଟି ଖଣି ନିଲାମ କରିବେ ବୋଲି ଖଣି ମନ୍ତ୍ରୀ ବିଭୂତି ଭୂଷଣ ଜେନା ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପୂର୍ବ ସରକାର ଅମଳରେ ଦୀର୍ଘଦିନ ପର୍ଯ୍ୟନ୍ତ ଖଣି ଲିଜ୍ ଦିଆଯାଇନଥିଲା। ଆମ ସରକାର ଗଠନ ହେବାର ଏକ ବର୍ଷ ଭିତରେ ୮ଟି ଖଣି ନିଲାମ କରାଯାଇଛି। ଖୁବ୍‌ଶୀଘ୍ର ଆଉ ୨୨ଟି ଖଣି ନିଲାମ କରିବା ଲାଗି ଉଦ୍ୟମ କରାଯାଉଛି। ସେଗୁଡ଼ିକ ନିଲାମ ହେଲେ ରାଜ୍ୟ ସରକାରଙ୍କୁ ଅଧିକ ରାଜସ୍ୱ ମିଳିବ ଏବଂ ଶିଳ୍ପ ସ୍ଥାପନ କରିବା ଲାଗି ନୂତନ ପୁଞ୍ଜିନିବେଶ ଆସିପାରିବ ବୋଲି ସେ କହିଛନ୍ତି। ଖଣି ନିଲାମକୁ ଠିକ୍ ସମୟରେ ଓ ସ୍ୱଚ୍ଛତାର ସହ କରିବା ଲାଗି ନୂଆ ଖଣି ଅଫିସର ନିଯୁକ୍ତ କରାଯାଇଥିବା ମନ୍ତ୍ରୀ ଶ୍ରୀ ଜେନା ସୂଚନା ଦେଇଛନ୍ତି। ଚଳିତ ବର୍ଷ ମାର୍ଚ୍ଚରେ ରାଜ୍ୟ ସରକାର ଖଣିର ଇ-ନିଲାମ ଆରମ୍ଭ କରିଥିଲେ। ସୁନ୍ଦରଗଡ଼ ଓ କେନ୍ଦୁଝରରେ ଥିବା ଲୁହାପଥର ଓ ମାଙ୍ଗାନିଜ ଖଣି ନିଲାମ କରାଯାଇଥିଲା। ନିଲାମ ପାଇଁ ଇସ୍ପାତ ଓ ଖଣି ବିଭାଗ ମଞ୍ଜୁର କରିଥିବା ୧୦ଟି ଖଣି ଭିତରୁ ୮ଟି ଖଣିକୁ ନିଲାମରେ ସାମିଲ କରାଯାଇଥିଲା।

# ଲଞ୍ଚ ହେବ ମାରୁତିର ପ୍ରଥମ ଇଲେକ୍ଟ୍ରିକ୍ କାର

**ନୂଆଦିଲ୍ଲୀ,୨୩।୭:** ଦିନକୁ ଦିନ ବଢ଼ିବାରେ ଲାଗିଛି ପେଟ୍ରୋଲ ଦାମ। ଏନେଇ ଇଲେକ୍ଟ୍ରିକ୍ ସ୍କୁଟି ଏବଂ କାରର ଚାହିଦା ବଢ଼ିଚାଲିଛି । ଅନେକ କମ୍ପାନୀ ଇଲେକ୍ଟ୍ରିକ୍ କାର୍ ବିକ୍ରି କରି ଖୁବ୍ ଲାଭବାନ ହେଉଛନ୍ତି । ତେବେ ଇଲେକ୍ଟ୍ରିକ୍ କାର ଲଞ୍ଚ କରିବାରେ ମାରୁତି ସୁଜୁକି ମଧ୍ୟ ପଛରେ ନାହିଁ । ଭାରତର ସବୁଠାରୁ ବଡ କାର କମ୍ପାନୀ ହେଉଛି ମାରୁତି ସୁଜୁକି। ମାରୁତି ସୁଜୁକି ଭାରତର ସବୁଠାରୁ ଲୋକପ୍ରିୟ ଏବଂ ବିଶ୍ୱସ୍ତ କାର ନିର୍ମାତା ଭାବରେ ଜଣାଶୁଣା । ଯାହା ପ୍ରତ୍ୟେକ ଶ୍ରେଣୀର ଗ୍ରାହକଙ୍କୁ ମନରେ ରଖି ଏହାର ମଡେଲ ପ୍ରସ୍ତୁତ କରିଥାଏ । ଏବେ କମ୍ପାନୀ ଇଲେକ୍ଟ୍ରିଫିକେସନ ଦିଗରେ ଏକ ବଡ଼ ପଦକ୍ଷେପ ନେବାକୁ ଯାଉଛି। ଦୀର୍ଘ ସମୟର ଅପେକ୍ଷା ପରେ, ମାରୁତି ସୁଜୁକି ଏହାର ପ୍ରଥମ ଇଲେକ୍ଟ୍ରିକ୍ କାର ଇ-ଭିଟାରା ଲଞ୍ଚ୍ ଘୋଷଣା କରିଛି । କମ୍ପାନୀର ଏହି ଇଲେକ୍ଟ୍ରିକ୍ କାର ୩ ସେପ୍ଟେମ୍ବର ୨୦୨୫ରେ ଭାରତୀୟ ବଜାରରେ ଲଞ୍ଚ ହେବ । ଏହା ପୂର୍ବରୁ, ମାରୁତି ଇ-ଭିଟାରାକୁ ଇଣ୍ଡିଆ ମୋବିଲିଟି ଗ୍ଲୋବାଲ୍ ଏକ୍ସପୋ ୨୦୨୫ରେ ପ୍ରଦର୍ଶିତ କରାଯାଇଥିଲା । କମ୍ପାନୀ ମାରୁତି ସୁଜୁକି ଇ-ଭିଟାରାକୁ ମୋଟ ୧୦ଟି କଲର୍ ଅପ୍ସନରେ ଲଞ୍ଚ କରିବାକୁ ପ୍ରସ୍ତୁତ ହେଉଛି । ଯେଉଁଥିରେ ୬ଟି ମୋନୋ-ଟୋନ୍ ଏବଂ ୪ଟି ଡୁଆଲ୍-ଟୋନ୍ କଲର୍ ସାମିଲ ରହିଛି । ମୋନୋ-ଟୋନ୍ ଅପ୍ସନଗୁଡ଼ିକରେ ନେକ୍ସା ବ୍ଲୁ, ସ୍ପ୍ଲେଣ୍ଡିଡ୍ ସିଲଭର, ଆର୍କଟିକ୍ ହ୍ୱାଇଟ୍, ଗ୍ରାଣ୍ଡ୍ୟୁର୍ ଗ୍ରେ, ବ୍ଲୁଇଶ୍ ବ୍ଲାକ୍ ଏବଂ ଓପୁଲେଣ୍ଟ ରେଡ୍ ଭଳି କଲର୍ ସାମିଲ ରହିଛି ।




**ନୂଆଦିଲ୍ଲୀ,୨୩।୭:** ଭାରତୀୟ ଉପଭୋକ୍ତାମାନଙ୍କ ପାଇଁ ଏକ ବଡ଼ ଖବର। ଏବେ ଭାରତୀୟମାନେ ବିଦେଶୀ ଭୂମିରେ ମଧ୍ୟ ନିଜର ପସନ୍ଦର ଡିଜିଟାଲ ପେମେଣ୍ଟ ସିଷ୍ଟମ୍ ୟୁନିଫାଇଡ୍ ପେମେଣ୍ଟ ଇଣ୍ଟରଫେସ୍ (ୟୁପିଆଇ) ବ୍ୟବହାର କରି ପାରିବେ। ଗ୍ଲୋବାଲ ପେମେଣ୍ଟ ପ୍ଲାଟଫର୍ମ ପେପଲ୍ ସହିତ ଏକ ଅଭୂତପୂର୍ବ ସହଯୋଗୀତା ମାଧ୍ୟମରେ ଏହି ସୁବିଧା ଉପଲବ୍ଧ ହୋଇଛି, ଯାହା ଭାରତୀୟ ପର୍ଯ୍ୟଟକ ଏବଂ ଅଣ-ନିବାସୀ ଭାରତୀୟଙ୍କ (ଏନ୍‌ଆରଆଇଏସ୍) ପାଇଁ ଅନ୍ତର୍ଜାତୀୟ ପେମେଣ୍ଟକୁ ଆହୁରି ସରଳ କରିବ। ନ୍ୟାସନାଲ ପେମେଣ୍ଟ କର୍ପୋରେସନ୍ ଅଫ୍ ଇଣ୍ଡିଆ (ଏନ୍‌ପିସିଆଇ) ଏବଂ ପେପଲ୍ ମିଳିତ ଭାବେ ଏହି ପଦକ୍ଷେପ

## ଏବେ ବିଦେଶୀ ମାଟିରେ ଭାରତୀୟ ଉପଭୋକ୍ତାମାନେ କରିପାରିବେ ୟୁପିଆଇ ବ୍ୟବହାର

ଗ୍ରହଣ କରିଛନ୍ତି, ଯାହା ଦ୍ୱାରା ଭାରତୀୟ ଉପଭୋକ୍ତାମାନେ ବିଦେଶୀ ଇ-କମର୍ସ ସାଇଟ୍‌ରେ କିମ୍ବା ଅନ୍ୟ ଅନ୍ତର୍ଜାତୀୟ ପ୍ଲାଟଫର୍ମରେ ୟୁପିଆଇ ମାଧ୍ୟମରେ ସିଧାସଳଖ ପେମେଣ୍ଟ କରିପାରିବେ।




# ଦମଦାର ଫିଚର୍ସ ସହ ଭାରତୀୟ ବଜାରରେ କଲା ପ୍ରବେଶ

**ନୂଆଦିଲ୍ଲୀ,୨୩।୭:** ରେନାଲ୍ଟ ଇଣ୍ଡିଆ ନୂଆ ରେନାଲ୍ଟ ଟ୍ରାଇବର ଲଞ୍ଚ କରିଛି । ଏହା କମ୍ପାନିର ୪ ମିଟରରୁ କମ୍ ୭-ସିଟରର ଏକ ନୂତନ ସଂସ୍କରଣ ଅଟେ। ଏହି ଅପଗ୍ରେଡ୍ କାର ନିର୍ମାତାଙ୍କ ନୂତନ 'ରେନାଲ୍ଟ, ରିଥିଙ୍କ' ରଣନୀତି ଅଧୀନରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଏବଂ ଭାରତରେ କମ୍ପାନିର ନୂତନ ବ୍ରାଣ୍ଡ୍ ଲୋଗୋକୁ ଡେବ୍ୟୁ କରିଛି । ୩୫ରୁ ଅଧିକ ନୂତନ ଡିଜାଇନ୍ ଏବଂ ଫିଚର୍ସ ସହ ଅପଡେଟ୍ ହୋଇଥିବା ଟ୍ରାଇବର ଏବେ ଅଧିକ ପ୍ରିମିୟମ୍ ଏବଂ ସୁରକ୍ଷିତ ଡ୍ରାଇଭିଂ ଅଭିଜ୍ଞତା ଦେଉଛି । ତେବେ ଏହାର କୋର୍ ଷ୍ଟ୍ରେଙ୍ଥ- ମଡ୍ୟୁଲାର୍ ସିଟିଂ ଫ୍ଲେକ୍ସିବିଲିଟିରେ କୌଣସି ପରିବର୍ତ୍ତନ କରାଯାଇ ନାହିଁ । ନୂତନ ଟ୍ରାଇବରରେ ଏକ ବୋଲ୍ଡ ଗ୍ରୀଲ୍ ସହ ଫ୍ରଣ୍ଟ୍ ଫାସିଆ, ସ୍କଲ୍ପଟେଡ୍ ହୁଡ୍ ଏବଂ ଇଣ୍ଟିଗ୍ରେଟେଡ୍ ଡିଆରଏଲ୍ ସହିତ ନୂତନ ଏଲ୍‌ଇଡି ପ୍ରୋଜେକ୍ଟର ହେଡ୍‌ଲ୍ୟାମ୍ପ ରହିଛି । ପଛ ପଟେ ନୂଆ ଏଲ୍‌ଇଡି ଟେଲ୍‌ଲ୍ୟାମ୍ପ, ନୂଆ ବମ୍ପର ଏବଂ ଏକ ସ୍କିଡ୍ ପ୍ଲେଟ୍ ରହିଛି, ଯାହା ଏହାକୁ ଅଧିକ ଆଧୁନିକ ଲୁକ୍ ଦେଉଛି ।

**୬.୩୦ ଲକ୍ଷରେ ମିଳିବ ୭ ସିଟ୍‌ର କାର**



# ଆପଲ୍‌ର ଭାରତୀୟ ଉତ୍ପାଦନ ସ୍ୱପ୍ନ ପାଇଁ ବିରଳ ଧାତୁ ଅଭାବ

**ନୂଆଦିଲ୍ଲୀ,୨୩।୭:** ଆପଲ୍‌ର ଚାଇନା ବାହାରେ ଉତ୍ପାଦନ ବିସ୍ତାର କରିବାର ମହତ୍ତ୍ୱାକାଂକ୍ଷୀ ଯୋଜନା ଭାରତରେ ଏକ ଗୁରୁତର ପ୍ରତିବନ୍ଧକର ସମ୍ମୁଖୀନ ହୋଇଛି। ତେଲଙ୍ଗାନାର କୋଙ୍ଗାରା କାଲାନ୍‌ରେ ଥିବା ଫକ୍ସକନ୍‌ର ଏୟାରପଡ୍ସ ଉତ୍ପାଦନ କାରଖାନାରେ ବିରଳ ଧାତୁ, ବିଶେଷତଃ ଡିସପୋରସିୟମ୍‌ର ଅଭାବ ଯୋଗୁଁ ଉତ୍ପାଦନ ପ୍ରକ୍ରିୟା ବାଧାପ୍ରାପ୍ତ ହୋଇଛି। ଚାଇନାର ବିରଳ ଧାତୁ ରପ୍ତାନୀ ଉପରେ କଡ଼ା କଟକଣା ଏହି ସମସ୍ୟାର ମୂଳ କାରଣ ବୋଲି ଜଣାପଡ଼ିଛି। ଚାଇନା, ଯିଏ ବିଶ୍ୱର ସର୍ବବୃହତ୍ ବିରଳ ପୃଥିବୀ ଧାତୁ ଉତ୍ପାଦକ, ୨୦୨୫ ଏପ୍ରିଲରେ ସାମାରିୟମ, ଗାଡୋଲିନିୟମ, ଟେରବିୟମ, ଡିସପୋରସିୟମ, ଲୁଟେସିୟମ, ସ୍କାଣ୍ଡିୟମ ଓ ଇଟ୍ରିୟମ ଆଦି ସାତଟି ମଧ୍ୟମ ଓ ଭାରୀ ବିରଳ ଧାତୁର ରପ୍ତାନୀ ଉପରେ କଟକଣା ଲଗାଇଛି। ଏହା ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଟାରିଫ ଧମକ ପ୍ରତିକ୍ରିୟା ସ୍ୱରୂପ ବୋଲି ମନେ କରାଯାଉଛି। ଏୟାରପଡ୍ସରେ ବ୍ୟବହୃତ ଉଚ୍ଚ-କ୍ଷମତାସମ୍ପନ୍ନ ଚୁମ୍ବକ ତିଆରିରେ ଡିସପୋରସିୟମ ଓ ନିଓଡିମିୟମ ଅତ୍ୟାବଶ୍ୟକ। ଡିସପୋରସିୟମ ନିଓଡିମିୟମ ଚୁମ୍ବକକୁ ଉଚ୍ଚ ତାପମାତ୍ରାରେ ସ୍ଥିରତା ପ୍ରଦାନ କରେ, ଯାହା ଏୟାରପଡ୍ସର କମ୍ପାକ୍ଟ ସ୍ପିକର ଓ ହାପ୍ଟିକ ଉପାଦାନଗୁଡ଼ିକ ପାଇଁ ଅତ୍ୟନ୍ତ ଜରୁରୀ।



## ଇୟୁର କଟକଣାକୁ ବେଆଇନ ଦର୍ଶାଇଲା କମ୍ପାନି

# ଭାରତରେ ୭୦,୦୦୦ କୋଟି ନିବେଶ କରିବ ନୟାରା ଏନର୍ଜି

**ନୂଆଦିଲ୍ଲୀ,୨୩।୭:** ରୋଜ୍‌ନେଫ୍ଟ ସମର୍ଥିତ ନୟାରା ଏନର୍ଜି ଭାରତରେ ଡାଉନ୍‌ଷ୍ଟ୍ରିମ୍ ପ୍ରକଳ୍ପଗୁଡ଼ିକରେ ୭୦,୦୦୦ କୋଟି ଟଙ୍କା ନିବେଶ ପାଇଁ ନିଜ ପ୍ରତିବଦ୍ଧତାକୁ ଦୋହରାଇଛି। ତେବେ ଗୁଜରାଟର ଭଡିନାର ତୈଳ ବିଶୋଧନାଗାର ଉପରେ ୟୁରୋପୀୟ ସଂଘ(ଇୟୁ)ର କଟକଣାକୁ ଅନୁଚିତ ବୋଲି ଏହା ଦର୍ଶାଇଛି । ଏହା ଭାରତ ପାଇଁ ହାନିକାରକ ବୋଲି ଏହା ପ୍ରକାଶ କରିଛି । ଇୟୁର କଟକଣାକୁ ନେଇ ଏହା ପ୍ରକାଶ କରିଛି ଯେ, ଏହା ଭାରତର ଶକ୍ତି ସୁରକ୍ଷା ପ୍ରତି ବିପଦ । ଏହାଦ୍ୱାରା ପେଟ୍ରୋଲିୟମ ଉତ୍ପାଦ ଯୋଗାଣ ବାଧାପ୍ରାପ୍ତ ହେବ । ଇୟୁର କଟକଣା ବେଆଇନ । ପ୍ରକାଶଯୋଗ୍ୟ, ୟୁରୋପୀୟ ସଂଘ(ଇୟୁ) ରୁଷ ବିରୋଧରେ ଏହାର ୧୮ତମ ପ୍ରତିବନ୍ଧ ଘୋଷଣା କରିଛି । ଏଥିରେ ଗୁଜରାଟର ଭଡିନାର ତୈଳ ବିଶୋଧନାଗାରକୁ ଟାର୍ଗେଟ୍ କରାଯାଇଛି । ଏହି ବିଶୋଧନାଗାର ନୟାରା ଏନର୍ଜି ଲିମିଟେଡ୍ ଦ୍ୱାରା ପରିଚାଳିତ ହେଉଛି, ଯେଉଁଥିରେ ରୁଷ ସରକାରଙ୍କ ନେତୃତ୍ୱାଧୀନ ତୈଳ କମ୍ପାନି ରୋଜ୍‌ନେଫ୍ଟର ୪୯.୧୩% ଅଂଶଧନ ଅଛି ।




ଇୟୁ ଏହି ପ୍ରତିବନ୍ଧ ପ୍ୟାକେଜ୍‌କୁ ରୁଷ ବିରୋଧରେ ଏଯାବତ୍ ସବୁଠାରୁ କଡ଼ା ପଦକ୍ଷେପ ବୋଲି ଦର୍ଶାଇଛି । ଏହି ପ୍ରତିବନ୍ଧର ଉଦ୍ଦେଶ୍ୟ ହେଉଛି ରୁଷର ତେଲ ରପ୍ତାନିରୁ ହେଉଥିବା ଆୟକୁ କମ୍ କରିବା ଏବଂ ୟୁକ୍ରେନ୍ ପାଇଁ ଏହାର ବିତ୍ତୀୟ ସମ୍ବଳକୁ ସୀମିତ କରିବା। ଏହି ବିଶୋଧନାଗାର ପ୍ରଥମେ ଏସାର ଅଏଲ୍ ଦ୍ୱାରା ବନାଯାଇଥିଲା ଏବଂ ଏବେ ଏଥିରେ ରୁଷର ସରକାରୀ ତୈଳ କମ୍ପାନି ରୋଜ୍‌ନେଫ୍ଟର ୪୯.୧୩% ଅଂଶଧନ ରହିଛି ।

ଭଡିନାର ବିଶୋଧନାଗାର ଭାରତର ଦ୍ୱିତୀୟ ବୃହତ୍ ବିଶୋଧନାଗାର ଏବଂ ଏହା ରୁଷ ଅଶୋଧିତ ତୈଳକୁ ବିଶୋଧିତ କରି ୟୁରୋପରେ ଡିଜେଲ ଏବଂ ଜେଟ୍ ଇନ୍ଧନ ଭଳି ଉତ୍ପାଦ ରପ୍ତାନି କରିବାରେ ପ୍ରମୁଖ ଭୂମିକା ଗ୍ରହଣ କରିଥାଏ । ଏଥିରୁ ରୁଷକୁ ପରୋକ୍ଷ ଭାବେ ରାଜସ୍ୱ ମିଳିଥାଏ । ଏହି ପଦକ୍ଷେପ ରୁଷର ତୈଳ ଆୟକୁ କମ୍ କରିବା ଏବଂ ଏହାର ଅବୈଧ ତୈଳ ପରିବହନ କରୁଥିବା ଜାହାଜଗୁଡ଼ିକ ଉପରେ ଅଙ୍କୁଶ ଲଗାଇବା ପାଇଁ ନିଆଯାଇଛି । ତେବେ ରୁଷ ତେଲ ଉପରେ ଏହି କଟକଣାକୁ ଭାରତ ପକ୍ଷରୁ କଡ଼ା ସମାଲୋଚନା କରାଯାଇଛି ।

## ଆଜିର ସୁନା ଦର



ସୁନା ଦାମ୍ ଦିନକୁ ଦିନ ବଢ଼ିବାରେ ଲାଗିଛି । ପୁଣି ବଢ଼ିଲା ସୁନା ଦାମ୍ । ଗହଣା କିଣିବା ପୂର୍ବରୁ ନଜର ପକାନ୍ତୁ କେଉଁ ସହରରେ କେତେ ରହିଛି ସୁନା ଦର । ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧, ୦୨,୩୩୦ ଟଙ୍କା ରହିଛି । ସେହିପରି ୨୨ କ୍ୟାରେଟ ସୁନା ଦର ୯୩ ,୮୦୦ ଟଙ୍କା ଛୁଇଁଛି । ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧, ୦୨,୩୩୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ୯୩ ହଜାର ୮୦୦ ଟଙ୍କାକୁ ପହଞ୍ଚିଛି । ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୦୨,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୯୩ ହଜାର ୮୦୦ ଟଙ୍କା ରହିଛି । ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧, ୦୨,୩୩୦ ଟଙ୍କା ଓ ୨୨ କ୍ୟାରେଟ୍ ୯୩,୯୫୦ ଟଙ୍କା ରହିଛି । ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୦୨,୩୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୯୩ ହଜାର ୮୦୦ ଟଙ୍କା ରହିଛି । ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧, ୦୨,୩୩୦ ଓ ୯୩ ହଜାର ୮୦୦ ଟଙ୍କା ରହିଛି । ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୨୯ ,୦୦୦ ଟଙ୍କା ହୋଇଛି ।

## ଆଜିର ପେଟ୍ରୋଲ, ଡିଜେଲ ଦର



ଦେଶରେ ପେଟ୍ରୋଲ ଓ ଡିଜେଲର ନୂଆ ମୂଲ୍ୟ ଜାରି କରାଯାଇଛି। ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇଛି । କିଛି ସହରରେ ଦାମ ଅପରିବର୍ତ୍ତିତ ରହିଛି । ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଉ ସେହି ଅନୁଯାୟୀ ଦେଶ ତଥା ରାଜ୍ୟମାନଙ୍କରେ ତୈଳ ଦର ନିର୍ଦ୍ଧାରଣ କରାଯାଇଥାଏ । ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୩୫ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨ . ୯୨ ପଇସା ରହିଛି । ଏପରିକି ଦେଶର ପ୍ରମୁଖ ସହରରେ ପେଟ୍ରୋଲ ଓ ଡିଜେଲ ଦର ସ୍ଥିର ରହିଛି । ତେବେ ଭୁବନେଶ୍ୱରରେ ବଢ଼ିଛି ପେଟ୍ରୋଲ-ଡିଜେଲ ଦାମ୍ । ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି ।

ସଂଚାର THE SANCHAR

### ନୀଳଗିରି ଏନଏସିର କାର୍ଯ୍ୟଦକ୍ଷତା ନେଇ ପ୍ରଶ୍ନବାଚୀ

# ଅଳିଆ ଆବର୍ଜନା ପ୍ରତି ନଜର ନାହିଁ



**ନୀଳଗିରି,୨୩।୭ (ସଂଚାର ବ୍ୟୁରୋ):** ନୀଳଗିରି ବିଜ୍ଞାପିତ ଅଞ୍ଚଳ ପରିଷଦର ସୌନ୍ଦର୍ଯ୍ୟ ଧୀରେ ଧୀରେ ବିଗିଡ଼ିବାରେ ଲାଗିଛି। ପରିମଳ ପରିଚାଳନାରେ ବ୍ୟାପକ ବ୍ୟତିକ୍ରମ ଦେଖିବାକୁ ମିଳୁଛି। ପରିମଳ ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇପଡ଼ିଛି। ନୀଳଗିରି ବିଜ୍ଞାପିତ ଅଞ୍ଚଳ ଅଧୀନରେ ୧୩ଗୋଟି ୱାର୍ଡ ଥିବାବେଳେ ପ୍ରତି ୱାର୍ଡରେ ଆବର୍ଜନା ଭର୍ତ୍ତିହେବା ସହିତ ଡ୍ରେନ ଗୁଡିକରେ ମଇଳାଭର୍ତ୍ତି ହୋଇ ଦୁର୍ଗନ୍ଧରେ ନାକ ଫାଟିପଡୁଛି। ସାହି ରାସ୍ତା ଠାରୁ ଆରମ୍ଭ କରି ସହରର ମୁଖ୍ୟ ରାସ୍ତାରେ ସବୁଠି ଅଳିଆ, ଆବର୍ଜନା ଓ ଗଛ ଲତାରେ ପରିପୂର୍ଣ୍ଣ ଥିବା ଦେଖାଦେଇଛି। ଏପରିକି ଚଳିତ ରଥଯାତ୍ରା ଅବସରରେ ବଡଦାଣ୍ଡ ସମେତ ପ୍ରଶାସନ ତରଫରୁ କେସି ହାଇସ୍କୁଲ ପଡ଼ିଆରେ ପ୍ରଦର୍ଶନୀ ପାଇଁ ଆସିଥିବା ଦୋକାନ ଗୁଡ଼ିକର ଆବର୍ଜନା ଏପର୍ଯ୍ୟନ୍ତ ପଡ଼ିରହିଥିବା ଦେଖିବାକୁ ମିଳିଛି। ଏଥିପ୍ରତି ଏନଏସି କର୍ତ୍ତୃପକ୍ଷଙ୍କ ନଜର ନଥିବା ହେଉ କିମ୍ବା ଏନଏସି ତରଫରୁ ନିୟୋଜିତ ଟେଣ୍ଡରଧାରୀ ଭୁବନେଶ୍ୱରର ପ୍ରତ୍ୟୁଷ ନାମକ ସଂସ୍ଥାର ମାନମନି ପାଇଁ ହେଉ ପ୍ରତିମାସ ୧୧ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କାର ଅର୍ଥରାଶି ନେଇ ୧୩ଗୋଟି ୱାର୍ଡର ସଫେଇକାର୍ଯ୍ୟ କରିବାକୁ ଥିବାବେଳେ ସଂସ୍ଥା ଏବେ ଉଭାନ ହୋଇଯାଇଥିବା ଅଭିଯୋଗ ଉଠିଛି। ଫଳରେ ପରିମଳବ୍ୟବସ୍ଥା ବିପର୍ଯ୍ୟୟ ହୋଇପଡ଼ିଛି। ଏପରିକି ପ୍ରତି ୱାର୍ଡରେ କୁଢ଼କୁଢ଼ ଆବର୍ଜନା ପଡ଼ିରହି ଦୁର୍ଗନ୍ଧମୟ ପରିବେଶ ସୃଷ୍ଟି ହୋଇଛି। ନା ପ୍ରଶାସନର ଦୃଷ୍ଟି ଅଛି ନା ନିର୍ବାହୀ ଅଧିକାରୀଙ୍କ। ଆଉ କିଛିଦିନ ମଧ୍ୟରେ ଅଗଷ୍ଟପନ୍ଦର ସ୍ୱାଧୀନତା ଦିବସ ଉପଲକ୍ଷେ ହାଇସ୍କୁଲ ପଡ଼ିଆରେ ଛାତ୍ରଛାତ୍ରୀ ମାନଙ୍କର ପ୍ୟାରେଡ ରିହାଲସେଲ ଥିବାରୁ ଆବର୍ଜନା ପଡ଼ିରହିବା ବୁଦ୍ଧିଜୀବୀ ମାନେ ନାପସନ୍ଦ କରିବା ସହିତ ଖୁବଶୀଘ୍ର ପରିମଳ ବ୍ୟବସ୍ଥାକୁ ସଜାଡିବାକୁ ଏନଏସି କର୍ତ୍ତୃପକ୍ଷ ଦୃଷ୍ଟିଦେବାକୁ ଦାବୀହୋଇଛି।

## ଦାବି ପୂରଣ ନହେଲେ ଆନ୍ଦୋଳନକୁ ଓହ୍ଲାଇବେ ଶିକ୍ଷକ



**ବେତନଟୀ,୨୩।୭ (ସଂଚାର ବ୍ୟୁରୋ):** ରିଖି ବେତନଟୀ ବ୍ଲକ ସ୍କୁଲ କଲେଜ ଶିକ୍ଷକ ଓ କର୍ମଚାରୀ ସମନ୍ୱୟ ସମିତିର ଆହ୍ୱାନ କ୍ରମେ ବୈଶିଙ୍ଗା ବାଳିକା ଉଚ୍ଚବିଦ୍ୟାଳୟରେ ସମନ୍ୱୟ ସମିତି ର ଏକ ବୈଠକ ବରିଷ୍ଠ ଶିକ୍ଷକ ମନୋରଞ୍ଜନ ଷଡ଼ଙ୍ଗୀ ଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ମୁଖ୍ୟ ଅତିଥି ଭାବରେ ଓଷ୍ଟା ଜିଲ୍ଲା ସଂପାଦକ କିଶୋର କୁମାର ଆଚାର୍ଯ୍ୟ ଯୋଗଦାନ କରି ସରକାର ଙ୍କ ଶିକ୍ଷକ ମାରଣ ନୀତି ର ସମାଲୋଚନା କରିଥିଲେ। ଦୀର୍ଘ ବର୍ଷ ଧରି ବିନା ଦରମାରେ ଚାକିରୀ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନଙ୍କୁ ତୁରନ୍ତ ଅନୁଦାନ ପ୍ରଦାନ, ବିନା ପେନସନ ରେ ଅବସର ଗ୍ରହଣ କରୁଥିବା ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ଙ୍କୁ ପେନସନ ପ୍ରଦାନ, ସରକାରୀ ବିଦ୍ୟାଳୟ ରେ କାର୍ଯ୍ୟରତ ଶିକ୍ଷକ ଓ ଶିକ୍ଷୟିତ୍ରୀ ମାନଙ୍କର ୬ ବର୍ଷ କୁ ଚାକିରି କାଳ ରେ ଯୋଗ ଆଦି ବିଭିନ୍ନ ଦାବୀରେ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଆନ୍ଦୋଳନ କୁ ଓହ୍ଲାଇବେ ବୋଲି ପ୍ରକାଶ କରିଥିଲେ।ଅନ୍ୟ ମାନଙ୍କ ମଧ୍ୟରେ ବ୍ଲକ୍ ସଂପାଦକ ସୁର୍ଯ୍ୟାନନ୍ଦ ନାୟକ, ସହ ସଂପାଦକ ଧିରେନ୍ଦ୍ର ପ୍ରଧାନ, ନରହରି ମହାନ୍ତ, ସୁସାନ୍ତ କୁମାର ପଣ୍ଡା, ଅନିଲ କୁମାର ମହାନ୍ତ, ବିଶ୍ୱ ରଞ୍ଜନ ଦୁର୍ଗା, ଅଶୋକ କୁମାର ବାରିକ, ସାନ୍ତନୁ କୁମାର ଜେନା, ପ୍ରଦ୍ୟୁମ୍ନ କୁମାର ଭୂୟାଁ, ଗୋପାଲ କୃଷ୍ଣ ପ୍ରଧାନ, ଭବାନୀ ସଂକର ବାଗ, କାଞ୍ଚନବାଳା କର, ନନ୍ଦିତା ମହାନ୍ତି ସମେତ ଅନ୍ୟ ଶିକ୍ଷକ, ଶିକ୍ଷୟିତ୍ରୀ ଓ ଶିକ୍ଷା କର୍ମଚାରୀ ମାନେ ଯୋଗଦାନ କରି ରାଜ୍ୟ ସଂଗଠନ ର ନିର୍ଦ୍ଦେଶ କ୍ରମେ ଆସନ୍ତା ଅଗଷ୍ଟ ମାସ ୨ ତାରିଖ ବ୍ଲକ୍ ଶିକ୍ଷାଧିକାରୀ ଙ୍କ କାର୍ଯ୍ୟାଳୟ ସମ୍ମୁଖରେ, ଅଗଷ୍ଟ ୮ ତାରିଖ ଜିଲ୍ଲାପାଳ ଧାରଣା, ଅଗଷ୍ଟ ୧୬ ତାରିଖ ଭୁବନେଶ୍ୱରେ ପ୍ରତିବାଦ ସଭା ଓ ଦାବିପତ୍ର ପ୍ରଦାନ କୁ ସଫଳ କରିବା ପାଇଁ ସିଦ୍ଧାନ୍ତ ଗ୍ରହଣ କରିଥିଲେ। ସର୍ବଶେଷରେ ଶିକ୍ଷକ ଟିକାୟତ ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

## ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ



**ବାଲିଆପାଳ,୨୩।୭ (ସଂଚାର ବ୍ୟୁରୋ):** ବାଲିଆପାଳ ବ୍ଲକ ଜାମତକୁଲା ଠାରେ ଚନ୍ଦ୍ରଶେଖର ଆଜାଦ ଫାଉଣ୍ଡେସନ ର ଚତୁର୍ଥ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି ସଭାପତି ଶିବ ଶଙ୍କର ନାୟକ ଙ୍କ ସସଭାପତିତ୍ୱ ରେ ଉଦଘାଟକ ଭାବେ ପୂର୍ବତନ ଜିଲ୍ଲା ରକ୍ତ ଦାତା ସଂଘ ର ସଭାପତି କମଳ ଚକ୍ରବର୍ତ୍ତୀ ମୁଖ୍ୟ ଅତିଥି ଭାବେ ପ୍ରକୃତି ପ୍ରେମୀ ସୁମନ୍ତ ଜେନା ମୁଖ୍ୟ ବକ୍ତା ଭାବେ ସର୍ବେଶ୍ୱର ଜେନା ସମ୍ମାନିତ ଅତିଥି ଝଡ଼େଶ୍ୱର ପ୍ରଧାନ ସମ୍ମାନିତ ଅତିଥି ନିତ୍ୟାନନ୍ଦ ଜେନା ପ୍ରମୁଖ ଉପସ୍ଥିତ ହୋଇ ସମସ୍ତ ଙ୍କୁ ସାଧୁବାଦ ଜଣାଇଥିଲେ ବାଲିଆପାଳ ମାଟି ଏକ ସଂଗ୍ରାମୀ ମାଟି ଚନ୍ଦ୍ରଶେଖର ଆଜାଦ ଯେପରି ଏକ ବିପ୍ଳବୀ ସଂଗଠନ କରି ଦେଶ ପାଇଁ ଅମର ହୋଇଛନ୍ତି, ସେହିପରି ବାଲିଆପାଳ ମାଟି ରୁ ଆରମ୍ଭ ହୋଇଥିବା ଆଜାଦ ଫାଉଣ୍ଡେସନ ଗଛ ଲଗାଇବା ରକ୍ତ ଦାନ ଶିବିର କରିବା ସମାଜସେବା ରେ ନିଜକୁ ନିୟୋଜିତ କରି ଅଳ୍ପ ଦିନ ରେ ଏ ଅଞ୍ଚଳ ରେ ବହୁ ସୁନାମ ର ଅଧିକାରୀ ହୋଇପାରିଛନ୍ତି ରକ୍ତ ଦାନ ଆନ୍ଦୋଳନ କୁ ଏକ ବ୍ରତ ଭାବେ ଗ୍ରହଣ କରି ସଂଗଠନ ଏକ ପ୍ରମୁଖ ଭୂମିକା ଗ୍ରହଣ କରିବା ରେ ସଫଳ ହୋଇପାରିଛନ୍ତି ତେବେ ଆଜିର ବାର୍ଷିକ ଉତ୍ସବ ରେ ମଧ୍ୟ ରକ୍ତ ଦାନ ଶିବିର କରି ୩୭ୟୁନିଟ ରକ୍ତ ସଂଗ୍ରହ କରିବା ରେ ସଫଳ ହୋଇପାରିଛନ୍ତିଏହି ଅବସରରେ ସଂଗଠନ ସହିତ ଜଡିତ ସମାଜସେବୀ, ସାମ୍ବାଦିକ, ସ୍ୱେଚ୍ଛାସେବୀ ସଂଗଠନ, ସାମ୍ବାଦିକ ସଂଘ ମାନଙ୍କୁ ମାନପତ୍ର ସହ ଉପଢୌକନ ଦେଇ ଅତିଥି ମାନଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା.ତତ ସହିତ ଅନୁଷ୍ଠାନ ର କାର୍ଯ୍ୟ କର୍ତ୍ତା ମାନଙ୍କ ଦ୍ୱାରା ନୃତ୍ୟ ଗୀତ ପରିବେଷଣ ହୋଇଥିଲା. ପାଣିଗ୍ରାହୀ ମଞ୍ଚ ଆହ୍ୱାନ କରିଥିବା ବେଳେ ଗୋପୀକୃଷ୍ଣ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ଦୁଷ୍କର୍ମ ଅଭିଯୁକ୍ତକୁ ଆଜୀବନ ସଶ୍ରମ କାରାଦଣ୍ଡ ଓ ଜୋରିମାନା



**ବାରିପଦା,୨୩।୭ (ସଂଚାର ବ୍ୟୁରୋ):** ଆଜି ଏକ ଦୁଷ୍କର୍ମ ଅଭିଯୋଗ ସଂକ୍ରାନ୍ତ ଏକ ମାମଲାର ବିଚାର କରି ମାନ୍ୟବର ଆଡ଼ ହକ ଆଡିସନାଲ ଜିଲ୍ଲା ଓ ଦୌରାଜଜ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ ଅଣ୍ଡାର ପୋକ୍ସ ଆକ୍ଟ ସନ୍ତୋଷ କୁମାର ନାୟକ ଅଭିଯୁକ୍ତ ମୟୁରଭଞ୍ଜ ଜିଲ୍ଲା ଚାନ୍ଦୁଆ ଥାନା ଅନ୍ତର୍ଗତ ଅମ୍ବାପୁଞ୍ଜା ଗ୍ରାମ ତଥା ବର୍ତ୍ତମାନ ରହୁଥିବା ପୁରୁଣାପାଣି ଗ୍ରାମ ର ଦାମାନ ଏଲିଏସ ଜଟିଆ ମହାନ୍ତ (୬୧) କୁ ଦଫା ୩୭୬ (ଏମ) ଅନୁଯାୟୀ ଆଜୀବନ (ମୃତ୍ୟୁ ପର୍ଯ୍ୟନ୍ତ) ସଶ୍ରମ କାରାଦଣ୍ଡ ସମେତ ଦଶ ହଜାର ଟଙ୍କା ଜୋରିମାନା ଅନାଦେୟ ଅଧିକ ଛଅ ମାସ ସଶ୍ରମ କାରାଦଣ୍ଡ ରେ ଦଣ୍ଡିତ କରିଛନ୍ତି। ଆଦାୟ ଜୋରିମାନା ଅର୍ଥ ପୀଡ଼ିତାକୁ ଦେବା ପାଇଁ ରାୟରେ ମଧ୍ୟ ଉଲେଖ କରାଯାଇଅଛି। ଏଥି ସହିତ କ୍ଷତିପୁରଣ ବାବଦରେ ପୀଡିତା ନାମରେ ଏକ ରାଷ୍ଟ୍ରୟତ ବ୍ୟାଙ୍କରେ ଏକ ଲକ୍ଷ ଟଙ୍କା ପାଞ୍ଚ ବର୍ଷ ପାଇଁ ଜମା କରିବା କୁ ଜିଲ୍ଲା ଆଇନ ସହୟତା କର୍ତ୍ତୃପକ୍ଷ ଙ୍କୁ ଅଦାଲତ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଅଛି। ମାମଲାର ବିବରାଣୀ ରୁ ପ୍ରକାଶ ଯେ ୨୦୨୩ ସେପ୍ଟେମ୍ବର ୧୯ ରିଖ ଅପରାହ୍ନ ୪ ଟା ପାଖାପାଖି ସମୟରେ ପୀଡିତା ମହିଳା ଜଣକ ତାଙ୍କ ଘର ପାଖରୁ ପାଖାପାଖି ଦୁଇ କିଲୋମିଟର ଦୂର ତାଙ୍କ ଭଉଣୀ ଘରକୁ ବୁଲିବାକୁ ଯାଇଥିଲେ। ସେଠାରେ ତାଙ୍କ ଭଉଣୀ ଙ୍କ ଅନୁରୋଧକ୍ରମେ ଉକ୍ତ ଦିନ ରହିଥିଲେ। ରାତ୍ରିରେ ଖାଇସାରି ବାରଣ୍ଡରେ ଶୋଇଥିବା ସମୟରେ ପାଖାପାଖି ୧୦ ଟାରୁ ୧୧ ଟା ମଧ୍ୟରେ ଅଭିଯୁକ୍ତ ଜଟିଆ ମହାନ୍ତ ଆସି ତାଙ୍କ ସହିତ ବଳପୂର୍ବକ ଦୁଷ୍କର୍ମ କରିଥିଲା। ଫଳରେ ମହିଳା ଜଣକ ଗୁରୁତର ଆହତ ହୋଇଥିଲେ। ତହିଁ ପରଦିନ ସକାଳୁ ତାଙ୍କ ପୁଅ ଖବର ପାଇ ଉକ୍ତ ଗ୍ରାମର ଆଶାକର୍ମୀ ଙ୍କ ସହାୟତରେ ଗୁରୁତର ମହିଳା ଙ୍କୁ ବାରିପଦା ପିଆରଏମ ମେଡିକାଲ କୁ ଆମ୍ବୁଲାନ୍ସ ଯୋଗେ ଚିକିତ୍ସା ପାଇଁ ଆଣିଥିଲେ। ମେଡ଼ିକାଲରେ କିଛିଦିନ ଚିକିତ୍ସା ପରେ ସୁସ୍ଥ ହୋଇଥିଲେ। ଏ ବାବଦରେ ପୀଡିତା ଙ୍କ ପୁଅ ଚାନ୍ଦୁଆ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗ ମୁତାବକ ଚାନ୍ଦୁଆ ଥାନାରେ କେସ ନମ୍ବର ୯୭/୨୫-୯-୨୦୨୩ ରେ ଏକ ଦୁଷ୍କର୍ମ ମାମଲା ରୁଜୁ କରିବା ସହ ଅଭିଯୁକ୍ତ କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଥିଲା। ଆଜି ମାନ୍ୟବର ଅଦଲତ ପକ୍ଷରୁ ସମସ୍ତ ୯ ଜଣ ଜଣ ସାକ୍ଷୀ ଏବଂ ଆବଶ୍ୟକୀୟ ପ୍ରମାଣପତ୍ର କୁ ଭିତ୍ତି କରି ଚୂଡାନ୍ତ ରାୟ ପ୍ରକାଶ ପାଇଅଛି। ଉକ୍ତ କେସକୁ ସରକାରଙ୍କ ପକ୍ଷରୁ ଆଇନଜୀବୀ ମନୋରନଞ୍ଜ ପଟ୍ଟନାଏକ ପରିଚାଳନା କରିଥିଲେ ।

## ପୋଖରୀରେ ବୁଡ଼ି ୪ ବର୍ଷର ଶିଶୁ ମୃତ



**ବାଲିଆପାଳ,୨୩।୭ (ସଂଚାର ବ୍ୟୁରୋ):** ବାଲିଆପାଳ ଥାନା ଅନ୍ତର୍ଗତ କୁମ୍ଭାରୀ ଗ୍ରାମରେ ପୋଖରୀରେ ପଡ଼ି ଜଣେ ଚାରିବର୍ଷ ର ଶିଶୁପୁତ୍ର ର ମୃତ୍ୟୁ ହୋଇଯାଇଛି। ମୃତ ଶିଶୁପୁତ୍ର ଜଣଙ୍କ ହେଲେ ଗ୍ରାମର ମନୋରଞ୍ଜନ ଜେନା ଙ୍କ ପୁଅ ଦିବ୍ୟାଂଶୁ (୪)।ଦିବ୍ୟାଂଶୁ ଆଜି ସକାଳେ ତାର ପରିବାର ଲୋକଙ୍କ ସହ ଘର ପାଖ ଏକ ବିଲକୁ ଯାଇଥିଲେ। ତେବେ କିଛି ସମୟ ପରେ ପିଲାଟି ଘରକୁ ଫେରି ନଥିବା ଦେଖି ପରିବାର ଲୋକେ ଖୋଜା ଖୋଜି କରିଥିଲେ। ତେବେ କୌଣସି ଆଡେ ନମିଳିବାରୁ ସନ୍ଦେହ ରେ ପାଖ ପୋଖରୀରେ ଖୋଜିବାରୁ ପାଣି ଭିତରୁ ପିଲାଟିକୁ ଉଦ୍ଧାର କରାଯାଇଥିଲା। ତୁରନ୍ତ ପିଲାଟିକୁ ବାଲିଆପାଳ ଗୋଷ୍ଠି ସ୍ୱାସ୍ଥ୍ୟ କେନ୍ଦ୍ରକୁ ନେଇ ଆସିଥିଲେ। ତେବେ ଡାକ୍ତର ସେଠାରେ ପିଲାଟିକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବାପରେ ଡାକ୍ତରଖାନା ପରିସରରେ ସମ୍ପର୍କୀୟ ଙ୍କ ଗହଳିଜମିବା ସହ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା।

## ଭାଙ୍ଗିଲା ଗୁରହାଣ୍ଡି ଯୋର ପୋଲ : ଯାତାୟାତ ବାଧାପ୍ରାପ୍ତ



**ସୁବର୍ଣ୍ଣପୁର,୨୩।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ବିନିକା ବ୍ଲକ ଜୁଲୁଣ୍ଡା ରୁ ଡୁଙ୍ଗୁରିପାଲି ବ୍ଲକ କପାଶିରା କୁ ସଂଯୋଗ କରୁଥିବା ଗୁରହାଣ୍ଡି ଯୋର ଉପରେ ନିର୍ମାଣ କରାଯାଇଥିବା ପୋଲ ଟି ଭାଙ୍ଗି ଯାଇଛି। ଫଳରେ ରାସ୍ତା ରେ ଯାତାୟାତ ବାଧାପ୍ରାପ୍ତ ହୋଇଛି। ସୂଚନା ଅନୁସାରେ ପ୍ରାୟ ୩୦ ବର୍ଷ ହେବ ଏହି ପୋଲ ଟି ନିର୍ମାଣ ହୋଇଥିଲା। ପୋଲ ଟି ଅତି ପୁରୁଣା ଓ ବିପଦ ସଙ୍କୁଳ ଥିବାରୁ ଏକ ନୂତନ ପୋଲ ର ନିର୍ମାଣ କାମ ଚାଲିଥିବାବେଳେ ବେଳେ ଆଜି ପୁରାଣ ପୋଲ ଟି ଭାଙ୍ଗି ଯାଇଛି। ଫଳରେ ଅଞ୍ଚଳବାସୀ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ପ୍ରବଳ ପାଣି ଆସିବା ରୁ ପୋଲ ଟି ଭାଙ୍ଗି ଯାଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି। ଏହି ପୋଲ ଟି ଭାଙ୍ଗି ଯିବାରୁ ପୋଲ ର ଉଭୟ ପାର୍ଶ୍ୱରେ ଗାଡ଼ି ମଟର ଅଟକି ରହିଛି। ଏହା ସହ କପଶିରା ଗ୍ରାମର ଚାଷ ଜମି ବ୍ରିଜ ଆର ପାର୍ଶ୍ୱ ରେ ଥିବାରୁ ଚାଷୀ ମାନେ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ପ୍ରକାଶ କରୁଛନ୍ତି କ୍ଷଏହି ପୋଲ ଉପରେ ବିନିକା, ଡୁଙ୍ଗୁରିପାଲି, ସୋନପୁର, ତରଭା ଆଦି ବ୍ଲକ ର ଶହ ଶହ ଲୋକେ ଦୈନନ୍ଦିନ ଯାତାୟାତ କରିଥାନ୍ତି। ତେଣୁ ପ୍ରଶାସନ ପକ୍ଷରୁ ତୁରନ୍ତ ଦୃଷ୍ଟି ଦେଇ ନିର୍ମାଣାଧିନ ନୂତନ ପୋଲ କାମ କୁ ଦ୍ରୁତ ଗତି ରେ ନିର୍ମାଣ କରିବାକୁ ସାଧାରଣରେ ଦାବି ହେଉଛି ।

# ଦୁଇଟି କାର ସହ ୨୭ କିଲୋ ଗଞ୍ଜେଇ ଜବତ

### ୫ ବିଟେକ ଛାତ୍ର ଗିରଫ



**ଫୁଲବାଣୀ,୨୩।୭ (ସଂଚାର ବ୍ୟୁରୋ):** କିଛିଦିନ ର ନୀରବତା ପରେ କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ପୋଲିସ କୁ ମିଳିଛି ପୁଣି ଏକ ବଡ଼ ସଫଳତା । ଦୁଇଟି କାର ସହ ୨୭ କିଲୋ ଗଞ୍ଜେଇ କୁ ଜବତ କରିବା ସହ ପାଞ୍ଚ ଜଣ ବିଟେକ ଛାତ୍ର ଙ୍କୁ ଗିରଫ କରିଛି ଫିରିଙ୍ଗିଆ ପୋଲିସ। ସେମାନଙ୍କ ମଧ୍ୟ୍ୟରେ ଜଣେ ଛାତ୍ର ଙ୍କ ପିତା ହାଇକୋର୍ଟ ଓକିଲ ବୋଲି ଜଣାପଡିଥିବା ବେଳେ ଅନ୍ୟଜଣେ ଛାତ୍ର ଙ୍କ ପିତା ଶିକ୍ଷକ ଓ ବାକି ଛାତ୍ର ମାନଙ୍କ ପିତା ମନେ ମଧ୍ୟ୍ୟ ବଡ଼ବଡ଼ ପଦବୀରେ ଥିବା ଜଣାପଡିଛି । ତେବେ ଗିରଫ ଛାତ୍ର ମାନଙ୍କ ମଧ୍ୟ୍ୟରେ ଜଣେ ଯାଜପୁର ଜିଲ୍ଲା ବଡ଼ଚଣା ଥାନା ବଇରୀ ମଇଁଷିଗୋଠ ର ସଂଗ୍ରାମ ରାଉତ ବୋଲି ଜଣାପଡିଥିବା ବେଳେ ଅନ୍ୟ ତିନିଜଣ କେଉଁ ଝର ଜିଲ୍ଲା ଆନନ୍ଦପୁର ଥାନା ଫକୀରପୁର ଗାଁ ର ରଂଜିତ କୁମାର ପାତ୍ର, ଘସିପୁରା ଥାନା ଖାଇଲୋ ଗାଁ ର ବୁଦ୍ଧଦେବ ପଳେଇ ଓ ଘସିପୁରା ଥାନା ଅଁଳାପାଳ ଗାଁ ର ଓମପ୍ରତାପ ବାରିକ ବୋଲି ଜଣା ପଡିଛି ଓ ଅନ୍ୟଜଣେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା ଭୋଦ୍ରା ଗାଁ ର ଦେବାଶିଷ ପ୍ରଧାନ ବୋଲି ଜଣାପଡିଛି । ତେବେ ପୋଲିସ ର ସୂଚନା ଅନୁସାରେ ସୋମବାର ସଂଧ୍ୟା ସମୟରେ କନ୍ଧମାଳ ଏସପି ହରିଶ ବିଶି ଙ୍କ ନିର୍ଦ୍ଦେଶ କ୍ରମେ ଫୁଲବାଣୀ ସଦର ଏସ୍‌ଡ଼ିପିଓ ଶୁଭ୍ରଜିତ ବିଶ୍ୱାଳ ଙ୍କ ତତ୍ତ୍ୱାବଧାନ ରେ ଥାନା ଅଧିକାରୀ ଡ଼ିଏସପି ପ୍ରଧାନ ଙ୍କ ନେତୃତ୍ୱରେ ଫିରିଙ୍ଗିଆ ବାଲିଗୁଡା ରାସ୍ତାର ମାଶ୍ରୀପଡା ଛକ ନିକଟରେ ଗାଡିମଟର ଯାଞ୍ଚ କରିବା ସମୟରେ ଦ୍ରୁତ ଗତିରେ ଆସୁଥିବା ଦୁଇଟି କାର କୁ ଅଟକାଇ ଯାଞ୍ଚ କରିଥିଲେ । ଯାଞ୍ଚ ଚାଲିଥିବା ସମୟରେ କାର ରୁ ଏକ ଗଞ୍ଜେଇ ଭର୍ତ୍ତି ବ୍ୟାଗ ବାହାରିଥିଲା । ଏଥିରେ ଭୟଭୀତ ହୋଇ କାର ରେ ଥିବା ଛାତ୍ର ମନେ ଫେରାର ହୋଇଯିବା ପାଇଁ ଚେଷ୍ଟା କରିଥିଲେ କିନ୍ତୁ କୌଶଳ କ୍ରମେ ପୋଲିସ ଛାତ୍ର ମାନଙ୍କୁ ଧରିବାରେ ସଫଳ ହୋଇଥିଲେ । ଅନ୍ୟପଟେ ଏହି ଘଟଣାରେ ଫିରିଙ୍ଗିଆ ଥାନାରେ ୧୬୦/୨୦୨୭ ରେ ଏକ ମାମଲା ରୁଜୁ କରାଯାଇଥିବା ବେଳେ ମଙ୍ଗଳବାର ଗିରଫ ଛାତ୍ର ମାନଙ୍କୁ ଜବତ ଗଞ୍ଜେଇ ଓ କାର ସହ କୋର୍ଟ ଚାଲାଣ କରାଯାଇଥିବା ସୂଚନା ଦେଇଛନ୍ତି ଥାନା ଅଧିକାରୀ ଗୋପୀନାଥ ପ୍ରଧାନ।

## ନୃପରାଜ ସାହୁ ସୁବର୍ଣ୍ଣପୁର ଜିଲ୍ଲାପାଳ

**ସୁବର୍ଣ୍ଣପୁର,୨୩।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ଗତକାଲି ମଙ୍ଗଳାବର ଦିନ ଆଇଏଏସ ସ୍ତରରେ ଏକ ବଡ ଧରଣର ଅଦଳବଦଳ କରିଛନ୍ତି। ଏହି କ୍ରମରେ ବଦଳିଛନ୍ତି ସୁବର୍ଣ୍ଣପୁର ଜିଲ୍ଲାପାଳ ତଥା ଆଇଏଏସ ଅଧିକାରୀ ଅନ୍ୟା ଦାସ । ସେହିପରି ୧୯୯୨ ବ୍ୟାଚର ଓଏଏସ ଅଧିକାରୀ ତଥା ବର୍ତ୍ତମାନର ସମ୍ବଲପୁର ବିଶ୍ୱବିଦ୍ୟାଳର ରେଜିଷ୍ଟ୍ରାର ନୃପରାଜ ସାହୁଙ୍କୁ ସୁବର୍ଣ୍ଣପୁର ଜିଲ୍ଲାର ନୂତନ ଜିଲ୍ଲାପାଳ ଭାବେ ଦାୟିତ୍ୱ ମିଳିଛି । ଏହି ଖବର ପ୍ରସାରିତ ହେବା ପରେ ସେ ଜଣେ ସଂସ୍କୃତି ସମ୍ପର୍ଣ୍ଣ ତଥା ସାହିତ୍ୟିକ ବୋଲି ବିଭିନ୍ନ ମହଲରୁ ତାଙ୍କ ପ୍ରତି ସାମାଜିକ ଗଣମାଧ୍ୟମରେ ଶୁଭେଚ୍ଛାର ସୁଅ ଛୁଟିଛି । ତାଙ୍କର ଭଲ ପ୍ରଶାସନିକ ଅଧିକାରୀ ଭାବେ ଖ୍ୟାତି ରହିଥିବା ମଧ୍ୟ ଚର୍ଚ୍ଚା ହେଉଛି। ଆଗକୁ ଜିଲ୍ଲାରେ ଚାଷୀ ସମସ୍ୟା ସହ ସୋନପୁର ର ନୂତନ ବସଷ୍ଟାଣ୍ଡ, ଅସମ୍ପୂର୍ଣ୍ଣ ରିଙ୍ଗ ରୋଡ ସାଙ୍ଗକୁ ସହର ସୌନ୍ଦର୍ଯ୍ୟ କରଣ ପ୍ରଭୃତି ଅନେକ ସମସ୍ୟା ନୂତନ ଜିଲ୍ଲାପାଳ ଙ୍କ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି କରିଛି । ସେହିପରି ସୁବର୍ଣ୍ଣପୁର ଜିଲ୍ଲାପାଳ ଅନ୍ୟା ଦାସଙ୍କୁ ସ୍ୱାସ୍ଥ୍ୟ ବିଭାଗର ଉପ-ସଚିବ ଭାବେ ବଦଳି ହୋଇ ଥିବା ଜଣାପଡ଼ିଛି ।

## ବଣାଇ ହସ୍ପିଟାଲ୍ ୫ ଘଣ୍ଟା ଅନ୍ଧାର; ଚିକିତ୍ସା ନ ପାଇ ରୋଗୀ ମୃତ



**ବଣାଇ,୨୩।୭ (ସଂଚାର ବ୍ୟୁରୋ):** କଳାହାଣ୍ଡି ଜିଲାର ବଣାଇ ସାମୁଦାୟିକ ସ୍ୱାସ୍ଥ୍ୟ କେନ୍ଦ୍ର (ସିଏଚ୍‌ସି)ରେ ପ୍ରବଳ ବର୍ଷା ଓ ଘଡ଼ଘଡ଼ି ଯୋଗୁଁ ୫ ଘଣ୍ଟା ଧରି ବିଦ୍ୟୁତ୍ ସେବା ବନ୍ଦ ରହିବା ଫଳରେ ଜଣେ ରୋଗୀଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ମେଡିକାଲ ବ୍ୟବସ୍ଥାରେ ଅବ୍ୟବସ୍ଥାକୁ ଉଜାଗର କରିଛି ଏବଂ ସ୍ଥାନୀୟ ଜନସାଧାରଣଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହୋଇଛି। ଏହି ସମୟରେ ହସ୍ପିଟାଲରେ ଜେନେରେଟର କାମ ନ କରିବା ଯୋଗୁଁ ଡାକ୍ତରମାନେ ମୋବାଇଲ୍ ଫୋନ୍‌ର ଆଲୋକରେ ରୋଗୀମାନଙ୍କୁ ଚିକିତ୍ସା କରିବାକୁ ବାଧ୍ୟ ହୋଇଥିଲେ। ତେବେ, ଏହି ଅବ୍ୟବସ୍ଥା ମଧ୍ୟରେ ଚିକିତ୍ସା ପାଇଁ ଆସିଥିବା ଜଣେ ରୋଗୀଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି।

## ବର୍ଷା ଦିନରେ ବାଧକ ସାଜୁଛି ଡୁଡୁଙ୍ଗପଟା ନାଳ



**ଥୁଆମୂଳ ରାମପୁର,୨୩।୭ (ସଂଚାର ବ୍ୟୁରୋ):** ଆଦିବାସୀମାନଙ୍କ ପାଇଁ ସରକାର ଅନେକ ଯୋଜନା କରି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ହେଲେ ଆଜି ବି ଦୁର୍ଗମ ଅଞ୍ଚଳରେ ବସବାସ କରୁଥିବା ଆଦିବାସୀ ଅବହେଳିତ ଅବସ୍ଥାରେ ରହୁଛନ୍ତି। ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟଜଳ, ମୋବାଇଲ ନେଟ୍‌ୱାର୍କ ଭଳି ମୌଳିକ ସୁବିଧାରୁ ବଞ୍ଚିତ ରହୁଛନ୍ତି। କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ବ୍ଲକ ସିଲେଟ ପଞ୍ଚାୟତରେ ଏଭଳି ଚିତ୍ର ଦେଖିବାକୁ ମିଳିଛି। ଗମନାଗମନ ବ୍ୟବସ୍ଥା ନ ଥିବା ଯୋଗୁ ଅଞ୍ଚଳବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବର୍ତ୍ତମାନ ମୁଖ୍ୟ ରାସ୍ତାର ଡୁଡୁଙ୍ଗପଟା ନାଳ ପଞ୍ଚାୟତବାସୀଙ୍କ ପାଇଁ ବାଧକ ସାଜିଛି। ବର୍ଷା ଦିନରେ ନାଳରେ ଭରପୂର ପାଣି ପ୍ରବାହିତ ହେଉଥିବାରୁ ଯାନବାହନ ଚଳାଚଳରେ ସମସ୍ୟା ସୃଷ୍ଟି ହେଉଛି। ଏପରି କି ପାଣି ଭିତରେ ପଶି ଲୋକେ ଚାଲି ଯିବାକୁ ମଧ୍ୟ ଭୟ କରୁଛନ୍ତି। ନିର୍ମାଣାଧୀନ ରାସ୍ତାର ରୁପେନ ନିକଟ ଡୁଡୁଙ୍ଗପଟା ନାଳ ଉପରେ ପୋଲ ନିର୍ମାଣ ପାଇଁ ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନାହିଁ।

# ଯୁବକଙ୍କ ଗାଲରେ ଛୁରୀ ଭୁସି କଲେ ରକ୍ତାକ୍ତ




**ଦିଗପହଣ୍ଡି,୨୩।୭(ସଂଚାର ବ୍ୟୁରୋ):** ଗଞ୍ଜାମ ଜିଲା ଦିଗପହଣ୍ଡି ଜନତା ଲେନ୍‌ରେ ବୁଧବାର ମଧ୍ୟାହ୍ନରେ ଜଣେ ମଦ୍ୟପଙ୍କ ଉନ୍ମତ୍ତକାଣ୍ଡ ଦେଖିବାକୁ ମିଳିଛି। ନିଶାରେ ଚୁର ଅବସ୍ଥାରେ ସେ ଜଣେ ଯୁବକଙ୍କ ଗାଲରେ ଛୁରୀ ଭୁଷି ଦେଇଥିଲେ। ଏଥିରେ ଯୁବକ କାହ୍ନା ସେଠୀ ଗୁରୁତର ହୋଇଥିବା ଅଭିଯୋଗ ହୋଇଛି।

ସୂଚନାନୁଯାୟୀ, ଅରୁଣ ସେଠୀ ଜଣେ ମାନସିକ ବିକୃତ ଯୁବକ। ବୁଧବାର ସେ ମଦ ପିଇ ରାସ୍ତାକଡ଼ରେ ଛିଡ଼ା ହୋଇ ଗାଳି କରୁଥିବା ବେଳେ ସମ୍ପର୍କୀୟ କାହ୍ନା ସେଠୀ ତାଙ୍କୁ ଆକଟ କରିଥିଲେ। ଏଥିରେ ଉତ୍ତେଜିତ ହୋଇ ଅରୁଣ ମୁନାଙ୍କ ବାମ ପଟ ଗାଲକୁ ଛୁରୀରେ ଭୁଷି ଦେଇଥିଲେ। ଆଖପାଖରେ ଥିବା ଲୋକେ କାହ୍ନାଙ୍କୁ ଉଦ୍ଧାର କରି ଦିଗପହଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଟିମ୍ ଖବରପାଇ ଅରୁଣଙ୍କୁ ଥାନାରେ ଅଟକ ରଖି ତଦନ୍ତ ଚଳାଇଛି। ସାସୁଦ୍ଧା ଏନେଇ ଥାନାରେ କୌଣସି ଏତଲା ହୋଇ ନ ଥିବା ଭାରପ୍ରାପ୍ତ ଆଇଆଇସି ତଥା ଡିଏସପି ପ୍ରଶାନ୍ତ କୁମାର ପାତ୍ର କହିଛନ୍ତି।

### ବିଜୁ ପକ୍କାଘର କାହା ଉଦ୍ଦେଶ୍ୟରେ ; ଭଙ୍ଗାଘରେ ବିତୁଛି ଜୀବନ

# ନେହେରୁଙ୍କ ପାଇଁ ପଲିଥିନ ହିଁ ଏକମାତ୍ର ସାହାରା



**କଳାହାଣ୍ଡି,୨୩।୭(ସଂଚାର ବ୍ୟୁରୋ):** ୨୪ ବର୍ଷ ବିଜଦ ଶାସନ କଲା ପରେ ବାସହରାଙ୍କୁ ବିଜୁ ପକ୍କାଘର ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଘର ଯୋଗାଇ ଦେଇଥିବା ନେଇ ଡିଣ୍ଡିମ ପିଟୁଛି। ହେଲେ ପ୍ରଶାସନିକ ଅଧିକାରୀଙ୍କ ଅବହେଳା କାରଣରୁ ଯୋଗ୍ୟ ହିତାଧିକାରୀ ଏହି ଯୋଜନାରୁ ବଞ୍ଚିତ ରହିବା ସହିତ ପଲିଥିନ ଘରେ ଅତି ଦୟନୀୟ ଅବସ୍ଥାରେ ଜୀବନ ବିତାଉଥିବା ଭଳି ହୃଦୟ ବିଦାରକ ଦୃଶ୍ୟ ନଜରକୁ ଆସିଛି। କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ କାସିବାହାଲ ଗ୍ରାମପଞ୍ଚାୟତର ଧନସରାରେ ରହୁଥିବା ନେହେରୁ ସତନାମୀଙ୍କ ପଲିଥିନ ଢଙ୍କା ଘର ଦେଖିଲେ ଏହା ସହଜରେ ଜାଣିହୁଏ। ତେବେ ବେସାହାରା ହୋଇପଡ଼ିଥିବା ନେହେରୁଙ୍କ ରହିବା ପାଇଁ ଘର ଖଣ୍ଡିଏ ନଥିବାରୁ ସେ ଆଜକୁ ୨୫ବର୍ଷରୁ ଊର୍ଦ୍ଧ୍ୱ ହେବ ଏଭଳି ପଲିଥିନ ଢାଙ୍କି ହୋଇ ରହିଥିବା ଘରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା କହିଛନ୍ତି। ଶୀତ ଏବଂ ଖରାଦିନ ଅପେକ୍ଷା ବର୍ଷାଦିନରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଥିବା ସେ ଅଭିଯୋଗ କରିଛନ୍ତି।ତେବେ ପକ୍କା ଘର ଖଣ୍ଡିଏ ଯୋଗାଇ ଦେବା ପାଇଁ ସ୍ୱାମୀ ଥିବା ସମୟରୁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟଠୁ ଆରମ୍ଭକରି ବ୍ଲକ ପ୍ରଶାସନ, ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିରରେ ସେ ଦୃଷ୍ଟି ଆକର୍ଷଣ କରିଥିଲେ। ତାଙ୍କ ଗୁହାରି କେହି ନଶୁଣି ତାଙ୍କୁ ପ୍ରଶାସନିକ ଅଧିକାରୀମାନେ ଅଣଦେଖା କରିଥିଲେ। ନେହେରୁ ସତନାମୀ, ସନ୍ତୁଷି ସତନାମୀ, ବିଜୟ କୁମାର ସତନାମୀ ଭଳି ଅନେକ କାଶିବାହାଲ ଗ୍ରାମର ସତନାମୀ ପଡ଼ାରେ ଭଙ୍ଗା ଦଦରା ଘରେ ଅତି ଦୟନୀୟ ଅବସ୍ଥାରେ ରହୁଥିବା ଦେଖିବାକୁ ମିଳିଛି। କୁନିକୁନି ଛୁଆଙ୍କୁ ନେଇ ଏହି ଭଙ୍ଗାଘରେ ସେମାନେ ବହୁ ଅସୁବିଧାରେ କାଳାତିପାତ କରିଆସୁଛନ୍ତି। ଏହି ହିତାକାରୀଙ୍କୁ ସରକାରୀ ସହୟତା କହିଲେ କେବଳ ଭତ୍ତା ଓ ମାସକୁ ୫ କେଜି ଚାଉଳ ଯୋଗାଇ ଦିଆଯାଉଛି। ବିଜୟ କୁମାର ସତନାମୀ, ଜଗଦୀଶ ସତନାମୀ, ସାମବାଇ ସତନାମି, ପାମେଶ୍ୱର ସତନାମି, ବଂଶୀ ଶତନାମୀ, ଲଖିଧର ସତନାମୀ, ଦସରି ସତନାମୀ ମୂଲ ଲାଗି ନିଜର ପରିବାର ପ୍ରତିପୋଷଣ କରୁଥିବା ବେଳେ ଘର ତିଆରି କରିବା ସାତସପନ ହୋଇପଡ଼ିଛି। ସରକାରଙ୍କ ତରଫରୁ ଆବାସ ଯୋଜନାରେ ଘର ଯୋଗାଇ ଦେବା ପାଇଁ ସରକାର ଙ୍କୁ ଗୁହାରି କରିଛନ୍ତି।

SANCHAR
ସଂଚାର ଗୁରୁବାର ୨୪ ଜୁଲାଇ ୨୦୨୫

# ସ୍ୱାସ୍ଥ୍ୟ




## କିପରି ପାଇବେ ଆଣ୍ଠୁଗଣ୍ଠି ବିନ୍ଧାରୁ ମୁକ୍ତି ?



### ଜାଣନ୍ତୁ , ଆୟୁର୍ବେଦିକ ଉପଚାର

ଆଧୁନିକ ଜୀବନଶୈଳୀରେ ଆଣ୍ଠୁଗଣ୍ଠି ବିନ୍ଧା ଏକ ସାଧାରଣ ସମସ୍ୟା ପାଲଟିଛି । କେବଳ ବୟସ୍କ ନୁହଁନ୍ତି, ଯୁବପିଢ଼ି ମଧ୍ୟ ଏହି ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ଆୟୁର୍ବେଦ ଶାସ୍ତ୍ରରେ ଏହି ଯନ୍ତ୍ରଣାରୁ ମୁକ୍ତି ପାଇବା ପାଇଁ ଅନେକ ପ୍ରାକୃତିକ ଓ ପ୍ରଭାବଶାଳୀ ଉପଚାର ରହିଛି, ଯାହା ଶରୀରରେ ବାତ ଏବଂ କଫର ଅସନ୍ତୁଳନକୁ ନିୟନ୍ତ୍ରଣ କରିବାରେ ସାହାଯ୍ୟ କରେ । ଏ ସବୁ କରିବା ସହ ନିଜର ଖାଦ୍ୟପେୟ ପ୍ରତି ମଧ୍ୟ ଧ୍ୟାନ ଦେବା ଆବଶ୍ୟକ । ଆଣ୍ଠୁଗଣ୍ଠି ବିନ୍ଧା ହେଉଥିଲେ ୟୁରିକ୍ ଏସିଡ୍ ବୃଦ୍ଧି କରୁଥିବା ଖାଦ୍ୟଠୁ ଦୂରେଇ ରୁହନ୍ତୁ , ଯଥା - ଡାଲି, ଦହି, ଭେଣ୍ଡି ଆଦି ଖାଦ୍ୟ । ନିଜ ଖାଦ୍ୟରେ ଅଦା, ରସୁଣ ଓ ହଳଦୀ ପରି ଜିନିଷ ସାମିଲ କରନ୍ତୁ। ହାଲୁକା ବ୍ୟାୟାମ ଏବଂ ଯୋଗାସନକୁ ନିଜ ଦୈନନ୍ଦିନ ଜୀବନରେ ସାମିଲ କରନ୍ତୁ। ଜଣେ ଫିଜିଓଥେରାପିଷ୍ଟଙ୍କ ପରାମର୍ଶରେ ବ୍ୟାୟାମ କରିବା ଅଧିକ ଲାଭଦାୟକ ହୋଇଥାଏ । ଯଦି ଯନ୍ତ୍ରଣା ଅସହ୍ୟ ହୁଏ କିମ୍ବା ଫୁଲା ଓ ଲାଲ ପଡିବା ଭଳି ଲକ୍ଷଣ ଦେଖାଯାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନେବା ଜରୁରୀ । ଆୟୁର୍ବେଦିକ ଉପଚାର ସହିତ ସଠିକ୍ ଜୀବନଶୈଳୀ ଆପଣାଇଲେ ଆଣ୍ଠୁଗଣ୍ଠି ବିନ୍ଧାରୁ ଦୀର୍ଘସ୍ଥାୟୀ ମୁକ୍ତି ମିଳିପାରିବ । କିନ୍ତୁ ଏହି ସବୁ ଉପଚାରକୁ ଆପଣେଇବା ପୂର୍ବରୁ ଡାକ୍ତରଙ୍କ ସହ ପରାମର୍ଶ ନିହାତି କରନ୍ତୁ ।

### ଆୟୁର୍ବେଦିକ ଔଷଧି ଓ ଘରୋଇ ଉପଚାର:

- ଅଶ୍ୱଗନ୍ଧା ଓ ଶୁଣ୍ଠି: ଆୟୁର୍ବେଦ ଅନୁସାରେ, ଅଶ୍ୱଗନ୍ଧା ଏବଂ ଶୁଣ୍ଠି ଗଣ୍ଠି ବିନ୍ଧା ପାଇଁ ବେଶ ଉପକାରୀ। ୪୦ ଗ୍ରାମ ଅଶ୍ୱଗନ୍ଧା ଗୁଣ୍ଡ, ୨୦ ଗ୍ରାମ ଶୁଣ୍ଠି ଗୁଣ୍ଡ ଏବଂ ୪୦ ଗ୍ରାମ ମିଶ୍ରିକୁ ଏକାଠି ମିଶାଇ ଏକ ମିଶ୍ରଣ ପ୍ରସ୍ତୁତ କରନ୍ତୁ। ପ୍ରତିଦିନ ସକାଳ ଓ ସନ୍ଧ୍ୟାରେ ୩ ଗ୍ରାମ ମାତ୍ରାରେ ଏହି ମିଶ୍ରଣକୁ ଉଷୁମ କ୍ଷୀର ସହିତ ସେବନ କଲେ ଯନ୍ତ୍ରଣା ଓ ଫୁଲାରୁ ଆରାମ ମିଳିଥାଏ।
- ହଳଦୀ କ୍ଷୀର: ହଳଦୀରେ ଥିବା ଆଣ୍ଟି-ଇନ୍‌ଫ୍ଲାମେଟୋରୀ ଗୁଣ ଯନ୍ତ୍ରଣା କମ୍ କରିବାରେ ସାହାଯ୍ୟ କରେ । ପ୍ରତିଦିନ ରାତିରେ ଶୋଇବା ପୂର୍ବରୁ ଏକ ଗ୍ଲାସ୍ ଉଷୁମ କ୍ଷୀରରେ ଏକ ଚାମଚ ହଳଦୀ ଗୁଣ୍ଡ ମିଶାଇ ପିଇବା ଦ୍ୱାରା ଆରାମ ମିଳେ ।



- ମେଥି: ରାତିରେ ଏକ ଚାମଚ ମେଥି ଦାନାକୁ ପାଣିରେ ଭିଜାଇ ସକାଳୁ ତାହାକୁ ଖାଆନ୍ତୁ। ମେଥି ଦାନା ପ୍ରଦାହ କମାଇବାରେ ସହାୟକ ହୋଇଥାଏ।

ତେଲ ମାଲିସ ଓ ଜୀବନଶୈଳୀ:

- ତେଲ ମାଲିସ: ସୋରିଷ ତେଲରେ ୮-୧୦ କୋଳା ରସୁଣ, କିଛି ମେଥି ଦାନା, ଜୁଆଣି ଏବଂ ଶୁଣ୍ଠି ଗୁଣ୍ଡ ପକାଇ ଭଲଭାବେ ଗରମ କରନ୍ତୁ । ଥଣ୍ଡା ହେବା ପରେ ଏହି ତେଲକୁ ଆଣ୍ଠୁରେ ମାଲିସ କରନ୍ତୁ । ଏହାଦ୍ୱାରା ରକ୍ତ ସଞ୍ଚାଳନ ବଢ଼ିଥାଏ ଏବଂ ମାଂସପେଶୀକୁ ଆରାମ ମିଳେ।

## ପେଟ ସମସ୍ୟା ନା’ ଆଉ କ’ଣ ? କ’ଣ କୁହନ୍ତି ଡାକ୍ତର?

# ପାଟିରେ ବାରମ୍ବାର ଘା’ ହେବା

ଏମ୍ସର ଗ୍ୟାଷ୍ଟ୍ରୋଲୋଜି ବିଭାଗର ପୂର୍ବତନ ଡାକ୍ତର ଅନନ୍ୟ ଗୁପ୍ତା କୁହନ୍ତି ଯେ ଯଦି ଆପଣଙ୍କ ଶରୀରର ରୋଗ ପ୍ରତିରୋଧକ କ୍ଷମତା ଅର୍ଥାତ ଇମ୍ୟୁନ୍ ସିଷ୍ଟମ ଦୁର୍ବଳ ଅଛି ତେବେ ଏହା ବାରମ୍ବାର ଘା’ ହେବାର ଏକ ବଡ଼ କାରଣ ହୋଇପାରେ । କିଛି ଅଟୋଇମ୍ୟୁନ୍ ରୋଗ ଯେପରିକି ଲୁପସ୍ କିମ୍ବା ବେହଚେଟ୍ ସିଣ୍ଡ୍ରୋମ୍ ଯାହା ଏକ ବିରଳ କିନ୍ତୁ ଗମ୍ଭୀର ଅଟୋଇମ୍ୟୁନ୍ ଏବଂ ଇନଫ୍ଲାମେଟୋରୀ ରୋଗ ଯାହା ଶରୀରର ରକ୍ତନଳୀଗୁଡ଼ିକରେ (ବ୍ଲଡ୍



ଭେସେଲ୍ସ) ପ୍ରଦାହ ସୃଷ୍ଟି କରେ । ଏହି ରୋଗ ଶରୀରର ଅନେକ ଅଂଶକୁ ଏକ ସମୟରେ ପ୍ରଭାବିତ କରିପାରେ - ଯେପରିକି ମୁହଁ, ଆଖି, ଚର୍ମ, ଯୌନାଙ୍ଗ, ଗଣ୍ଠି ଏବଂ ବେଳେବେଳେ ମସ୍ତିଷ୍କ ଓ ପାଚନ ତନ୍ତ୍ର । ଅଟୋଇମ୍ୟୁନ୍ ରୋଗ ମଧ ବାରମ୍ବାର ମୁହଁରେ କ୍ଷତ କିମ୍ବା ଘା'ର କାରଣ ହୋଇପାରେ । ଏହା ସହିତ ଲଗାତାର ଥକ୍କା ଲାଗିବା, ଦୁର୍ବଳତା କିମ୍ବା ବାରମ୍ବାର ଅସୁସ୍ଥ ହେବା ମଧ ଏହି ଅସୁବିଧାର ସଙ୍କେତ ହୋଇପାରେ। ଯେତେବେଳେ ପେଟରେ ଗ୍ୟାସ୍, କୋଷ୍ଟକାଠିନ୍ୟ କିମ୍ବା ଏସିଡିଟି ବାରମ୍ବାର ହୁଏ ସେତେବେଳେ ଏହାର ପ୍ରଭାବ ମୁହଁର ସ୍ୱାସ୍ଥ୍ୟ ଉପରେ ମଧ ପଡ଼େ । ଅଧିକ ଏସିଡ୍ ସୃଷ୍ଟି ହେବା ଦ୍ୱାରା ଶରୀରରେ ଗରମ ବଢ଼ିଥାଏ ଯେଉଁଥିପାଇଁ ମୁହଁରେ ଜ୍ୱାଳା ଏବଂ ଘା’ ହୋଇପାରେ । ଭୁଲ୍ ଖାଦ୍ୟପେୟ, ବିଳମ୍ବରେ ଖାଇବା ଏବଂ ମସଲାଯୁକ୍ତ ଖାଦ୍ୟ ଏହାର ମୁଖ୍ୟ କାରଣ ହୋଇପାରେ । ଦୀର୍ଘ ସମୟ ଧରି ଲାଗି ରହିଥିବା ପାଚନ ସମସ୍ୟା ମଧ ମୁହଁରେ ଘା'କୁ ବାରମ୍ବାର ବାହାରିବାର କାରଣ ହୋଇପାରେ । ଭିଟାମିନ୍ ବି୧୨, ଆଇରନ୍ ଏବଂ ଫୋଲିକ୍ ଏସିଡର ଅଭାବ ମଧ ମୁହଁରେ ବାରମ୍ବାର ଘା’ ହେବାର ଏକ ବଡ଼ କାରଣ ହୋଇଥାଏ । ଯେତେବେଳେ ଶରୀରକୁ ଆବଶ୍ୟକ ପୋଷକ ତତ୍ତ୍ୱ ମିଳେ ନାହିଁ, ସେତେବେଳେ ଟିସୁଗୁଡ଼ିକର ମରାମତି କମ୍ ହୋଇଯାଏ । ଯେଉଁଥିପାଇଁ ଘା’ ଶୀଘ୍ର ଭଲ ହୁଏ ନାହିଁ ଏବଂ ବାରମ୍ବାର ସମସ୍ୟା ଉପୁଜିପାରେ । ଯଦି ଘା’ ଏକରୁ ଦୁଇ ସପ୍ତାହ ମଧରେ ଠିକ୍ ହେଉନାହିଁ କିମ୍ବା ବାରମ୍ବାର ଗୋଟିଏ ସ୍ଥାନରେ ହେଉଛି ବା ଖାଇବା ପିଇବାରେ ଅସୁବିଧା ହେଉଛି ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ବେଳେବେଳେ ଏହା ମୁଖ କର୍କଟ କିମ୍ବା ଗମ୍ଭୀର ସଂକ୍ରମଣର ମଧ ସଙ୍କେତ ହୋଇପାରେ ।



## ସକାଳୁ ପଇଡ଼ ପାଣି ପିଇଲେ ଅନେକ ଲାଭ... ତ୍ୱଚାରେ ଆସେ ଚମକ



କିଛି ବ୍ୟକ୍ତି ସକାଳୁ ସକାଳୁ ପଇଡ଼ ପାଣି ପିଇବାକୁ ପସନ୍ଦ କରିଥାନ୍ତି । ଏହା ଭଲ ଅଭ୍ୟାସ । କାରଣ ଜୁସ୍ ହେଉ ବା ପାଣି ଶରୀରରେ ଜଳୀୟ ଅଂଶ ଯେତିକି ପୂରଣ କରେ ପଇଡ଼ ପାଣି ପିଇଲେ ସେତିକି ଭରଣା ହୋଇଥାଏ । ଏହାଦ୍ୱାରା ଶରୀରର ଜଳୀୟ ଅଂଶ ସନ୍ତୁଳିତ ରହିବା ସହ ତ୍ୱଚାରେ ଚମକ ଆସିଥାଏ ଏବଂ ଶରୀରର କୋଷିକା ଗୁଡ଼ିକୁ ଦୃଢ ହୋଇଥାଏ । ପଇଡ଼ ପାଣିରେ ଆଣ୍ଟିଅକ୍ସିଡେଣ୍ଟ , ଇଲେକ୍ଟ୍ରୋଲାଇଟ୍ସ ଥାଏ , ଯାହା ଶରୀରର ଦୁର୍ବଳତା ଦୂରେଇଥାଏ । ଏହାସହ ରକ୍ତଚାପ, ରକ୍ତରେ ଶର୍କରାର ମାତ୍ରାକୁ ସଠିକ୍ ରଖିଥାଏ । ଏହାସହ ପଇଡ଼ ପାଣିକୁ ନିୟମିତ ପିଇଲେ ଦୁର୍ବଳ ମାଂସପେଶୀ ସୁଦୃଢ଼ ହୋଇଥାଏ । କିନ୍ତୁ ଯଦି କିଛି ଶାରୀରିକ ଅସୁସ୍ଥତା ଥାଏ ତାହେଲେ ଡାକ୍ତରଙ୍କ ସହ ପରାମର୍ଶ କରି ଏହାକୁ ପିଇବା ଉଚିତ ।




## ସକାଳେ ଶରୀରରେ ଦେଖାଯାଏ ମଧୁମେହର ଏହି ଲକ୍ଷଣ

ସକାଳର ଆରମ୍ଭ ଆମର ଦିନକୁ ନିର୍ଣ୍ଣୟ କରେ । ସେହିପରି ଶରୀରର କିଛି ଛୋଟ କାର୍ଯ୍ୟ ମଧ ବଡ଼ ସଙ୍କେତ ଦେଇପାରେ। ବିଶେଷକରି ମଧୁମେହ ଭଳି ବିଷୟରେ, ଅନେକ ସମୟରେ ଆମେ ସେହି ଲକ୍ଷଣଗୁଡ଼ିକୁ ଥକ୍କାପଣ କିମ୍ବା ନିଦ୍ରାର ଅଭାବ ଭାବି ଅଣଦେଖା କରିଦେଉ । ଯାହା ପ୍ରକୃତରେ ମଧୁମେହର ଲକ୍ଷଣ । ଯଦି ଆପଣ ପ୍ରତିଦିନ ସକାଳେ କିଛି ବିଶେଷ ପରିବର୍ତ୍ତନ ଅନୁଭବ କରୁଛନ୍ତି, ତେବେ ହୋଇପାରେ ଯେ ଆପଣଙ୍କ ଶରୀର ଆପଣଙ୍କୁ ସତର୍କ କରୁଛି ।

### ବାରମ୍ବାର ପରିସ୍ରା:

ଯଦି ଆପଣଙ୍କୁ ପ୍ରତିଦିନ ସକାଳେ ଉଠିବା ମାତ୍ରେ ବାରମ୍ବାର ପରିସ୍ରା କରିବାକୁ ପଡ଼େ। ତେବେ ଏହା ଉଚ୍ଚ ରକ୍ତ ଶର୍କରାର ଲକ୍ଷଣ ହୋଇପାରେ। ଶରୀର ପରିସ୍ରା ମାଧମରେ ଅତିରିକ୍ତ ଗ୍ଲୁକୋଜ୍ ସ୍ତର ବାହାର କରିବାକୁ ଚେଷ୍ଟା କରେ । କିନ୍ତୁ ଏହାକୁ ସାଧାରଣ ଭାବନ୍ତୁ ନାହିଁ ।



### ସକାଳେ ମୁଣ୍ଡବିନ୍ଧା:

ଯଦି ଆପଣ ସକାଳେ ଉଠିବା ମାତ୍ରେ ମୁଣ୍ଡ ଭାରୀ କିମ୍ବା ଯନ୍ତ୍ରଣା ଅନୁଭବ କରନ୍ତି, ତେବେ ଏହା ରକ୍ତରେ ଶର୍କରା ସ୍ତର ପରିବର୍ତ୍ତନର ଫଳାଫଳ ହୋଇପାରେ। ବିଶେଷକରି ରାତିରେ ରକ୍ତ ଶର୍କରା ହ୍ରାସ ପାଇବା ଏବଂ ସକାଳେ ଦ୍ରୁତ ଗତିରେ ବୃଦ୍ଧି ପାଇବା ଦ୍ୱାରା ଏପରି ହୋଇପାରେ।

### ଅତ୍ୟଧିକ ତୃଷା:

ଯଦି ଆପଣ ସକାଳେ ଉଠିବା ମାତ୍ରେ ବାରମ୍ବାର ପାଣି ପିଇବାକୁ ଇଚ୍ଛା କରନ୍ତି ଏବଂ ଆପଣଙ୍କ ପାଟି ଶୁଖିଲା ଅନୁଭବ ହୁଏ, ତେବେ ଏହାକୁ ହାଲୁକା ଭାବରେ ନିଅନ୍ତୁ ନାହିଁ। ମଧୁମେହରେ, ଶରୀର ପରିସ୍ରା ମାଧମରେ ଜଳଶୂନ୍ୟ ହୋଇଯାଏ । ତେଣୁ ଶରୀର ଅଧିକ ତୃଷା ଅନୁଭବ କରେ ।

### କ୍ଲାନ୍ତ ଏବଂ ଦୁର୍ବଳ ଅନୁଭବ:

ସାରା ରାତି ଶୋଇବା ସତ୍ତ୍ୱେ, ଯଦି ଆପଣ ସକାଳେ ଉଠିବା ମାତ୍ରେ ଭାରୀ କିମ୍ବା କ୍ଲାନ୍ତ ଅନୁଭବ କରନ୍ତି କିମ୍ବା ଦିନର ଆରମ୍ଭରେ ଆଳସ୍ୟ ଅନୁଭବ କରନ୍ତି, ତେବେ ଏହା ମଧୁମେହର ଏକ ଲୁକ୍କାୟିତ ଲକ୍ଷଣ ହୋଇପାରେ।

### ଝାପ୍ସା କିମ୍ବା ଦୁର୍ବଳ ଦୃଷ୍ଟି:

ସକାଳେ ଝାପ୍ସା କିମ୍ବା ଅସ୍ପଷ୍ଟ ଦୃଷ୍ଟି ମଧ ମଧୁମେହର ପ୍ରାରମ୍ଭିକ ଲକ୍ଷଣ ହୋଇପାରେ। ରକ୍ତ ଶର୍କରାର ଅସନ୍ତୁଳନ ଆଖିର ସ୍ନାୟୁକୁ ପ୍ରଭାବିତ କରେ, ଯାହା ଦୃଷ୍ଟିକୁ ପ୍ରଭାବିତ କରେ।

## ଏହି ସବୁ ଶାରୀରିକ ସମସ୍ୟା ଥିଲେ ଲେମ୍ବୁପାଣି ମନା

ଅନେକ ଲୋକ ସୁସ୍ଥ ରହିବା ପାଇଁ ଲେମ୍ବୁ ପାଣି ପିଇବାକୁ ପସନ୍ଦ କରିଥାନ୍ତି । ଖରାଦିନେ ଏହାକୁ ପିଇବା ଦ୍ୱାରା ଶରୀର ଥଣ୍ଡା ରହିବା ସହ ଜଳୀୟଅଂଶ ମଧ ଠିକ୍ ରହିଥାଏ। କିନ୍ତୁ ଲେମ୍ବୁପାଣି ସମସ୍ତଙ୍କୁ ଫାଇଦା ଦେଇ ନ ଥାଏ। କିଛି ଶାରୀରିକ ସମସ୍ୟା ଏପରି ରହିଛି, ଯେଉଁଠି ଲେମ୍ବୁ ପାଣି ଶରୀର ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ । ତେବେ ଆସନ୍ତୁ ଜାଣିବା କେଉଁ ସବୁ ଶାରୀରିକ ସମସ୍ୟା ଥିଲେ ଲେମ୍ବୁ ପାଣି ପିଇବା ଅନୁଚିତ ।

୧. ଯଦି ଆପଣଙ୍କର କିଡ୍‌ନୀ ବା ଯକୃତ ସମ୍ବନ୍ଧିତ ସମସ୍ୟା ରହିଛି। ତେବେ ଲେମ୍ବୁ ପାଣି ସେବନ ଆପଣଙ୍କ ପାଇଁ ହାନିକାରକ ସାବ୍ୟସ୍ତ ହୋଇଥାଏ। ଲେମ୍ବୁରେ ଥିବା ଅକ୍ସୋଲେଟ୍‌ସ ପେଟରେ ଜମି ଷ୍ଟୋନ ସମସ୍ୟା ସୃଷ୍ଟି କରିଥାଏ।

୨. ଯେଉଁ ଲୋକମାନଙ୍କର ହାଡ଼ଜନିତ କିଛି ସମସ୍ୟା ରହିଛି, ସେମାନଙ୍କୁ ଲେମ୍ବୁ ପାଣିଠାରୁ ଦୂରରେ ରହିବା ଦରକାର ।

୩. ଲେମ୍ବୁ ପାଣି ପିଇବା ଦ୍ୱାରା ବାରମ୍ବାର ପରିଶ୍ରା ଲାଗିଥାଏ। ଯଦି ଆପଣଙ୍କର ପରିଶ୍ରା ସମ୍ବନ୍ଧିତ ସମସ୍ୟା ରହିଛି, ତେବେ ମଧ ଲେମ୍ବୁ ପାଣି ପିଇବା ବନ୍ଦ କରନ୍ତୁ।





## ସୌନ୍ଦର୍ଯ୍ୟ ପାଇଁ ବି ବହୁ ଉପକାରୀ ପୁଦିନା ପତ୍ର

ପୁଦିନା ପତ୍ରର ବ୍ୟବହାର ପ୍ରତି ଘରେ କରାଯାଇଥାଏ । ଖାସ୍ କରି ଚଟଣି ତିଆରି କରିବା ପାଇଁ ଘରଣୀମାନେ ପୁଦିନା ପତ୍ରକୁ ବ୍ୟବହାର କରିଥାନ୍ତି । ଖାଲି ସ୍ୱାଦ ପାଇଁ ନୁହେଁ, ପେଟ ଜନିତ ସମସ୍ୟାକୁ ମଧ ପୁଦିନାର ଜୁସ୍ ଦୂର କରିଥାଏ । ଏଥିରେ ପୋଟାସିୟମ,ମ୍ୟାଗ୍ନେସିୟମ,ଆଇରନ,କ୍ୟାଲ୍‌ସିୟମ,ଫସ୍ଫରସ୍ ଏବଂ ଭିଟାମିନ୍ ସି ଭଳି ପୋଷକ ତତ୍ତ୍ୱ ରହିଥାଏ । ଯାହା ଶରୀରରୁ ବିଷାକ୍ତ ପଦାର୍ଥ ବାହାର କରିବା ସହ ସୁସ୍ଥ ରଖିଥାଏ। କିନ୍ତୁ ଆପଣ ଜାଣିଛନ୍ତି ପୁଦିନା ପତ୍ର ଶରୀରକୁ ସୁସ୍ଥ ରଖିବା ସହ ତ୍ୱଚାକୁ ମଧ ସତେଜ ରଖିଥାଏ।

ଏହା ସହ ତ୍ୱଚା ଜନିତ ଅନେକ ସମସ୍ୟାକୁ ଦୂର କରିଥାଏ । ଆଜି ଆମେ ପୁଦିନା ପତ୍ରରୁ ତ୍ୱଚାକୁ କେଉଁ ସବୁ ଲାଭ ମିଳିଥାଏ ସେ ବିଷୟରେ ଜଣାଇବୁ ।



- ଯଦି ଧୂଳି ଏବଂ ପ୍ରଦୂଷଣ ପାଇଁ ଆପଣଙ୍କ ବେକ କଳା ହୋଇ ଯାଇଛି, ତେବେ ଏହି କଳା ଦାଗକୁ ଦୂର କରିବା ପାଣି ପୁଦିନା ପାଣି ବ୍ୟବହାର କରନ୍ତୁ। ଏହା ନ୍ୟାଚୁରାଲ ଟୋନରର କାମ କରିଥାଏ । ପୁଦିନା ପାଣିକୁ ତୁଳା ସାହାଯ୍ୟରେ ବେକରେ ଲଗାଇ କିଛି ସମୟ ପର୍ଯ୍ୟନ୍ତ ରଖନ୍ତୁ । ପରେ ଏହାକୁ ଥଣ୍ଡା ପାଣିରେ ଧୋଇ ନିଅନ୍ତୁ । ଦୁଇ ସପ୍ତାହ ଏପରି କରିବା ଦ୍ୱାରା ଆପଣମାନେ ଫରକ୍ ଜାଣି ପାରିବେ ।
- ପୁଦିନାରେ ଆଣ୍ଟି-ଅକ୍ସିଡ଼ାଣ୍ଟର ଗୁଣ ଭରପୂର ପରିମାଣରେ ରହିଥାଏ। ଯଦି ଆପଣ ପୁଦିନାକୁ କିଛି ସମୟ ଫୁଟାଇ ତାହାର ପାଣିକୁ କେଶ ଧୋଇବାରେ ବ୍ୟବହାର କରନ୍ତି । ତେବେ ଆପଣଙ୍କ କେଶ ଝଡ଼ିବା ସମସ୍ୟା ଦୂର ହୋଇଯିବ।
- ଯଦି ଆପଣଙ୍କ ଶରୀରରୁ ଅଧିକ ଝାଳ ବାହାରି ସେଥିରୁ ଦୁର୍ଗନ୍ଧ ବାହାରୁଛି, ତେବେ ଗାଧୋଇବା ସମୟରେ ପୁଦିନାର ପତ୍ର ସେଥିରେ ପକାଇ ଗାଧାନ୍ତୁ । ଏପରି କରିବା ଦ୍ୱାରା ଆପଣଙ୍କ ଶରୀରରୁ ଦୁର୍ଗନ୍ଧ ନ ବାହାରିବା ସହ ସାରା ଦିନ ଆପଣ ସତେଜ ଅନୁଭବ କରିବେ ।

ସରକାରୀ ଯୋଜନା ବାଟବଣା

# ବିଧବାଙ୍କୁ ମିଳୁନି ଆବାସ ଯୋଜନାରେ ଘର



**ଫିରିଙ୍ଗିଆ, ୨୩।୭ (ସଂଚାର ବ୍ୟୁରୋ):** ଭାରତ ସ୍ୱାଧୀନତା ୭୭ ବର୍ଷ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହି ତିନି ଜଣ ପରିବାର ଙ୍କୁ ସ୍ୱାଧୀନତା ଦିଆ ଯାଇନଥିବା କାରଣ କ'ଣ ଆଇପାରେ ଏହା ଏକ ଅଞ୍ଚଳ ରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ରାଜ୍ୟ ଓ କେନ୍ଦ୍ର ସରକାର ପ୍ରତ୍ୟେକ ଗରିବ ଅସହାୟ ବାସହୀନ ବିଧବା ପରିବାରଙ୍କ ପାଇଁ ଆଜି ସରକାର ଅନେକ ଯୋଜନା କାର୍ଯ୍ୟକାରୀ ପ୍ରସ୍ତୁତି କରୁଛନ୍ତି ସତ କିନ୍ତୁ ପ୍ରଶାସନ ଇଚ୍ଛା ଶକ୍ତି ଅଭାବ ଅବହେଳା ଯୋଗୁଁ ଆଜି ପର୍ଯ୍ୟନ୍ତ ପ୍ରକୃତ ହିତାଧିକାରୀ ପାଖକୁ ପହଞ୍ଚି ପାରୁନଥିବା ଅଭିଯୋଗ କରିଛନ୍ତି। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ବାଲନ୍ଦାପଡ଼ା ପଞ୍ଚାୟତ ଅନ୍ତର୍ଗତ ବଡପଙ୍ଗା ଗ୍ରାମରେ।

ଶ୍ରୀମତୀ କହଁରଙ୍କ ସ୍ୱାମୀଙ୍କ ଦେହାନ୍ତ ହେବାର ୨ ବର୍ଷ ହେଲାଣି। ଏବେ ପୁଅ ଦୁଇ ଜଣଙ୍କୁ ଧରି ରହି ଆସୁଛନ୍ତି। ବଡ଼ ପୁଅ ଦିବ୍ୟାଙ୍ଗ ହୋଇଥିବା ବେଳେ ମା'ର ବୟସ ୫୭ ହେଲାଣି। ଏହି ପରିବାର ଚଳିବା ବହୁତ କଷ୍ଟକର ହେଉଛି। ସତେକି ଏହି ପରିବାର ପାଇଁ ସରକାର ଯୋଜନା ସାତ ସପନ ପାଲଟିଛି। ଏହି ପରି ପରିସ୍ଥିତିରେ ଭଲ ଘର ଖଣ୍ଡିଏ ତିଆରି କରିବା ତାଙ୍କ ପକ୍ଷେ ଅସମ୍ଭବ ବୋଲି କହିଛନ୍ତି ହିତାଧିକାରୀ। ଘର ଖଣ୍ଡିଏ ପାଇବା ପାଇଁ ବାରମ୍ବାର ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆବେଦନ କରିଥିଲେ ମଧ୍ୟ କୌଣସି ସଫଳ ମିଳିନଥିବା କହିଛନ୍ତି ଶ୍ରୀମତୀ କହଁରା। ତେଣୁ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଇ ଯଥାଶୀଘ୍ର ପ୍ରଧାନମନ୍ତ୍ରୀ ଆବାସ ଘର ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି। ଅନ୍ୟ ପଟେ ଦେଖିବାକୁ ବାକି ରହିଲା ଏହି ଅସହାୟ ପରିବାର ଙ୍କୁ କେବେ ନୂତନ ସରକାର ପ୍ରଧାନମନ୍ତ୍ରୀ ଆବାସ ଗୃହ ଯୋଗାଇ ଦେଉଛନ୍ତି।

## ବେକରେ ଗାମୁଛା ଗୁଡ଼େଇ ଜୀବନ ହାରିଲେ ଯୁବକ

**ଝରିଗାଁ, ୨୩।୭ (ସଂଚାର ବ୍ୟୁରୋ):** ନବରଙ୍ଗପୁରଜିଲ୍ଲା ଝରିଗାଁ ବ୍ଲକ କୁସୁମୀ ଗ୍ରାମର ଜଣେ ଯୁବକ ବେକରେ ଗାମୁଛା ଦେଇ ଜୀବନ ହାରିଥିବା ଜଣାପଡ଼ିଛି। ସୂଚନା ଅନୁସାରେ, କୁସୁମୀ ଗ୍ରାମର ଭଗତ ମାଝୀଙ୍କ ପୁଅ ମୁକୁନ୍ଦ ମାଝୀ (୪୦) ପ୍ରାୟ ୨୫ ବର୍ଷ ହେବ ଅଲେଖ ମହିମା ଦୀକ୍ଷା ଗ୍ରହଣ କରିବା ସହ ଚନ୍ଦାହାଣ୍ଡି ବ୍ଲକ ଉର୍ମିଲାରେ ଥିବା ଆଶ୍ରମରେ ରହୁଥିଲେ। ବେଳେବେଳେ ନିଜ ଘରକୁ ଆସି କିଛି ଦିନ ରହି ଆଶ୍ରମକୁ ଫେରି ଯାଉଥିଲେ। ତେବେ ଗତ ତିନି ମାସ ହେବ ମୁକୁନ୍ଦ ଘରକୁ ଆସିଲେ ମଧ୍ୟ ପରିବାର ଲୋକଙ୍କ ସହ କଥା ହେଉନଥିବା ବେଳେ ଏକା ଏକା ରହୁଥିଲେ। ଗତକାଲି ମୁକୁନ୍ଦ ଘରେ ଖାଇବା ପରେ ଶୋଇ ପଡ଼ିଥିଲେ। ତେବେ ଆଜି ସକାଳୁ ଘରୁ ବାହାରି ଯାଇ ପ୍ରାୟ ୫ ମିଟର ଦୂରରେ ଥିବା କାଜୁ ବାଡ଼ରେ ବେକରେ ଗାମୁଛା ଦେଇ ଆତ୍ମହତ୍ୟା କରିଥିଲେ।

ହାଣ୍ଡିଶାଳରେ ମହଙ୍ଗା ମାଡ଼

## ଲାଞ୍ଜିଗଡ଼ରେ ପରିବା ଦର ଆକାଶଛୁଆଁ, ଚିନ୍ତାରେ ଖାଉଟି



**ଲାଞ୍ଜିଗଡ଼, ୨୩।୭ (ସଂଚାର ବ୍ୟୁରୋ):** ବର୍ତ୍ତମାନ ଚାଲିଛି ବର୍ଷା ଋତୁ। ଏଥିପାଇଁ ପରିବା ଦର ଆକାଶ ଛୁଉଁଛି। ସବୁ ପରିବା ଦର କିଲୋଗ୍ରାମ ପିଛା ୮୦-୧୦୦ ଟଙ୍କା ହୋଇଛି। କୌଣସି ପରିବା ଦର ୫୦ ତଳକୁ ନାହିଁ। ଏଥିସହ ଖୁଚୁରା ବ୍ୟବସାୟୀ ପରିବାକୁ ଚଢ଼ାଦରରେ ବିକ୍ରି କରୁଛନ୍ତି। ବର୍ତ୍ତମାନ ଶ୍ରାବଣ ମାସ ଚାଲିଛି। ଶ୍ରାବଣ ମାସର ଆରମ୍ଭରୁ ପରିବାରେ ହାତ ମାରିପାରୁନାହାନ୍ତି ଖାଉଟି। ଯାହାଫଳରେ ହାଣ୍ଡିଶାଳରେ ମହଙ୍ଗା ମାଡ଼ ପଡ଼ୁଛି ବୋଲି ଚର୍ଚ୍ଚା ହେଉଛି। ଲାଞ୍ଜିଗଡ଼ ବ୍ଲକ ଅଞ୍ଚଳରେ ଖୁଚୁରା ବ୍ୟବସାୟୀ ବାଇଗଣ କିଲୋଗ୍ରାମ ପିଛା ୧୦୦ ଟଙ୍କା, ପୋଟଳ ୧୨୦, ବିଲାତି ୫୦ ଟଙ୍କା, ଭେଣ୍ଡି ୮୦, ଟମାଟୋ ୬୦ରୁ ୮୦ ଟଙ୍କାରେ ବିକ୍ରି କରୁଛନ୍ତି। ସେହିପରି କ୍ୟାପସିକମ, କଲରା, ମଟର, ଝୁଡୁଙ୍ଗ, କାଙ୍କଡ଼ ଦର ୮୦ ଟଙ୍କାରେ ପହଞ୍ଚିଛି। ଫୁଲକୋବି ୧୦୦ ଟଙ୍କାରେ ବିକ୍ରି ହେଉଛି। ଏଥିସହ ପିଆଜ ଦର କିଲୋଗ୍ରାମ ପିଛା ୩୫ ଟଙ୍କା ଏବଂ ଆଳୁ କିଲୋ ୨୫ ଟଙ୍କାରେ ପହଞ୍ଚିଛି। ଅଦା ୧୨୦ ଏବଂ ରଶୁଣ ୧୬୦, କଞ୍ଚା ଲଙ୍କା ୧୬୦ ଏବଂ ଧନିଆ ୪୦୦ ଟଙ୍କାରେ କିଣୁଛନ୍ତି ଲୋକେ। ତେବେ ଲଗାଣ ବର୍ଷା ଯୋଗୁଁ ଫସଲ ନଷ୍ଟ ହୋଇଯାଉଛି। ବର୍ତ୍ତମାନ କିଛି ଦିନ ଏପରି ଦରଦାମ ରହିବ ବୋଲି କୁହାଯାଉଛି। ଫଳରେ ଚିନ୍ତାରେ ରହିଛନ୍ତି ଖାଉଟି।

## ବ୍ଲକସ୍ତରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଚିହ୍ନଟ ଶିବିର



**କଣାସ, ୨୩।୭ (ସଂଚାର ବ୍ୟୁରୋ):** କଣାସ ବ୍ଲକସ୍ତରୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କର ତୃତୀୟ ଚକ୍ଷୁ ସମସ୍ୟା ଚିହ୍ନଟ ଶିବିର ଆଜି ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାନରେ ପ୍ରତିଷ୍ଠିତ ତ୍ରିଲୋଚନପୁର ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରୀ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରର ଚକ୍ଷୁ ବିଭାଗର ବିଶେଷଜ୍ଞ ଓ ଟେକ୍ନିସିଆନ୍ ମାନେ ଏହି ଶିବିରରେ ଯୋଗଦେଇ ବିଭିନ୍ନ ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନଙ୍କ ଚକ୍ଷୁ ସମସ୍ୟାର ଚିହ୍ନଟ କରି ୫ ଜଣ ଛାତ୍ର ଛାତ୍ରୀଙ୍କୁ ଅଧିକ ଚିକିତ୍ସା ନିମନ୍ତେ ଜିଲ୍ଲା ସ୍ୱାସ୍ଥ୍ୟକେନ୍ଦ୍ରକୁ ସୁପାରିସ କରିଥିବାବେଳେ ୭୧ ଜଣଙ୍କୁ ଚଷମା ପ୍ରଦାନପାଇଁ ସୁପାରିସ କରିଥିଲେ। କଣାସ ବ୍ଲକ ଶିକ୍ଷା ଅଧିକାରୀ ଶ୍ରୀ ରାମଚନ୍ଦ୍ର ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ଶିବିର ପରିଚାଳିତ ହୋଇଥିଲା।

## ଭିନ୍ନକ୍ଷମ ବିଶ୍ୱଜିତଙ୍କୁ ଅନ୍ତ୍ୟୋଦୟ ଯୋଜନାରେ ସାମିଲ ପାଇଁ ଦାବି



**କନ୍ଧମାଳ, ୨୩।୭ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାସିପଡ଼ା ଗ୍ରାମର ବିଶ୍ୱଜିତ୍ ଜେନା ଅନ୍ତ୍ୟୋଦ୍ୱୟ ରାସନ ଚାଉଳ ଅପେକ୍ଷାରେ। ବୟସ ୧୬ ଛୁଇଁବ, ବାରମ୍ବାର ଆବେଦନ କରିଥିଲେ ସୁଦ୍ଧା ଆଜି ପର୍ଯ୍ୟନ୍ତ ତାଙ୍କୁ ମିଳି ପାରିନାହିଁ ଅନ୍ତ୍ୟୋଦ୍ୱୟ ଯୋଜନାରେ ୩୫ କିଲୋ ଚାଉଳ। କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ସାରଙ୍ଗଡ଼ ପଞ୍ଚାୟତ ସାସିପଡ଼ା ସାହିର ବିଶ୍ୱଜିତ୍ ଜେନା ଏଭଳି ଅଭିଯୋଗ କରିଛନ୍ତି। ଯାହାର ରାସନ କାର୍ଡ ଖଣ୍ଡେ ଥିଲେ ମଧ୍ୟ ମାତ୍ର ୫ କିଲୋ ଚାଉଳ ସହ ସରକାରୀ ସହାୟତା କହିଲେ କେବଳ ଭିନ୍ନକ୍ଷମ ଭତ୍ତା ୩୫୦୦ ଟଙ୍କା ମିଳୁଛି। ଅନ୍ତ୍ୟୋଦ୍ୱୟ ରାସନ କାର୍ଡ ପାଇଁ ବ୍ଲକ ଠାରୁ ଆରମ୍ଭ କରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଦୌଡ଼ି ଦୌଡ଼ି ନିରାଶ ହୋଇଛନ୍ତି। ଏ ନେଇ ବ୍ଲକ ଖାଦ୍ୟ ଯୋଗାଣ ଅଧିକାରୀଙ୍କୁ ପଚାରିବାରୁ ଯାଥା ଶୀଘ୍ର ରାସନ୍ କାର୍ଡ ପ୍ରଦାନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଉଚ୍ଚଶିକ୍ଷାୟତନରେ ପିପିପି ଶିକ୍ଷାନୀତ ଉଚ୍ଛେଦ କରିବାକୁ ଦାବି




**ନୀଳଗିରି, ୨୩।୭ (ସଂଚାର ବ୍ୟୁରୋ):** ମହାବିଦ୍ୟାଳୟ, ସ୍ୱୟଂଶାସିତ ମହାବିଦ୍ୟାଳୟ ଏପରିକି ବିଶ୍ୱବିଦ୍ୟାଳୟ ମାନଙ୍କରେ ପିପିପି ମୋଡ଼ରେ ସେଲ୍ଫ ଫାଇନାନସିଂ ଶିକ୍ଷାଦାନ ପ୍ରଣାଳୀକୁ ବାତିଲ କରିବା ପାଇଁ ରାଜ୍ୟ ସରକାରଙ୍କୁ ଦାବୀ କରିଛନ୍ତି ନୀଳଗିରିର ବରିଷ୍ଠ ସମାଜସେବୀ ତଥା ଅଲ ଇଣ୍ଡିଆ ଟେଲେଣ୍ଟ ସର୍ଚ୍ଚର ସଂସ୍ଥାପକ ଗୌରୀଶଙ୍କର ପଣ୍ଡା। ବୁଧବାର ନୀଳଗିରି ଏନଏସି କଲ୍ୟାଣମଣ୍ଡପରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟରେ ଉଚ୍ଚଶିକ୍ଷା ବିଭାଗରେ ପ୍ରଚଳିତ ଏପରି ବ୍ୟବସ୍ଥାର ପୁନର୍ବିଚାର କରି ଏହାକୁ ଉଚ୍ଛେଦ କରିବାକୁ ଦାବି କରିଛନ୍ତି ଶ୍ରୀଯୁକ୍ତ ପଣ୍ଡା।ରାଜ୍ୟରେ ତତ୍କାଳୀନ ବିଜେଡ଼ି ସରକାର ୨୦୦୮ ମସିହାରେ ଏହି ଶିକ୍ଷାନୀତି ଲାଗୁକରି ହଜାର ହଜାର ନିରୀହ ଗରିବ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ କୁ ଅନ୍ଧାର କରିବା ସହିତ କୋଟିକୋଟି ଟଙ୍କା ଶୋଷଣକରି ଘରୋଇ ବ୍ୟବସାୟୀ ମାନଙ୍କ ଅଭିଳାଷା ପୂରଣ କରିଥିବା ଅଭିଯୋଗ କରିଛନ୍ତି । ଏତଦଭିନ୍ନ ଉକ୍ତ ସଂସ୍ଥା ମାଲିକାନାରେ ଚାକିରି କରିଥିବା ଅଧ୍ୟାପକ/ଅଧ୍ୟାପିକା ମାନେ ସ୍ୱଳ୍ପ ବେତନରେ କାମ କରୁଥିବାରୁ ଉପଯୁକ୍ତ ଶିକ୍ଷାଦାନ ପ୍ରତି ବିମୁଖ ରହୁଥିବା ସହିତ ଛାତ୍ରଛାତ୍ରୀମାନେ ସଠିକ୍ ଶିକ୍ଷାଦାନ ପାଇପାରୁ ନାହାନ୍ତି ବୋଲି ହୃଦବୋଧ ହେଉଥିବା ଅଭିଯୋଗ ଆଣିଛନ୍ତି । ବର୍ତ୍ତମାନର ବିଜେପି ସରକାର ବହୁ ପରିବର୍ତ୍ତନ ଆଣିଥିବା ବେଳେ ଉକ୍ତ ଶିକ୍ଷାନୀତିରେ କୌଣସି ପରିବର୍ତ୍ତନ ନ ଆଣିବା ନିହାତି ଭାବରେ ଦୁର୍ଭାଗ୍ୟ ଜନକ ଏବଂ ଚିନ୍ତାର ବିଷୟ। ଏପରିକି ଅଧିକାଂଶ ମହାବିଦ୍ୟାଳୟ ମାନଙ୍କରେ ସେଲ୍ଫ ଫାଇନନ୍ସିଂ କୋର୍ସ ବିନା ପିପିପି ମୋଡ଼ରେ ସୁଚାରୁରୂପେ ଚଳାଯାଇପାରୁଛି ତେବେ ଗରୀବ ଅଭିଭାବକ ଏବଂ ମେଧାବୀ ଛାତ୍ରଛାତ୍ରୀ ମାନଙ୍କୁ ଝିଣ୍ଟିକା ମାରି ବଣି ପୋଷିବା ଭଳି ରାଜ୍ୟସରକାର କାହିଁକି ଏସବୁ ସଂସ୍ଥାକୁ ୭୦ପ୍ରତିଶତ ଅର୍ଥ ପ୍ରଦାନ କରୁଛନ୍ତି ବୋଲି ପ୍ରଶ୍ନ କରିଛନ୍ତି। ତେଣୁ ଓଡ଼ିଶାବାସୀ ଯେଉଁ ସ୍ୱପ୍ନନେଇ ବିଜେପିକୁ ଶାସନଗାଦିରେ ବସାଇଛନ୍ତି ତାହାକୁ ସରକାର ସାକାର କରନ୍ତୁ ବୋଲି ଦାବି କରିବା ସହିତ ଏହାର ଜୁଡ଼ିସିଆରି ଇନକ୍ୱାରି ଏବଂ ଏଜି ଓଡ଼ିଶାଙ୍କ ଦ୍ୱାରା ଉପଯୁକ୍ତ ଅଡିଟ କରିବାକୁ ଦାବୀ ରଖିଛନ୍ତି। ଫଳରେ ଅଭିଭାବକଙ୍କ ସହିତ ଛାତ୍ରଛାତ୍ରୀ ମାନଙ୍କର ଆର୍ଥିକବୋଝ ହାଲୁକା ହେବା ସହିତ ଶତପ୍ରତିଶତ ଅର୍ଥ ବିନିଯୋଗ କରି ଅନୁଷ୍ଠାନ ଗୁଡ଼ିକର ଭିତ୍ତିଭୂମିର ବିକାଶ ହୋଇପାରିବ ବୋଲି ମତ ରଖିଥିଲେ। ସୁତରାଂ ରାଜ୍ୟସରକାର ଏଥିପ୍ରତି ଦୃଷ୍ଟି ନଦେଲେ ଆଗାମୀ ଦିନରେ ଛାତ୍ର ଆନ୍ଦୋଳନ ମୁଣ୍ଡ ଟେକିବାର ସମ୍ଭାବନା ଥିବା ଚେତାଇ ଦେଇଥିଲେ।

## ରାତି ହେଲେ ଗାଈଗୁହାଳ ପାଲଟୁଛି ବାବା ବିଶ୍ୱନାଥ ମନ୍ଦିର ଚତୁଃପାର୍ଶ୍ୱ



**ଯାଜପୁର ରୋଡ଼, ୨୩।୭ (ସଂଚାର ବ୍ୟୁରୋ):** ବ୍ୟାସନଗର ପୌରପରିଷଦ ଅନ୍ତର୍ଗତ ୱାର୍ଡ ନମ୍ବର-୧୬ ସ୍ଥିତ ଉମାପଦା, ହାଉସିଂ ବୋର୍ଡରେ ବିରାଜମାନ ଥିବା "ଓଁ ଶ୍ରୀ ଶ୍ରୀ ବାବା ବିଶ୍ୱନାଥ ମହାଦେବ ମନ୍ଦିର"ର ଚତୁଃପାର୍ଶ୍ୱ ରାତି ହେଲେ ଗାଈ, ଗୋରୁ ମାନଙ୍କ ଉପସ୍ଥିତି ଏବେ ସମସ୍ୟା ପାଲଟିଛି। ଫଳରେ ଏଠାରେ ଏକ ଅସ୍ୱଚ୍ଛ ପରିବେଶ ସୃଷ୍ଟି ହେଉଛି। ଏଭଳି ଅବସ୍ଥାକୁ ନେଇ ଠାକୁରଙ୍କ ଭକ୍ତବୃନ୍ଦଙ୍କ ମନରେ ଅସନ୍ତୋଷ ବଢ଼ୁଛି।

ରାତି ହେଲେ ମନ୍ଦିର ପରିସରଟି ଗୋରୁ ପଲଙ୍କ କବଜାରେ ରହୁଛି। ଗୋବରରେ ଖଣ୍ଡମଣ୍ଡଳ ଗୋବରିଆ ଗୋବରିଆ ଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଭକ୍ତମାନେ ମନ୍ଦିର ଗଲାବେଳେ ଗୋବରରେ ଗୋଡ ଖସି ପଡୁଥିବା ବେଳେ ବୟସ୍କ ଏବଂ ଛୋଟ ପିଲାମାନେ ବିଶେଷ ଭାବେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବାରମ୍ବାର ପୌରପାଳିକାର ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଗୁହାରି କରାଯାଇଛି ହେଲେ କୌଣସି ପଦକ୍ଷେପ ନିଆଯାଇନି ନେଇ ଲୋକମାନେ କୁହନ୍ତି । ତେବେ ଏପରି ସମସ୍ୟାର ସମାଧାନ ପାଇଁ ମନ୍ଦିରର ପ୍ରାଙ୍ଗଣ ଚତୃପାର୍ଶ୍ୱ ଘେରାଉ କରିବା ଦରକାର ବୋଲି ସାଧାରଣରେ ଦାବି ହେଉଛି। ତେଣୁ ସ୍ଥାନୀୟ ବିଧାୟକ ଆକାଶ ଦାସନାୟକ, ବ୍ୟାସନଗର ପୌରାଅଂଚଳ ନିର୍ବାହୀ ଅଧିକାରୀ ପ୍ରଦୀପ ପାଢ଼ୀ, ନଗରପାଳ ସୁବାସ ଚନ୍ଦ୍ର ବଳ ଏବଂ ୱାର୍ଡ ନମ୍ବର-୧୬ କାଉନସିଲର ଶିବାନନ୍ଦ ନାୟକ ମହୋଦୟ ଆବଶ୍ୟକୀୟ ପଦକ୍ଷେପ ନେବାକୁ ଭକ୍ତବୃନ୍ଦମାନେ ନିବେଦନ କରିଛନ୍ତି।

## ବୃକ୍ଷରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ



**କଣାସ, ୨୩।୭ (ସଂଚାର ବ୍ୟୁରୋ):** ପୁରି ଜିଲ୍ଲା କଣାସ ବ୍ଲକ ଅନ୍ତର୍ଗତ ତ୍ରିଲୋଚନପୁର ଗ୍ରାମପଞ୍ଚାୟତର ତ୍ରିଲୋଚନପୁର ଗ୍ରାମରେ ପ୍ରତିଷ୍ଠିତ ତ୍ରିଲୋଚନପୁର ଉଚ୍ଚବିଦ୍ୟାଳୟ ପରିସରରେ ଏକ ମେଗା ବୃକ୍ଷ ରୋପଣ ସହ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କଣାସ ବ୍ଲକ ଶିକ୍ଷା ଅଧିକାରୀ ରାମ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉତ୍ସବର ଉଦ୍ଘାଟନ କରିବାସହ ବିଦ୍ୟାଳୟ ପରିସରରେ ବୃକ୍ଷ ରୋପଣ କରିଥିଲେ। ଏହି ଅବସରରେ ଅତିଥି ଶିକ୍ଷକ, ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ମାନେ ଶତାଧିକ ବୃକ୍ଷ ରୋପଣ କରିବା ସହ ଛାତ୍ର ଛାତ୍ରୀ ମାନେ ସେହି ବୃକ୍ଷ ଗୁଡ଼ିକୁ ନିଜ ମାଆଙ୍କ ପରି ରକ୍ଷଣା ବେକ୍ଷଣ କରିବାର ଶପଥ ନେଇଥିଲେ। ସହ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନ, ପ୍ରଧାନ ଶିକ୍ଷକ ରଘୁନାଥ ବେହେରା, ଆଲୁମୁନି ପ୍ରତିନିଧି ଭୂପତି ତ୍ରିପାଠୀ, ସରପଞ୍ଚ ପ୍ରତିନିଧି ଗୁଣନିଧି ପାତ୍ର, ସମାଜସେବୀ ରବିନାରାୟଣ ଦାଶ, ଶ୍ୟାମ ସୁନ୍ଦର ଦାସ, ଓ ପ୍ରମାଦ କୁମାର ତ୍ରିପାଠୀ ପ୍ରମୁଖ ଏଥିରେ ଯୋଗଦେଇଥିଲେ।

## ପିଏମଶ୍ରୀ ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟରେ ସଚେତନତା କାର୍ଯ୍ୟକ୍ରମ



**ସୁନ୍ଦରଗଡ଼, ୨୩।୭ (ସଂଚାର ବ୍ୟୁରୋ):** ଟାଙ୍ଗରପାଲି ବ୍ଲକ ଅନ୍ତର୍ଗତ ପିଏମଶ୍ରୀ ଟାଙ୍ଗରପାଲି ପଞ୍ଚାୟତ ସମିତି ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଆକସ୍ମିକ ବିପର୍ଯ୍ୟୟ ଉପରେ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଯାଇଛି । କଟକ ନିକଟସ୍ଥ ମୁଣ୍ଡୁଲି ଠାରେ ଅବସ୍ଥିତ ଏନଡିଆରଏଫ ତୃତୀୟ ବାଟାଲିୟନ ତରଫରୁ ଉକ୍ତ ସଚେତନତା କାର୍ଯ୍ୟକ୍ରମ କରା ଯାଇଥିଲା । ଏନଡିଆରଏଫର ସଦସ୍ୟ ମାନେ କୃତ୍ରିମ କିମ୍ବା ପ୍ରାକୃତିକ ବିପର୍ଯ୍ୟୟ ସମୟରେ କିପରି ନିଜକୁ ସୁରକ୍ଷା ପ୍ରଦାନ କରିବେ ଛାତ୍ର ଛାତ୍ରୀ ମାନଙ୍କୁ ସଚେତନ କରାଇଥିଲେ । ଦୁର୍ଘଟଣାଗ୍ରସ୍ତ ଏବଂ ସର୍ପ କାମୁଡ଼ା ସମୟରେ ପ୍ରାଥମିକ ଚିକିତ୍ସା ବିଷୟରେ ମଧ୍ୟ ଅବଗତ କରାଇ ଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଏନଡିଆରଏଫର ସିଏମଓ ଡ. ନୀରଜ କୁମାର , ଇନ୍ସପେକ୍ଟର ସନ୍ତୋଷ କୁମାର ସାହୁ, ଏନଡିଆରଏଫ ଟିମ୍, ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଅଶୋକ କୁମାର ବାଗ, ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।

## ଜନକଲ୍ୟାଣକାରୀ ଯୋଜନାକୁ ନେଇ ବିଡିଓଙ୍କୁ ଘେରିଲା ବିଜେପି



**ବିଞ୍ଝାରପୁର, ୨୩।୭ (ସଂଚାର ବ୍ୟୁରୋ):** ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନାକୁ ଠିକଣା ଢଙ୍ଗରେ କାର୍ଯ୍ୟ କରିବା ପାଇଁ ବିଡ଼ିଓଙ୍କୁ ଘେରିବା ସହିତ ଏକ ଦାବି ପତ୍ର ବିଡ଼ିଓଙ୍କୁ ପ୍ରଦାନ କରିଛି ବିଜେପି ପ୍ରତିନିଧି ମଣ୍ଡଳୀ। ବିଂଝାରପୁର ବିଜେପି ନେତ୍ରୀ ବବିତା ମଲ୍ଲିକଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ବିଡ଼ିଓଙ୍କୁ ଭେଟି ଦାବି ପତ୍ର ପ୍ରଦାନ କରିଛନ୍ତି।ବିଂଝାରପୁର ବ୍ଲକରେ କାର୍ଯ୍ୟକାରୀ ଥିବା ବିଭିନ୍ନ ସରକାରୀ ଯୋଜନା ଠିକଣା ଢଙ୍ଗରେ କାର୍ଯ୍ୟକାରୀ ହେଉନଥିବା ଅଭିଯୋଗ କରିଛି ବିଜେପି। ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଅଯୋଗ୍ୟ ମାନଙ୍କୁ ସାମିଲ କରାଯାଉଥିବା ଅଭିଯୋଗ ହୋଇଛି। ଉପଯୁକ୍ତ ତଦନ୍ତ କରି ଯୋଗ୍ୟ ହିତାଧୀକାରୀ ମାନେ ଯେପରି ଏହି ଯୋଜନାରୁ ବଞ୍ଚିତ ନହେବେ ସେନେଇ ଦାବି କରିଛି ବିଜେପି। ଅନ୍ତୋଦୟ ଗୃହ ଯୋଜନାରେ ଯେମିତି ଯୋଗ୍ୟ ହିତାଧୀକାରୀ ସ୍ଥାନ ପାଇବେ ସେନେଇ ବିଡ଼ିଓ ତତ୍ପର ହେବାକୁ ବିଜେପି ଦାବି କରିଛି। ବିକଶିତ ଗାଁ ବିକଶିତ ଓଡ଼ିଶା ଯୋଜନାରେ କାର୍ଯ୍ୟକାରୀ ହେବାକୁ ଥିବା ପ୍ରକଳ୍ପକୁ ଗ୍ରାମସଭା ମାଧ୍ୟମରେ ଚୟନ କରାଯାଉନଥିବା ଅଭିଯୋଗ ଆଣିଛି ବିଜେପି। ସରକାରୀ କାର୍ଯ୍ୟ ନିର୍ବାହୀ ଅଧିକାରୀ ମାନେ ନିଜ ସୁବିଧା ଅନୁଯାୟୀ ଏହି ପ୍ରକଳ୍ପ ଗୁଡ଼ିକୁ ନିର୍ଦ୍ଦିଷ୍ଟ ଏଜେନ୍ସି ଦ୍ୱାରା କରାଯାଉଥିବା ଅଭିଯୋଗ ଆଣିଛି ବିଜେପି।

## ସହ ଶିକ୍ଷା ଅଧିକାରୀଙ୍କ ଦାୟିତ୍ୱ ଗ୍ରହଣ

**କଣାସ, ୨୩।୭ (ସଂଚାର ବ୍ୟୁରୋ):** ଦୀର୍ଘ ଦିନ ଧରି କଣାସ ବ୍ଲକ ଶିକ୍ଷା ଅଧିକାରୀ ଙ୍କ କାର୍ଯ୍ୟାଳୟରେ ଦୁଇଟି ସହ ଶିକ୍ଷା ଅଧିକାରୀ ପଦବୀ ଖାଲି ପଡ଼ିବାରୁ ବ୍ଲକ୍ ଶିକ୍ଷା ବ୍ୟବସ୍ଥାର ସୁପରିଚାଳନାକୁ ଦୃଷ୍ଟିରେ ରଖି ପୁରୀ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଶିକ୍ଷା ଅଧିକାରୀ ଆଜି ବ୍ଲକ୍‌ର ଦୁଇଜଣ ବରିଷ୍ଠ ପ୍ରଧାନ ଶିକ୍ଷକଙ୍କୁ ଅସ୍ଥାୟୀ ଭାବରେ ସହ ଶିକ୍ଷା ଅଧିକାରୀ ରୂପେ ନିଯୁକ୍ତି ଦେଇଛନ୍ତି। ଶିରେଇ ସଂଯୁକ୍ତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଗୋବର୍ଦ୍ଧନ ବେହେରା ଓ ମାଢ଼ିପୁର ଉନ୍ନୀତ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ ବେହେରା ଆଜି ଶିକ୍ଷା ଅଧିକାରୀ କଣାସଙ୍କ କାର୍ଯ୍ୟାଳୟରେ ସହଶିକ୍ଷା ଅଧିକାରୀ ରୂପେ ଯୋଗଦାନ କରିଛନ୍ତି। ଏହି ଅବସରରେ ଦୁଇ ଅଧିକାରୀଙ୍କୁ କାର୍ଯ୍ୟାଳୟ ପକ୍ଷରୁ ସ୍ୱାଗତ କରାଯାଇଛି।

## କ୍ଲଷ୍ଟରସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ




**ସୁବର୍ଣ୍ଣପୁର, ୨୩।୭ (ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁର ଜିଲ୍ଲା ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରିବାଞ୍ଜି କ୍ଲଷ୍ଟର ସ୍ତରୀୟ ଅବସରକାଳୀନ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ଅନ୍ଧାରିବାଞ୍ଜି ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିନୋଦ ବିହାରୀ ଦ୍ୱାରୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନ୍ଧାରିବାଞ୍ଜି କ୍ଲଷ୍ଟର ଅନ୍ତର୍ଗତ ଅଡାକସା, ଚନାବେଡା, ତେଲିଟିକିରା, ଭୀମଟିକିରା, ସାଲେପାଲି, ସମରଚିପା, କୁଲଥିପାଲି, ଗନିଆ ପ୍ରାଥମିକ, ଉଚ୍ଚପ୍ରାଥମିକ ବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଗୁଡ଼ିକରୁ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗଦାନ କରିଥିଲେ। ଅବସର ପ୍ରାପ୍ତ ଅତିରିକ୍ତ ଗୋଷ୍ଠୀ ଶିକ୍ଷାଧିକାରୀ ବଟକୃଷ୍ଣ ପାଢ଼ୀ ଓ ସାଲେପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଆର୍ତ୍ତତ୍ରାଣ ଓତାଙ୍କୁ ପୁଷ୍ପଗୁଚ୍ଛ, ଉତ୍ତରୀୟ ଓ ମାନପତ୍ର ସହ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ଶ୍ରୀଯୁକ୍ତ ପାଢ଼ୀ ତାଙ୍କ କାର୍ଯ୍ୟକାଳ ମଧ୍ୟରେ ବ୍ଲକର ବିଭିନ୍ନ ବିଦ୍ୟାଳୟ ପରିଦର୍ଶନ କରି ଶିକ୍ଷାର ମାନ ବୃଦ୍ଧି କରିବା ସହ ସମସ୍ତ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ପ୍ରିୟପାତ୍ର ହୋଇଥିଲେ। ତାଙ୍କର ଉପସ୍ଥିତି ବିଭିନ୍ନ କାର୍ଯ୍ୟକ୍ରମ କୁ ସରସ ସୁନ୍ଦର କରିବା ସହ ଅନ୍ୟ ମାନଙ୍କ ମନରେ ଉତ୍ସାହ ଭରିଦେଉଥିଲା। ଶ୍ରୀଯୁକ୍ତ ଓତା ପ୍ରଥମେ ଗଣ ଶିକ୍ଷକ ଓ ପରେ ଏକ୍ସ କେଡର ବର୍ଗ ସହକାରୀ ଶିକ୍ଷକ ଭାବେ କାର୍ଯ୍ୟକରି ଗ୍ରାମାଞ୍ଚଳ ର ଛାତ୍ରଛାତ୍ରୀ ଙ୍କ ଶୈକ୍ଷିକ ଉନ୍ନତି ରେ ପ୍ରମୁଖ ଭୂମିକା ଗ୍ରହଣ କରିବା ପରେ ଏବର୍ଷ ସାଲେପାଲି ଉଚ୍ଚ ପ୍ରାଥମିକ ବିଦ୍ୟାଳୟରୁ ଅବସର ଗ୍ରହଣ କରିଛନ୍ତି।

## ଓଏଲଏମର ସିଆରପି ସିଏମ କନ୍ଧମାଳ ପକ୍ଷରୁ ୪ଦଫା ଦାବିପତ୍ର ପ୍ରଦାନ




**କନ୍ଧମାଳ, ୨୩।୭ (ସଂଚାର ବ୍ୟୁରୋ):** ଓଡିଶା ଜୀବିକା ମିଶନରେ କାର୍ଯ୍ୟ ରତ ସିଆରପି-ସିଏମ ମାନଙ୍କୁ ସରକାର ମାସିକ ପାରିଶ୍ରମିକ ବଦଳରେ କାର୍ଯ୍ୟ ୱାରି ଇନସେନଟିଭ ପ୍ରଦାନକୁ ନେଇଥିବା ନିଷ୍ପତ୍ତିକୁ ବିରୋଧ କରି କନ୍ଧମାଳ ଜିଲ୍ଲା ସିଆରପି ମାନଙ୍କ ପକ୍ଷରୁ ଚାରିଦଫା ଦାବୀ ସମ୍ବଳିତ ଏକ ସ୍ମାରକପତ୍ର କନ୍ଧମାଳ ଅତିରିକ୍ତ ଜିଲାପାଳ ରମେଶ ଜେନାଙ୍କ ଜରିଆରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତି ପରିଡାଙ୍କ ଉଦେଶ୍ୟରେ ପ୍ରଦାନ କରାଯାଇଛି। ଗତ ମାର୍ଚ୍ଚ ମାସ ପର୍ଯ୍ୟନ୍ତ ମାସିକ ୬ହଜାର ଏକ ଶହ ଟଙ୍କା ହାରରେ ବେତନ ସରକାର ଦେଇଥିବାରୁ ଧନ୍ୟବାଦ ଜଣାଇଥିଲେ। କିନ୍ତୁ ତା ପରଠାରୁ ୪ମାସ ହେଲା ଦରମା ପ୍ରଦାନ କରାଯାଇନାହିଁ। ପୁନଃ ମାସିକ ଦରମା ନ ଦେଇ କାମୱାରୀ ଇନସେନଟିଭ ଦେବାକୁ ନିର୍ଦ୍ଦେଶ ଦିଆଯାଇଛି। ଯାହା ଫଳରେ ୬୧୦୦ଟଙ୍କା ଦରମା ସ୍ଥାନରେ ଇନସେନଟିଭ ଆକାରରେ ମାତ୍ର ୧୫୦୦ରୁ ୨୦୦୦ଟଙ୍କା ମିଳିବ। ସମସ୍ତ କର୍ମଚାରୀଙ୍କର ଦରମା ଓ ପାରିଶ୍ରମିକ ବଢୁଥିବା ବେଳେ ହୁ ହୁ ଦରବୃଦ୍ଧି ଯୁଗରେ ସିଆରପି ମାନଙ୍କୁ କମ ପାରିଶ୍ରମିକ ଦେବା ଦୁର୍ଭାଗ୍ୟ ଜନକ। ଏହା ବ୍ୟତୀତ ଅନ ଲାଇନ କାମ ପାଇଁ ଗୋଟିଏ ଟାବଲଏଡ ଯୋଗାଇ ଦେବା,ଗ୍ରାମ ପଞ୍ଚାୟତ ସ୍ତରୀୟ ସଂଘ ବଦଳରେ ବ୍ଲକ ଜୀବିକା ମିଶନରୁ ସିଧାସଳଖ ଦରମା ଦେବା ଏବଂ ମାସିକ ଦରମା ୬୧୦୦ରୁ ୧୦ହଜାରକୁ ସର୍ବନିମ୍ନ ବୃଦ୍ଧି କରିବାକୁ ଦାବୀପତ୍ରରେ ଉଲ୍ଲେଖ ରହିଛି। ରାଜ୍ୟ ସରକାର ଏ ସଂକ୍ରାନ୍ତରେ ସହୃଦୟତାର ସହ ହସ୍ତକ୍ଷେପ କରି ଦାବୀ ପୁରଣ କରିବାକୁ ଜିଲା ସଂଘ ପକ୍ଷରୁ ଅନୁରୋଧ କରାଯାଇଛି।

# ପଞ୍ଜୀକରଣ ପାଇଁ ନୂତନ ମାର୍ଗଦର୍ଶିକା ନେଇ ଚାଷୀ ଅସନ୍ତୁଷ୍ଟ

**ବାଲିପାଟଣା, ୨୩।୭ (ସଂଚାର ବ୍ୟୁରୋ):** ଧାନ ବିକ୍ରି ପାଇଁ ଚାଷୀ ପଞ୍ଜୀକରଣକୁ ନେଇ ରାଜ୍ୟ ସରକାର ଜାରି କରିଥିବା ନୂତନ ମାର୍ଗଦର୍ଶିକାକୁ ଚାଷୀମାନେ ନାପସନ୍ଦ କରିଛନ୍ତି । ପରିବର୍ତ୍ତିତ ନୂତନ ନିୟମରେ ରେକର୍ଡଧାରୀ ଚାଷୀଙ୍କ ପାଇଁ କୌଣସି ସମସ୍ୟା ନାହିଁ । ପୂର୍ବପରି ପଞ୍ଜୀକରଣ ହେବ । କିନ୍ତୁ ଜମି ରେକର୍ଡଧାରୀ ଚାଷୀର ଯଦି ମୃତ୍ୟୁ ହୋଇଥାଏ, ତେବେ ଉତ୍ତରାଧିକାରୀଙ୍କୁ ଧାନକାର୍ଡ ପଞ୍ଜୀକରଣ ପାଇଁ ସମସ୍ୟା ହେବ। ନୂତନ ଗାଇଡଲାଇନ୍ ଅନୁଯାୟୀ ମୃତ ଚାଷୀଙ୍କ ପରିବାର ରାଜସ୍ୱ ନୀରିକ୍ଷକଙ୍କ ଠାରୁ ବଂଶାବଳୀଙ୍କ ତଥ୍ୟ ଆଣିବେ। ସେଥିରେ ବଂଶର ସମସ୍ତ ପୁରୁଷ ଓ ମହିଳା ଜମିର ସମାନ ହକଦାର ରହିବେ ଏବଂ ସମସ୍ତଙ୍କ ନାମ ପଞ୍ଜୀକରଣ କରାଯାଇ ସମସ୍ତେ ଧାନ ବିକ୍ରୀ ପାଇଁ ବ୍ୟବସ୍ଥା କରାଯିବ । ଜମି ଚାଷ କରୁଥିବା ଚାଷୀ ଯଦି ନିଜ ନାମରେ ସମୁଦାୟ ଜମିର ଧାନବିକ୍ରି ପାଇଁ ଧାନକାର୍ଡ ଲାଗି ନାମ ପଞ୍ଜୀକରଣ କରିବାକୁ ଚାହିଁବ ତେବେ ସମ୍ପୃକ୍ତ ଚାଷୀକୁ ଜମିର ସମସ୍ତ ଅଂଶୀଦାରଙ୍କୁ ସେବା ସମବାୟ ସମିତିକୁ ଆଣି ଆଖି ସ୍କାନ୍ କରିବା ସହ ଅଂଶୀଦାରମାନେ ନିଜର ସହମତି ପାଇଁ ସ୍ୱାକ୍ଷର କରିବେ। ଏହାପରେ ଓଟିପି ଦେଲା ପରେ ଯାଇ ପଞ୍ଜୀକରଣ ହୋଇ ଧାନକାର୍ଡ ତିଆରି ହେବ। ଏହା ଚାଷୀମାରଣ ନୀତି ବୋଲି ଚାଷୀମାନେ ପ୍ରତିକ୍ରିୟା ରଖୁଛନ୍ତି ।

ଏବେ ଚାଷକାମ ଜୋର୍‌ସୋର୍‌ରେ ଚାଲିଥିବା ବେଳେ ପଞ୍ଜୀକରଣ ପାଇଁ ଚାଷୀ ହନ୍ତସନ୍ତ ହେଉଛନ୍ତି। ଚାଷୀମାନଙ୍କ ପାଇଁ ଏତେ କଡା ଆଇନ୍ କାହିଁକି ବୋଲି ପ୍ରଶ୍ନ ହେଉଛି । ପୂର୍ବରୁ ଏକଜିମାଲି ପଟ୍ଟା ଥିବା ଚାଷୀମାନେ ଅଦାଲତ କିମ୍ବା ନୋଟାରୀ ଠାରୁ ଶପଥପାଠ ଏବଂ ସରପଞ୍ଚଙ୍କ ପ୍ରମାଣପତ୍ର ଦାଖଲକରି ଧାନ ବିକ୍ରି କରୁଥିଲେ। କିନ୍ତୁ ଏବେ ନୂତନ ସରକାରଙ୍କ ନୂତନ ଆଇନ ଆମକୁ ହରଡ଼ଘଣାରେ ପକାଇଛି ବୋଲି କହିବା ସହ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି । କାରଣ ହେଲା ୭୦/୮୦ ଭାଗରୁ ଅଧିକ ଜମି ଏକଜିମାଲି ପଟ୍ଟାଧାରୀ ଦଖଲରେ ରହିଛି। ଅନେକ ପରିବାର ସଦସ୍ୟ ଜିଲ୍ଲା ଓ ରାଜ୍ୟ ବାହାରେ ଭିନ୍ନ ଭିନ୍ନ ସ୍ଥାନରେ ରହି କାମଧନ୍ଦା କରୁଥିବା ବେଳେ ଉକ୍ତ ପରିବାରର ଗାଁରେ ରହି ଚାଷ କରୁଥିବା ଚାଷୀ ସମସ୍ତଙ୍କୁ ସେବା ସମବାୟ ସମିତିକୁ ଡାକିଆଣି ସ୍ୱାକ୍ଷର କରିବା ଏବଂ ଚକ୍ଷୁ ସ୍କାନ୍ କରିବା କେତେ କାଠିକର ପାଠ ତାହା ମାର୍ଗଦର୍ଶିକା ପ୍ରସ୍ତୁତକାରୀ ଜାଣିପାରିବେ ନାହିଁ । ଏହି ନୂତନ ଗାଇଡଲାଇନ ଯୋଗୁଁ ୭୦/୮୦ ଭାଗ ଚାଷୀ ଧାନକାର୍ଡ ତିଆରିରୁ ବଞ୍ଚିତ ହେବେ। ଉତ୍ପାଦିତ ଧାନ ବିକ୍ରି କରିବାରେ ଘୋର ସମସ୍ୟାର ସମ୍ମୁଖୀନ ହେବେ। ଫଳରେ ସେମାନେ ଅଭାବୀ ବିକ୍ରି ଜାଲରେ ଛନ୍ଦିହୋଇ କମ ଦରରେ ଧାନ ବିକ୍ରି କରିବାକୁ ବାଧ୍ୟ ହେବେ। ଏହାଦ୍ୱାରା ଚାଷୀ ଭୀଷଣ ଆର୍ଥିକ କ୍ଷତିର ସମ୍ମୁଖୀନ ହେବାସହ ଗଭୀର ଅର୍ଥନୈତିକ ପ୍ରଭାବ ପଡିବ ବୋଲି ଚାଷୀମାନେ ଅସନ୍ତୋଷବ୍ୟକ୍ତ କରୁଛନ୍ତି। ଏହି ନୂତନ ମାର୍ଗଦର୍ଶିକା ଅସାଧୁ ବେପାରୀ ଓ ଦଲାଲ୍‌ଙ୍କୁ ଅଧିକ ସକ୍ରିୟ କରିବାରେ ବାଟ ଖୋଲିବା ପାଇଁ ସୁଯୋଗ ସୃଷ୍ଟି କରିବ ବୋଲି କୁହାଯାଉଛି । ତେଣୁ ଚାଷୀଙ୍କ ବୃହତ୍ତର ସ୍ୱାର୍ଥ ଓ ସୁବିଧା ଦୃଷ୍ଟିରୁ ଏହି କଟକଣାପୂର୍ଣ୍ଣ ନୂତନ ମାର୍ଗଦର୍ଶିକାକୁ ଶୀଘ୍ର ପ୍ରତ୍ୟାହାର କରି ଚାଷୀଙ୍କୁ ସୁହାଇଲା ଭଳି ସରଳ ଓ ସହଜ ମାର୍ଗଦର୍ଶିକା ଜାରି କରାଯାଉ ବୋଲି ଚାଷୀମହଲରେ ଦାବି ହେଉଛି।